

ସୈଫ୍‌ଙ୍କ ନାୟିକା ହେବେ କିଆରା

ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-58 ♦SATURDAY ♦22 AUGUST 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୪ ♦ସଂଖ୍ୟା-୫୮ ♦ଶନିବାର ♦୨୨ ଅଗଷ୍ଟ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


**ମହାନଦୀ ଜଳବିବାଦ ଶୁଣାଣି**

# ମିଳିଲା ଆଉ ଏକ ତାରିଖ

■ ଭୁବନେଶ୍ୱର, ୨୧।୮ (ସମିସ): ମହାନଦୀ ଜଳବିବାଦରେ ଓଡ଼ିଶାକୁ ଆଉ ଏକ ତାରିଖ ପ୍ରଦାନ କରିଛନ୍ତି ଟ୍ରିବ୍ୟୁନାଲ। ଶୁକ୍ରବାର ନୂଆଦିଲ୍ଲୀରେ ଶୁଣାଣି ସମ୍ପନ୍ନ ହୋଇଥିବା ବେଳେ କେବଳ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ଉଦ୍ୟମକୁ ପ୍ରଶଂସା କରି ଟ୍ରିବ୍ୟୁନାଲ ଶୁଣାଣି ସାରିଛନ୍ତି। ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୧୭ ତାରିଖକୁ ଧାର୍ଯ୍ୟ ହୋଇଥିବା ବେଳେ ଏହାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ଜଳ ବିଶେଷଜ୍ଞ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ଦୀପାବଳି ସୁଦ୍ଧା ମହାନଦୀ ଜଳ ବିବାଦର ନିଶ୍ଚିତ ସମାଧାନ ହେବ ବୋଲି ନିକଟରେ


**ଆସନ୍ତା ୧୭ ତାରିଖକୁ ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କଲେ ଟ୍ରିବ୍ୟୁନାଲ**

ଦୃଢ଼ୋକ୍ତି ପ୍ରକାଶ କରି ସାରିଛନ୍ତି। ଯାହାକୁ ନେଇ ରାଜ୍ୟବାସୀଙ୍କ ମନରେ ବିବାଦର ସମାଧାନ ନେଇ ଆଶା ସଞ୍ଚାର ହୋଇଥିବା ବେଳେ ଟ୍ରିବ୍ୟୁନାଲ ଆଉ ଏକ ତାରିଖ ପ୍ରଦାନ କରିବା ମୁଖ୍ୟମନ୍ତ୍ରୀଙ୍କ ଦାବି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଉଭୟ ରାଜ୍ୟ ସରକାରଙ୍କ ସହ କେନ୍ଦ୍ର ସରକାର ସକରାତ୍ମକତାର ସହ ବିବାଦର ସମାଧାନ ପାଇଁ ଉଦ୍ୟମ କରିବା ଆବଶ୍ୟକ ବୋଲି ବିଶେଷଜ୍ଞ ମହଲରେ ମତପ୍ରକାଶ ପାଇଛି।

ଆଜିର ଶୁଣାଣି ସମ୍ପର୍କରେ ପ୍ରତିକ୍ରିୟା ଦେଇ ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ କହିଛନ୍ତି ଯେ ଆଜିର ଶୁଣାଣିରେ ଟ୍ରିବ୍ୟୁନାଲ ସନ୍ତୋଷ ପ୍ରକଟ କରିଛନ୍ତି। ଦୁଇରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଛନ୍ତି। ଇତିମଧ୍ୟରେ ସିଡବ୍ଲ୍ୟୁସି ନିଜର ସଦସ୍ୟ ତଥା ଉଭୟ ରାଜ୍ୟର ଇଞ୍ଜିନିୟରମାନଙ୍କୁ ନେଇ ବୈଷୟିକ ଟିମ ଗଠନ କରିସାରିଛନ୍ତି। ସେମାନେ ବିଭିନ୍ନ ଦିଗକୁ ତର୍ଜମା କରି ଏକ ସୁଚିନ୍ତିତ ପରାମର୍ଶ ଜରିଆରେ ଏହି ଦୀର୍ଘ ବର୍ଷର ▸ପୃଷ୍ଠା-୭

**'ଜୀବନ ନାଟକ'ରୁ ବିଦାୟ ନେଲେ କଳାକାର**

## ନୀରବିଗଲେ ପ୍ରଣବ



▸'ସକାଳ'ର ସ୍ୱତନ୍ତ୍ର ଶ୍ରଦ୍ଧାଞ୍ଜଳି- ପୃଷ୍ଠା-୨

■ ଭୁବନେଶ୍ୱର, ୨୧।୮ (ସମିସ): ବିଶିଷ୍ଟ କଣ୍ଠଶିଳ୍ପୀ ତଥା ସଙ୍ଗୀତଜ୍ଞ ପ୍ରଣବ ପଟ୍ଟନାୟକଙ୍କ ୮୮ ବର୍ଷ ବୟସରେ ଶୁକ୍ରବାର ଭୁବନେଶ୍ୱର ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ଓଡ଼ିଆ ସଙ୍ଗୀତ ଓ ଚଳଚ୍ଚିତ୍ର ଜଗତରେ ଶୋକର ଛାୟା ଖେଳିଯାଇଛି। ପ୍ରଣବ କେବଳ ଜଣେ ପ୍ଲେବ୍ୟାକ୍ ସିଙ୍ଗର ନ ଥିଲେ; ବରଂ ଓଡ଼ିଶୀ, ଲୋକଗୀତ, ଭଜନ, ସେମି-କ୍ଲାସିକାଲ, ପାରମ୍ପରିକ ସଙ୍ଗୀତ, ହିନ୍ଦୀ ଗୀତ ଓ ଗଜଲ ଭଳି ବିଭିନ୍ନ ଧାରାରେ ସେ ନିଜ କଣ୍ଠର ପ୍ରତିଭା ପ୍ରଦର୍ଶନ କରିଥିଲେ। ▸ପୃଷ୍ଠା-୭

**ଶୋକ ପ୍ରକାଶ କଲେ ମୋହନ, ନବୀନ**

## ୨୫ ବେଳକୁ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ

■ଭୁବନେଶ୍ୱର, ୨୧।୮ (ସମିସ): ଆସନ୍ତା ୨୫ ଅଗଷ୍ଟ ବେଳକୁ ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ଏହା ପ୍ରଭାବରେ ୨୬ କିମ୍ବା ୨୭ ମଧ୍ୟରେ ଓଡ଼ିଶା ପଶ୍ଚିମବଙ୍ଗ ଉପକୂଳ ନିକଟସ୍ଥ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେବ। ସମ୍ଭାବ୍ୟ ଲଘୁଚାପ ପ୍ରଭାବରେ ରାଜ୍ୟରେ ମାସ ଶେଷ ବେଳକୁ ପୁଣି ବର୍ଷା ଆଶଙ୍କା କରାଯାଇଛି। ଏହି ଘୂର୍ଣ୍ଣିବଳୟ ପ୍ରଭାବରେ ୨୪ ତାରିଖରୁ ରାଜ୍ୟର କିଛି ଅଞ୍ଚଳରେ ବର୍ଷା ବୃଦ୍ଧି ହେବା ନେଇ ଆକଳନ କରାଯାଉଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ସମ୍ଭାବ୍ୟ ଲଘୁଚାପଟି ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଉତ୍ତର-କେନ୍ଦ୍ରୀୟ ଓଡ଼ିଶା ଦେଇ ଛତିଶଗଡ଼ ଆଡ଼କୁ ଗତି କରିବ। ଏହା ପ୍ରଭାବରେ ରାଜ୍ୟରେ ୨୫ ଅଗଷ୍ଟରୁ ୨୮ ଅଗଷ୍ଟ ମଧ୍ୟରେ ବ୍ୟାପକ ବର୍ଷା ହେବ। ଏବେ ମୌସୁମୀ ପ୍ରବାହ କମ୍ ରହିଥିବା ହେତୁ ୨୪ ଅଗଷ୍ଟ ପର୍ଯ୍ୟନ୍ତ ପ୍ରବଳ ଖରା ଓ ଆର୍ଦ୍ରତା ଯୋଗୁଁ ଅପରାହ୍ଣ/ସଞ୍ଜ ସମୟରେ କେତେକ ସ୍ଥାନରେ କାଳବୈଶାଖୀ ଭଳି ବିଜୁଳି ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ୨୨ ରୁ ୨୪ ଅଗଷ୍ଟ ମଧ୍ୟରେ ଉତ୍ତର ଓଡ଼ିଶାର କେତେକ ସ୍ଥାନରେ ସ୍ଥାନୀୟ ଭାବେ ବଡ଼ ବର୍ଷାର ବିପଦ ରହିଛି। ଏହାପରେ ୨୫ ଅଗଷ୍ଟ ସଞ୍ଜରୁ ୨୮ ଅଗଷ୍ଟ ପର୍ଯ୍ୟନ୍ତ ପୁନର୍ବାର ବ୍ୟାପକ ବର୍ଷା ଆରମ୍ଭ ହେବ, ଏହି ସମୟରେ ଉତ୍ତର ଉପକୂଳ ଓ ନଦୀ ଅବବାହିକା ଜିଲ୍ଲା ଯଥା ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଏବଂ ଯାଜପୁରରେ ୭୦ ରୁ ୧୫୦ ମିମି ପର୍ଯ୍ୟନ୍ତ ପ୍ରବଳ ବର୍ଷା ହୋଇପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ଯାଜପୁର, ଭଦ୍ରକ, ବାଲେଶ୍ୱର, କେନ୍ଦୁଝର, ଏବଂ ମୟୂରଭଞ୍ଜ ଜିଲ୍ଲାର ଚାଷୀମାନେ ୨୪ ଅଗଷ୍ଟ ▸ପୃଷ୍ଠା-୭

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ**

## କୋଟିପତି ତହସିଲଦାର ଗିରଫ



■ ରାଉରକେଲା, ୨୧।୮ (ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୁନ୍ଦରଗଡ଼ ଜିଲ୍ଲା ଲାଠିକଟା ତହସିଲଦାର ମୂରଲୀଧର ଉର୍ମାଲଙ୍କୁ ଶୁକ୍ରବାର ରାଉରକେଲା ଭିଜିଲାନ୍ସ ଗିରଫ କରିଛି। ଗତକାଲି ଭିଜିଲାନ୍ସ ବିଭାଗର ଅଧିକାରୀମାନେ ତହସିଲଦାର କମ୍ ସବ୍ ରେଜିଷ୍ଟ୍ରାର ମୂରଲୀଧର ଉର୍ମାଲଙ୍କୁ ପିଛା କରି ତାଙ୍କ ସରକାରୀ ସ୍କର୍ପିଓରୁ ୫ ଲକ୍ଷ ଟଙ୍କା ଜବତ କରିଥିଲେ। ଏହାପରେ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିଲା। ତାଙ୍କ ଘରେ ଚଢ଼ଉ କରି ପୁଣି ନଗଦ ୫ ଲକ୍ଷ ୮୩ ହଜାର ଟଙ୍କା ଜବତ କରାଯାଇଛି। ତଦନ୍ତ ସମୟରେ ମୋଟ ୨ କୋଟି ୬୦ ଲକ୍ଷ ୨୬ ହଜାର ଟଙ୍କା ମୂଲ୍ୟର ସମ୍ପତ୍ତି ଠାବ କରାଯାଇଥିବା ଭିଜିଲାନ୍ସ ସୂତ୍ରରୁ ଜଣାପଡିଛି।

ଗତକାଲିର ଭିଜିଲାନ୍ସ ବିଭାଗ ପକ୍ଷରୁ ତହସିଲଦାର ଶ୍ରୀ ଉର୍ମାଲଙ୍କ ରାଉରକେଲା ବାସଭବନ ଏବଂ ସୁନ୍ଦରଗଡ କରମଡିହ ସ୍ଥିତ ପୈତୃକ ଘରେ ଚଢ଼ଉ କରାଯାଇଥିଲା। ଏହାସହ ସୁନ୍ଦରଗଡ଼ର କରମଡିହି ଠାରେ ପ୍ରାୟ ୩,୭୦୦ ବର୍ଗଫୁଟ ଜମି ଉପରେ ନିର୍ମିତ ଏକ ଦୁଇମହଲା କୋଠାକୁ ଭିଜିଲାନ୍ସ ▸ପୃଷ୍ଠା-୭

**ଏମ୍‌ଏମ୍‌ଡିଆର୍ ସଂଶୋଧନ ବିଲ୍ ପ୍ରସଙ୍ଗ**

## ସରକାରଙ୍କୁ ଖୋଲା ବିତର୍କ ପାଇଁ ବିଜେଡିର ଆହ୍ୱାନ

■ ଭୁବନେଶ୍ୱର, ୨୧।୮ (ସମିସ): ଏମଏମଡିଆର ସଂଶୋଧନ ବିଲ୍ ସଂସଦରେ ପାସ୍ ହେବା ପରେ ଓଡ଼ିଶାର ବ୍ୟାପକ କ୍ଷତି ହେବା ସର୍ବଜନ ବିଦିତ। ବିଜେଡି ସଭାପତି ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଏହା ବିରୋଧରେ ଲଢ଼େଇ ଆହ୍ୱାନ ଦେଇଛନ୍ତି। ଦେଶର ଅନ୍ୟ ରାଜନୈତିକ ଦଳର ନେତାମାନେ ମଧ୍ୟ ଖଣି ଆଇନର ସଂଶୋଧନ ରାଜ୍ୟଗୁଡ଼ିକର ଆର୍ଥିକ ସ୍ୱାୟତ୍ତତା ଉପରେ ଆଘାତ ବୋଲି ଅଭିଯୋଗ କରିଛନ୍ତି । ଏହି ସମୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟ ଖଣିମନ୍ତ୍ରୀ ବିଭୁତି ଜେନା ଏମଏମଡିଆର ସଂଶୋଧନ ବିଲ ଯୋଗୁଁ ଓଡ଼ିଶାର କୌଣସି କ୍ଷତି ହେବନାହିଁ ବୋଲି ଯୁକ୍ତି ବାଢ଼ିଛନ୍ତି । ବିଜେପିର ଦୁଇ ନେତାଙ୍କ ମନ୍ତବ୍ୟକୁ କଡ଼ା ସମାଲୋଚନା କରିଛି ବିଜେଡି। ସଂଶୋଧିତ ଖଣି ଆଇନକୁ ନେଇ ନବୀନ ରାଜ୍ୟବାସୀଙ୍କୁ ଭ୍ରମିତ କରୁଛି ବୋଲି ଧର୍ମେନ୍ଦ୍ର ଦେଇଥିବା ମନ୍ତବ୍ୟକୁ ବିଜେଡି ସମାଲୋଚନା କରିବା ସହ ଖୋଲା ବିତର୍କ ପାଇଁ ଆହ୍ୱାନ ଦେଇଛି। ଏହି ବିଲ୍ ଓଡ଼ିଶା ସମେତ ଦେଶର ସମସ୍ତ ଖଣିଜ ସମ୍ପଦ ଥିବା ରାଜ୍ୟର ବ୍ୟାପକ କ୍ଷତି ହେବ ବୋଲି ବିଜେଡି କହିଛି ।

ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଡ. ଅରୁଣ ସାହୁ କହିଛନ୍ତି ଯେ ଖଣି ଖାଦାନ ଉପରେ ପ୍ରତ୍ୟେକ ରାଜ୍ୟର ଆଇନଗତ ଓ ସାମ୍ବିଧାନିକ ଅଧିକାର ରହିଛି। ଜୁଲାଇ ୨୦୨୪ରେ ମାନ୍ୟବର ସର୍ବୋଚ୍ଚ ▸ପୃଷ୍ଠା-୭

**ରାଜ୍ୟ ବିରୋଧୀ ବିଲକୁ ଓଡ଼ିଶାର ୨୫ ବିଜେପି ସାଂସଦଙ୍କ ସମର୍ଥନ**

**ଏମ୍‌ଏମ୍‌ଡିଆର୍ ଆଇନ ବିରୋଧରେ କରାଯିବ ତୀବ୍ର ଲଢେଇ**






# ସ୍ମୃତିରେ...



# ଜୀବନ ଏକ ନାଟକ...

## ଅଫେରା ରାଇଜରେ ପ୍ରଣବ

### ୧୯୩୮-୨୦୨୬

ଓଡ଼ିଆ ସଙ୍ଗୀତ ଆକାଶର ଏକ ଉଜ୍ଜ୍ୱଳ ନକ୍ଷତ୍ର ନିଷ୍ପ୍ରଭ ହୋଇଯାଇଛି । ପରଲୋକରେ ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକ । ତାଙ୍କ ବିୟୋଗ ଓଡ଼ିଶାର କଳା ଓ ସଂସ୍କୃତି ଜଗତ ପାଇଁ ଏକ ଅପୂରଣୀୟ କ୍ଷତି । ପ୍ରଣବଙ୍କ ସଙ୍ଗୀତର ଭାବ, ଭାଷା ଅତ୍ୟନ୍ତ ଲାଳିତ୍ୟପୂର୍ଣ୍ଣ ଓ ମଧୁର । ତେଣୁ ତାଙ୍କ ସ୍ୱର ଶୁଣି ଆତ୍ମବିଭୋର ହୁଅନ୍ତି ଶ୍ରୋତାମାନେ । ୧୯୫୮ ରେ ଭୁବନେଶ୍ୱରୀ ମିଶ୍ରଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ନିର୍ମିତ ଚଳଚ୍ଚିତ୍ର 'ମା'ରେ ସେ ପ୍ରଥମ ଥର ପାଇଁ କଣ୍ଠଦାନ କରିଥିଲେ । 'ଶ୍ରୀ ଲୋକନାଥ', 'ସୂର୍ଯ୍ୟମୁଖୀ', 'ସିନ୍ଦୂର ବିନ୍ଦୁ', 'ଶେଷ ଶ୍ରାବଣ', 'ଚିହ୍ନା ଅଚିହ୍ନା', 'ବତୀଘର' ଆଦି ଚଳଚ୍ଚିତ୍ର ତାଙ୍କୁ ଲୋକପ୍ରିୟତାର ଶିଖରରେ ପହଞ୍ଚାଇଥିଲା । ପାଞ୍ଚ ଦଶନ୍ଧିରୁ ଅଧିକ ସମୟର ସଙ୍ଗୀତ ସାଧନା ଭିତରେ ସେ ୨୦୦ରୁ ଅଧିକ ଓଡ଼ିଆ ଚଳଚ୍ଚିତ୍ରରେ କଣ୍ଠଦାନ କରିଥିଲେ । ସିନେମା ଗୀତ, ଓଡ଼ିଶୀ, ଭଜନ, ଜଣାଣ, ପଲ୍ଲୀଗୀତ, ଗଜଲ୍ ଆଦି ଗାଇ ସେ କୋଟି କୋଟି ଓଡ଼ିଆଙ୍କ ହୃଦୟକୁ ଜୟ କରିପାରିଥିଲେ । ଓଡ଼ିଆ ଗୀତରେ ପ୍ରଥମ ଥର ପାଇଁ ଗଜଲ ଶୈଳୀର ସଫଳ ପରୀକ୍ଷଣ କରିଥିଲେ । ମଣିଷ ଚାଲିଯାଏ, ସ୍ୱର ରହିଯାଏ । ତାଙ୍କ କଣ୍ଠରେ ରେକର୍ଡ ହୋଇଥିବା ଗୀତ, ତାଙ୍କ ସଙ୍ଗୀତ ସାଧନା ଏବଂ ଓଡ଼ିଆ ସଙ୍ଗୀତ ପ୍ରତି ତାଙ୍କ ଅବଦାନ ତାଙ୍କୁ ସବୁଦିନ ପାଇଁ ଅମର କରି ରଖିବ । ମହାନ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ଉଦ୍ଦେଶ୍ୟରେ ଆମର ଏହି ସ୍ୱତନ୍ତ୍ର ଉପସ୍ଥାପନା ।

## ପ୍ରଣବଙ୍କ ସଙ୍ଗୀତ ସମ୍ଭାର

ପାଞ୍ଚ ଦଶନ୍ଧିର ସଙ୍ଗୀତ ଯାତ୍ରାରେ ପ୍ରଣବ ପଟ୍ଟନାୟକ ଅନେକ ଲୋକପ୍ରିୟ ଓ ହିଟ୍ ଓଡ଼ିଆ ଗୀତ ଗାଇ ଶ୍ରୋତାଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି । ତାଙ୍କ କଣ୍ଠରେ ଗାଇଥିବା ଅସଂଖ୍ୟ ଗୀତ ଆଜି ବି ସଙ୍ଗୀତପ୍ରେମୀଙ୍କ ମନରେ ଗୁଞ୍ଜରିତ ହେଉଛି । 'ମାଝିରେ ଠୁ' ଠାରୁ ଆରମ୍ଭ କରି 'ନିଝୁମ ରାତି' ପର୍ଯ୍ୟନ୍ତ ଏମିତି ଅନେକ କାଳଜୟୀ ଗୀତକୁ ସେ ନିଜ କଣ୍ଠରେ ଜୀବନ୍ତ କରିଥିଲେ । ଓଡ଼ିଆ ଆଧୁନିକ, ଭକ୍ତିମୂଳକ ଓ ଚଳଚ୍ଚିତ୍ର ସଙ୍ଗୀତରେ ତାଙ୍କ ଅବଦାନ ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଥିଲା । ଓଡ଼ିଆ ଚଳଚ୍ଚିତ୍ରରେ ସେ ପ୍ରାୟ ୨୦୦ରୁ ଅଧିକ ଗୀତରେ କଣ୍ଠଦାନ କରିଛନ୍ତି । ତାଙ୍କ କଣ୍ଠରେ ଗାଇଥିବା ଗୀତଗୁଡ଼ିକ ଓଡ଼ିଆ ସିନେମା ସଙ୍ଗୀତର ଏକ ସ୍ୱର୍ଣ୍ଣିମ ଅଧ୍ୟାୟର ସାକ୍ଷୀ ହୋଇ ରହିଛି । ପ୍ରଣବଙ୍କ ଗାୟନରେ ପ୍ରେମ, ବିରହ, ପ୍ରକୃତି, ଭକ୍ତି ଓ ମାନବୀୟ ଭାବନାର ନିଆରା ପ୍ରକାଶ ଦେଖିବାକୁ ମିଳୁଥିଲା । ତାଙ୍କର ଦରଦୀ ସ୍ୱର ଗୀତର ଭାବକୁ ଶ୍ରୋତାଙ୍କ ନିକଟରେ ପହଞ୍ଚାଇବାରେ ସକ୍ଷମ ହୋଇଥିଲା । ସେଥିପାଇଁ ତାଙ୍କ ଗୀତ କେବଳ ଗୋଟିଏ ନିର୍ଦ୍ଦିଷ୍ଟ ପିଢ଼ି ମଧ୍ୟରେ ସୀମିତ ହୋଇ ରହିନଥିଲା; ପିଢ଼ି ପରେ ପିଢ଼ି ଶ୍ରୋତାଙ୍କ ହୃଦୟକୁ ଛୁଇଁଥିଲା ।

## 'ମା' ଚଳଚ୍ଚିତ୍ରରୁ ଆରମ୍ଭ 'ଆଶା'ରେ ଶେଷ

ପ୍ରଣବଙ୍କ ସଂଗୀତ ଯାତ୍ରା ସୁଦୀର୍ଘ । ୧୯୫୮ ମସିହାରେ ମୁକ୍ତିଲାଭ କରିଥିଲା ଓଡ଼ିଆ ସିନେମା 'ମା' । ଏହି ସିନେମାରେ ପ୍ରଥମେ ତାଙ୍କୁ ଗୀତ ଗାଇବାର ସୁଯୋଗ ମିଳିଥିଲା । ଭୁବନେଶ୍ୱର ମିଶ୍ରଙ୍କ ସଂଗୀତ ନିର୍ଦ୍ଦେଶନାରେ ସେ ଏଥିରେ 'ବେଦନା ସାଗରେ ତୀରେ...' ଗୀତଟିରେ କଣ୍ଠଦାନ କରିଥିଲେ । ଏହାପରେ ସେ ଆଉ ପଛକୁ ଫେରି ନାହାନ୍ତି । 'ସିନ୍ଦୂର ବିନ୍ଦୁ', 'ଶ୍ରୀଲୋକନାଥ', 'ଶେଷ ଶ୍ରାବଣ', 'ଚିହ୍ନା ଅଚିହ୍ନା', 'ବତୀଘର' ଭଳି ଏକାଧିକ ସିନେମାରେ କଣ୍ଠଦାନ କରି ଲୋକପ୍ରିୟତାର ଶୀର୍ଷରେ ପହଞ୍ଚିଥିଲେ । ସେ ପ୍ରାୟ ୨୦୦ ସିନେମାରେ କଣ୍ଠଦାନ କରିଛନ୍ତି । ଅନ୍ୟପଟେ 'ଆଶା' ହେଉଛି ପ୍ରଣବଙ୍କ ଶେଷ ସିନେମା । ୧୯୯୩ ମସିହାରେ ଏହି ସିନେମା ପାଇଁ ସେ ଶ୍ରେଷ୍ଠ ପ୍ରଚ୍ଛଦପଟ୍ଟ ଗାୟକ ଭାବେ ପ୍ରାଦେଶିକ ଚଳଚ୍ଚିତ୍ର ପୁରସ୍କାର ଲାଭ କରିଥିଲେ ।

## ବ୍ୟକ୍ତିଗତ ଜୀବନ

ପ୍ରଣବ ଓଡ଼ିଆ ସଂଗୀତ ଜଗତରେ 'କୁନି' ନାମରେ ଥିଲେ ବେଶ୍ ପରିଚିତ । ତାଙ୍କ ଜୀବନରେ ପତ୍ନୀ କସ୍ତୁରିକା ପଟ୍ଟନାୟକଙ୍କ ବହୁ ଅବଦାନ ଅଛି । କସ୍ତୁରିକାଙ୍କ ପ୍ରତି ତାଙ୍କର ସମ୍ମାନ, ସ୍ନେହ, ଭଲପାଇବା ରହିଥିଲା । ତେବେ କସ୍ତୁରିକାଙ୍କୁ ସେ ନିଜ ସଂଗୀତର ବଡ଼ ସମୀକ୍ଷକ ବୋଲି କହୁଥିଲେ । ତାଙ୍କ ପରାମର୍ଶ ହିଁ ତାଙ୍କୁ ଜୀବନରେ ଆଗକୁ ଯିବାରେ ପ୍ରୋତ୍ସାହିତ କରିଥିଲା ।

## ଈଶ୍ୱର ବିଶ୍ୱାସୀ

ପ୍ରଣବ ଥିଲେ ଈଶ୍ୱରବିଶ୍ୱାସୀ । ସେହିପରି ସେ ଗୀତରେ ବହୁତ ପରୀକ୍ଷା ନିରୀକ୍ଷା କରିବାକୁ ଭଲପାଉଥିଲେ । ଅନେକ ଗୀତ ଏମିତି ଅଛି, ଯେଉଁଥିରେ ପ୍ରଣବଙ୍କ ନିଆରା ଗାୟନଶୈଳୀ ଦେଖିବାକୁ ମିଳେ । ଯାହାକି ଦର୍ଶକଙ୍କ ହୃଦୟକୁ ଛୁଇଁବାରେ ସଫଳ ହୋଇଥାଏ । ତେବେ ବୟସାଧିକ୍ୟ ସତ୍ତ୍ୱେ ବି ସେ ମଞ୍ଚରେ ଗୀତ ପରିବେଷଣ କରିଛନ୍ତି । ଏପରିକି ଆଜିର ପିଢ଼ି ସହିତ ମଧ୍ୟ ସେ ଗୀତ ଗାଇଛନ୍ତି । ସେ ସବୁବେଳେ ନିଜକୁ ଛାତ୍ର ବୋଲି ଭାବୁଥିଲେ ଏବଂ ଛାତ୍ର ଭାବେ ତାଙ୍କର ଶିଖିବା ଜାରି ରହିଥିବା କହୁଥିଲେ ।

## ଗଜଲପ୍ରେମୀ

ପ୍ରଣବ ଏକାଧିକ କାଳଜୟୀ ଗୀତ ଶ୍ରୋତାଙ୍କୁ ଭେଟି ଦେଇଛନ୍ତି । ଭକ୍ତିଗୀତଠାରୁ ଆରମ୍ଭ କରି ରୋମାଣ୍ଟିକ୍, ଜୀବନଧର୍ମୀ ଗୀତ ସେ ଗାଇଛନ୍ତି । କେବଳ ସେତିକି ନୁହେଁ, ସେ ଲୋକଗୀତ, ସେମି କ୍ଲାସିକାଲ, ପାରମ୍ପରିକ ସଂଗୀତ, ହିନ୍ଦୀ ଗୀତ ଭଳି ବିଭିନ୍ନ ଧାରାର ଗୀତ ଗାଇଛନ୍ତି । ତେବେ ଗଜଲ୍ ପାଇଁ ସେ ଥିଲେ ଲୋକପ୍ରିୟ । କାରଣ ପ୍ରଣବ ଥିଲେ ଗଜଲପ୍ରେମୀ । ସେ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଗଜଲ ପରମ୍ପରା ଆରମ୍ଭ କରିଥିଲେ । ତା'ସହ ସେ ଉର୍ଦ୍ଦୁ ଭାଷାର ଖୁବ୍ ସମ୍ମାନ କରୁଥିଲେ । ୧୯୯୨ ମସିହାରେ ତାଙ୍କର ପ୍ରଥମ ଗଜଲ ଆଲବମ୍ 'ଶବ୍ ଏ- ଗଜଲ' ମୁକ୍ତିଲାଭ କରିଥିଲା । 'ଏକ୍ ଖଜାନା ହମ୍ ବି ଛୁପାକର ରଖତେ ହେଁ...' ଗଜଲ୍‌ରେ ପଣ୍ଡିତ ହରିପ୍ରସାଦ ଚୌରାସିଆ ସଂଗୀତ ନିର୍ଦ୍ଦେଶନା ଦେଇଥିଲେ । ଏଥିରେ ତାଙ୍କ ସହିତ ଦେବୀ ପଣ୍ଡିତ କଣ୍ଠଦାନ କରିଥିଲେ । ଏହିପରି ସେ ବିଭିନ୍ନ ଗୀତ ଗାଇ ଦର୍ଶକଙ୍କୁ ନିଜ କଣ୍ଠସ୍ୱରରେ ବାନ୍ଧି ରଖିବାରେ ସଫଳ ହୋଇଥିଲେ । ପ୍ରଣବଙ୍କ ଅନ୍ୟତମ ଏକ ବିଶେଷତ୍ୱ ଥିଲା ଶବ୍ଦର ସ୍ପଷ୍ଟତା । ତାଙ୍କ ପାଇଁ ସ୍ୱରରେ ଭାବ, ମାଧୁର୍ଯ୍ୟ ଯେତିକି ଗୁରୁତ୍ୱ ବହନ କରୁଥିଲା , ତା'ଠୁ ବେଶି ଶବ୍ଦର ସ୍ପଷ୍ଟତା ଉପରେ ପ୍ରାଧାନ୍ୟ ଦେଉଥିଲେ ।

## ଦେଶ ବିଦେଶରେ ସଂଗୀତ ପରିବେଷଣ

ପ୍ରଣବ ବାଳକୃଷ୍ଣ ଦାସ, ଅକ୍ଷୟ ମହାନ୍ତି, ପ୍ରଫୁଲ୍ଲ କର, ଶାନ୍ତନୁ ମହାନ୍ତି, ବାସୁଦେବ ରଥ, ଭୁବନେଶ୍ୱର ମିଶ୍ର, ଉପେନ୍ଦ୍ର କୁମାର, ସ୍ୱରୂପ ନାୟକଙ୍କ ଭଳି ସଂଗୀତ ନିର୍ଦ୍ଦେଶକଙ୍କ ସ୍ୱର ସଂଯୋଜନାରେ ଏକାଧିକ ଗୀତ ଗାଇଛନ୍ତି । ଏହାବାଦ୍ ସଂଗୀତ ସାଧନା କ୍ଷେତ୍ରରେ ପ୍ରଣବ ଜାତୀୟ ସ୍ତରରେ ବହୁ ବ୍ୟକ୍ତିବିଶେଷଙ୍କ ସହ କାମ କରିବାର ସୁଯୋଗ ଲାଭ କରିଛନ୍ତି । ହେମଲତା, ବାଣୀ ଜୟରାମ, ଭୂପିନ୍ଦର ସିଂହ, ନିର୍ମଳା ମିଶ୍ର, ଉଷା ମଙ୍ଗେସର, ଏସ୍. ଜାନକୀଙ୍କ ସହିତ ପ୍ରଣବ କାମ କରିଛନ୍ତି । ଅଣଚଳଚ୍ଚିତ୍ର ସଂଗୀତରେ ବି ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିଲା । ବେତାର, ଦୂରଦର୍ଶନରେ ବି ସେ କଣ୍ଠଦାନ କରିଛନ୍ତି । କେବଳ ସେତିକି ନୁହେଁ, ଦେଶ ବିଦେଶରେ ବି ସେ ସଂଗୀତ ପରିବେଷଣ କରି ସୁନାମ ଅର୍ଜନ କରିଛନ୍ତି ।

## ପୁରସ୍କାର ଓ ସମ୍ମାନ

- ଓଡ଼ିଆ ସଙ୍ଗୀତ ନାଟକ ଏକାଡେମୀ ଆୱାର୍ଡ (୧୯୯୭-୯୮)
- ୬ ଥର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ସମ୍ମାନ
- ବାଳକୃଷ୍ଣ ଦାଶ ସ୍ମାରକୀ ସମ୍ମାନ ( ୨୦୨୩)
- ଜୟଦେବ ପୁରସ୍କାର( ୨୦୧୬)
- ଗଙ୍ଗାଧର ରଥ ସ୍ମାରକୀ ସମ୍ମାନ( ୨୦୧୭)
- ପ୍ରଫୁଲ କର ସମ୍ମାନ(୨୦୧୧)
- ବିଗ୍ ଓଡ଼ିଆ ଏଣ୍ଟରଟେନ୍‌ମେଣ୍ଟ ଆୱାର୍ଡ(୨୦୧୦)



## ପିଲାବେଳୁ ସଂଗୀତ ପ୍ରତି ଆଗ୍ରହ

୧୯୩୮ ମସିହା ଜାନୁଆରୀ ୨୦ ତାରିଖରେ ପ୍ରଣବ କିଶୋର ପଟ୍ଟନାୟକ ଜନ୍ମଗ୍ରହଣ କରିଥିଲେ । ପିଲାବେଳୁ ହିଁ ତାଙ୍କର ସଂଗୀତ ପ୍ରତି ରୁଚି ଥିଲା । ସେ ତାଙ୍କ ବାପା ଲାଲ ମୋହନ ପଟ୍ଟନାୟକଙ୍କଠାରୁ ପ୍ରେରଣା ପାଇ ପିଲାବେଳୁ ସଂଗୀତ ପ୍ରତି ଆକୃଷ୍ଟ ହୋଇଥିଲେ । ସେ ଗୁରୁ କୁନାଳ ଆଦିନାରାୟଣଙ୍କଠାରୁ ସଂଗୀତ ଶିକ୍ଷା ଗ୍ରହଣ କରିଥିଲେ । ପିଲାବେଳେ ସେ ମହାନ ଗାୟକଙ୍କ ଗୀତ ଶୁଣୁଥିଲେ । ବିଶେଷକରି ମହମ୍ମଦ ରଫିଙ୍କ ଗୀତକୁ ଅଧିକ ପ୍ରାଧାନ୍ୟ ଦେଉଥିଲେ । ପ୍ରଥମେ ସେ କଟକ ଆକାଶବାଣୀର ସ୍ୱୀକୃତୀପ୍ରାପ୍ତ କଣ୍ଠଶିଳ୍ପୀ ହେବାର ସୌଭାଗ୍ୟ ଲାଭ କରିଥିଲେ ।



## ପ୍ରବଣଙ୍କ କଣ୍ଠରେ ଲୋକପ୍ରିୟ ଗୀତ

- ତୁମ ଗାଁ ମହୁମାଛି
- ସ୍ମୃତି ତୋର ଫେରେ
- ପୁଣି ସେଇ ଶ୍ରାବଣରେ
- ମାଝିରେ
- ମୋନାଲିସା
- ପ୍ରେମ ତିନି ଜାତି
- ମୁଁ ଯେ ନିସଙ୍ଗ ଆକାଶେ
- ତୁମେ ଅଗୋ ପାହାନ୍ତି ତାରା
- ଏଇ ଜୀବନଟା ଏକ ନାଟକ
- ହାଏ ସେ ହରିଣୀ ଆଖି
- ଚନ୍ଦ୍ରମଲ୍ଲିକା

## ଭଜନ ଓ ଜଣାଣ

- କଳା କଳେବର କହ୍ନାଇ
- କୋଇଲି ଲୋ କେଶବ ଯେ ମଥୁରା ଗଲେ
- ମଣିମା ଶୁଣିମା ହେଉ

## ୬ଥର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଲାଭ

ଓଡ଼ିଆ ଚଳଚ୍ଚିତ୍ର ସଙ୍ଗୀତ ଜଗତକୁ ପ୍ରଣବ ପଟ୍ଟନାୟକଙ୍କ ଅବଦାନ ସ୍ମରଣୀୟ । ତାଙ୍କ କଣ୍ଠରେ ରେକର୍ଡ ହୋଇଥିବା ଅନେକ ଗୀତ ଆଜି ବି ଶ୍ରୋତାଙ୍କ ମନରେ ତାଜା ହୋଇ ରହିଛି । ତାଙ୍କ ସ୍ୱରରେ ଥିବା ଭାବ, ମାଧୁର୍ଯ୍ୟ ଓ ଶବ୍ଦର ସ୍ପଷ୍ଟତା ତାଙ୍କୁ ଅନ୍ୟମାନଙ୍କଠାରୁ ଏକ ନିଆରା ପରିଚୟ ଦେଇଥିଲା । ପ୍ରଣବ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଦତ୍ତ ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଲାଭ କରିବାରେ ଏକ ସ୍ୱତନ୍ତ୍ର ରେକର୍ଡ଼ ସୃଷ୍ଟି କରିଛନ୍ତି । ସେ ଓଡ଼ିଶାର ଏକମାତ୍ର ପ୍ରଚ୍ଛଦପଟ ଗାୟକ ଯିଏ ସର୍ବାଧିକ **୬ ଥର ଶ୍ରେଷ୍ଠ ପୁରୁଷ କଣ୍ଠଶିଳ୍ପୀ** ଭାବେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଲାଭ କରିଛନ୍ତି ।

- ୧୯୭୬ – ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ – (ସିନ୍ଦୂର ବିନ୍ଦୁ)
- ୧୯୮୨ – ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ – (ଅସ୍ତରାଗ)
- ୧୯୮୩ – ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ – (ଝିଅଟି ସୀତା ପରି)
- ୧୯୮୮ - ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ (କନ୍ୟାଦାନ)
- ୧୯୮୯ - ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ (ପ୍ରତିଶୋଧ ଅପରାଧ ନୁହେଁ)
- ୧୯୯୩ -ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ (ଆଶା)

### ବନ୍ୟା ପରିଚାଳନା ପ୍ରସଙ୍ଗରେ ସରକାରଙ୍କୁ ବିଜେଡି ନେତ୍ରୀ ସୁଜାତାଙ୍କ ସମାଲୋଚନା

# ୨ ବର୍ଷରେ ଭୁଶୁଡ଼ିଯାଇଛି ୨ ଦଶନ୍ଧିର ବ୍ୟବସ୍ଥା



ଭୁବନେଶ୍ୱର ୨୧।୮ (ସମିସ): ରାଜ୍ୟରେ ଚାଲିଥିବା ବନ୍ୟା ପରିସ୍ଥିତି ଓ ବନ୍ୟା ପରିଚାଳନାକୁ ନେଇ ରାଜ୍ୟ ବିଜେପି ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି କରିଛନ୍ତି ବିଜେଡି ନେତ୍ରୀ ସୁଜାତା ରାଉତ। ପୂର୍ବ ସରକାରଙ୍କ ବିପର୍ଯ୍ୟୟ ପରିଚାଳନା ମଡ଼େଲ ପ୍ରସଙ୍ଗ ବର୍ତ୍ତମାନ ସରକାରଙ୍କୁ ସ୍ମରଣ କରାଇ କରାଇଦେବା ସହ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ 'ଇନ୍ଦ୍ରଙ୍କ ଫୋନ୍ ନମ୍ବର' ସଂକ୍ରାନ୍ତ ଟିପ୍ପଣୀ ବନ୍ୟା ପରିଚାଳନାରେ ସରକାରଙ୍କ ଦ୍ୱନ୍ଦ୍ୱ, ଅସହାୟତା ଓ ପ୍ରଶାସନିକ ବିଫଳତାକୁ ପ୍ରତିଫଳିତ କରିଛି ବୋଲି ସୁଜାତା କହିଛନ୍ତି ।

ଏକ ସମ୍ବାଦପତ୍ରର ସ୍ତମ୍ଭରେ ସୁଜାତା କହିଛନ୍ତି ଯେ ଅତୀତରେ ଓଡ଼ିଶା ଅନେକ ମହାବନ୍ୟାକୁ ସଫଳତାର ସହ ମୁକାବିଲା କରିଛି। ୨୦୦୮ରେ ମୁଣ୍ଡଳିରେ ୧୫.୮୧ ଲକ୍ଷ କ୍ୟୁସେକ, ୨୦୦୧ରେ ୧୪.୫୧ ଲକ୍ଷ କ୍ୟୁସେକ ଏବଂ ୨୦୧୧ରେ ୧୩.୬୬ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହୋଇଥିଲା। ୨୦୦୬ ଓ ୨୦୨୨ରେ ମଧ୍ୟ ୧୨ ଲକ୍ଷ କ୍ୟୁସେକରୁ ଅଧିକ ଜଳପ୍ରବାହ ରେକର୍ଡ ହୋଇଥିଲା। ଏହା ତୁଳନାରେ ଚଳିତ ବର୍ଷର ୯ ଲକ୍ଷ କ୍ୟୁସେକ୍‌ରୁ କମ୍ ଜଳ ପ୍ରବାହିତ ହୋଇଛି ଓ ଜଳସମ୍ପଦ ବିଭାଗ ଏହାକୁ ମଧ୍ୟମ ଧରଣର ବନ୍ୟା ବୋଲି ସ୍ୱୀକାର କରିଛି। ଏହା ସତ୍ତ୍ୱେ ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ, କେନ୍ଦୁଝର ସମେତ ଅନେକ ଜିଲ୍ଲାର ଲକ୍ଷଲକ୍ଷ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି । ଅନେକ ଲୋକଙ୍କର ମୃତ୍ୟୁ ଘଟିଛି, ଶହଶହ ପଶୁସମ୍ପଦ ନଷ୍ଟ ହୋଇଛନ୍ତି, ହଜାର ହଜାର ହେକ୍ଟର ଜମିର ଫସଲ ନଷ୍ଟ ହୋଇଛି । ଲୋକମାନେ ଏବେ ବି ଖୋଲା ଛାତ ତଳେ ଜୀବନ ବିତାଉଛନ୍ତି । ସେମାନେ ଖାଦ୍ୟ, ବିଶୁଦ୍ଧ ପାଣି, ପରିମଳ ଓ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହୋଇଛନ୍ତି । ନଦୀ ପ୍ରଣାଳୀ, ପ୍ରଶାସନିକ କଳ, ବିପର୍ଯ୍ୟୟ ପରିଚାଳନା ଢ଼ାଞ୍ଚା ସମାନ ଥିବା ସତ୍ତ୍ୱେ ମାତ୍ର ଦୁଇ ବର୍ଷରେ ୨ ଦଶନ୍ଧିର ବ୍ୟବସ୍ଥା ଧ୍ୱଂସ ହୋଇ ଯାଇଛି ।

- ଦୁର୍ବଳ ହୋଇ ପଡ଼ିଛି ତୃଣମୂଳସ୍ତରର ପରିଚାଳନା
- ବିଦ୍ରୂପ ବଦଳରେ ଆତ୍ମସମୀକ୍ଷା କରନ୍ତୁ ସରକାର

୧୯୯୯ର ମହାବାତ୍ୟା ପରେ ରାଜ୍ୟରେ ଶାସନ ଭାର ଗ୍ରହଣ କରିଥିବା ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ୨ ଦଶନ୍ଧି ମଧ୍ୟରେ ଓଡ଼ିଶାକୁ ବିପର୍ଯ୍ୟୟ ଯୋଦ୍ଧା ଭାବରେ ଗଢ଼ି ତୋଳିଥିଲେ। ପ୍ରାକ୍ ସତର୍କତା, ସମୟୋଚିତ ସ୍ଥାନାନ୍ତରଣ, ତୃଣମୂଳସ୍ତରରେ ପ୍ରସ୍ତୁତି ଏବଂ ପ୍ରଶାସନ ଓ ସ୍ଥାନୀୟ ନିର୍ବାଚିତ ପ୍ରତିନିଧିଙ୍କ ମଧ୍ୟରେ ସମନ୍ୱୟ ଥିଲା ଏହି ମଡେଲର ମୂଳ ଶକ୍ତି। ଏକ ସ୍ୱଷ୍ଟ ନିର୍ଦ୍ଦେଶ ଶୃଙ୍ଖଳ ମଧ୍ୟରେ ଜିଲ୍ଲାପାଳଙ୍କଠାରୁ ପଞ୍ଚାୟତର ୱାଡର୍‌ମେମ୍ବରଙ୍କ ପର୍ଯ୍ୟନ୍ତ ସମସ୍ତେ ଏକ କାର୍ଯ୍ୟ କରୁଥିଲେ। ମାତ୍ର ଗତ ଦୁଇ ବର୍ଷ ମଧ୍ୟରେ ପୂର୍ବରୁ ଗଢ଼ି ଉଠିଥିବା ତୃଣମୂଳସ୍ତରୀୟ ବ୍ୟବସ୍ଥା ଦୁର୍ବଳ ହୋଇପଡ଼ିଛି। ବିଶେଷକରି ମିଶନ ଶକ୍ତି ମହିଳା ଗୋଷ୍ଠୀ, ପଞ୍ଚାୟତିରାଜ ପ୍ରତିନିଧି ଓ ପ୍ରଶାସନ ମଧ୍ୟରେ ଥିବା ସମନ୍ୱୟ ଭାଙ୍ଗିବାରୁ ପୂର୍ବ ସତର୍କତା, ସ୍ଥାନାନ୍ତରଣ ଓ ରିଲିଫ୍ ବ୍ୟବସ୍ଥା ପ୍ରଭାବିତ ହୋଇଛି। ବିଡ଼ମ୍ବନା ହେଉଛି ବିପର୍ଯ୍ୟୟ ସମୟରେ ଦଳୀୟ ହସ୍ତକ୍ଷେପ, ଠିକାଦାରୀ ରାଜନୀତି ଏବଂ ରିଲିଫ୍ ବଣ୍ଟନରେ ଦଳୀୟ ପ୍ରିୟାପ୍ରୀତି ଭଳି ଅଭିଯୋଗ ଅତ୍ୟନ୍ତ ଉଦ୍‌ବେଗଜନକ। ବିପର୍ଯ୍ୟୟ ସମୟରେ ଲୋକଙ୍କ ଜୀବନର ସୁରକ୍ଷା, ରିଲିଫ୍ ଓ ଥଇଥାନ ପ୍ରାଥମିକତା ନ ହୋଇ ଦଳୀୟ ସ୍ୱାର୍ଥ ପାଇଁ କାର୍ଯ୍ୟ କରାଯିବା ସବୁ କ୍ଷେତ୍ରରେ ବିଭ୍ରାଟ ସୃଷ୍ଟି କରିଛି ବୋଲି ସେ କହିଛନ୍ତି ।

ନବୀନ ପଟ୍ଟନାୟକଙ୍କ ସମୟର 'ସମଗ୍ର ସରକାର ଦୃଷ୍ଟିକୋଣ'କୁ ଉଲ୍ଲେଖ କରି ସୁଜାତା କହିଛନ୍ତି ଯେ, ସେତେବେଳେ ମନ୍ତ୍ରୀ, ସଚିବ, ଅଧିକାରୀ, ପିଆରଆଇ ପ୍ରତିନିଧି ଓ ସାମାଜିକ ସଂଗଠନ ଏକାଠି ହୋଇ ବିପର୍ଯ୍ୟୟର ମୁକାବିଲା କରୁଥିଲେ। ଆଜି କିନ୍ତୁ କେଉଁ ବିଭାଗ କେଉଁ କାର୍ଯ୍ୟପାଇଁ ଉତ୍ତରଦାୟୀ, ତାହାକୁ ନେଇ ଦ୍ୱନ୍ଦ୍ୱ ତୁଟୁନାହିଁ। ଦୁଇ ଦଶନ୍ଧି ଧରି ଗଢ଼ି ଉଠିଥିବା ଏକ ସୁଦୃଢ଼ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା କିପରି ଦୁଇ ବର୍ଷରେ ଦୁର୍ବଳ ହୋଇଗଲା, ତାହାର ଉତ୍ତର ସରକାର ଖୋଜିବା ଆବଶ୍ୟକ ବୋଲି ସେ ଆହ୍ୱାନ ଦେଇଛନ୍ତି । ତେଣୁ ବନ୍ୟାକୁ କେବଳ ପ୍ରାକୃତିକ ବିପର୍ଯ୍ୟୟ ଭାବେ ଦେଖି ଦାୟିତ୍ୱ ଏଡ଼ାଇ ହେବ ନାହିଁ; ସରକାରଙ୍କ ପ୍ରସ୍ତୁତି, ସମନ୍ୱୟ ଓ ତ୍ୱରିତ ପ୍ରତିକ୍ରିୟା ହିଁ ଲୋକଙ୍କ ଜୀବନ ରକ୍ଷା କରିପାରିବ ବୋଲି ସୁଜାତା ମତ ପ୍ରକାଶ କରିଛନ୍ତି।

## ବିଦ୍ୟାଳୟରେ ପାଳନ ହେବ ଗୁରୁ ଓ ଶିଶୁ ଦିବସ

ଭୁବନେଶ୍ୱର, ୨୧।୮ (ସମିସ): ସମସ୍ତ ମାଧ୍ୟମିକ ବିଦ୍ୟାଳୟରେ ପ୍ରଚଳିତ ନିୟମ ଅନୁଯାୟୀ ଗୁରୁ ଦିବସ ଓ ଶିଶୁ ଦିବସ ପାଳନ କରାଯିବ। ପାଳନ ପରେ ପୂର୍ବ ନିର୍ଦ୍ଧାରିତ ସମୟସୂଚୀ ଅନୁଯାୟୀ ପାଠପଢ଼ା ହେବ। ଗୁରୁ ଦିବସ ଓ ଶିଶୁ ଦିବସ ପାଳନ କରିବାକୁ ଶୈକ୍ଷିକ କ୍ୟାଲେଣ୍ଡରରେ ପାଳନ ଦିବସ ଉଲ୍ଲେଖ ନଥିବାରୁ ତାହା ପାଳନ ହେବ ନା ନାହିଁ ବୋଲି ବିଭିନ୍ନ ଶିକ୍ଷକ ସଂଗଠନ ପ୍ରଶ୍ନ ଉଠାଇଥିବାବେଳେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଏହି ନିର୍ଦ୍ଦେଶନାମା ଜାରି ହୋଇଛି। ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ଦିଆଯାଇଥିବା ନିର୍ଦ୍ଦେଶନାମାରେ କୁହାଯାଇଛି ଯେ ପ୍ରଚଳିତ ପ୍ରଥା ଅନୁସାରେ ଉଭୟ ଦିବସ ପାଳନ କରାଯିବ। ଆନୁସଙ୍ଗିକ କାର୍ଯ୍ୟକ୍ରମ ଶେଷ ହେବା ପରେ ଶିକ୍ଷାଦାନ ଜାରି ରହିବ। ପୂର୍ବ ନିର୍ଦ୍ଧାରିତ ସମୟସୂଚୀ ଅନୁସାରେ ପାଠପଢ଼ା ହେବ। ସମସ୍ତ ପ୍ରଧାନଶିକ୍ଷକ ଓ ପ୍ରଧାନଶିକ୍ଷୟିତ୍ରୀଙ୍କୁ ଏନେଇ ଆବଶ୍ୟକ ନିର୍ଦ୍ଦେଶ ଦେବାକୁ ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି।

## ଭଡ଼ାଘରୁ ପୁଲିସ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଭବାନୀପାଟଣା,୨୧।୮ (ସମିସ): ଭବାନୀପାଟଣା ସହର ପୁରୁଣାପଡ଼ାର ଏକ ଭଡ଼ାଘରୁ ଶୁକ୍ରବାର ଜଣେ ଡିଭିଏଫ୍(ଜିଲ୍ଲା ସ୍ୱେଚ୍ଛାସେବୀ ବାହିନୀ) ପୁଲିସ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତ ପୁଲିସ କର୍ମଚାରୀଙ୍କ ନାମ ରାଜେନ୍ଦ୍ର ଦଣ୍ଡସେନା (୨୮) ହୋଇଥିବାବେଳେ ତାଙ୍କ ଘର ଭବାନୀପାଟଣା ସଦରଥାନା ଅଧୀନ ଶଗଡ଼ ପଞ୍ଚାୟତର କାଦୋପଦର ବୋଲି ଜଣାପଡ଼ିଛି। ଭବାନୀପାଟଣା ରିଜର୍ଭ ପୁଲିସଠାରେ ପ୍ରାୟ ୩ ବର୍ଷ ହେଲା ସେ କାର୍ଯ୍ୟରତ ଥିବାବେଳେ ପୁରୁଣାପଡାର ଭଡ଼ାଘରେ ଏକା ରହୁ ଥିଲେ। ତେବେ କେଉଁ କାରଣରୁ ସେ ଆତ୍ମହତ୍ୟା କଲେ ତାହା ବର୍ତ୍ତମାନ ମଧ୍ୟ ଅସ୍ୱଷ୍ଟ ରହିଛି। ଘଟଣାସ୍ଥଳରେ ଫରେନ୍‌ସିକ୍ ଟିମ୍ ପହଞ୍ଚି ଅନୁଧ୍ୟାନ କରିଥିଲେ। ପରେ ଶବ ବ୍ୟବଚ୍ଛେଦ ପରେ ଟାଉନଥାନା ପୁଲିସ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଭବାନୀପାଟଣା ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ■ ଜନ୍ମସ୍ଥାନରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଜନ୍ମ ଶତବାର୍ଷିକୀ ସମାରୋହ

## 'ଗୁରୁଜାଙ୍ଗ ହେବ ଐତିହ୍ୟ ଗ୍ରାମ ଓ ଆଦର୍ଶ ପଞ୍ଚାୟତ'



ଅନୁଗୋଳ,୨୧।୮ (ସମିସ): ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଜୀଙ୍କ ଜନ୍ମ ଶତବାର୍ଷିକୀ ମହୋତ୍ସବ ଶୁକ୍ରବାର ତାଙ୍କ ଜନ୍ମସ୍ଥାନ ଅନୁଗୋଳ ଜିଲ୍ଲା ତାଳଚେର ଗୁରୁଜାଙ୍ଗଠାରେ ଆୟୋଜିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ସ୍ୱାମୀଜୀଙ୍କ ଗୁରୁଜାଙ୍ଗ ଗ୍ରାମକୁ ଐତିହ୍ୟ ଗ୍ରାମ ଏବଂ ଗୁରୁଜାଙ୍ଗ ପଞ୍ଚାୟତକୁ ଆଦର୍ଶ ପଞ୍ଚାୟତ ଭାବେ ବିକଶିତ କରାଯିବ ବୋଲି ଘୋଷଣା କରିଛନ୍ତି।

ସଭାକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ମାଝୀ ସ୍ୱାମୀଜୀଙ୍କୁ ସମାଜର 'ଗୁରୁ, ଗ୍ରନ୍ଥ ଏବଂ ଗରିମା' ଭାବେ ଅଭିହିତ କରିଥିଲେ। ସେ କହିଥିଲେ ଯେ ସ୍ୱାମୀଜୀ କନ୍ଧମାଳର ଦୁର୍ଗମ ଅଞ୍ଚଳ ଚକାପାଦ ଓ ଜଲେଶପଟାରେ ଆଶ୍ରମ ପ୍ରତିଷ୍ଠା କରି ବନବାସୀ ଝିଅମାନଙ୍କୁ ସଂସ୍କୃତ ଶିକ୍ଷା ଓ ସଂସ୍କାରରେ ସ୍ୱାବଲମ୍ବୀ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ "ସବ୍‌କା ସାଥ୍, ସବ୍‌କା ବିକାଶ' ଆଦର୍ଶ ମଧ୍ୟରେ ସ୍ୱାମୀଜୀଙ୍କ ଅନ୍ତ୍ୟୋଦୟ ବିଚାରଧାରା ନିହିତ ରହିଛି ବୋଲି ସେ କହିଥିଲେ। ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ସ୍ୱାମୀଜୀଙ୍କ ଆଧ୍ୟାତ୍ମିକ ଓ ସାମାଜିକ ଅବଦାନର ସ୍ମୃତିଚାରଣ କରିବା ସହ ତାଙ୍କ ପ୍ରଦର୍ଶିତ ମାର୍ଗରେ ଚାଲିବାକୁ ଆହ୍ୱାନ ଦେଇଥିଲେ। ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତିକୁ ସ୍ୱାଗତ ଜଣାଇ ସ୍ୱାମୀଜୀଙ୍କ ଅବଦାନ ଦ୍ୱାରା ଅଞ୍ଚଳର ଆଧ୍ୟାତ୍ମିକ ଓ ସାଂସ୍କୃତିକ ଗୌରବ ଆହୁରି ବୃଦ୍ଧି ପାଇବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ, ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ଅନୁଗୋଳ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ, ଅନୁଗୋଳ ଜିଲ୍ଲାପାଳ ଅବଦଲ୍ ମହମ୍ମଦ୍ ଅଖତର, ଏସ୍‌ପି ରାହୁଳ ଜୈନଙ୍କ ସମେତ ବହୁ ସାଧୁସନ୍ଥ, ମାନ୍ୟଗଣ୍ୟ ବ୍ୟକ୍ତି, ଜିଲ୍ଲାସ୍ତରୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଓ ହଜାର ହଜାର ଜନସାଧାରଣ ଉପସ୍ଥିତ ଥିଲେ।

### ୬ ବରିଷ୍ଠ ଆଇପିଏସ୍‌ଙ୍କ ବଦଳି

## ହିମାଂଶୁଲାଲ ଇଓଡବ୍ଲ୍ୟୁ ଆଇଜି, ସତ୍ୟବ୍ରତ ଭୋଇ ଗୁଇନ୍ଦା ଆଇଜି

ଭୁବନେଶ୍ୱର ୨୧।୮ (ସମିସ): ରାଜ୍ୟ ବରିଷ୍ଠ ଆଇପିଏସ୍ତରରେ ଅଦଳବଦଳ ହୋଇଛି। ୬ ଜଣ ଆଇପିଏସ୍ ଅଧିକାରୀଙ୍କୁ ବିଭିନ୍ନ ସ୍ଥାନକୁ ବଦଳି କରାଯାଇଛି। ଉତ୍ତରାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲଙ୍କୁ ଇଓଡବ୍ଲ୍ୟୁ ଓ ଏସ୍‌ଟିଏଫ୍‌ର ଆଇଜି ଭାବେ ନିଯୁକ୍ତି ମିଳିଛି। ପିଟିସି ଅନୁଗୋଳର ପ୍ରିନ୍ସିପାଲ ତଥା ତାଳଚେରର ଉତ୍ତର-ମଧ୍ୟାଞ୍ଚଳ ରେଞ୍ଜ୍ ଆଇଜି ସତ୍ୟବ୍ରତ ଭୋଇଙ୍କୁ ଆଇଜି ଇଣ୍ଟେଲିଜେନ୍ସ ଭାବେ ବଦଳି କରାଯାଇଛି। ଇଣ୍ଟେଲିଜେନ୍ସ ଆଇଜି ଜୟନାରାୟଣ ପଙ୍କଜଙ୍କୁ ଦକ୍ଷିଣାଞ୍ଚଳ ଆଇଜି ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖରଙ୍କୁ ପୁଲିସ ମୁଖ୍ୟାଳୟ ସ୍ଥିତ ଆଇଜି (ପ୍ରୋଭିଜନାଲ୍) ଭାବେ ଦାୟିତ୍ୱ ଦିଆଯାଇଛି। ଡିଆଇଜି (ପ୍ରୋଭିଜନିଂ) ଚରଣ ସିଂ ମୀନାଙ୍କୁ ଉତ୍ତରାଞ୍ଚଳ ଡିଆଇଜି (ସମ୍ବଲପୁର) ଭାବେ ବଦଳି କରାଯାଇଛି। ନିକଟରେ କେନ୍ଦ୍ରୀୟ ଡେପୁଟେସନରୁ ଫେରିଥିବା ଡିଆଇଜି ଆଶିଷ କୁମାର ସିଂହଙ୍କୁ ଉତ୍ତର-ମଧ୍ୟାଞ୍ଚଳ ରେଞ୍ଜ୍ (ତାଳଚେର) ସହ ଅନୁଗୋଳ ପୁଲିସ ଟ୍ରେନିଂ କଲେଜ ପ୍ରିନ୍ସିପାଲ୍ ଦାୟିତ୍ୱ ଦିଆଯାଇଛି। ଶୁକ୍ରବାର ରାଜ୍ୟ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

### ପାରାଦୀପ ବନ୍ଦରରେ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ

## ୪୨୭.୮୦ କୋଟିର ଭିତ୍ତିଭୂମି ପ୍ରକଳ୍ପ କାର୍ଯ୍ୟ ଶୁଭାରମ୍ଭ



### ୧,୫୮୦.୩୬ କୋଟିର ୩ ପ୍ରକଳ୍ପର ଚୁକ୍ତି ସ୍ୱାକ୍ଷର

ପାରାଦୀପ,୨୧।୮ (ସମିସ): କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ୍ ଦୁଇଦିନିଆ ପାରାଦୀପ ବନ୍ଦର ଗସ୍ତରେ ଆସି ବନ୍ଦର ପରିଦର୍ଶନ କରିବା ସହିତ ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର କାର୍ଯ୍ୟ ଶୁଭାରମ୍ଭ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ୪୨୭.୮୦ କୋଟି ବ୍ୟୟରେ ନିର୍ମିତ ହେବାକୁ ଥିବା ୭ଟି ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଏହା ସହିତ ୧,୫୮୦.୩୬ କୋଟି ବିନିଯୋଗର ତିନୋଟି ଯାନ୍ତ୍ରୀକକରଣ ପ୍ରକଳ୍ପର ଚୁକ୍ତି ସ୍ୱାକ୍ଷର କରାଯାଇଥିଲା।

କାର୍ଯ୍ୟାରମ୍ଭ ହୋଇଥିବା ୪୨୭.୮୦ କୋଟି ପ୍ରକଳ୍ପ ମଧ୍ୟରେ ପ୍ରମୁଖ ରହିଛି ପୋର୍ଟ ହାର୍ବରରେ ୧୮.୫ ମିଟର ଗଭୀର ଡ୍ରାଫ୍ଟ କ୍ଷମତା ଡ୍ରେଜିଂ ପ୍ରକଳ୍ପ। ୩୫୨ କୋଟି ଟଙ୍କା ବିନିଯୋଗରେ ହେବାକୁ ଥିବା କ୍ୟାପିଟାଲ ଡ୍ରେଜିଂ ମାଧ୍ୟମରେ ବନ୍ଦରର ଆଭ୍ୟନ୍ତରୀଣ ହାର୍ବରରେ ପୂର୍ଣ୍ଣ ଲୋଡ୍ ଥିବା କେପସାଇଜ୍ ଜାହାଜ ଚଳାଚଳ ସମ୍ଭବ ହେବ। ଏହା ଫଳରେ ଲଜିଷ୍ଟିକ୍ ଖର୍ଚ୍ଚ ଓ ଜାହାଜ ଗତି ପରିବର୍ତ୍ତନ ସମୟ ହ୍ରାସ ପାଇବ। ସେହିପରି ଅଠରବାଙ୍କୀରେ ଦ୍ୱିତୀୟ ନୂତନ ସେତୁ ପାଇଁ ୨୪.୮୯ କୋଟି ରହିଛି। ୫୦୦ ମିଟର ଲମ୍ବ ବିଶିଷ୍ଟ ଏହି ତିନି ଲେନ୍ ବିଶିଷ୍ଟ ସେତୁରେ ପାଦଚଲା ପଥ ଏବଂ ପାଇପ୍ ଲାଇନ୍ କରିଡର ରହିଛି। ପ୍ରତିଦିନ ପ୍ରାୟ ୩୦୦୦ ଟ୍ରକ୍ ଚଳାଚଳ କରୁଥିବା ଏହି ରାସ୍ତାରେ ଯାତାୟାତ ଚାପ ହ୍ରାସ ପାଇବ। କ୍ରୀଡ଼ା ଛାତ୍ରାବାସ ପାଇଁ ୨.୧୦ କୋଟି ରହିଛି। ଏହି ସୁବିଧା ଉଦୀୟମାନ କ୍ରୀଡ଼ାବିତମାନଙ୍କୁ ରହିବା ଏବଂ ଆବଶ୍ୟକ ସୁବିଧା ଯୋଗାଇବା ସହ ଯୁବ ବିକାଶକୁ ପ୍ରୋତ୍ସାହନ ଦେବ। ପ୍ରଶାସନିକ କାର୍ଯ୍ୟାଳୟ ଭବନର ଆଧୁନିକୀକରଣ ପାଇଁ ୧୨.୧୮ କୋଟି ବିନିଯୋଗ ହେବ। ଆବାସିକ କଲୋନୀକୁ ପାଇପ୍ ଯୋଗେ ନ୍ୟାଚୁରାଲ ଗ୍ୟାସ୍ ସପ୍ଲାଇ ପାଇଁ ୨୦ କୋଟି ରହିଛି। ଭାରତ ପେଟ୍ରୋଲିୟମ କର୍ପୋରେସନ୍ ଲିମିଟେଡ୍ ସହଯୋଗରେ ପ୍ରଥମ ପର୍ଯ୍ୟାୟରେ ମଧୁବନ ଅଞ୍ଚଳର ୫୪୬ଟି ଆବାସିକ କ୍ୱାର୍ଟରକୁ ପିଏନ୍‌ଜି ସଂଯୋଗ ଯୋଗାଇ ଦିଆଯିବ। ଏହା ଘରୋଇ ଗ୍ୟାସ୍ ଖର୍ଚ୍ଚକୁ ପ୍ରାୟ ୪୦ ପ୍ରତିଶତ ପର୍ଯ୍ୟନ୍ତ କମାଇବ। ଉନ୍ନତ ଭେସେଲ୍ ଟ୍ରାଫିକ୍ ମ୍ୟାନେଜମେଣ୍ଟ ଏବଂ ସୂଚନା ପ୍ରଣାଳୀ ପାଇଁ ୧୫.୫୦ କୋଟି ବିନିଯୋଗ କରାଯିବ। କେନ୍ଦ୍ରମନ୍ତ୍ରୀ ଶ୍ରୀ ସୋନୋୱାଲ ପାରାଦୀପ ବନ୍ଦରରେ ୧୦ ଲକ୍ଷତମ ବୃକ୍ଷ ରୋପଣ କରି ବନ୍ଦରର ସବୁଜ ପରିବେଶ ସୃଷ୍ଟି କରିଥବଲେ।

ସେହିପରି ବନ୍ଦରର କ୍ଷମତା ଓ କାର୍ଗୋ ପରିଚାଳନ କ୍ଷମତାକୁ ଆହୁରି ସୁଦୃଢ଼ କରିବା ପାଇଁ ୧,୫୮୦.୩୬ କୋଟି ବିନିଯୋଗର ତିନୋଟି ଯାନ୍ତ୍ରିକୀକରଣ ପ୍ରକଳ୍ପର ଚୁକ୍ତି ସ୍ୱାକ୍ଷର କରାଯାଇଥିଲା। ବର୍ତ୍ତମାନ ବନ୍ଦରର ଯାନ୍ତ୍ରିକୀକରଣ ସ୍ତର ପ୍ରାୟ ୮୦ ପ୍ରତିଶତ ରହିଛି। ଏହି ପ୍ରକଳ୍ପଗୁଡ଼ିକ ହେଲା ୫ ଏମ୍‌ଟିପିଏ ସାଉଥ୍ କ୍ୱେ ଯାନ୍ତ୍ରିକୀକରଣ ପ୍ରକଳ୍ପ ୪୯୮.୬୯ କୋଟି, ୮ଏମଟିପିଏ ମଲ୍ଟିପର୍ପୋଜ୍ ବର୍ଥ ଯାନ୍ତ୍ରୀକକରଣ ପ୍ରକଳ୍ପ ୬୩୦.୬୭ କୋଟି, ୧୦ ଏମ୍‌ଟିପିଏ ସିକ୍ୟୁ-୩୧୦ କ୍ୟାପ୍ଟିଭ୍ ଯାନ୍ତ୍ରିକୀକରଣ ପ୍ରକଳ୍ପ ପାଇଁ ୪୫୧ କୋଟି ରହିଛି।

ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଥିଲେ, ପାରାଦୀପର ବିକାଶ ଭାରତର ସାମୁଦ୍ରିକ କ୍ଷେତ୍ରରେ ଚାଲିଥିବା ବ୍ୟାପକ ପରିବର୍ତ୍ତନର ଏକ ଅଂଶ। ଏହି ଉଦଘାଟନୀ ସମାରୋହରେ ରାଜ୍ୟ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ସାଂସଦ ବିଭୁପ୍ରସାଦ ତରାଇ ଯୋଗ ଦେଇ ଶିଳ୍ପ-ସମୃଦ୍ଧ ସମଗ୍ର ପାରାଦୀପର ବିକାଶ ପାଇଁ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ଉପାଧ୍ୟକ୍ଷ ଟି. ଭେନୁଗୋପାଳଙ୍କ ସହିତ ବନ୍ଦରର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ସ୍ୱାଗତ ଭାଷଣ ଦେଇଥିଲେ ବନ୍ଦର ଅଧ୍ୟକ୍ଷ ପି.ଏଲ୍ ହରନାଦ। ଏହି ଅବସରରେ ମତ୍ସ୍ୟ ବ୍ୟବସାୟୀ ସଙ୍ଘ (ଓମ୍ଫା) ପକ୍ଷରୁ ମତ୍ସ୍ୟ ବ୍ୟବସାୟୀଙ୍କ ସମସ୍ୟା ସମ୍ପର୍କରେ ଏକ ଦାବିପତ୍ର ଓମ୍ଫାର ସାଧାରଣ ସମ୍ପାଦକ ଅରବିନ୍ଦ ସ୍ୱାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ।

### ଅନ୍ନଦାତାଙ୍କ ଅସମ୍ମାନକୁ କଂଗ୍ରେସର ସମାଲୋଚନା

## ଓଡ଼ିଶାରେ କୃଷି ଓ କୃଷକଙ୍କୁ ଚରମ ଅବହେଳା




ଭୁବନେଶ୍ୱର,୨୧।୮ (ସମିସ): କେନ୍ଦ୍ର ସରକାରଙ୍କ ପକ୍ଷରୁ ବର୍ଦ୍ଧିତ ଏମ୍‌ଏସ୍‌ପିରୁ ୬୯ ଟଙ୍କା ରାଜ୍ୟର ଚାଷୀଙ୍କୁ ମିଳୁନାହିଁ। ରାଜ୍ୟ ସରକାର ଏହି ଅର୍ଥ ଦେଉ ନ ଥିବା ବେଳେ ଧାନ କିଣାରେ ପ୍ରତି କ୍ୱିଣ୍ଟାଲରେ ୫ ରୁ ୧୦ କେଜି କଟନିଛଟନି ହେଉଛି। ଯେଉଁ ଟୋକନରେ ୫୦କ୍ୱିଣ୍ଟାଲ ଧାନ ବିକ୍ରି ହୁଏ, ସେଠାରେ ମାତ୍ର ୨୦ କ୍ୟୁଣ୍ଟାଲ ଧାନ କିଣାଯାଉଛି। ଏହାଛଡ଼ା ରାଜ୍ୟରେ କୃଷି ଋଣ ଯୋଗାଣ କେବଳ କାଗଜ କଲମରେ ଚାଲିଛି ବୋଲି ଅଭିଯୋଗ କରିଛି କଂଗ୍ରେସ। ଶୁକ୍ରବାର କଂଗ୍ରେସ ଭବନଠାରେ କିଷାନ କଂଗ୍ରେସ ପକ୍ଷରୁ ସମସ୍ତ ଜିଲ୍ଲାର କିଷାନ କଂଗ୍ରେସ ନେତୃବୃନ୍ଦଙ୍କୁ ନେଇ ଆୟୋଜିତ ଏକ ଓରିଏଣ୍ଟେସନ କାର୍ଯ୍ୟକ୍ରମରେ ପିସିସି ସଭାପତି ଭକ୍ତ ଚରଣ ଦାସ, ଓଡିଶା କଂଗ୍ରେସ ପ୍ରଭାରୀ ଲାଲଜୀ ଦେଶାଇଙ୍କ ସମେତ ବହୁ କଂଗ୍ରେସ ନେତାମାନେ ଓଡ଼ିଶାରେ ଚାଷୀ ଓ ଚାଷକୁ ସରକାରଙ୍କ ଅବହେଳାକୁ କଟୁ ସମାଲୋଚନା କରିଛନ୍ତି ।

କଂଗ୍ରେସର ଅଭିଯୋଗ ଅନୁସାରେ ରାଜ୍ୟରେ ପ୍ରାୟ ୧୮ ଲକ୍ଷ ଚାଷୀ ଥିବା ବେଳେ ମାତ୍ର ୫ ଲକ୍ଷ ୫୧ ହଜାର ଚାଷୀ ଏବେ ସୁଦ୍ଧା ପଞ୍ଜୀକରଣ କରିଛନ୍ତି। ତେଣୁ ୨୦୨୬ ଖରିଫ ଧାନ ବିକ୍ରୟ ପାଇଁ ଚାଷୀ ପଞ୍ଜିକରଣ ସମୟସୀମା ଅଗଷ୍ଟ ୩୧ ତାରିଖ ପରିବର୍ତ୍ତେ ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯିବା ଦରକାର। ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ରାଜ୍ୟରେ ୩୦ ଲକ୍ଷ ଋଣୀ ଓ ଅଣଋଣୀ ଚାଷୀଙ୍କୁ ବୀମାଭୁକ୍ତ କରିବା ସହ ତୁରନ୍ତ ସାର ସଂକଟ ଦୂର କରାଯାଇ ଆବଶ୍ୟକ ପରିମାଣର ସାର ଠିକ ସମୟରେ ନିର୍ଦ୍ଧାରିତ ମୂଲ୍ୟରେ ଚାଷୀଙ୍କୁ ଯୋଗାଇ ଦେବାକୁ ଦାବି ହୋଇଛି। ବିଜେପି ସରକାରର ଘୋଷଣା ଅନୁଯାୟୀ ୫୮ ଟି ସବଡିଜନରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ସହ ବନ୍ୟା କ୍ଷତିଗ୍ରସ୍ତ ଚାଷୀଙ୍କୁ ପ୍ରତି ଏକର ପିଛା ୨୫ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ ଦାବି ହୋଇଛି। ସରକାରଙ୍କ ଘୋଷିତ ଜାତୀୟ ଓ ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠିର କୃଷି ଇନପୁଟ ସହାୟତା ଦୁଇଗୁଣ ବୃଦ୍ଧି କରିବା ସହ କ୍ଷୟକ୍ଷତିର ସଠିକ ଆକଳନ କରିବାକୁ କଂଗ୍ରେସ ଦଳ ଦାବି କରିଛି। ଏହା ବ୍ୟତୀତ ଚାଷୀଙ୍କୁ ମାଗଣାରେ ବିଜୁଳି ଓ ସୌର ପମ୍ପ ଯୋଗାଣ ସାଙ୍ଗକୁ ଅଚଳ ଉଠା ଜଳସେଚନ ପଏଣ୍ଟ ଗୁଡ଼ିକର ତୁରନ୍ତ ମରାମତି କରିବାକୁ ଦଳ ଦାବି କରିଛି। ବୈଠକରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, କିଷାନ କଂଗ୍ରେସର ରାଷ୍ଟ୍ରୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ।

### ଦୁଷ୍କର୍ମ ଅଭିଯୁକ୍ତଙ୍କୁ ୨୨ ବର୍ଷ ମାସେ ଜେଲ୍


ବାରିପଦା, ୨୧।୮ (ସମିସ): ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଓ ଦୌରା ବିଚାରପତି ତଥା ପକ୍‌ସୋ ସ୍ୱତନ୍ତ୍ର ଅଦାଲତ ବିଚାରପତି ଚିନ୍ମୟ ମିଶ୍ର ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ଜଣକ ବାଦାମପାହାଡ଼ ଥାନା ସାନହାତନାବେଡା ଗ୍ରାମର ଜଗନ୍ନାଥ ମହାନ୍ତ (୭୦)। ଅଦାଲତ ତାଙ୍କୁ ୨୨ ବର୍ଷ ଏକମାସ କାରାଦଣ୍ଡାଦେଶ ଶୁଣାଇଛନ୍ତି ଏବଂ ୪୦ ହଜାର ଟଙ୍କା ଜରିମାନା କରିଛନ୍ତି।

# ରାଜ୍ୟରେ ଯକ୍ଷ୍ମା ରୋଗୀ ସଂଖ୍ୟା ଅଣାୟତ୍ତ

ଭୁବନେଶ୍ୱର,୨୧।୮ (ସମିସ): ଦେଶକୁ ଯକ୍ଷ୍ମାମୁକ୍ତ କରିବାକୁ ସରକାରଙ୍କ ପକ୍ଷରୁ ଯୋଜନା ପରେ ଯୋଜନା ପ୍ରଣୟନ କରାଯାଉଛି। ଯକ୍ଷ୍ମା ଆକ୍ରାନ୍ତଙ୍କୁ ସରକାରଙ୍କ ତରଫରୁ ମାଗଣା ପରୀକ୍ଷା, ମାଗଣା ଔଷଧ ପ୍ରଦାନ କରାଯାଉଛି। ଏହାସହ ସରକାରୀ ଯୋଜନା ଅନୁଯାୟୀ ଯକ୍ଷ୍ମା ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ଓ ଚିକିତ୍ସା ନିମନ୍ତେ ପ୍ରତି ମାସରେ ୧ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ସମେତ 'ନି-କ୍ଷୟ ମିତ୍ର' କାର୍ଯ୍ୟକ୍ରମ ଜରିଆରେ ରୋଗୀଙ୍କୁ ଅତିରିକ୍ତ ଖାଦ୍ୟ ମଧ୍ୟ ଯୋଗାଇ ଦିଆଯାଉଛି। ଏଥିରେ ମାକ୍ରୋନ୍ୟୁଟ୍ରିଏଣ୍ଟସ( କାର୍ବୋହାଇଡ୍ରେଟ୍, ପ୍ରୋଟିନ୍, ଏବଂ ଫ୍ୟାଟ୍) ବ୍ୟତୀତ ଜଣେ ଯକ୍ଷ୍ମା ରୋଗୀଙ୍କ ଖାଦ୍ୟରେ କିପରି ଜିଙ୍କ୍, ଆଇରନ୍, ଭିଟାମିନ୍-ଡି ଏବଂ ଫୋଲିକ୍ ଏସିଡ୍ ଭଳି ଆବଶ୍ୟକୀୟ ମାଇକ୍ରୋ ପୋଷକତତ୍ତ୍ୱ ପୂରଣ ପାଇଁ ସହାୟକ ହେଉଛି। ଏତେସବୁ ପରେ ମଧ ରାଜ୍ୟରେ ଅଣାଆୟତ ହେଉଛି ଯକ୍ଷ୍ମା ରୋଗୀଙ୍କ ସଂଖ୍ୟା। ତେବେ ରାଜ୍ୟର ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ଯକ୍ଷ୍ମା ରୋଗୀଙ୍କ ସଂଖ୍ୟା ରହିଥିବା ବେଳେ ଡ୍ରଗ୍-ରେସିଷ୍ଟାନ୍ସ ରୋଗୀଙ୍କ ସଂଖ୍ୟା ମଧ୍ୟ ଏହି ଜିଲ୍ଲାରେ ସର୍ବାଧିକ ରହିଛି। ସେହିପରି ପଛକୁ ପଛ ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝର ଜିଲ୍ଲାରେ ଟିବି ରୋଗୀଙ୍କ ସଂଖ୍ୟା ସମତେ ଡ୍ରଗ୍-ରେସିଷ୍ଟାନ୍ସ ରୋଗୀଙ୍କ ସଂଖ୍ୟା ମଧ୍ୟ ଉପରମୁହାଁ ରହିଛି। ଗଞ୍ଜାମ ଜିଲ୍ଲାରେ ମୃତକଙ୍କ ମଧ୍ୟରେ ପ୍ରାୟ ଅଧିକାଂଶ ଔଷଧ ସହନଶୀଳ (ଡ୍ରଗ୍-ରେସିଷ୍ଟାନ୍ସ) ରୋଗୀ ରହିଥିବା କୁହାଯାଉଛି।

ଭାରତରେ ପ୍ରାୟ ୨୦ଲକ୍ଷରୁ ଅଧିକ ଯକ୍ଷ୍ମା ରୋଗୀ ରହିଥିବା ବେଳେ ପ୍ରତି ତିନି ମିନିଟ୍‌ରେ ଦୁଇ ଜଣ ବ୍ୟକ୍ତି ଯକ୍ଷ୍ମା ରୋଗରେ ମୃତ୍ୟୁବରଣ କରିଥା'ନ୍ତି। ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସବୁ ବୟସର ଲୋକ ଏହି ରୋଗର ଶିକାର ହେଉଥିବା ବେଳେ ଶିଶୁମାନେ ମଧ ଏହାର ସଂକ୍ରମଣ ହେଉଛନ୍ତି। ଜୀବାଣୁଗୁଡ଼ିକ ବାୟୁବାହିତ ହୋଇଥିବାରୁ ଏହି ରୋଗ ମୁଖ୍ୟତଃ ଫୁସ୍‌ଫୁସ୍‌କୁ ସଂକ୍ରମିତ କରିଥାଏ। ଡାଇବେଟିସ୍, କ୍ୟାନ୍‌ସର ରୋଗୀ, ଏଚ୍‌ଆଇଭି ସଂକ୍ରମିତ ରୋଗୀ, ଅପପୁଷ୍ଟି ଆକ୍ରାନ୍ତ ବ୍ୟକ୍ତି, ନିଶାଦ୍ରବ୍ୟ ସେବନ କରୁଥିବା ବ୍ୟକ୍ତି, ମାନସିକ ଚାପଗ୍ରସ୍ତ ଲୋକ ଏବଂ ଷ୍ଟେରଏଡ୍ ଔଷଧ ଚିକିତ୍ସାରେ ରହିଥିବା ବ୍ୟକ୍ତିଙ୍କ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଉଥିବାରୁ ସେମାନେ ଯକ୍ଷ୍ମା ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ଅଧିକ।

- ମାଗଣା ଔଷଧ, ପରୀକ୍ଷା, ପୋଷଣ ସହାୟତା ପରେ ବି ସୁଧୁରୁନି ସ୍ଥିତି
- ଚିନ୍ତା ବଢ଼ାଉଛି ରୋଗର ଔଷଧ ସହନଶୀଳତା
- ରୋଗୀ ସଂଖ୍ୟାରେ ସବୁଠୁ ଆଗରେ ଅଛି ଗଞ୍ଜାମ



ସ୍ୱାସ୍ଥ୍ୟ ବିଭାଗ ରିପୋର୍ଟ ଅନୁସାରେ, ୨୦୨୦ ମସିହାରେ ରାଜ୍ୟରେ ମୋଟ୍ ଯକ୍ଷ୍ମା ରୋଗୀଙ୍କ ସଂଖ୍ୟା ୪୫ ହଜାର ୩୩୦ ଥିବାବେଳେ ୨୦୨୧ ମସିହାରେ ଏହି ସଂଖ୍ୟାରେ ବୃଦ୍ଧି ଘଟି ୫୨ ହଜାର ୨୨୫ରେ ପହଞ୍ଚିଥିଲା। ୨୦୨୨ରେ ରୋଗୀଙ୍କ ସଂଖ୍ୟା ୬୦ ହଜାର ୧୮୫ ଥିବା ବେଳେ ୨୦୨୩ ମସିହାରେ ୬୧ ହଜାର ୨୭୯ ଏବଂ ୨୦୨୪ ମସିହାରେ ୫୯ ହଜାର ୮୨୦କୁ ପହଞ୍ଚିଥିବା ସୂଚନା ରହିଛି। ୨୦୨୪ରେ କେବଳ ରୋଗୀ ସଂଖ୍ୟା ପୂର୍ବ ବର୍ଷଠାରୁ ସାମାନ୍ୟ କମିଥିବା ବେଳେ ୨୦୨୫ ମସିହାରେ ରୋଗୀ ସଂଖ୍ୟା ୬୪୬୦ ରହିଛି, ଯାହାକି ଗତବର୍ଷ ସହ ପ୍ରାୟ ସମାନ। ଏହାସହ ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝରେ ଜିଲ୍ଲାରେ ଯକ୍ଷ୍ମା ରୋଗୀଙ୍କ ସଂଖ୍ୟା ଆପାତତଃ ବୃଦ୍ଧି ପାଉଥିବା ସୂଚନା ରହିଛି। ତେବେ ୫ବର୍ଷ ମଧ୍ୟରେ ରାଜ୍ୟରେ ଯକ୍ଷ୍ମା ରୋଗୀଙ୍କ ସଂଖ୍ୟାରେ କୌଣସି ଆଖିଦୃଶିଆ ପରିବର୍ତ୍ତନ ହୋଇ ନ ଥିବା ଜଣାପଡ଼ିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଗତ କିଛି ବର୍ଷହେଲା ରାଜ୍ୟର ଖଣି ଓ କାରଖାନା ନିକଟସ୍ଥ ଅଞ୍ଚଳଗୁଡିକରେ ପ୍ରଦୂଷଣ ଯୋଗୁଁ ଯକ୍ଷ୍ମା ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବା ଡାକ୍ତରମାନେ ମତ ଦେଉଛନ୍ତି। ଉକ୍ତ ଅଞ୍ଚଳ ସବୁଜ ପରିବେଶଯୁକ୍ତ ଗ୍ରାମାଞ୍ଚଳ ହୋଇଥିଲେ ମଧ୍ୟ ଲୋକେ ଯକ୍ଷ୍ମା କବଳରୁ ନିସ୍ତାର ପାଉନାହାନ୍ତି। ସମ୍ବଲପୁର ଜିଲ୍ଲାର ରେଙ୍ଗାଲି, ଝାରସୁଗୁଡ଼ା, କେନ୍ଦୁଝର ଜିଲ୍ଲାର ଯୋଡା, ବଡ଼ବିଲ, ସୁନ୍ଦରଗଡ଼ ଜିଲ୍ଲାର ରାଉରକେଲା ସହରାଞ୍ଚଳ, ରାଜଗାଙ୍ଗପୁର, କୁଆରମୁଣ୍ଡା, କୋଇଡ଼ା ଏହାର ଉଦାହରଣ। ଝାରସୁଗୁଡ଼ା ଜିଲ୍ଲାରେ ୨୦୨୦ରୁ ୨୦୨୫ ମଧ୍ୟରେ ୫୦୧୨ ଜଣ ଯକ୍ଷ୍ମା ରୋଗୀ ଚିହ୍ନଟ ହୋଇଥିବା ବେଳେ ସେଥିମଧ୍ୟରୁ ୨୦୦ଜଣଙ୍କର ମୃତ୍ୟୁ ଘଟିଛି। ପ୍ରତିବର୍ଷ ଶତାଧିକ ନୂଆ ରୋଗୀ ମଧ୍ୟ ଚିହ୍ନଟ ହେଉଛନ୍ତି।

ବିଶେଷଜ୍ଞଙ୍କ ମତରେ ଦ୍ରୁତ ଶିଳ୍ପାୟନ ଓ ପରିବେଶ ପ୍ରଦୂଷଣ ଏହାର ମୁଖ୍ୟ କାରଣ। ଏହା ଏକ ଶିଳ୍ପାଞ୍ଚଳ ହୋଇଥିବାରୁ ଏଠାରେ କେବଳ ଯକ୍ଷ୍ମା ରୋଗୀ ନୁହଁନ୍ତି; ବରଂ ବିଭିନ୍ନ ରୋଗୀ ରହିଛନ୍ତି। ତେବେ ଚିକିତ୍ସା ପରେ ରୋଗୀଙ୍କୁ ଡ୍ରଗ୍ ରେସିଷ୍ଟାନ୍ସ ହୋଇ ମଲ୍‌ଟି ଡ୍ରଗ୍ ରେସିଷ୍ଟାନ୍ସ ରୋଗୀଙ୍କ ସଂଖ୍ୟା ବି ବଢୁଛି। କାରଖାନାରୁ ବାହାରୁଥିବା ବିଷାକ୍ତ ଧୂଆଁ, ଧୂଳିକଣା ସହିତ ଅପରିଷ୍କାର ପରିବେଶ ମଧ୍ୟ ଦାୟୀ ହୋଇଥିବା ବେଳେ ସଠିକ୍ ସମୟରେ ପରୀକ୍ଷା ଓ ଚିକିତ୍ସା ନ ହେବାରୁ ରୋଗ ନେଉଛି ଭୟଙ୍କର ରୂପ ନେଉଛି। ସେହିପରି ରାଜ୍ୟର ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଲୋକମାନେ ଏ ଦିଗରେ ସଚେତନ ନ ଥିବା କୁହାଯାଉଛି। ଲୋକମାନେ କୃଷି କାର୍ଯ୍ୟରେ ନିୟୋଜିତ ରହିବା ସହ ଖଣି ଖାଦାନରେ କାମ କରିଥା'ନ୍ତି। ସେମାନଙ୍କୁ ମଧ୍ୟରୁ ଅଧିକାଂଶ ବାହାର ରାଜ୍ୟରେ କାମ କରିବାକୁ ଯାଇଥାନ୍ତି। ଏହି ସମୟରେ ଯେଉଁମାନେ ଯକ୍ଷ୍ମାର ଆକ୍ରାନ୍ତ ହୋଇଥାନ୍ତି, ସେମାନେ ନିୟମିତ ଚିକିତ୍ସାରୁ ବଞ୍ଚିତ ହେବା ସହ ଔଷଧ ଖାଇବାରେ ଅବହେଳା କରିଥା'ନ୍ତି। ଫଳରେ ପରବର୍ତ୍ତୀ ସମୟରେ ସେମାନେ ଡ୍ରଗ୍-ରେସିଷ୍ଟାନ୍ସ ଟିବିରେ ଆକ୍ରାନ୍ତ ହୋଇଥା'ନ୍ତି। ଫଳରେ ଉକ୍ତ ରୋଗୀଙ୍କ ପରିବାର ଏବଂ ତାଙ୍କ ସଂସ୍ପର୍ଶରେ ବସବାସ କରୁଥିବା ଲୋକଙ୍କୁ ମଧ୍ୟ ଡ୍ରଗ-ରେସିଷ୍ଟାନ୍ସ ରୋଗ ବାଣ୍ଟିଥା'ନ୍ତି, ଯାହାକି ବର୍ତ୍ତମାନ ଚିନ୍ତାର ବିଷୟ ପାଲଟିଛି। ତେଣୁ ତୃଣମୂଳ ସ୍ତରରୁ ଯକ୍ଷ୍ମା ସଚେତନତାକୁ ଆହୁରି ବ୍ୟାପକ କରାଯିବା ସହ ଡ୍ରଗ୍ ରେସିଷ୍ଟାନ୍ସ (ଡିଆର୍) ଟିବି ବାବଦରେ ଘରକୁ ଘର ବୁଲି ସଚେତନତା ସୃଷ୍ଟି କରାଯିବା ଜରୁରୀ। ନଚେତ୍ ୨୦୩୦ ମସିହା ସୁଦ୍ଧା ଟିବିମୁକ୍ତ ଭାରତ ଅବା ଟିବିମୁକ୍ତ ଓଡ଼ିଶା ସମ୍ଭବ ହୋଇପାରିବ ନାହିଁ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

■ ରାଉରକେଲା ସର୍କିଟ ହାଉସରୁ ବନ୍ଧୁକ ସହ ଅପରାଧୀ ଗିରଫ ଘଟଣା

# ସରିଲା ରିମାଣ୍ଡ ଅବଧି; ଜେଲ୍ ଫେରିଲେ ୩ ଅପରାଧୀ

ରାଉରକେଲା, ୨୧।୮ (ସମିସ)

ରାଉରକେଲା ସର୍କିଟ ହାଉସ୍‌ରୁ ରିଭଲଭର ସହ ଅପରାଧୀ ଗିରଫ ମାମଲାରେ ରଘୁନାଥପାଲି ଥାନା ପୁଲିସ ରିମାଣ୍ଡରେ ନେଇଥିବା ୩ ଅପରାଧୀ ବିକାଶ ଡୁଙ୍ଗୁରି, ରାଜେଶ ସାହୁ ଏବଂ ସାଗର ସାହୁଙ୍କ ରିମାଣ୍ଡ ଅବଧି ଶେଷ ହୋଇଛି। ପୁଲିସ ସେମାନଙ୍କୁ ମାରାଥନ ଜେରା ପରେ ପୁଣି ହାଜତକୁ ପଠାଇ ଦେଇଛି। ତେବେ ପୁଲିସ ସେମାନଙ୍କୁ ଜେରା ବେଳେ ସେମାନେ ରାଉରକେଲା ସର୍କିଟ ହାଉସରୁ ରିଭଲଭର ସହ ଅପରାଧୀ ଗିରଫ ଘଟଣାରେ ଲୁଚି ରହିଥିବା ସବୁ ସତକଥା ପୁଲିସ ଓଗାଳି ଦେଇଥିବା ସୂଚନା ମିଳିଛି।

ସର୍କିଟ ହାଉସ କାହା ନାଁରେ ବୁକ ହୋଇଥିଲା? କିଏ ଅପରାଧୀମାନଙ୍କୁ ସର୍କିଟ ହାଉସରେ ନେଇ ମେଳି କରିଥିଲା? ସର୍କିଟ ହାଉସରେ ସେମାନେ ଆଉ କେତେଦିନ

**ପ୍ରକାଶ ପାଣ୍ଡିଆନଙ୍କ ସମ୍ପୃକ୍ତି ନେଇ ସତ ଓଗାଳିଲେ; ହୋଇପାରନ୍ତି ଗିରଫ**

ରହିଥାନ୍ତେ? ସେଠାକୁ ବିଳମ୍ବିତ ରାତି ପର୍ଯ୍ୟନ୍ତ କିଏ କିଏ ଆସୁଥିଲେ? ଜିଲ୍ଲାର ଦୁଇ ବରିଷ୍ଠ ବିଜେପି ନେତାଙ୍କ ସମର୍ଥକଙ୍କ ମଧ୍ୟରେ କେଉଁ ଘଟଣାକୁ ନେଇ ଜେଲ୍ ରୋଡରେ ମାରପିଟ ତଥା ମରଣାନ୍ତକ ଆକ୍ରମଣ ହୋଇଥିଲା? ରିଭଲଭର କେଉଁଠୁ ଆସିଥିଲା? ଗିରଫ ୭ ଜଣ ଅପରାଧୀଙ୍କ ବ୍ୟତୀତ ଏହି ଗୁପ୍ତ ଅପରାଧିକ ଯୋଜନାରେ ସହରର ଆଉ କିଏ କିଏ ସମ୍ପୃକ୍ତ ଥିଲେ? ଏହି ସମସ୍ତ ଘଟଣାର ମାଷ୍ଟର ମାଇଣ୍ଡ କିଏ? ଇତ୍ୟାଦି ପ୍ରଶ୍ନ ପୁଲିସ ଜେରାବେଳେ ଅପରାଧୀମାନଙ୍କୁ ପଚାରିବା ସହ ବହୁ ତଥ୍ୟ ଓଗାଳିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ତେବେ ପୁଲିସ ଏ ସମ୍ପର୍କରେ କୌଣସି ସୂଚନା ଦେଇନଥିଲେ ହେଁ ପ୍ରକାଶ ପାଣ୍ଡିଆନଙ୍କ ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ ହୋଇଥିବା ତଥା ଏହାପରେ ପ୍ରକାଶ ପାଣ୍ଡିଆନଙ୍କ ନାମରେ ମାମଲା ରୁଜୁ ହେବା ଏବଂ ସେ ଗିରଫ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି।

ସୂଚନାଯୋଗ୍ୟ ଯେ ରାଉରକେଲା ପାନପୋଷ ସର୍କିଟ ହାଉସର ୧୦୭ ନମ୍ବର ରୁମ୍‌ରୁ ଗତ ୧୨ ତାରିଖ ରାତିରେ ଦୁଇଜଣ ଅପରାଧୀ ଦୁଇଟି ବନ୍ଧୁକ ସହ ଗିରଫ ହେବା ପରେ ପୁଲିସ ପକ୍ଷରୁ ରାକେଟ୍‌କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଆରମ୍ଭ ହୋଇଥିଲା। ପରେ ଏହି ଲିଙ୍କରେ ବନ୍ଧୁକ ଚୋରା କାରବାର କରୁଥିବା ଓ ବନ୍ଧୁକ ରଖି ବିଭିନ୍ନ ଅପରାଧୀକ କାର୍ଯ୍ୟ କଳାପ କରିବା ପାଇଁ ଉଦ୍ୟମ କରୁଥିବା ଅଭିଯୋଗରେ ମୋଟ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯିବା ସହ ସେମାନଙ୍କ ନିକଟରୁ ୪ ଟି ବନ୍ଧୁକ ଓ ୧୧ ଟି ଗୁଳି ଜବତ କରାଯାଇଥିଲା।

**ମହଙ୍ଗା ପଡ଼ିଲା ଦଳବିରୋଧୀ କାର୍ଯ୍ୟ**

# ବର୍ଷେ ପାଇଁ ନିଲମ୍ବିତ ହେଲେ ବିଜେପି ରାଜ୍ୟ ପରିଷଦ ସଭ୍ୟ ଜୁନାସ

**କୁତ୍ରା, ୨୧।୮ (ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକର ବିଜେପି ରାଜ୍ୟ ପରିଷଦ ସଭ୍ୟ ଜୁନାସ ଲୁଗୁନଙ୍କୁ ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ ୧ବର୍ଷ ପାଇଁ ନିଲମ୍ବନ କରାଯାଇଛି। ବିଜେପି ଜିଲ୍ଲା କାର୍ଯ୍ୟାଳୟର ଚିଠି ନମ୍ବର ବିଜେପି/ସୁନ୍ଦରଗଡ଼/୨୩/୨୦୩୬ ମୁତାବକ ରାଜ୍ୟ ପରିଷଦ ସଭ୍ୟ ଜୁନାସ ଲୁଗୁନ ରାଜଗାଙ୍ଗପୁର ବିଧାୟକ ଓ ଅନ୍ୟ ଦଳର ସରପଞ୍ଚ, ସମିତିସଭ୍ୟଙ୍କ ସହିତ ମିଶି ନିଜର ଫାଇଦା ପାଇଁ ଦଳ ବିରୁଦ୍ଧରେ କାର୍ଯ୍ୟ କରୁଥିଲେ। ଏନେଇ ବିଜେପି କୁତ୍ରା ମଣ୍ଡଳ,



ଖତକୁରବାହାଲ ମଣ୍ଡଳ ସଭାପତି, ଖତକୁରବାହାଲ ମଣ୍ଡଳ ପ୍ରଭାରୀ, କୁତ୍ରା ସାଂସଦ ପ୍ରତିନିଧି, ଜିଲ୍ଲା ସାଧାରଣ ସମ୍ପାଦକ ଏସି ମୋର୍ଚ୍ଚା, ଜିଲ୍ଲା ସାଧାରଣ ସମ୍ପାଦକ କୃଷକ ମୋର୍ଚ୍ଚା, ସାଧାରଣ ସମ୍ପାଦକ ଖତକୁରବାହାଲ, ଜିଲ୍ଲା ଉପସଭାପତି ଏସଟି ମୋର୍ଚ୍ଚା, ସଭାପତି ସଂଖ୍ୟାଲଘୁ ସମ୍ପ୍ରଦାୟ ଖତକୁରବାହାଲ, ସଭାପତି ଓବିସି ମୋର୍ଚ୍ଚା କୁତ୍ରା, ସଭାପତି ମହିଳା ମୋର୍ଚ୍ଚା କୁତ୍ରା ମଣ୍ଡଳ ତଥା କୁତ୍ରା ବ୍ଲକର ସମସ୍ତ ଅନ୍ୟାନ୍ୟ ପଦାଧିକାରୀ ସୁନ୍ଦରଗଡ଼ ଜିଲ୍ଲା ସଂଗଠନରେ ଲିଖିତ ଅଭିଯୋଗ କରିଥିଲେ। ତଦନ୍ତ କରି ବିଜେପି ଜିଲ୍ଲା ସଙ୍ଗଠନ ଜୁନାସ ଲୁଗୁନଙ୍କ ବିରୁଦ୍ଧରେ ଦଳ ବିରୋଧି କାର୍ଯ୍ୟ ପ୍ରମାଣ ପାଇବା ପରେ ତାଙ୍କୁ ଏକ ବର୍ଷ ପାଇଁ ଦଳରୁ ନିଲମ୍ବନ କରିବା ସହିତ ସେ ଏକ ବର୍ଷେ ପାଇଁ ମଣ୍ଡଳସ୍ତରୀୟ ଓ ଜିଲ୍ଲାସ୍ତରୀୟ କୌଣସି ସଭା, ସେମିନାର, ଟ୍ରେନିଂ କ୍ୟାମ୍ପରେ ଯୋଗ ନ ଦେବାକୁ ବିଜେପି ଜିଲ୍ଲା ସଭାପତି ଗିରୀଶ ଚନ୍ଦ୍ର ସାହୁଙ୍କ ଦସ୍ତଖତ ଥିବା ଚିଠି ମାଧ୍ୟମରେ ତାଙ୍କୁ ଅବଗତ କରାଯାଇଛି।

# ‘ସଂକଳ୍ପ’ର ୩୫ତମ ପ୍ରତିଷ୍ଠା ଦିବସ ପାଳିତ

**ରାଉରକେଲା, ୨୧।୮ (ସମିସ):** ସାଂସ୍କୃତିକ କଳାପରିଷଦ ‘ସଂକଳ୍ପ’ର ୩୫ତମ ପ୍ରତିଷ୍ଠା ଦିବସ ଛେଣ୍ଡ କଲୋନୀସ୍ଥିତ ମଧୁସୂଦନ ପାଠାଗାରଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତିଙ୍କ ଅନୁପସ୍ଥିତ ହେତୁ ବରିଷ୍ଠ ସଦସ୍ୟ ଅକ୍ଷୟ କୁମାର ଧଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ବିଶିଷ୍ଟ ସଙ୍ଗୀତ ଶିଳ୍ପୀ ଶରତ ଚନ୍ଦ୍ର ଧଳ ଅତିଥି ଭାବେ ଯୋଗଦେଇ ନାଟକ ଏକ ମାତ୍ର ମାଧ୍ୟମ, ଯାହା ସମସ୍ତଙ୍କୁ ଏକ ସୂତ୍ରରେ ବାନ୍ଧି ରଖେ ବୋଲି କହିବା ସହ ‘ସଂକଳ୍ପ’ର ନାଟ୍ୟ କାର୍ଯ୍ୟକ୍ରମ ବେଶ୍ ଅନନ୍ୟ ଓ ପ୍ରଶଂସାଯୋଗ୍ୟ ବୋଲି କହିଥିଲେ। ସାଧାରଣ ସମ୍ପାଦକ ପ୍ରକାଶ କୁମାର ସାହାଣୀ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଅନୁଷ୍ଠାନ ପକ୍ଷରୁ ଗ୍ରହଣ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ତଥା ଆଗାମୀ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଏହାଛଡା ଶ୍ରୀ ସାହାଣୀ ‘ସଂକଳ୍ପ’ର ପ୍ରତିଷ୍ଠା ଓ ପରିଚାଳନାରେ ପରଲୋକଗତ ସଦସ୍ୟମାନଙ୍କ ଅବଦାନ ଚିରସ୍ମରଣୀୟ ବୋଲି କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ସଂଗଠନ ସମ୍ପାଦକ ବଟକୃଷ୍ଣ ଶତପଥୀ, କୋଷାଧ୍ୟକ୍ଷ କୁଞ୍ଜନଲାଲ ବୋଷ, ବରିଷ୍ଠ କାର୍ଯ୍ୟକାରୀ ସଦସ୍ୟ ପ୍ରବିର କୁମାର ମିଶ୍ର, ଅଭିନେତା ପ୍ରଜ୍ଞାନନ୍ଦ ମହାନ୍ତି, ନାଟ୍ୟକାର ପ୍ରଭାକର ପତ୍ର, ସୁଦାମ ଦାଶ ଏହି ଅବସରରେ ନିଜ ନିଜ ବକ୍ତବ୍ୟ ରଖି ‘ସଂକଳ୍ପ’ର ନିଜସ୍ୱ ଜମିରେ ଗୃହ ନିର୍ମାଣ, ନଭେମ୍ବର ମାସରେ ପ୍ରସ୍ତାବିତ ନାଟ୍ୟ ମହୋତ୍ସବ ଏବଂ ‘ସଂକଳ୍ପ’ ଅଧିକରୁ ଅଧିକ ନାଟକ ପରିବେଷଣ ସହ ନାଟ୍ୟ ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମ କରିବାକୁ ମତ ରଖିଥିଲେ। ଅଭିନେତା ତଥା ବିଶିଷ୍ଟ ଶ୍ରମିକ ନେତା ରମେଶ ଚନ୍ଦ୍ର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ସଭାକାର୍ଯ୍ୟ ଆରମ୍ଭରେ ଦିବଂଗତ ସଦସ୍ୟମାନଙ୍କ ସ୍ମୃତିରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସଂଧ୍ୟାରେ ଛେଣ୍ଡ କଲୋନୀ ବିଜୁ ପଟ୍ଟନାୟକ ଛକସ୍ଥିତ ମା’ ତାରିଣୀ ମନ୍ଦିରଠାରେ ଯଥାବିଧି ପୂର୍ବକ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଜୟନ୍ତୀ ପାତ୍ର, ରଶ୍ମୀରେଖା ଦାସ, ରାନୁ ମହାପାତ୍ର, ପ୍ରବିର ଜେନା, ପ୍ରିୟଦର୍ଶନ ରାଉତ, ଦିପ୍ତି ରଞ୍ଜନ ବାରିକ, ଦୀପକ କୁମାର ପାଢ଼ୀ, ହେମନ୍ତ ବେହେରା, ଗଣପତି ରଣା ଓ ପ୍ରତାପ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ୧୭ ବର୍ଷରୁ କମ୍ ଓପନ୍ ଓ ବାଳିକା ଫିଡେରେଟେଡ୍ ଚେସ୍ ଚାମ୍ପିଅନସିପ୍ ଉଦ୍‌ଘାଟିତ

**ରାଉରକେଲା, ୨୧।୮ (ସମିସ):** ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମରେ ଚାରି ଦିନିଆ ଓଡ଼ିଶା ରାଜ୍ୟ ୧୭ ବର୍ଷରୁ କମ୍ ଓପନ୍ ଓ ବାଳିକା ଫିଡେ ରେଟେଡ୍ ଚେସ୍




ଚାମ୍ପିୟନସିପ୍-୨୦୨୬ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜନ କମିଟି ଅଧ୍ୟକ୍ଷ ତଥା ଆରଏସ୍‌ପିର ପୂର୍ବତନ ସିଜିଏମ୍ ପ୍ରତାପ କୁମାର ସ୍ୱାଇଁ, ଗ୍ରାଣ୍ଡ ମାଷ୍ଟର ସ୍ୱୟଂ ମିଶ୍ର, ସର୍ବ ଓଡ଼ିଶା ଚେସ୍ ଆସୋସିଏସନ୍‌ର ପୂର୍ବତନ ସଭାପତି ଜି.ସି. ମହାପାତ୍ର, ଯୁଗ୍ମ ସମ୍ପାଦକ ତଥା ଭାରପ୍ରାପ୍ତ ସମ୍ପାଦକ ଭବେଶ ମହାନ୍ତି, ସୁନ୍ଦରଗଡ଼ ଜିଲ୍ଲା ଚେସ୍ ଆସୋସିଏସନ୍‌ର ସଭାପତି ଶରତ କୁମାର ଦାସ, ମୁଖ୍ୟ ଅର୍ବିଟର ଆଇଏ ସୁରେଶ ଚନ୍ଦ୍ର ସାହୁ ଏବଂ ଡେପୁଟି ମୁଖ୍ୟ ଅର୍ବିଟର ଏଫଏ ପ୍ରକାଶ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ରାଜ୍ୟର ୧୨ଟି ଜିଲ୍ଲାରୁ ମୋଟ ୧୩୯ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲା ବେଳେ ଏଥିମଧ୍ୟରୁ ଓପନ୍ ବିଭାଗରେ ୧୦୩ ଜଣ ଏବଂ ବାଳିକା ବିଭାଗରେ ୩୬ ଜଣ ଖେଳାଳି ଅଛନ୍ତି। ଓପନ୍ ବିଭାଗରେ ୩୧ ଜଣ ରେଟେଡ୍ ଖେଳାଳି ଥିବାବେଳେ ବାଳିକା ବିଭାଗରେ ୧୧ ଜଣ ରେଟେଡ୍ ଖେଳାଳି ଅଛନ୍ତି। ଉଭୟ ଚାମ୍ପିୟନସିପ୍ ସୁଇସ୍ ଲିଗ୍ ପଦ୍ଧତିରେ ୮ ରାଉଣ୍ଡ ବିଶିଷ୍ଟ ହେବ। ସୂଚନାଯୋଗ୍ୟ ଯେ, ଉଭୟ ବିଭାଗର ଶ୍ରେଷ୍ଠ ଦୁଇ ଜଣ ଖେଳାଳି ଆସନ୍ତା ସେପ୍ଟେମ୍ବର ୨୮ରୁ ଅକ୍ଟୋବର ୬ ପର୍ଯ୍ୟନ୍ତ ଜମ୍ମୁ-କାଶ୍ମୀର କାଙ୍ଗଡ଼ା ଫୋର୍ଟ, ବର୍ନାଇ ଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଚାମ୍ପିୟନସିପ୍‌ରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ। ଏହି ପ୍ରତିଯୋଗିତାକୁ ସ୍ୱରୁପାମୟୀ ଦାଶ, ବିଷ୍ଣୁପ୍ରିୟା ସାମଲ, ସତ୍ୟଜିତ ବାରିକ, ଚନ୍ଦ୍ରଶେଖର ପଣ୍ଡା, ଦିନେଶ କୁମାର ବେହେରା, ଯୋଗବନ୍ତୀ ବେହେରା, ପ୍ରଭାତ ଦାସ, ପ୍ରଦୀପ ବିଶୋଇ, ପ୍ରଶାନ୍ତ କୁମାର ବିହାରୀ, ଜୟନ୍ତ କୁମାର ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ବିପଦପୂର୍ଣ୍ଣ ଭାବେ ଝୁଲିଛି ଭଙ୍ଗା ଗଛଡାଳ

**ଚାରି ମାସ ବିତିଲା, କାଟୁନି ପ୍ରଶାସନ**

**ବଣାଇଁ, ୨୧।୮ (ସମିସ):** ୪ ମାସ ତଳେ ହୋଇଥିବା କାଳବୈଶାଖୀରେ ଭାଙ୍ଗିଥିବା ବିରାଟକାୟ ଗଛଡାଳ ଏବେ ମଧ୍ୟ ବିପଦପୂର୍ଣ୍ଣ ଭାବେ ଝୁଲି ରହିଛି। ଯେକୌଣସି ମୁହୂର୍ତ୍ତରେ ଏହା ଖସି ପଡ଼ି ଛାତ୍ରୀମାନଙ୍କ ପାଇଁ ବଡ଼ ବିପଦର କାରଣ ହୋଇପାରେ। ଏଭଳି ଅବ୍ୟବସ୍ଥାର ଦୃଶ୍ୟ ବଣାଇଁ ସହରସ୍ଥିତ ପିଏମ୍ ଶ୍ରୀ ସରକାରୀ ବାଳିକା ବିଦ୍ୟାଳୟ ପରିସରରେ ଦେଖିବାକୁ ମିଳିଛି।

ସୂଚନା ଅନୁସାରେ, ଗତ କାଳବୈଶାଖୀ ସମୟରେ ବିଦ୍ୟାଳୟର ଛାତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ ସାଇକେଲ ଷ୍ଟାଣ୍ଡ ଉପରେ ଏକ ବିରାଟକାୟ ଆମ୍ବ ଗଛର ଡାଳ ଭାଙ୍ଗି ପଡ଼ିଥିଲା। ଫଳରେ ସାଇକେଲ ଷ୍ଟାଣ୍ଡର ସେଡ୍‌ଟି ମଧ୍ୟ ଭୁଶୁଡ଼ି ପଡ଼ିଥିଲା। ତେବେ ଘଟଣାକୁ ପ୍ରାୟ ଚାରି ମାସ ବିତିଯାଇଥିଲେ ମଧ୍ୟ ଭଙ୍ଗା ଡାଳଟି ଏବେ ପର୍ଯ୍ୟନ୍ତ ହଟାଯାଇନାହିଁ।

ବର୍ତ୍ତମାନ ଡାଳଟି ଦୁର୍ବଳ ହୋଇ ଛାତ୍ରୀ, ଶିକ୍ଷକ ଓ କର୍ମଚାରୀଙ୍କ ପାଇଁ ବିପଦ ସାଜିଛି। କୌଣସି ଅଘଟଣ ଘଟିବା ପୂର୍ବରୁ ବିପଦପୂର୍ଣ୍ଣ ଡାଳଟିକୁ ତୁରନ୍ତ କାଟି ହଟାଇବା ସହ ଭଙ୍ଗା ସାଇକେଲ ଷ୍ଟାଣ୍ଡର ପୁନରୁଦ୍ଧାର ପାଇଁ ଅଭିଭାବକ ଓ ସ୍ଥାନୀୟ ଲୋକେ ସମ୍ପୃକ୍ତ ବିଭାଗ ନିକଟରେ ଦାବି କରିଛନ୍ତି।

# ସୁନ୍ଦରଗଡ଼ରେ ଅସ୍ମିତା ସିପକ୍‌ଟାକ୍ରୋ ଲିଗ୍

**ରାଉରକେଲା, ୨୧।୮ (ସମିସ) :** ସୁନ୍ଦରଗଡ଼ ଭବାନୀ ଭବନ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପରିସରରେ ଅସ୍ମିତା ସିପକଟାକ୍ରୋ ଲିଗ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୧୨୦ ଜଣ ବାଳିକା ଖେଳାଳି ଅନଲାଇନ ପଞ୍ଜୀକରଣ କରି ପ୍ରତିଯୋଗିତାରେ ଭାଗ ନେଇଥିଲେ। ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ଆରକ୍ଷୀ ଅଧୀକ୍ଷକ ଅମ୍ରିତ ପାଲ କୌର ଉପସ୍ଥିତ ରହି ଖେଳକୁ ଉପଭୋଗ କରିବା ସହିତ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ସମ୍ପାଦକ ପୃଥ୍ୱୀରାଜ ସାହୁ ଯୋଗଦାନ କରି ଏହି ଖେଳ ବିଷୟରେ ସମସ୍ତଙ୍କୁ ଅବଗତ କରିବା ସହିତ ଭବିଷ୍ୟତରେ ଆହୁରି ଖେଳାଳି ଆଗ୍ରହ ପ୍ରକାଶ କରିବା ପାଇଁ ସୂଚାଇ ଥିଲେ। ସମ୍ମାନିତ ଅତିଥି ଭାବେ ଏସଡିପିଓ ନିର୍ମଳ କୁମାର ମହାପାତ୍ର, ଟାଉନ ଥାନା ଅଧିକାରୀ ସୁଶାନ୍ତ ପରିଡ଼ା, ଅନ୍ତର୍ଜାତୀୟ ରେଫରୀ ରାମ ଚନ୍ଦ୍ର ବାରିକ ଓ ରାଜ୍ୟ ଉପସଭାପତି ମାମି ମିଶ୍ର, ରୁଦ୍ର ଲଜିଷ୍ଟିକ ଝାରସୁଗୁଡାର ପ୍ରୋପ୍ରାଇଟର ରାଜଲକ୍ଷ୍ମୀ ଦେହୁରୀଆ ଓ ଆଲୋକ ବଢ଼ାଇ ଉପସ୍ଥିତ ଥିଲେ। ସୁନ୍ଦରଗଡ଼ ଜିଲ୍ଲା ସିପକଟାକ୍ରୋ ସେକ୍ରେଟାରୀ ସୁଶାନ୍ତ କୁମାର ଷଡ଼ଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧନତାରେ କାର୍ଯ୍ୟକ୍ରମ ସଫଳ ହୋଇଥିବା ବେଳେ ଜିଲ୍ଲା ସଭାପତି ସିଦ୍ଧାର୍ଥ ବକ୍ସି, ଉପ ସଭାପତି ସୁଜିତ ଗୋସାଇଁ ମିଞ୍ଜି ଉପସ୍ଥିତ ରହି ସହଯୋଗ କରିଥିଲେ।

ଫାଇନାଲରେ ଷ୍ଟାଡିୟମ ଦଳ ଚାମ୍ପିଅନ ହୋଇଥିବା ବେଳେ ବାରଗାଡ଼ ବାଳିକା ଉଚ୍ଚ ବିଦ୍ୟାଳୟ ରନର୍ସ ଅପ ହୋଇଥିଲା। ଶେଷରେ ସମସ୍ତ ଦଳଙ୍କୁ ସାର୍ଟିଫିକେଟ ସହିତ ଟ୍ରଫି ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଶେଷଦେବ ନନ୍ଦ ମଞ୍ଚ ପରିଚାଳନା କରିଥିବାବେଳେ ରାଜ୍ୟ ଉପ ସଭାପତି ପ୍ରଭାସ ଶୁଭଦର୍ଶନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



# ଛଉ ନୃତ୍ୟ ବିକାଶ ପରିଷଦ ପକ୍ଷରୁ ଚାରାରୋପଣ



**ବଣାଇଁଗଡ଼, ୨୧।୮ (ସମିସ):** ଛଉ ନୃତ୍ୟ ବିକାଶ ପରିଷଦ, ବଣାଇ ପକ୍ଷରୁ ବ୍ରାହ୍ମଣୀ ନଦୀର ଲଲେଇ ଘାଟ ପଠାରେ ବିଭିନ୍ନ ପ୍ରକାର ଫଳ ଓ ଔଷଧୀୟ ଚାରା ରୋପଣ କରାଯାଇଛି। ଏ କାର୍ଯ୍ୟକ୍ରମରେ ପଦ୍ମଚରଣ ଆଚାର୍ଯ୍ୟ, ମୀରାଶଙ୍କର ଦେହୁରୀ, ଶିବଶଙ୍କର ଅମାତ, ନେହେରୁ ବାରିକ, ହେମନ୍ତ କୁମାର ମହାକୁଳ, ଜୟନ୍ତ ଦେଓ, ଭବତୋଷ ଦେଓ, କାହ୍ନୁଚରଣ ମଲ୍ଲିକ, ଶଙ୍କର କାରିଗର, ସଞ୍ଜୟ ଅମାତ, ଦଶରଥ ମୁଣ୍ଡା, କାଳିଆ ଠାକୁର, ସନ୍ତୋଷ ଧନୁଆର, ଶୀତଳ ମୁଣ୍ଡା, ଅମୀର ମୁଣ୍ଡା, ଗୋବିନ୍ଦଚନ୍ଦ୍ର ମୁଣ୍ଡା ଓ ସିନ୍ଧୁ ମୁଣ୍ଡା ପ୍ରମୁଖ କର୍ମକର୍ତ୍ତା ଓ ବହୁ ସଦସ୍ୟ ଉପସ୍ଥିତ ରହି ଚାରା ରୋପଣ କରିଥିଲେ। ପ୍ରକାଶ ଥାଉକି, ପରିଷଦ ପକ୍ଷରୁ ଗତବର୍ଷ ୮୦୦ ତାଳ ମଞ୍ଜି ରୋପଣ କରାଯାଇଥିଲା। ଏବେ ସେଗୁଡ଼ିକ ମଧ୍ୟରୁ ସମସ୍ତ ଗଛ ଏକ ଫୁଟରୁ ଅଧିକ ଉଚ୍ଚତାର ହେଲାଣି।

# ବ୍ଲକସ୍ତରୀୟ ଶିବିରରେ ୬୫ ୟୁନିଟ ରକ୍ତ ସଂଗୃହୀତ

**ବଣାଇଁଗଡ଼, ୨୧।୮ (ସମିସ):** ବଣାଇଁଗଡ଼ ବ୍ଲକ ଅନ୍ତର୍ଗତ ଡ୍ରାଇଭର ପ୍ରଶିକ୍ଷଣ କେନ୍ଦ୍ର ପରିସରରେ ବ୍ଲକସ୍ତରୀୟ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୬୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବଣାଇଁ ଉପଜିଲ୍ଲାପାଳ ଅଶୋକ କୁମାର ଦାସ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବଣାଇଁଗଡ଼ ବିଡିଓ ଦିବ୍ୟଶଙ୍କର ଜୟପୁରିଆ ଯୋଗଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ଉପାଧ୍ୟକ୍ଷ ବିଦେଶୀ ବେହେରା, ରକ୍ତ ଭଣ୍ଡାର ଅଧିକାରୀ ଡାକ୍ତର ଅନିରୁଦ୍ଧ ବେହେରାଙ୍କ ସମେତ ରମାକାନ୍ତ ପାତ୍ର, ଅନିତା ମହାନ୍ତ, ହେମନ୍ତ ସିଂ, ସୁଶାନ୍ତ କୁମାର ସାହୁ ଓ ଏସ୍.କେ. ମୁଜାଫର ସାବା ଉପସ୍ଥିତ ଥିଲେ। ଚିନ୍ମୟ କୁମାର ତ୍ରିପାଠୀଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ‘ସାମାଜିକ ଗଣମାଧ୍ୟମର ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ’ ସେମିନାର



**ରାଉରକେଲା, ୨୧।୮ (ସମିସ):** ଆଇଜିଏଚର ନର୍ସେସ୍ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ (ଏନଟିଆଇ) ଠାରେ ମାନସିକ ନର୍ସିଂ ବିଷୟର ଏକ ଅଂଶ ଭାବେ ‘ମାନସିକ ସ୍ୱାସ୍ଥ୍ୟ ଉପରେ ସାମାଜିକ ଗଣମାଧ୍ୟମର ପ୍ରଭାବ’ ଶୀର୍ଷକ ଏକ ସେମିନାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏନ୍‌ଟିଆଇର ମୋଟ ୧୫୭ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସେମିନାରରେ ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗର, କନସଲଟାଣ୍ଟ ଡାକ୍ତର ଦେବାଶିଷ ମହାନ୍ତ ସଭାପତିତ୍ୱ କରିଥିଲେ। ବିଦ୍ୟୁତ୍ ପ୍ରଭା ଗୋଥ, ପ୍ରିନ୍ସିପାଲ, ଏନଟିଆଇ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ।

କାର୍ଯ୍ୟକ୍ରମ ଆରମ୍ଭରେ ୩ୟ ବର୍ଷ ଜିଏନଏମ ଛାତ୍ର କୌଶିକ କୁମାର ଘୋଷ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। ପରେ ୩ୟ ବର୍ଷ ଜିଏନଏମର ଶିକ୍ଷାର୍ଥୀ କୁମାରୀ ଜ୍ୟୋତିରେଖା ସ୍ୱାଇଁ, ହର୍ଷବର୍ଦ୍ଧନ ବେହେରା, କୁମାରୀ ଜିନିତା ମହନ୍ତ ଏବଂ କୁମାରୀ ସ୍ମିତାରାଣୀ ଏକ୍କା ବିଷୟର ବିଭିନ୍ନ ଦିଗ ଉପରେ ଉପସ୍ଥାପନା କରିଥିଲେ। ଏହାପରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଏଥିରେ ଛାତ୍ରଛାତ୍ରୀମାନେ ସେମାନଙ୍କ ମତାମତ ରଖିବା ସହ ସାମାଜିକ ଗଣମାଧ୍ୟମର ମାନସିକ ସ୍ୱାସ୍ଥ୍ୟ, ଭାବନାତ୍ମକ ସୁସ୍ଥତା ଏବଂ ପାରସ୍ପରିକ ସମ୍ପର୍କ ଉପରେ ପଡୁଥିବା ପ୍ରଭାବ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଶେଷରେ ନବନୀତା ଜେନା, ଭାଇସ୍-ପ୍ରିନ୍ସିପାଲ, ଏନଟିଆଇ ସମାପନୀ ବକ୍ତବ୍ୟ ପ୍ରଦାନ କରିଥିଲେ।

# ଆର୍‌ଏସ୍‌ପି ସ୍ତରୀୟ ‘ରଣନୀତି ୨୦୨୬ - ଡିରେକ୍ଟର ପର୍ସୋନେଲ୍ କପ୍’ର ବିଜେତା ଫାଇନାଲକୁ ଉନ୍ନୀତ



**ରାଉରକେଲା, ୨୧।୮ (ସମିସ):** ରାଞ୍ଚିରେ ଅନୁଷ୍ଠିତ ହେବାକୁ ଥିବା ଫାଇନାଲ ପ୍ରତିଯୋଗିତାରେ ଆର୍‌ଏସ୍‌ପି ସ୍ତରୀୟ ‘ରଣନୀତି ୨୦୨୬ - ଡିରେକ୍ଟର ପର୍ସୋନେଲ୍ କପ୍’ ପ୍ରତିଯୋଗିତାର ବିଜେତାମାନେ ଅଂଶଗ୍ରହଣ କରିବେ।

ସୂଚନାଯୋଗ୍ୟ ଯେ ରାଉରକେଲା ଇସ୍ପାତ କାରଖାନାର ଟିମ୍‌ଗୁଡ଼ିକୁ ଚୟନ କରିବା ପାଇଁ ଅଗଷ୍ଟ ୧୮ ଏବଂ ୧୯ ରେ ଲର୍ଣ୍ଣିଂ ଆଣ୍ଡ ଡେଭେଲପମେଣ୍ଟ ସେଣ୍ଟର ଠାରେ ‘ରଣନୀତି ୨୦୨୬ - ଡିରେକ୍ଟର ପର୍ସୋନେଲ୍ କପ୍’ ନାମକ ଏକ ଦୁଇଦିନିଆ ବିଜନେସ୍ ସିମୁଲେସନ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସେଲ୍‌ଫ ଦ୍ୱାରା ଅଲ୍-ଇଣ୍ଡିଆ ମ୍ୟାନେଜମେଣ୍ଟ ଆସୋସିଏସନ୍‌ର ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଅନୁଭୂତିପୂର୍ଣ୍ଣ ବିଜନେସ୍ ସିମୁଲେସନ୍ ମାଧ୍ୟମରେ ରଣନୀତିକ ଚିନ୍ତାଧାରା, ଆନ୍ତଃ-ବିଭାଗୀୟ ସହଯୋଗ ଏବଂ ପ୍ରବନ୍ଧକୀୟ ନିଷ୍ପତ୍ତି ନେବାର ଦକ୍ଷତାକୁ ବୃଦ୍ଧି କରିବା ଥିଲା।

ଏହି କାର୍ଯ୍ୟକ୍ରମରେ ୧୦୨ ଜଣ ଅଧିକାରୀଙ୍କୁ ନେଇ ଗଠିତ ୩୪ଟି ଟିମ୍ ଅଂଶଗ୍ରହଣ କରିଥିଲେ।

ଗ୍ରୁପ୍-ଏରେ ବରିଷ୍ଠ ପ୍ରବନ୍ଧକ, ଫ୍ଲକ୍ସ ଆଣ୍ଡ ରିଫ୍ରାକ୍ଟରୀ ପୂରବ ଦାସ, ଉପ ମହାପ୍ରବନ୍ଧକ, କୋକ୍ ଓଭନ୍ସ ସମ୍ପଦ ମିଶ୍ର ଏବଂ ଉପ ମହାପ୍ରବନ୍ଧକ, ପ୍ଲେଟ୍ ମିଲ୍ ଅବିନାଶ ପଟ୍ଟନାୟକଙ୍କୁ ନେଇ ଗଠିତ ଟିମ୍ ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ବରିଷ୍ଠ ପ୍ରବନ୍ଧକ ସୀମାଞ୍ଚଳ ଗୌଡ଼, ସହକାରୀ ମହାପ୍ରବନ୍ଧକ ପୁନୀତ ଠାକର ଏବଂ ସହକାରୀ ମହାପ୍ରବନ୍ଧକ ସିଦ୍ଧାର୍ଥ ପାଲ ସମସ୍ତେ ନ୍ୟୁ ପ୍ଲେଟ୍ ମିଲ୍‌ର ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ।

ସେହିପରି ଗ୍ରୁପ୍-ବିରେ ସହକାରୀ ମହାପ୍ରବନ୍ଧକ, ବିତ୍ତ ଓ ଲେଖା ପପୁ କୁମାର, ସହକାରୀ ମହାପ୍ରବନ୍ଧକ, ବିତ୍ତ ଓ ଲେଖା ପ୍ରକାଶ ଚନ୍ଦ୍ର ସାହୁ ଏବଂ ସହକାରୀ ମହାପ୍ରବନ୍ଧକ, ସତର୍କତା ବିକ୍ରାନ୍ତ କୁମାର ପଟେଲଙ୍କ ଟିମ୍ ପ୍ରଥମ ସ୍ଥାନ ଅଧିକାରୀ ହୋଇଥିବା ବେଳେ ସହକାରୀ ମହାପ୍ରବନ୍ଧକ, ଆର.ଏମ.ଏଚ.ପି କୁମାର ସୌରଭ ଶା, ଉପ ମହାପ୍ରବନ୍ଧକ, କାଲସିନିଂ ପ୍ଲାଣ୍ଟ-୨ ପ୍ରଭାତ କୁମାର ଏବଂ ବରିଷ୍ଠ ପ୍ରବନ୍ଧକ, ବିତ୍ତ ଓ ଲେଖା ତନୁଜ କୁମାର ସାହୁ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ।

ସେମାନଙ୍କର ସମଗ୍ର ପ୍ରଦର୍ଶନ ଆଧାରରେ ପ୍ରତିଯୋଗିତା ଢାଞ୍ଚା ଅନୁଯାୟୀ ରାଞ୍ଚିର ମ୍ୟାନେଜମେଣ୍ଟ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ (ଏମ.ଟି.ଆଇ) ଠାରେ ଅନୁଷ୍ଠିତ ହେବାକୁ ଥିବା ‘ରଣ-ନୀତି ୨୦୨୬’ ର ଲେଭଲ-୨ରେ ଆରଏସପିର ପ୍ରତିନିଧିତ୍ୱ କରିବା ପାଇଁ ସମସ୍ତ ଚାରୋଟି ଶୀର୍ଷ ପ୍ରଦର୍ଶନକାରୀ ଟିମ୍‌ଙ୍କୁ ଚୟନ କରାଯାଇଛି।

**ରାଷ୍ଟ୍ରପତିଙ୍କୁ ଏଆଇଏଲ୍‌ୟୁର ସ୍ମାରକପତ୍ର**

# ବାର୍ କାଉନସିଲ୍ ଅଫ୍ ଇଣ୍ଡିଆ ଅଧ୍ୟକ୍ଷଙ୍କ ଇସ୍ତଫା ଦାବି

ରାଉରକେଲା, ୨୧।୮ (ସମିସ)

ଅଲ୍ ଇଣ୍ଡିଆ ଲୟର୍ସ ୟୁନିୟନ ଆହ୍ୱାନରେ ଆଜି ଦେଶବ୍ୟାପୀ ବିଭିନ୍ନ ବାର୍‌ର ଆଇନଜୀବୀ ମାନେ ବାର କାଉନସିଲ ଅଫ ଇଣ୍ଡିଆର ଅଧ୍ୟକ୍ଷ ମନନ କୁମାର ମିଶ୍ରଙ୍କ ଏକଚାଟିଆ, ମନମୁଖୀ କାର୍ଯ୍ୟ, ଦେଶର ଆଇନଜୀବୀ ମାନଙ୍କ ସାମୂହିକ ସ୍ୱାର୍ଥ ପ୍ରଦାନରେ ବିଫଳ, ନିରପେକ୍ଷତା ଓ ସ୍ୱଚ୍ଛତା ଏବଂ ପଦବୀର ଦୁରୁପଯୋଗ ଅଭିଯୋଗରେ ବିକ୍ଷୋଭ, ଶୋଭାଯାତ୍ରା ଓ ଦାବିପତ୍ର ପ୍ରଦାନ କରି ତୁରନ୍ତ ବାର କାଉନସିଲ ଅଫ ଇଣ୍ଡିଆର ଅଧ୍ୟକ୍ଷ ପଦରୁ ସେ ଇସ୍ତଫା ପ୍ରଦାନ କରିବା ଦାବିରେ କାର୍ଯ୍ୟକ୍ରମ ସଂଗଠିତ ହୋଇଥିଲା। ଅଲ୍ ଇଣ୍ଡିଆ ଲୟର୍ସ ୟୁନିୟନ, ସୁନ୍ଦରଗଡ଼ ଜିଲ୍ଲା କମିଟି ପକ୍ଷରୁ ଆଇନଜୀବୀମାନଙ୍କ ଏକ ପ୍ରତିନିଧି ଦଳ ଜିଲ୍ଲା ସଭାପତି ତଥା ବରିଷ୍ଠ ଆଇନଜୀବୀ ରାମ ପ୍ରସାଦ ପଟ୍ଟନାୟକଙ୍କ ନେତୃତ୍ୱରେ ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ




ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ।

ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ମନନ କୁମାର ମିଶ୍ରଙ୍କ ୧୪ ବର୍ଷରୁ ଅଧିକ ସମୟ ଧରି ଅଧ୍ୟକ୍ଷ ପଦରେ ରହିବା ସହିତ ପ୍ରତିଷ୍ଠାନଗତ କ୍ଷମତାର ବଢୁଥିବା କେନ୍ଦ୍ରୀକରଣ ଓ ବ୍ୟକ୍ତି କେନ୍ଦ୍ରୀକରଣ ବିସିଆଇର ଗଣତାନ୍ତ୍ରିକ କାର୍ଯ୍ୟପ୍ରଣାଳୀ ପ୍ରତି ଆସ୍ଥାକୁ ଗୁରୁତର ଭାବରେ କ୍ଷୟ କରିଛି। ସମ୍ପ୍ରତି ଘଟିଥିବା ନାଲସାର ଘଟଣା, ଯେଉଁଥିରେ କିଛି ଛାତ୍ରଙ୍କ ସହ ଜଡ଼ିତ ଏକ ପ୍ରତିବାଦ କାରଣରୁ ଆଇନ ସ୍ନାତକମାନଙ୍କର ଏକ ସମ୍ପୂର୍ଣ୍ଣ ବ୍ୟାଚ୍‌କୁ ନାମ ଲେଖାରୁ ବଞ୍ଚିତ କରିବାକୁ ଚେଷ୍ଟା କରାଯାଇଥିଲା। ପରବର୍ତ୍ତୀ ସମୟରେ ସେହି ନିର୍ଦ୍ଦେଶ ପ୍ରତ୍ୟାହାର କରାଯିବା ଓ କ୍ଷମାପ୍ରାର୍ଥନା କରାଯିବା ଦ୍ୱାରା ଏପରି ଏକ ପଦକ୍ଷେପର ଗମ୍ଭୀରତାକୁ ଦୂର କରାଯାଇପାରିବ ନାହିଁ। ବିସିଆଇ କ୍ଷମତାର ବଢୁଥିବା କେନ୍ଦ୍ରୀକରଣ, ରାଜ୍ୟ ବାର କାଉନସିଲ ଗୁଡ଼ିକର ଗଣତାନ୍ତ୍ରିକ କାର୍ଯ୍ୟ ପ୍ରଣାଳୀରେ ବାରମ୍ବାର ହସ୍ତକ୍ଷେପ ସହିତ ଅନେକ ଅଗଣତାନ୍ତ୍ରିକ କାର୍ଯ୍ୟରେ ଲିପ୍ତ ରହିଛନ୍ତି ବିସିଆଇ ଅଧ୍ୟକ୍ଷ। ତେଣୁ ମହାମହିମ ରାଷ୍ଟ୍ରପତି ନିକଟରେ ଦେଶର ଆଇନଜୀବୀ ମାନେ ତତକ୍ଷଣାତ ତାଙ୍କର ଇସ୍ତଫା ଦାବି କରିଛନ୍ତି।

ଏହି ପ୍ରତିନିଧି ଦଳରେ ଅଲ୍ ଇଣ୍ଡିଆ ଲୟର୍ସ ୟୁନିୟନ, ସୁନ୍ଦରଗଡ଼ ଜିଲ୍ଲା କମିଟିର କାର୍ଯ୍ୟକାରୀ ସଭାପତି ଅରିନ୍ଦମ ଦତ୍ତ, ଉପ ସଭାପତି ଚନ୍ଦ୍ରଭାନୁ ଦାଶ, ସୁଶାନ୍ତ କୁମାର ନାୟକ ସମ୍ପାଦକ ରାଜ କିଶୋର ପ୍ରଧାନ, ସନ୍ତୋଷ କୁମାର ବିଶ୍ୱାଳ, ସଞ୍ଜୟ ବେହୁରା, ପ୍ରମୋଦ କୁମାର ବାରିକ, ଗଙ୍ଗାଧର କିଶାନ ସମେତ ଅନ୍ୟମାନେ ସାମିଲ ଥିଲେ।

● ସାମାନ୍ୟ କଥାରୁ ଗାଁ ଦାଣ୍ଡରେ ଛୁରାମାଡ଼

# ବାପ ମୃତ, ପୁଅ ଗୁରୁତର

ଦେବଗଡ଼,୨୧।୮(ସମିସ): ଦେବଗଡ଼ ଜିଲ୍ଲା ବାରକୋଟ ଥାନା ଅଧୀନ ନନେଇଁରେ ଆଜି ସ୍ପଷ୍ଟ ଦିବାଲୋକରେ ଛୁରାମାଡ଼ ଘଟିଛି। ଜଣେ ଯୁବକର ଛୁରା ମାଡ଼ରେ ବୃଦ୍ଧ ବାପାର ମୃତ୍ୟୁ ଘଟିଛି। ବାପାଙ୍କୁ ବଞ୍ଚାଇବାକୁ ଆସି ପୁଅ ଗୁରୁତର ହୋଇଛନ୍ତି। ମୃତକ ହେଲେ ନନେଇଁ ଗାଁର ଗୌତମ ସାହୁ(୬୫)। ଗୁରୁତର ଯୁବକ ଗୌତମଙ୍କ ପୁଅ ବିକେଶର ସାହୁ (୪୪)ଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଆଜି ପୂର୍ବାହ୍ନରେ ଗୌତମ ଟ୍ରାକ୍ଟରରେ ପାଣି ଟାଙ୍କି ନେଇ ଗାଁକୁ ଯାଉଥିଲେ। ଏହି ସମୟରେ ରାସ୍ତା ଉପରେ ଥିବା ଗୋରୁଙ୍କୁ ହଟାଇବାକୁ କହିବାରୁ ଅଭିଯୁକ୍ତ ଯୁବକ ବିଜୟ ନାୟକ ଗୌତମଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲା। ଏହା ଦେଖି ଗୌତମଙ୍କ ପୁଅ ପହଞ୍ଚି ବୁଝାସୁଝା କରିବାକୁ ଉଦ୍ୟମ କରିଥିଲେ; ହେଲେ ଅଭିଯୁକ୍ତ ବିଜୟ ଉଭୟ ବାପା ପୁଅଙ୍କୁ ଛୁରାମାଡ଼ କରିଥିଲା। ଗୁରୁତର ଅବସ୍ଥାରେ ଗୌତମଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ପାଇ ବାରକୋଟ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତ ବିଜୟଙ୍କୁ ଅଟକ ରଖିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

# ୩୬ ଗାଁରେ ମୋବାଇଲ ନେଟୱର୍କ ଆସୁନି

କନ୍ଧମାଳ,୨୧।୮(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଅଧୀନ ବରଗାଁ ପଞ୍ଚାୟତର ଅନେକ ଅଞ୍ଚଳରେ ଆଜି ମଧ୍ୟ ମୋବାଇଲ ନେଟୱର୍କ ସମସ୍ୟା ଲାଗି ରହିଛି। ଲୋକଙ୍କ ପାଇଁ ଏହା ଯନ୍ତ୍ରଣାର କାରଣ ପାଲଟିଛି। ପଞ୍ଚାୟତ ଅଧୀନରେ ଥିବା ପ୍ରାୟ ୩୬ ଖଣ୍ଡ ଗାଁର ଲୋକେ ଜିଓ ମୋବାଇଲ ଟାୱାର ଉପରେ ଦୁର୍ବଳ ନେଟୱର୍କ ଯୋଗୁଁ ନିୟମିତ ଭାବେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ ଅନେକ ସମୟରେ ମୋବାଇଲରେ ଠିକ୍ ଭାବେ ନେଟୱର୍କ ଆସୁନି। ଏଣୁ ସାଧାରଣ ଫୋନ୍ କଲ୍ କରିବା ମଧ୍ୟ କଷ୍ଟକର ହୋଇପଡୁଛି। ବିଶେଷକରି ରାତି କିମ୍ବା ଜରୁରୀ ପରିସ୍ଥିତିରେ ଆମ୍ବୁଲାନ୍ସ, ପୁଲିସ, ଅଗ୍ନିଶମ ବିଭାଗ କିମ୍ବା ପରିବାରବର୍ଗଙ୍କୁ ତୁରନ୍ତ ଫୋନ୍ କରି ହେଉନି। ନେଟୱର୍କ ସମସ୍ୟାର ସବୁଠାରୁ ବଡ଼ ପ୍ରଭାବ ପଡୁଛି ଛାତ୍ରଛାତ୍ରୀଙ୍କ ଉପରେ। ଅନଲାଇନ୍ କ୍ଲାସ, ଶିକ୍ଷାମୂଳକ ଭିଡିଓ, ଅନଲାଇନ୍ ପରୀକ୍ଷା ଓ ବିଭିନ୍ନ ଡିଜିଟାଲ୍ ଶିକ୍ଷା ସାମଗ୍ରୀ ବ୍ୟବହାର କରିବା ଗ୍ରାମାଞ୍ଚଳର ଛାତ୍ରଛାତ୍ରୀ ପଛରେ ପଡୁଛନ୍ତି। ପଞ୍ଚାୟତର ୮ଟି ବିଏସଏନଏଲ୍ ଓ ଗୋଟିଏ ଜିଓ ନେଟୱାର୍କ ସ୍ଥାପନ ହୋଇଥିଲେ ମଧ୍ୟ ଠିକ ଭାବରେ କାର୍ଯ୍ୟକାରୀ ହେଉନାହିଁ।

# ରାଷ୍ଟ୍ରପତି ଭବନର ଆଟ୍-ହୋମ୍‌ରେ ଯୋଗଦେଲେ ଝାରସୁଗୁଡ଼ାର ଭେଷମତୀ ନାଏକ

ଝାରସୁଗୁଡ଼ା,୨୧।୮(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଇକେରା ବ୍ଲକ୍ ତିଲେଇମାଲର ଭେଷମତୀ ନାଏକ ରାଷ୍ଟ୍ରପତିଙ୍କ 'ଆଟ୍-ହୋମ୍' କାର୍ଯ୍ୟକ୍ରମରେ ଯୋଗ ଦେବାର ସୁଯୋଗ ପାଇଛନ୍ତି। ସ୍ୱାଧୀନତା ଦିବସ ଅବସରରେ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନ କଲ୍‌ଚରାଲ୍ ସେଣ୍ଟରରେ ଏହା ଅନୁଷ୍ଠିତ ହୋଇଥିଲା। ଦିଲ୍ଲୀ ଗସ୍ତ ପୂର୍ବରୁ ଭେସମତୀ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କୁ ଭେଟିଥିଲେ। ଜିଲ୍ଲାପାଳ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ସମୟରେ ଓରମାସ ଡେପୁଟି ସିଇଓ ଯୁବରାଜ ସାହୁ ଉପସ୍ଥିତ ଥିଲେ।

# ବ୍ରଜରାଜନଗର କଲେଜରେ ନିର୍ବାଚନ ଭାଗିଦାରୀ କାର୍ଯ୍ୟକ୍ରମ

ଝାରସୁଗୁଡ଼ା,୨୧।୮(ସମିସ): ବ୍ରଜରାଜନଗର କଲେଜରେ ଭୋଟର ସଚେତନତା ଓ ଭୋଟର ତାଲିକା ସାକ୍ଷରତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଲେଜର ନୂତନ ଏବଂ ଭାବି ଯୁବ ଭୋଟରଙ୍କୁ ଭୋଟଦାନର ମହତ୍ତ୍ୱ ତଥା ନିର୍ବାଚନ ପ୍ରକ୍ରିୟା ବିଷୟରେ ଅବଗତ କରାଯାଇଛି। ଶିବିରରେ ବ୍ରଜରାଜନଗର ପୌରପାଳିକାର ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଠିଲେ। ଦେଶର ଭବିଷ୍ୟତ ଗଠନରେ ଯୁବ ଭୋଟରଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ୧୮ ବର୍ଷ ବୟସ ପୂରଣ କରିଥିବା ପ୍ରତ୍ୟେକ ଯୁବକ-ଯୁବତୀ ଭୋଟର ତାଲିକାରେ ନିଜ ନାମ ପଞ୍ଜୀକରଣ କରିବା ଏବଂ ନିର୍ଭୟ ତଥା ସଚେତନତାର ସହ ନିଜର ମତ ସାବ୍ୟସ୍ତ କରିବା ଏକ ନାଗରିକ କର୍ତ୍ତବ୍ୟ ବୋଲି ସେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷ ବିଜୟ ସାହୁ ଉପସ୍ଥିତ ଥିଲେ।

# ରାଗିଗଲେ ଜିଲ୍ଲା ପରିଷଦ ମୁଖ୍ୟ

ମନମୁଣ୍ଡା,୨୧।୮(ସମିସ): ବୌଦ୍ଧ ଜିଲ୍ଲା ପରିଷଦ ମୁଖ୍ୟ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ବିବଦରେ ଛନ୍ଦି ହୋଇଛନ୍ତି। କଣ୍ଟାମାଳ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିରରେ ସେ ଧମକ ଦେଇଥିବା ଅଭିଯୋଗ ହୋଇଛି। ଅଭିଯୋଗକାରୀଙ୍କ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରାଗିଯାଇ ଧମକ ଚମକ ଦେଇଥିଲେ। ଏଭଳିକି ସେମାନଙ୍କୁ ଦୁର୍ବ୍ୟବହାର ଓ ଅସମ୍ମାନ କରିଥିଲେ ବୋଲି ଅଭିଯୋଗ ହୋଇଛି। ବ୍ଲକ ପ୍ରଶାସନ ଜନଶୁଣାଣି ପାଇଁ ସରକାରୀ ପତ୍ର ମାଧ୍ୟମରେ ଡକାଇଥିଲା; ହେଲେ ଶିବିରର ମୁଖ୍ୟଙ୍କ ଏଭଳି ବ୍ୟବହାରକୁ ଗାଁ ସାଥୀ ସଂଘ ଘୋର ନିନ୍ଦା କରିଛି। ଜଣେ ଦାୟିତ୍ୱବାନ ଅଧିକାରୀଙ୍କ ଏଭଳି ଆଚରଣ ମହଙ୍ଗା ପଡିବ ବୋଲି କୁହାଯାଇଛି। ଏ ନେଇ ସେମାନେ ଜିଲ୍ଲାପାଳଙ୍କୁ ଫେରାଦ ହେବେ। ନ୍ୟାୟ ନ ମିଳିଲେ ଶହଶହ ଗାଁ ସାଥୀ ଗଣତାନ୍ତ୍ରିକ ଉପାୟରେ ଶାନ୍ତି ପୂର୍ଣ୍ଣ ଭାବେ ଜିଲ୍ଲାପାଳଙ୍କ ଅଫିସ ଆଗରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏହା ସେମାନଙ୍କ ମାନ ସମ୍ମାନ, ସ୍ୱାଭିମାନ ଓ ଲଢେଇର କଥା ବୋଲି ଗାଁ ସାଥୀ ସଂଘର ସଭାପତି ଠାକୁର ନାଏକ କହିଛନ୍ତି। ସମ୍ପାଦକ ରତ୍ନାକର ପ୍ରଧାନ, ଗାଁ ସାଥୀ ବିଚିତ୍ର ସାହୁ, ଅଶେଷ ମହାକୁଡ଼ ପ୍ରମୁଖ ତୀବ୍ର ପ୍ରତିକ୍ରୀୟା ପ୍ରକାଶ କରିଛନ୍ତି। ତେବେ ସେ ଧମକ ଓ ଖରାପ ବ୍ୟବହାର କରି ନ ଥିବା ସଭାରେ ଉପସ୍ଥିତ କଣ୍ଟାମାଳ ବିଡିଓ ସମ୍ପୀ ଜୟଶ୍ରୀ ରେଡ୍ଡୀ ସଫେଇ ଦେଇଛନ୍ତି।

# ନୀଳକଣ୍ଠେଶ୍ୱର ମନ୍ଦିରର ନୂତନ ପରିଚାଳନା କମିଟି

ତରଭା,୨୧।୮(ସମିସ): ତରଭା ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିରର ନୂତନ ପରିଚାଳନା କମିଟି ଗଠିତ ହୋଇଛି। ମନ୍ଦିର ପୂଜକ ଜନାର୍ଦ୍ଦନ ଥନାପତିଙ୍କ ଅଧ୍ୟକ୍ଷତାରେ ବୈଠକ ଆୟୋଜିତ ହୋଇଥିଲା। ସଭାପତି ଭାବେ ଗଗନ ଅଗ୍ରୱାଲ, ସମ୍ପାଦକ ସତୀଶ ସାହୁ, ଉପସଭାପତି ବିଘ୍ନରାଜ ନାଏକ, ସହ ସମ୍ପାଦକ ବିମଲ ମାହାଣା, କୋଷାଧ୍ୟକ୍ଷ ଭାବେ ଭରତ ଶର୍ମାଙ୍କୁ ମନୋନୀତ କରାଯାଇଛି। ପରିଚାଳନା କମିଟିରେ ଶଙ୍କର ସାହୁ, ଆଭାସ ଥନାପତି, ପ୍ରଦୀପ ମାହାଣା, ପର୍ଶୁରାମ ସାହୁ, ମଧୁସୂଦନ ପାଣ୍ଡେ ରହିଛନ୍ତି। ଉପଦେଷ୍ଟା ଭାବେ ପୂର୍ବତନ ସଭାପତି ସନ୍ତୋଷ ସାହୁ, ଜନାର୍ଦ୍ଦନ ଥନାପତି ଓ ଗୁଞ୍ଜୁରୁ ଗୁରୁଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଶଙ୍ଖନାଦ ମହଲା, ଦେବେନ୍ଦ୍ର ନାଏକ, କୁଳମଣି ଥନାପତି, ସନସିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ହୀରଣ୍ମୟ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ରାଜୀବ ଗାନ୍ଧୀଙ୍କ ଜୟନ୍ତୀ

ବୌଦ୍ଧ,୨୧।୮(ସମିସ): ବୌଦ୍ଧ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ପାଳିତ ହୋଇଛି। ଜିଲ୍ଲା କଂଗ୍ରେସ ସଭାପତି ଅବଦୁଲ କଲିମ୍ ଖାଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଷ୍ଠିତ ଏହି ଜୟନ୍ତୀ ଉତ୍ସବରେ ଦେବରାଜ ପଟ୍ଟନାୟକ, ବରିଷ୍ଠ କଂଗ୍ରେସ ନେତା ଶାନ୍ତନୁ ମହାପାତ୍ର, ଉଦୟ ନାଥ ଶର୍ମା, ପଙ୍କଜ କର୍ଣ୍ଣ, ରୋହିତାଶ୍ୱ ବେହେରା, ପ୍ରତ୍ୟୁଷ ମହାନନ୍ଦ, ଜେନି ମହାପାତ୍ର ପ୍ରମୁଖ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ନିଷିଦ୍ଧ ପ୍ଲାଷ୍ଟିକ ବ୍ୟବହାର ଉପରେ ଚଢ଼ଉ

ଝାରସୁଗୁଡ଼ା,୨୧।୮(ସମିସ)



ବ୍ରଜରାଜନଗର ଅଞ୍ଚଳରେ ଖାଦ୍ୟ ନିରାପତ୍ତା ଆଇନ ଉଲ୍ଲଙ୍ଘନ ଏବଂ ନିଷିଦ୍ଧ ପ୍ଲାଷ୍ଟିକ ବ୍ୟବହାର ବାରୋଧରେ ଚଢ଼ଉ କରାଯାଇଛି। ବ୍ରଜରାଜନଗର ପୌର ନିର୍ବାହୀ ଅଧିକାରୀ ଶ୍ରୀ ଚନ୍ଦ୍ରମଣି ସ୍ୱାଇଁଙ୍କ ନେତୃତ୍ୱରେ ପୌରପାଳିକା ଟିମ୍, ଖାଦ୍ୟ ସୁରକ୍ଷା ଅଧିକାରୀ କୁନ୍ଦନ ଲୋହାର, ପୁଲିସ ଉପ-ନିରୀକ୍ଷକ ପ୍ରଦୀପ ସାହୁ, ଯାଦବ ଦେହେରୀ ଏବଂ ପୌର କର୍ମଚାରୀ ସାମିଲ ହୋଇଥିଲେ। ବ୍ରଜରାଜନଗରରୁ ଗାନ୍ଧୀ ଛକ ମଧ୍ୟରେ ଥିବା ପ୍ରାୟ ୨୫ଟି ହୋଟେଲ, ଢାବା, କାଫେ, ରେଷ୍ଟୁରାଣ୍ଟ, ଫାଷ୍ଟଫୁଡ୍ ଷ୍ଟଲ୍ ଓ ଜଳଖିଆ ଦୋକାନରେ ଯାଞ୍ଚ କରାଯାଇଥିଲା। ଖାଦ୍ୟ ନିରାପତ୍ତା ଏବଂ ମାନକ ଆଇନ ଉଲ୍ଲଙ୍ଘନ ଅଭିଯୋଗରେ ୭ ହଜାର ଟଙ୍କା ଏବଂ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ ବ୍ୟବହାର ବାବଦରେ ୬,୨୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଚଢ଼ଉ ବେଳେ ପ୍ରାୟ ୧୫ କିଲୋଗ୍ରାମ ଅସ୍ୱାସ୍ଥ୍ୟକର ତଥା ବାସି ଖାଦ୍ୟ ଜବତ କରି ନଷ୍ଟ କରାଯାଇଥିଲା। ଏହା ସହିତ ପରୀକ୍ଷାଗାର ବିଶ୍ଳେଷଣ ପାଇଁ ୬ଟି ପାନୀୟ ଜଳ ନମୁନା ଏବଂ ୩ଟି ପନିର ନମୁନା ସଂଗ୍ରହ କରାଯାଇଛି। ସ୍ୱଚ୍ଛତା ବଜାୟ ରଖିବା ଏବଂ ଏଫଏସ୍‌ଏସ୍ ଆଇନର ସିଡ୍ୟୁଲ-୪ ନିୟମାବଳୀ ପାଳନ କରିବା ପାଇଁ ୩ଟି ଖାଦ୍ୟ ବ୍ୟବସାୟିକ ପ୍ରତିଷ୍ଠାନକୁ ଇମ୍ପ୍ରୁଭମେଣ୍ଟ ନୋଟିସ୍ ଜାରି କରାଯାଇଛି। ପରିବେଶ ସୁରକ୍ଷା ଦୃଷ୍ଟିରୁ ବେଆଇନ ଭାବେ ବ୍ୟବହୃତ ହେଉଥିବା ପ୍ରାୟ ୧୬ରୁ ୨୫ କିଲୋଗ୍ରାମ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ ଜବତ କରି ନଷ୍ଟ କରାଯାଇଛି। ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ସହ କୌଣସି ପ୍ରକାର ସାଲିସ କରାଯିବ ନାହିଁ। ଏହିପରି ଆକସ୍ମିକ ଚଢ଼ଉ ଜାରି ରହିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଡାକ୍ତରଖାନା ବୁଲି ଦେଖିଲେ ଛାତ୍ରଛାତ୍ରୀ



କଣ୍ଟାମାଳ,୨୧।୮(ସମିସ): ମସିଣାଗୋରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀ ଖୁଣ୍ଟିଗୋରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଭ୍ରମଣ କରିଛନ୍ତି। ଫାର୍ମାସିଷ୍ଟ ସଂଗ୍ରାମ କେଶରୀ ମିଶ୍ର, ଏଏନ୍‌ଏମ୍ ମିନାକ୍ଷୀ ମହାନ୍ତି, ନର୍ସ ଅଞ୍ଜଳି ତାଣ୍ଡି, ପଦ୍ମାଳୟା ସାମଲ, ଆଦିକନ୍ଦ ମୁନା, ସାନିଟାରୀ ୱାର୍କର ଦେବେଶ ମୁନା ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ଡାକ୍ତରଖାନା ପରିସର ବୁଲାଇ ଥିଲେ। ସ୍ୱାସ୍ଥ୍ୟସେବା ଉପରେ ବୁଝାଇଥିଲେ। ପ୍ରଧାନ ଆଚାର୍ଯ୍ୟ ସୁଶାନ୍ତ ସାହୁ, ସାଏବାନୀ ପାତ୍ର, ଶ୍ରୀକାନ୍ତ କୁଦେଇ, ବିକାଶ ସାହୁ, ନେପାଳ ପ୍ରଧାନ, ଶିରୋମଣି ପାତ୍ର, ସୁଜିତ ମାଝୀ, ବନେନ୍ଦୁ ଦଳେଇ, ସନ୍ଧ୍ୟାରାଣୀ ମନହିରା, ଝରଣା ପ୍ରଧାନ, ବେଦମତି କୁଦେଇ, ସୁରୁସୁତା ଭୋଇ, ରାଜକୁମାର ରଣା ପ୍ରମୁଖ ଛାତ୍ରଛାତ୍ରୀଙ୍କ ସହ ଉପସ୍ଥିତ ଥିଲେ।

# ଯୁବ କ୍ରୀଡ଼ାବିତଙ୍କୁ ଉପକରଣ ବଣ୍ଟନ

କଣ୍ଟାମାଳ,୨୧।୮(ସମିସ): ବୌଦ୍ଧ ଜିଲ୍ଲାର କଣ୍ଟାମାଳ ବ୍ଲକ ମୁଖ୍ୟାଳୟସ୍ଥିତ କଲେଜ ପଡ଼ିଆରେ ଆଜି ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ଉଦ୍ୟମକ୍ରମେ ଭାରତ ସରକାରଙ୍କ ଗ୍ରାମୋଦୟ ଅଭିଯାନ ଅଧୀନ କ୍ରୀଡ଼ା ଉପକରଣ ବଣ୍ଟନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ କଣ୍ଟାମାଳ ବ୍ଲକର ୧୧ଟି ଆଦିବାସୀ ପ୍ରବଣ ତଥା ପୂର୍ବତନ ମାଓବାଦୀ ପ୍ରଭାବିତ ଗ୍ରାମର ସ୍ପୋର୍ଟସ୍ କ୍ଲବ୍‌ଗୁଡ଼ିକୁ ବିଭିନ୍ନ କ୍ରୀଡ଼ା ଉପକରଣ ପ୍ରଦାନ କରାଯାଇଥିଲା। ଗ୍ରାମାଞ୍ଚଳର ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ପ୍ରତି ଆଗ୍ରହ ବୃଦ୍ଧି, ପ୍ରତିଭାର ବିକାଶ ଏବଂ ଯୁବଶକ୍ତିକୁ ସକାରାତ୍ମକ ଦିଗରେ ନିୟୋଜିତ କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ। ସମାରୋହରେ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡମ୍ବରୁଧର କହଁର ଏବଂ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ଅଲିକୁଦ, ବୁଢ଼ାଖୋଲ, ଡୁଙ୍ଗୁରିପାଲି, ଗଦଗଦି, କନ୍ଧପାଲି, କାଣିସିମିଲି ଖଲିଆପାଲି, ଲେନ୍ଦ୍ରିମାଲ, ମାତାକୁପା, ପାଡ଼େଲ ଉର୍ଦ୍ଧୁଲ୍ଲା ଗ୍ରାମର ସ୍ପୋର୍ଟସ୍ କ୍ଲବଗୁଡ଼ିକୁ କ୍ରିକେଟ, ଫୁଟବଲ, ଭଲିବଲ, ବ୍ୟାଡମିଣ୍ଟନ, ଚେସ୍, କ୍ୟାରମ୍ ଆଦି ବିଭିନ୍ନ କ୍ରୀଡ଼ାର ଉପଯୋଗୀ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଏକ ଚିତ୍ତାକର୍ଷକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ମ୍ୟାଚ୍ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ସ୍ପୋର୍ଟସ୍ କ୍ଲବ୍ ମାତାକୁପା ୨୦ ଗୋଲରେ ସ୍ପୋର୍ଟସ୍ କ୍ଲବ୍ ଲେନ୍ଦ୍ରିମାଲକୁ ପରାସ୍ତ କରି ବିଜୟୀ ହୋଇଥିଲା। ଏହି ଅବସରରେ ବିଶିଷ୍ଟ କ୍ରୀଡା ସଂଗଠକ ସୁଦାମ ଚରଣ ମିଶ୍ର, ପୂର୍ବତନ ଫୁଟବଲ୍ ଖେଳାଳି ସଦାଶିବ ମହାନନ୍ଦ, ଅନୁରାଗ ସାହୁ, ବିକାଶ ସେଠୀ, ରମାକାନ୍ତ କହଁର ଏବଂ ରେଫରି ବିକାଶ ସାହୁ, ସୁଜିତ୍ ଖଟୁଆ ଓ ଗୌରବ ସୁନା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲା କ୍ରୀଡ଼ା ଅଧିକାରୀ ଜ୍ୟୋତି ରଞ୍ଜନ ଭୁଏ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା କାର୍ଯ୍ୟକ୍ରମର ସମନ୍ୱୟ ଓ ପରିଚାଳନା କରିଥିଲେ। ସାମ୍ବାଦିକ ପ୍ରତାପ ସାହୁ, ଜୟ ମହାରଣା, ବିଶ୍ୱାମିତ୍ର ପାଢ଼ୀ, ଦିବ୍ୟଶଙ୍କର ରାଉତ ପ୍ରମୁଖ ଯୋଗ ଦେଇଥିଲେ।



# ଆଇନ ସଚେତନତା ପ୍ରଶିକ୍ଷଣ ଶିବିର



ଝାରସୁଗୁଡ଼ା,୨୧।୮(ସମିସ): ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଆନୁକୂଲ୍ୟରେ କର୍ମକ୍ଷେତ୍ରରେ ମହିଳାମାନଙ୍କ ପ୍ରତି ହେଉଥିବା ଯୌନ ଉତ୍ପୀଡ଼ନର ପ୍ରତିରୋଧ, ନିଷେଧ ଏବଂ ଅଭିଯୋଗର ଉପଯୁକ୍ତ ପ୍ରତିକାର ନିମନ୍ତେ ଏକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ଡିଏମ୍‌ଏଫ୍ ଅଡିଟୋରିୟମ ହଲ୍‌ରେ ପୋସ୍-୨୦୧୩' ଅଧୀନରେ ଆୟୋଜିତ ଏହି ଦିନିକିଆ ଶିବିରରେ ଇଣ୍ଟରନାଲ୍ କମିଟି, ଲୋକାଲ୍ କମିଟିର ସଦସ୍ୟ ଏବଂ ନୋଡାଲ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ଭିକ୍ଟୋରିଆ ଏକ୍କା ପରିଚାଳନା କରିଥିଲେ। ଆଇନଗତ ବ୍ୟବସ୍ଥା, କମିଟି ସଦସ୍ୟଙ୍କ ଭୂମିକା ଏବଂ ଅଭିଯୋଗ ସମାଧାନର ବିଭିନ୍ନ ଦିଗ ଉପରେ ଆଲୋକପାତ କରାଯାଇଥିଲା। ସାଧନା ପାଣ୍ଡେୟ ଯୋଗଦେଇ ନୋଡାଲ ଅଫିସରମାନଙ୍କ କାର୍ଯ୍ୟଦକ୍ଷତା ସମ୍ପର୍କରେ ଆଲୋଚନା କରିଥିଲେ। ବି. ନାଗେଶ୍ୱରୀ ଏବଂ ଶ୍ରୀ ସୁଶୀଲ ଦାଶ ତଦନ୍ତ ପଦ୍ଧତି, ନିୟମାବଳୀ ଓ ଇନକ୍ୱାରୀ ରିପୋର୍ଟ ପ୍ରସ୍ତୁତିର ଠିକ୍ ଶୈଳୀ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଲିଲେଶ୍ୱର ସାହୁ ଅନଲାଇନ୍ ଅଭିଯୋଗ ଦାଖଲ ଏବଂ ଏହାର କାର୍ଯ୍ୟପ୍ରଣାଳୀ ଉପରେ କହିଥିଲେ। ପୁଷ୍ପଶ୍ରୀ ନାୟକଙ୍କ ସଂଯୋଜନାରେ ଅଂଶଗ୍ରହଣକାରୀମାନଙ୍କ ମଧ୍ୟରେ ଦଳଗତ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଯାଜ୍ଞସେନୀ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲାର ପ୍ରତ୍ୟେକ କାର୍ଯ୍ୟାଳୟରେ ମହିଳା କର୍ମଚାରୀଙ୍କ ପାଇଁ ଏକ ଭୟମୁକ୍ତ, ସୁରକ୍ଷିତ ତଥା ସମ୍ମାନଜନକ ପରିବେଶ ସୃଷ୍ଟି କରିବା ଏହି ପ୍ରଶିକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ ରହିଛି।

# ଦୁର୍ଘଟଣାରେ ବିଜେପି କର୍ମୀଙ୍କ ମୃତ୍ୟୁ

ମନମୁଣ୍ଡା,୨୧।୮(ସମିସ): ମନମୁଣ୍ଡାରେ ଶୁକ୍ରବାର ପାହାନ୍ତାରେ ଏକ ବାଇକ୍ ଦୁର୍ଘଟଣା ଘଟିଛି। ଏଥିରେ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ଲମ୍ବସରି ପଞ୍ଚାୟତ ଗୁହିରାପାଲି ଗ୍ରାମର ବିଜେପି କର୍ମୀ ସୁନାଧର ମଲ୍ଲିକ (୪୬)। ସେ ଆଜି ଭୋର ପ୍ରାୟ ୪ଟା ୩୦ରେ ଏକ ବାଇକ (ନଂ ଓଡ଼ି୩୧ ଏଚ୍ ୪୯୫୫) ଯୋଗେ ନିଜ ଗାଁ ରୁ ସୋନପୁର ଅଭିମୁଖେ ଯାଉଥିଲେ।



ମନମୁଣ୍ଡା ଗାନ୍ଧୀ ଛକ ଓଭର ବ୍ରିଜ ତଳେ ବହୁ ପରିମାଣରେ ରଖା ଯାଇଥିବା ମେଟାଲ/ ଚିପ୍ସ ଗଦାରେ ଧକ୍କା ହୋଇ ଗୁରୁତର ଭାବେ ଆହତ ହୋଇଥିଲେ। ପାଟ୍ରୋଲିଂ କରୁଥିବା ପୁଲିସ ଦେଖିବା ପରେ ତାଙ୍କୁ ସୋନପୁର ଡାକ୍ତରଖାନାକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମନମୁଣ୍ଡା ତେଲନଦୀ ସେତୁ ନିର୍ମାଣ କରୁଥିବା ରାଜଲକ୍ଷ୍ମୀ କନ୍‌ଷ୍ଟ୍ରକସନ୍ କମ୍ପାନୀର ଖାମଖିଆଲି, ବେପରୁଆ ଓ ଅବ୍ୟବସ୍ଥା ଯୋଗୁଁ ଦୁର୍ଘଟଣାରେ ସୁନାଧରଙ୍କ ମୃତ୍ୟୁ ଘଟିଲା। କମ୍ପାନୀ ସେଥିପାଇଁ ସମ୍ପୂର୍ଣ୍ଣ ଦାୟୀ ବୋଲି ମୃତକଙ୍କ ବଡପୁଅ ବିକାଶ ମଲିକ ମନମୁଣ୍ଡା ଥାନାରେ ଅଭିଯୋଗ କରିଛନ୍ତି। ତେବେ କଣ୍ଟାମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ ଘଟଣା ସ୍ଥଳ ପରିଦର୍ଶନ ସହ ମୃତକଙ୍କ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇଥିଲେ। ଥାନାକୁ ଯାଇ କମ୍ପାନୀ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ କହିଥଲେ। ମୃତକଙ୍କ ପରିବାରକୁ କମ୍ପାନୀ ତରଫରୁ କ୍ଷତିପୂରଣ ଦାବି କରିଥିଲେ। ସେହିପରି ବିଧାୟକ ଶ୍ରୀ ଡାଙ୍ଗ ରେଡ୍‌କ୍ରସ ତରଫରୁ ଆର୍ଥିକ ସାହାଯ୍ୟ ପାଇଁ ପ୍ରଶାସନକୁ ଜଣାଇବେ ବୋଲି କହି ମୃତକଙ୍କ ପରିବାରବର୍ଗଙ୍କୁ ଧୈର୍ଯ୍ୟ ଧରିବାକୁ କହିଥିଲେ। ସୋନପୁର ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଯାଇଥିଲାବେଳେ ନିଜ ଗାଁରେ ଅନ୍ତିମ ସଂସ୍କାର କରାଯାଇଥିଲା। ତେବେ ମନମୁଣ୍ଡା ପୁଲିସ ଥାନାରେ ଏକ ମାମଲା ରୁଜୁ କରି ଏହାର ତଦନ୍ତ ଚଳାଇଥିବା ଆଇଆଇସି ଚିରଞ୍ଜିବୀ ବେହେରା କହିଛନ୍ତି।

# ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ

ଦେବଗଡ଼, ୨୧।୮(ସମିସ): ଦେବଗଡ଼ ଜିଲ୍ଲା ପୁଲିସ ପକ୍ଷରୁ ସ୍ଥାନୀୟ ଆଦର୍ଶ ଥାନା ପରିସରରେ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଅରକ୍ଷୀ ଅଧୀକ୍ଷକ କିଶୋର ଚନ୍ଦ୍ର ମୁଣ୍ଡଙ୍କ ଅଧ୍ୟକ୍ଷୟତାରେ ଆୟୋଜିତ କାର୍ଯ୍ୟକ୍ରମରେ ଦେବଗଡ଼ ଥାନାଞ୍ଚଳର ଶତାଧିକ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ। ଏହି ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ସମାଜରେ ବରିଷ୍ଠ ନାଗରିକଙ୍କ ଆବଶ୍ୟକତା ସମ୍ପର୍କରେ ଆଲୋଚନା କରାଯାଇଥଲା। ସେହିପରି ଜିଲ୍ଲା ପୁଲିସ ପକ୍ଷରୁ ନିଶାମୁକ୍ତ ଭାରତ ଅଭିଯାନ ଅଧୀନ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ସମାଜକୁ ନିଶାମୁକ୍ତ କରିବା ଉଦ୍ଦେଶ୍ୟରେ ଶପଥପାଠ କରାଯାଇଥିଲା। ଏହି ଅବସରରେ ଜିଲ୍ଲାର ବରିଷ୍ଠ ନାଗରିକଙ୍କୁ ଏସ୍‌ପି ପରିଚୟ ପତ୍ର ବଣ୍ଟନ କରିଥିଲେ।



ପୂର୍ବାହ୍ନରେ ସ୍ଥାନୀୟ ଜବାହର ନବୋଦୟ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀଙ୍କୁ ନେଇ ଏକ ସାଇବର ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଦେବଗଡ଼ ଆଦର୍ଶ ଥାନା ଅଧିକାରୀ ସବ୍ୟସାଚୀ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ପ୍ରଦାନ




ତରଭା,୨୧।୮(ସମିସ): ତରଭା ପୁଲିସ ପକ୍ଷରୁ ଥାନା ପରିସରରେ ବରିଷ୍ଠ ନାଗରିକ ପରିଚୟ ପତ୍ର ପ୍ରଦାନ କରାଯାଇଛି। ଏସଡିପିଓ କଲ୍ୟାଣୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଇଆଇସି ଡୋଳାମଣି ନାଏକ ପରିଚୟ ପତ୍ରର ଉଦ୍ଦେଶ୍ୟ ଓ ସାଇବର ସଚେତନତା ଉପରେ ଉପସ୍ଥିତ ବରିଷ୍ଠ ନାଗରିକଙ୍କୁ ବୁଝାଇଥିଲେ। ସମାଜ ଗଠନରେ ବରିଷ୍ଠ ନାଗରିକଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ବରିଷ୍ଠଙ୍କୁ ପୁଲିସ ସବୁଠି ସବୁବେଳେ ସାହାଯ୍ୟ କରିବାକୁ ସଜାଗ ରହିଛି ବୋଲି ଆଆଇସି କହିଥିଲେ। ବରିଷ୍ଟ ନଗରିକ ମାନେ ଅନ୍ ଲାଇନ ମାଧ୍ୟମରେ ବ୍ୟାପକ ଭାବରେ ସାଇବର ଠକେଇର ଶିକାର ହେଉଛନ୍ତି। ଏଣୁ ଅଫ୍ ଲାଇନକୁ ପ୍ରାଥମିକତା ଦେବାକୁ ଆଆଇସି ଅନୁରୋଧ କରିଥିଲେ। ବରିଷ୍ଠମାନେ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ଚୁପ୍ ନ ରହି ପୁଲିସକୁ ସୂଚନା ଦେବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ତରଭା ଅଞ୍ଚଳର ୩୦ ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଏଏସଆଇ ସୁଶୀଲ ବିଶି, ସୁଧୀର ଜେନା, ନିରୂପମା ସ୍ୱାଇଁଙ୍କ ସମେତ ଅନ୍ୟାନ୍ୟ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ।

# ରାତିସାରା ରହିଲା; ସବୁ କୁକୁଡ଼ା ଗିଳିଲା

ହରଭଙ୍ଗା,୨୧।୮(ସମିସ): ବୌଦ୍ଧ ଜିଲା ଆଡେଣିଗଡ଼ ଗ୍ରାମର ଜଣେ ବ୍ୟକ୍ତିଙ୍କ କୁକୁଡ଼ା ଘରୁ ୮ ଫୁଟର ଏକ ଅଜଗର ଉଦ୍ଧାର ହୋଇଛି। କୁକୁଡ଼ା ଘର ଭିତରେ ରାତି ସାରା ରହି ୧୩ଟି କୁକୁଡ଼ା ଗିଳି ଦେଇଛି। ଗୁରୁବାର ରାତିରେ ଅଜଗରଟି କୁକୁଡ଼ା ଘରେ ପଶିଥିଲା। ଏହା କିନ୍ତୁ ଜଣା ପଡ଼ି ନ ଥିଲା। ଶୁକ୍ରବାର ସକାଳେ ସମ୍ପୃକ୍ତ ବ୍ୟକ୍ତି ଜଣକ କୁକୁଡ଼ା ଘର ଖୋଲି ଦେଖିଲା ବେଳକୁ ଅଜଗରଟି ଗୋଲେଇ ହୋଇ ଶୋଇଥିଲା। ଏହାପରେ ସେ ଦେଖିଲାବେଳେକୁ ଗୋଟିଏ ମଧ୍ୟ କୁକୁଡ଼ା ନ ଥିଲେ। ଏହାପରେ ସାପ ଧରାଳି ପ୍ରାଣେଶ୍ୱର ସାହୁଙ୍କୁ ଫୋନ୍ କରିଥିଲେ। ଶ୍ରୀ ସାହୁ ପହଞ୍ଚି ସୁରକ୍ଷିତ ଭାବେ ଅଜଗର ସାପଟିକୁ ଉଧାର କରିଥିଲେ। ପାଣିସାଲ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରେ ଏହାକୁ ଛାଡ଼ି ଦିଆଯାଇଛି।



# ସଞ୍ଚୟ, ବୀମା ଅଭ୍ୟାସରେ ପରିଣତ କରିବାକୁ ପରାମର୍ଶ

ଝାରସୁଗୁଡ଼ା,୨୧।୮(ସମିସ): ଝାରସୁଗୁଡ଼ା ଜିଲ୍ଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ଆନୁକୂଲ୍ୟରେ ଆଜି ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଏକ ଜିଲ୍ଲାସ୍ତରୀୟ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଝାରସୁଗୁଡ଼ା ବ୍ଲକର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସୁମନା ପଣ୍ଡା ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବିଶେଷଜ୍ଞମାନେ ଆର୍ଥିକ ନିରାପତ୍ତା ଏବଂ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ନାଗେଶ୍ୱର ମୁର୍ମୁ ଚିଟଫଣ୍ଡର କୁପ୍ରଭାବ ଓ ଅପକାରିତା ସମ୍ପର୍କରେ ସଚେତନ କରାଇଥଲେ। ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ବରିଷ୍ଠ ଶାଖା ପରିଚାଳକ ହରିଶ ସଜନାପୁ ବର୍ତ୍ତମାନ ସମୟରେ ବୃଦ୍ଧି ପାଉଥିବା ସାଇବର ଅପରାଧ ଏବଂ ଏଥିରୁ ସୁରକ୍ଷିତ ରହିବାର ଉପାୟ ବୁଝାଇଥିଲେ। ସେହିପରି ସମ୍ବଲପୁର ଶାଖା ଅଧିକାରୀ ମୁକୁନ୍ଦ ସାହୁ ବିଭିନ୍ନ ବୀମା ଯୋଜନା ଏବଂ ସୁମିତ ପ୍ରମାଣିକ ଅଟଳ ପେନସନ ଯୋଜନାର ଉପକାରିତା ସମ୍ପର୍କରେ ଉପସ୍ଥିତ ମହିଳାମାନଙ୍କୁ ଅବଗତ କରାଇଥିଲେ। ମୁଖ୍ୟ ଡାକଘର ପୋଷ୍ଟମାଷ୍ଟର ପ୍ରତାପ ଚନ୍ଦ୍ର ଭୋଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନା ଉପରେ ଆଲୋଚନା କରିଥିଲେ। ଓଏଲଏମ ଡିପିଏମ ପୁଷ୍ପଶ୍ରୀ ନାୟକ ଆର୍ଥିକ ସାକ୍ଷରତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିବା ବେଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂହ ଉପସ୍ଥିତ ମହିଳାମାନଙ୍କୁ ସଞ୍ଚୟ ଏବଂ ବୀମାକୁ ଜୀବନର ନିୟମିତ ଅଭ୍ୟାସରେ ପରିଣତ କରିବାକୁ ପରାମର୍ଶ ଦେଇଥିଲେ। ବିଭାଗୀୟ କର୍ମଚାରୀ ହେମକାନ୍ତ ବାଗ ଓ ଜଗନ୍ନାଥ ରାଉତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଶିଶୁମାନଙ୍କ ଅଧିକାରର ସୁରକ୍ଷାଠାରୁ ବଳି ଆଉ ମହତ୍ତ୍ୱପୂର୍ଣ୍ଣ କର୍ତ୍ତବ୍ୟ କିଛି ନାହିଁ।
-କୋଫି ଆନନ୍

## ପ୍ରମାଣପତ୍ର ଜଞ୍ଜାଳ

ଜମିଜମା ଓ ବିଭିନ୍ନ ପ୍ରମାଣପତ୍ର ସଂକ୍ରାନ୍ତ ଅଭିଯୋଗଗୁଡ଼ିକର ଆଶୁ ସମାଧାନ ପାଇଁ ଓଡ଼ିଶା ରାଜସ୍ୱ ବିଭାଗ ପୁଣି ଥରେ ଉଦ୍ୟମ କରିଛନ୍ତି। ଅଭିଯୋଗ ଦାଖଲ, ଶୁଣାଣି ଓ ସମାଧାନ ସ୍ଥିତି ଜାଣିବା ପାଇଁ ଲୋକଙ୍କୁ ଆଉ ଅଯଥା ଖର୍ଚ୍ଚାନ୍ତ ହୋଇ କିମ୍ବା କଷ୍ଟକରି ବାରମ୍ବାର ବିଭିନ୍ନସ୍ତରୀୟ ଅଭିଯୋଗ ପ୍ରକୋଷ୍ଠକୁ ଆଉ ଧାଇଁବାକୁ ପଡ଼ିବ ନାହିଁ। ଏଥିପାଇଁ ଘରେ ବସି ଆବେଦନ/ଅଭିଯୋଗ କରିହେବ ଏବଂ ତାହା କେଉଁ ଅଧିକାରୀଙ୍କ ପାଖରେ ଅଟକି ରହିଛି, ସ୍ଥିତି କ'ଣ ରହିଛି, ଫଏସଲା ହେଲା କି ନାହିଁ ତାହା ଜାଣିବା ପାଇଁ ଏକ ହ୍ୱାଟ୍ସ୍ଆପ୍ ନମ୍ବର ଜାରି କରାଯାଇଛି। ପୂର୍ବରୁ ମଧ୍ୟ ଏଭଳି ଉଦ୍ୟମ ହୋଇଥିବା ବେଳେ ଏହାର ପୁନରାବୃତ୍ତିରୁ ଆପାତତଃ ଏହି ଧାରଣା ସୃଷ୍ଟି ହେଉଛି ଯେ ବୋଧହୁଏ ପୂର୍ବପ୍ରୟାସ ଆଶାନୁରୂପ ସଫଳତା ପାଇପାରିନାହିଁ।

ସରକାରଙ୍କ ଏହି ଉଦ୍ୟମ ସାଧୁ ହେଲେ ମଧ୍ୟ ବ୍ୟବସ୍ଥା ହିଁ ଅସାଧୁ ଥିବାରୁ ଯୋଜନାଗୁଡ଼ିକ ପ୍ରଭାବଶାଳୀ ହେଉନାହିଁ। ତେଣୁ ସରକାର ବ୍ୟବସ୍ଥାକୁ ହିଁ ପ୍ରଥମେ ସୁଧାରିବାକୁ ପଡ଼ିବ। ସଦ୍ୟତମ ଅଭିଯୋଗ ଦାଖଲ ଓ ସମାଧାନ ପ୍ରକ୍ରିୟାକୁ ତୃଣମୂଳସ୍ତର ଅର୍ଥାତ୍ ରାଜସ୍ୱ ନିରୀକ୍ଷକ(ଆରଆଇ) ସ୍ତରରୁ ଆରମ୍ଭ କରାଯାଇଛି। ଅଥଚ ସେଠାରେ ହିଁ ଅସଲ ସମସ୍ୟା ଅଟକି ରହିଛି। ଏପରିକି ଆରଆଇମାନଙ୍କ ନିଷ୍ପତ୍ତି ଆଗରେ ତହସିଲଦାରମାନେ ମଧ୍ୟ ଗୌଣ ହୋଇପଡୁଛନ୍ତି। ରାଜସ୍ୱ ବିଭାଗ ଆହୁରି ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଆରଆଇ ସ୍ତରରୁ ଆରମ୍ଭ କରି ଅଭିଯୋଗ ସମାଧାନ ଆବେଦନ ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ଗତି କରିବ। ତେଣୁ ଲୋକଙ୍କୁ ଆଉ ଅଧିକ କେହି ହଇରାଣ କରିପାରିବେ ନାହିଁ। କିନ୍ତୁ ବିଡ଼ମ୍ବନା ଏହା ଯେ ଆରଆଇଙ୍କ ଦ୍ୱାରା ପୀଡ଼ିତ ଆବେଦନକାରୀମାନେ ଉପଜିଲ୍ଲାପାଳଙ୍କ ନିକଟରେ ଫେରାଦ ହେଲେ ମଧ୍ୟ ନ୍ୟାୟ ପାଇପାରୁନାହିଁ। ଏ ସମ୍ପର୍କିତ ଅଭିଯୋଗମାନ ଆସୁଛି।

ରାଜସ୍ୱ ମନ୍ତ୍ରୀ ଓ ସଚିବ ଦାୟିତ୍ୱ ନେବା ବେଳେ ଘୋଷଣା କରିଥିଲେ ଯେ ଯଦି କେହି କେଉଁଠାରେ ଲାଞ୍ଚ ମାଗୁଥାଏ କିମ୍ବା ଉଦ୍ଦେଶ୍ୟମୂଳକ ଭାବେ ହଇରାଣ ହରକତ କରୁଥାଏ ତେବେ ଫୋନ୍ ଜରିଆରେ ସୂଚନା ଦେଲେ ଅଚିରେ ତାଗିଦ କରି କାମଟି ସମ୍ପନ୍ନ କରାଯିବ। କିନ୍ତୁ କାର୍ଯ୍ୟବ୍ୟସ୍ତତା ଭିତରେ ରାଜସ୍ୱ ବିଭାଗ ଦାୟିତ୍ୱରେ ଥିବା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଲୋକମାନଙ୍କର ଫୋନ୍ କଲ୍ ଗ୍ରହଣ କରିବା ତ ଦୂରର କଥା ମେସେଜ୍(ସୂଚନା ବାର୍ତ୍ତା) ମଧ୍ୟ ଦେଖନ୍ତି କି ନାହିଁ ତାହା ଜଣାନାହିଁ। ଏପରିକି ଲିଖିତ ଆବେଦନ ମାସ ମାସ ଧରି ତାଙ୍କ ଦପ୍ତରରେ ପଡ଼ି ରହିଥିଲେ ମଧ୍ୟ ତାହା ବିଚାରକୁ ନିଆଯାଉନାହିଁ। ଏଥିରୁ ରାଜସ୍ୱ ମନ୍ତ୍ରୀଙ୍କ ସ୍ତରରେ ଆବେଦନର ସ୍ଥିତି କ'ଣ ହେଉଥିବ ତାହା ଅନୁମେୟ। ଏଭଳି ସ୍ଥିତିରେ କେବଳ ହ୍ୱାଟ୍ସଆପ୍ ଜରିଆରେ ଅଭିଯୋଗ ଦାଖଲ ଓ ସମାଧାନ ପ୍ରକ୍ରିୟା କେତେ ପ୍ରଭାବଶାଳୀ ହୋଇପାରିବ ତାହା ସମୟ ହିଁ କହିବ।

ବାସ୍ତବତା ହେଉଛି ଦୁର୍ନୀତି ରାଜସ୍ୱ ବିଭାଗରେ କର୍କଟ ଭଳି ମାଡ଼ିଚାଲିଛି। ଏହାର ମୂଳୋତ୍ପାଟନ ପାଇଁ ଯେଉଁ ମହୌଷଧି ଆବଶ୍ୟକ ସେଥିପାଇଁ ସରକାର ସାହସୀ, ନୀତିନିଷ୍ଠ ଓ ଦୃଢ଼ ହେବାକୁ ପଡ଼ିବ। ନ ହେଲେ ଦୁର୍ନୀତିର ଏହି କର୍କଟ ସଂକ୍ରମଣରେ ସାଧାରଣ ଜନତା ଆକ୍ରାନ୍ତ ହୋଇ ଚାଲିଥିବେ।

## ଭାରତ ପ୍ରତି ଅପମାନ

ଆମେରିକାରେ ଅବୈଧ ପ୍ରବେଶ ଓ ବସବାସ ଅଭିଯୋଗରେ ଟ୍ରମ୍ପ ପ୍ରଶାସନ ପୁଣି ଥରେ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ଗତବର୍ଷ ୧୦୪ ଭାରତୀୟଙ୍କୁ ହାତକଡ଼ି ଓ ଗୋଡ଼ବେଡ଼ି ପିନ୍ଧାଇ ସାମରିକ ବିମାନରେ ଭାରତ ପଠାଇ ଦେଇଥିବା ବେଳେ ଚଳିତ ମାସର ପ୍ରଥମ ୧୫ ଦିନ ମଧ୍ୟରେ ୫୨୦୦ ପ୍ରବାସୀ ଭାରତୀୟଙ୍କୁ ତଡ଼ି ଦେଇଛି। ଭାରତର ମେଧା ଓ ପ୍ରତିଭା ବିଶ୍ୱକୁ, ବିଶେଷକରି ଆମେରିକାର କୋମଳଶକ୍ତି(ସଫ୍ଟପାୱାର) ଓ ସୂଚନାପ୍ରଯୁକ୍ତି ବିଦ୍ୟା(ସଫ୍ଟୱେର ଟେକନୋଲଜି)ର ପରାକାଷ୍ଠାକୁ ନଭଶ୍ଚୁମ୍ବୀ କରିଛି। କିନ୍ତୁ ଏବେ ସେହି ଦେଶର ନାଗରିକଙ୍କୁ ତଡ଼ିଦେବା ଭାରତ ପ୍ରତି ଅପମାନସୂଚକ ନିଶ୍ଚୟ।

ଭାରତୀୟମାନଙ୍କ ଆମେରିକା ରହଣିର ଅଯୌକ୍ତିକ ଓ ଅଯଥାର୍ଥ ଲାଳସା ସେମାନଙ୍କୁ ଚଳିତଳାନ୍ତ କରିବା ସହିତ ଦେଶକୁ ନିନ୍ଦିତ କରୁଛି। ଅପରପକ୍ଷରେ ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ଆମେରିକା ରାଷ୍ଟ୍ରପତି କ୍ଷମତାକୁ ଫେରିବା ପରେ ଅବୈଧ ଦେଶାଟନକାରୀଙ୍କୁ ଅବାଞ୍ଛିତ, ଅହିତକର ଓ ଅପରାଧୀ ଆଖ୍ୟା ଦେଇ ଆସୁଛନ୍ତି। ବସ୍ତୁତଃ ରାଷ୍ଟ୍ରପତି ଭାବେ ଶପଥ ନେବା ଦିନ ହିଁ ଟ୍ରମ୍ପ ଆମେରିକାର 'ଏଲିଅନ୍ ଏନେମିସ୍ ଆକ୍ଟ ୧୭୯୮'କୁ ବେଆଇନ ଭାବେ ଆମେରିକାରେ ବସବାସ କରୁଥିବା ଦେଶାଟନକାରୀଙ୍କ ବିରୋଧରେ ଲାଗୁ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଥିଲେ। ଏହି ଆଇନ ସମେତ 'ଏଲିଅନ୍ ସେଡିସନ୍ ଆକ୍ଟ' ଆମେରିକାର ରାଷ୍ଟ୍ରପତିଙ୍କୁ ଅଖଣ୍ଡ କ୍ଷମତା ଦେଇଛି। ଆମେରିକାର ସାର୍ବଭୌମତ୍ୱ ସୁରକ୍ଷା ଦୃଷ୍ଟିରୁ ଆମେରିକା ରାଷ୍ଟ୍ରପତି ଚାହିଁଲେ ସନ୍ଦେହଜନକ ବହିରାଗତଙ୍କ ପାଇଁ ଆମେରିକାର ନାଗରିକତ୍ୱ ପ୍ରଦାନ ଅବଧି ନିୟମ ୫ରୁ ୧୪ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିପାରିବେ, କାରାଦଣ୍ଡ ଓ ଦେଶାନ୍ତର ଦଣ୍ଡ ଦେଇପାରିବେ। ୧୮୧୨ରେ ଆମେରିକା-ବ୍ରିଟେନ୍ ଯୁଦ୍ଧ, ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ଆମେରିକାରେ ଲାଗୁ ହୋଇଥିବା ଏହି କଠୋର ଆଇନ ଚତୁର୍ଥ ଥର ଲାଗି ବେଆଇନ ଅନୁପ୍ରବେଶକାରୀଙ୍କ ପାଇଁ ଲାଗୁ ହୋଇଛି। ଏଥିରୁ ଟ୍ରମ୍ପଙ୍କ ଆଭିମୁଖ୍ୟ ବୁଝାଇ କହିବା ଅନାବଶ୍ୟକ।

ବୈଦେଶିକ ବ୍ୟାପାର ବିଶେଷଜ୍ଞଙ୍କ ମତରେ କୌଣସି ଦେଶର ନିୟମ, କାନୁନ ଓ ଆଇନ ଅନୁଯାୟୀ ଯେଉଁ ଦେଶାଟନକାରୀମାନେ ସ୍ଥାୟୀ ବାସବାସ କରିବା ପାଇଁ ବୈଧ ପ୍ରମାଣପତ୍ର ଦାଖଲ କରି ନପାରିବେ ସେମାନଙ୍କୁ ନିଜ ନିଜ ଦେଶକୁ ପଠାଇଦେବାରେ ଆପତ୍ତି ନାହିଁ। ସାର୍ବଭୌମ ଦେଶର ଏ ସମ୍ପର୍କିତ ଅଧିକାରକୁ କେହି ପ୍ରଶ୍ନ କରିପାରିବେ ନାହିଁ। ତେଣୁ ଆମେରିକାର କାର୍ଯ୍ୟାନୁଷ୍ଠାନ ପ୍ରତି ଅଭିଯୋଗ କରାଯାଇପାରିବ ନାହିଁ। କିନ୍ତୁ ସାମଗ୍ରିକ ଘଟଣା ବିଶ୍ୱଗୁରୁ ଦୌଡ଼ରେ ଥିବା ଭାରତ ପ୍ରତି ଅପମାନସୂଚକ ନୁହେଁ କି?

# କହି ଜାଣିଲେ କଥା ସୁନ୍ଦର

**ବୃହସ୍ପତି ସାମଲ**

ଶ୍ରୀମଭଗବତ୍ ଗୀତା ଅନୁଯାୟୀ - 'ଅନୁଦ୍ୱେଗକରଂ ବାକ୍ୟଂ ସତ୍ୟଂ ପ୍ରିୟହିତଂ ଚ ଯତ୍। ସ୍ୱାଧ୍ୟାୟାଭ୍ୟସନଂ ଚୈବ ବାଙ୍ମୟଂ ତପ ଉଚ୍ୟତେ?' ଅର୍ଥାତ୍ - ଯେଉଁ ବାକ୍ୟ କାହାରି ମନରେ ଉଦବେଗ ସୃଷ୍ଟି କରେ ନାହିଁ, ଯାହା ସତ୍ୟ, ପ୍ରିୟ ଓ ହିତକର; ତଥା ଶାସ୍ତ୍ରର ନିୟମିତ ଅଧ୍ୟୟନ ଓ ଅଭ୍ୟାସ, ତା'କୁ ବାଣୀର ତପସ୍ୟା ବୋଲି କୁହାଯାଏ। ଏହା ଦର୍ଶାଏ ଯେ କେବଳ ସତ୍ୟ କହିବା ଯଥେଷ୍ଟ ନୁହେଁ; ସେହି ସତ୍ୟକୁ ଏପରି ଭାଷାରେ କହିବା ଉଚିତ୍, ଯାହା ଅନାବଶ୍ୟକ ଉଦବେଗ, ଅପମାନ କିମ୍ବା କ୍ଷୋଭ ସୃଷ୍ଟି ନକରେ। ସେଥିପାଇଁ ଓଡ଼ିଆ ବର୍ଣ୍ଣବୋଧରୁ ଆମେ ପ୍ରଥମରୁ ସେଇ ଗୋଟିଏ କଥା ଶିଖିଥାଉ - 'ମଧୁର ବିନୟ ବଚନ, କହି ତୋଷିବ ଜନମନ।'

ଅସ୍ତ୍ର ସିନା ଶରୀରକୁ ଆଘାତ କରେ; କିନ୍ତୁ ଶବ୍ଦ ମଣିଷର ଆତ୍ମସମ୍ମାନକୁ ଆଘାତ କରେ। ପୃଥିବୀରେ ଯେତେ ଯୁଦ୍ଧ ହୋଇଛି, ସେଗୁଡ଼ିକ ଅସ୍ତ୍ର ପୂର୍ବରୁ ଶବ୍ଦରେ ଆରମ୍ଭ ହୋଇଛି। ଯେତେ ବିପ୍ଳବ ଘଟିଛି, ସେଗୁଡ଼ିକ ରାସ୍ତାକୁ ଆସିବା ପୂର୍ବରୁ ମଣିଷର ମନରେ ଶବ୍ଦ ମାଧ୍ୟମରେ ଜନ୍ମ ନେଇଛି। ପୁଣି ଯେତେ ଶାନ୍ତି ପ୍ରତିଷ୍ଠିତ ହୋଇଛି, ତାହାର ମୂଳରେ ମଧ୍ୟ ଅଛି କୌଣସି ଜ୍ଞାନୀଗୁଣୀଙ୍କ କିଛି ସଂଯମ ବାକ୍ୟ। ଶବ୍ଦର ଏହି ଦ୍ୱୈତଚରିତ୍ର ମାନବ ସଭ୍ୟତାକୁ ବାରମ୍ବାର ନୂଆ ମୋଡ଼ ଦେଇଛି। ଏହା ହିଁ ଶବ୍ଦର ଅଲୌକିକ ଶକ୍ତି।

ବିଦ୍ୱାନମାନେ ଏକମତ ଯେ କୁରୁକ୍ଷେତ୍ର ଯୁଦ୍ଧର ପଛରେ ଉତ୍ତରାଧିକାର ବିବାଦ, ଅହଂକାର, ଅନ୍ୟାୟ ଓ ରାଜନୈତିକ ସଂଘର୍ଷ ଥିଲା। କିନ୍ତୁ ଭାରତୀୟ ଲୋକସ୍ମୃତିରେ ଦୁର୍ଯ୍ୟୋଧନଙ୍କ ପ୍ରତି ଦ୍ରୌପଦୀଙ୍କ ଉପହାସମୂଳକ ବାକ୍ୟ 'ଅନ୍ଧର ପୁତ୍ର ଅନ୍ଧ' ଏକ ପ୍ରତୀକ ହୋଇ ରହିଛି। ଏହା ଆମକୁ ଶିଖାଏ ଯେ ଅପମାନଜନକ ଶବ୍ଦ ଅନେକ ସମୟରେ ପ୍ରତିଶୋଧର ଅଗ୍ନିକୁ ଆହୁରି ପ୍ରଜ୍ୱଳିତ କରିଦିଏ। ସେହିପରି ରାମାୟଣରେ ମନ୍ଥରାଙ୍କ ଅସ୍ତ୍ର ଥିଲା କେବଳ ଶବ୍ଦ। ସେହି ଶବ୍ଦ କୈକେୟୀଙ୍କ ମନରେ ସନ୍ଦେହ ଓ ଅସୁରକ୍ଷାର ବୀଜ ବପନ କଲା, ଯାହାର ପରିଣାମରେ ଅଯୋଧ୍ୟାର ଇତିହାସ ବଦଳିଗଲା। ପୁଣି ଆଡଲଫ୍ ହିଟଲରଙ୍କ ଘୃଣାଭରା ଭାଷଣ ଏକ ସମଗ୍ର ଜାତିକୁ ଉନ୍ମାଦନାକୁ ଠେଲିଦେଇ ଦ୍ୱିତୀୟ ବିଶ୍ୱଯୁଦ୍ଧର ଭୟଙ୍କର ବିପର୍ଯ୍ୟୟର ମଞ୍ଚ ପ୍ରସ୍ତୁତ କରିଥିଲା।

ଅନ୍ୟପକ୍ଷରେ ଶବ୍ଦ ମାନବତାର ମୁକ୍ତିର ମାର୍ଗ ମଧ୍ୟ ଦେଖାଇଛି। ସମ୍ରାଟ ଅଶୋକ କଳିଙ୍ଗ ଯୁଦ୍ଧର ରକ୍ତପାତ ପରେ ବୁଦ୍ଧଙ୍କ ବାଣୀ ଶୁଣି ନିଜ ଜୀବନର ଦିଗ ବଦଳାଇଥିଲେ। ସ୍ୱାମୀ ବିବେକାନନ୍ଦଙ୍କ 'ଆମେରିକାର ପ୍ରିୟ ଭଉଣୀ ଓ ଭାଇମାନେ' ଭଳି କେତୋଟି ଶବ୍ଦ ବିଶ୍ୱ ସମ୍ମୁଖରେ ଭାରତର ସହିଷ୍ଣୁତା ଓ ବିଶ୍ୱବନ୍ଧୁତ୍ୱର ପରିଚୟ ହୋଇଥିଲା। ମହାତ୍ମା ଗାନ୍ଧୀଙ୍କ 'କର ବା ମର' ଏବଂ ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ 'ତୁମେ ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି' କୋଟି କୋଟି ଭାରତୀୟଙ୍କ ରକ୍ତରେ ସ୍ୱାଧୀନତାର ସ୍ୱପ୍ନ ଜାଗ୍ରତ କରିଥିଲା। ଭାରତର ସ୍ୱାଧୀନତା ଆନ୍ଦୋଳନରେ 'ବନ୍ଦେ ମାତରମ୍' ଓ 'ସରଫରୋଶୀ କି ତମନ୍ନା' ଲକ୍ଷ ଲକ୍ଷ ଯୁବକଙ୍କୁ ପ୍ରେରଣା ଦେଇଥିଲା। ଏହି ଶବ୍ଦଗୁଡ଼ିକ ଗୁଳିଠାରୁ ଅଧିକ ଶକ୍ତିଶାଳୀ ସାବ୍ୟସ୍ତ ହୋଇଥିଲା। ମାର୍ଟିନ୍ ଲୁଥର କିଙ୍ଗ ଜୁନିଅରଙ୍କ 'ଆଇ ହାଭ୍ ଏ ଡ୍ରିମ୍' ଆମେରିକାର ଜାତିଗତ ସମାନତା ଆନ୍ଦୋଳନକୁ ନୂଆ ଦିଗ ଦେଇଥିଲା। ଫ୍ରାନ୍ସ ବିପ୍ଳବରେ ଦାର୍ଶନିକ ରୁଷୋ ଓ ଭଲଟେୟାରଙ୍କ ଲେଖା ସାଧାରଣ ଲୋକଙ୍କ ଚେତନାକୁ ବଦଳାଇଥିଲା।

ଏହା ପ୍ରମାଣ କରେ ଯେ ଶବ୍ଦ କେବଳ ସଂଯୋଗର ମାଧ୍ୟମ ନୁହେଁ; ଏହା ସାମାଜିକ ଶକ୍ତିର ଉତ୍ସ। ଶବ୍ଦ ମଣିଷକୁ ଦେବତା କରିପାରେ, ପୁଣି ଦାନବ ମଧ୍ୟ କରିପାରେ। ଶବ୍ଦ ଫୁଲ ହୋଇପାରେ, କଣ୍ଟା ମଧ୍ୟ ହୋଇପାରେ। ତେଣୁ ଶବ୍ଦ ନିଜେ ଭଲ କିମ୍ବା ଖରାପ ନୁହେଁ। ତାହାର ଉଦ୍ଦେଶ୍ୟ, ପ୍ରସଙ୍ଗ ଓ ପ୍ରୟୋଗ ତାହାର ଶକ୍ତିକୁ ନିର୍ଣ୍ଣୟ କରେ। ସେଥିପାଇଁ ଆମ ଓଡ଼ିଆରେ ଗୋଟେ କଥା ଅଛି - 'କହି ଜାଣିଲେ କଥା ସୁନ୍ଦର, ବାନ୍ଧି ଜାଣିଲେ ମଥା ସୁନ୍ଦର।' ଆଜିର ଡିଜିଟାଲ୍ ଯୁଗରେ ଏହି ଶକ୍ତି ଅକଳ୍ପନୀୟ ଭାବେ ବୃଦ୍ଧି ପାଇଛି।

ଏକଦା ରାଜାଙ୍କ କଥା ରାଜ୍ୟ ଭିତରେ ସୀମିତ ଥିଲା। ଆଜି ଜଣେ ବିଚାରପତି, ଜଣେ ମନ୍ତ୍ରୀ କିମ୍ବା ଜଣେ ସାର୍ବଜନିକ ବ୍ୟକ୍ତିଙ୍କ ଗୋଟିଏ ଶବ୍ଦ କିଛିସେକେଣ୍ଡ ମଧ୍ୟରେ ସମଗ୍ର ବିଶ୍ୱରେ ପହଞ୍ଚି ଯାଉଛି। ଏହି କାରଣରୁ ସାର୍ବଜନିକ ପଦବୀରେ ଥିବା ବ୍ୟକ୍ତିଙ୍କ ଭାଷା କେବଳ ତାଙ୍କର ବ୍ୟକ୍ତିଗତ ଭାଷା ନହୋଇ ସମ୍ପୃକ୍ତ ସଂସ୍ଥାର ମର୍ଯ୍ୟାଦା ଓ ସମାଜର ଆସ୍ଥା ସହ ଜଡ଼ିତ ହୋଇଯାଏ। ଏହି ପ୍ରେକ୍ଷାପଟରେ ସମ୍ପ୍ରତି ଭାରତରେ ଘଟିଥିବା ଛାତ୍ରଆନ୍ଦୋଳନ ସମୟର ଏକ ବହୁଚର୍ଚ୍ଚିତ ଘଟଣା ଆମକୁ ପୁଣିଥରେ ଶବ୍ଦର ଶକ୍ତି ବିଷୟରେ ଭାବିବାକୁ ବାଧ୍ୟ କରିଛି। ସର୍ବୋଚ୍ଚ ନ୍ୟାୟାଳୟର ଶୁଣାଣି ସମୟରେ ବେରୋଜଗାର ଯୁବପିଢ଼ିଙ୍କ ପ୍ରତି ବ୍ୟବହୃତ 'କକ୍ରୋଚ୍' ଶବ୍ଦଟି ଦେଶବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଥିଲା। ଏହି ଶବ୍ଦ କେଉଁ ପ୍ରସଙ୍ଗରେ କୁହାଯାଇଥିଲା, ତାହାକୁ ନେଇ ଭିନ୍ନ ଭିନ୍ନ ବ୍ୟାଖ୍ୟା ରହିଛି। କିନ୍ତୁ ଗୋଟିଏ କଥା ନିର୍ବିବାଦ ଯେ ଅନେକ ଛାତ୍ରଛାତ୍ରୀ, ବିଶେଷକରି ଯୁବପିଢ଼ି, ସେହି ଶବ୍ଦକୁ ଗଭୀର ମାନସିକ ଆଘାତ ଭାବରେ ଅନୁଭବ କରିଥିଲେ। ଏହାପରେ ସାମାଜିକ ଗଣମାଧ୍ୟମ, ବୌଦ୍ଧିକ ମଞ୍ଚ ଓ ଜନସାଧାରଣଙ୍କ ମଧ୍ୟରେ ଭାଷାର ମର୍ଯ୍ୟାଦା ଓ ସାର୍ବଜନିକ ପଦରେ ଥିବା ବ୍ୟକ୍ତିଙ୍କ ଦାୟିତ୍ୱକୁ ନେଇ ବ୍ୟାପକ ଆଲୋଚନା ଆରମ୍ଭ ହୋଇଥିଲା। ଯାହା ଫଳରେ 'କକ୍ରୋଚ୍ ଜନତା ପାର୍ଟି' ସୃଷ୍ଟି ହୋଇ ପରବର୍ତ୍ତୀ ସମୟରେ ସର୍ବଭାରତୀୟ ସ୍ତରରେ ଏକ ବିରାଟ ଛାତ୍ର ଆନ୍ଦୋଳନକୁ ଜନ୍ମଦେଲା।

ଏଠାରେ ପ୍ରଶ୍ନ ଏହା ନୁହେଁ ଯେ ଗୋଟିଏ ଶବ୍ଦ ଏକାକୀ କୌଣସି ଆନ୍ଦୋଳନକୁ ଜନ୍ମ ଦେଇପାରେ କି ନାହିଁ। ଇତିହାସ କହେ, କୌଣସି ବଡ଼ ଆନ୍ଦୋଳନର ପଛରେ ଥାଏ ଅନେକ କାରଣ। ଦୀର୍ଘଦିନର କ୍ଷୋଭ, ଅନ୍ୟାୟର ଅନୁଭବ, ଆଶଙ୍କା, ଅବିଶ୍ୱାସ ଓ ସାମାଜିକ ପରିସ୍ଥିତି। କିନ୍ତୁ ଏହା ମଧ୍ୟ ଇତିହାସର ସତ୍ୟ ଯେ କେତେକ ଶବ୍ଦ ସେହି ନିରବ ଅସନ୍ତୋଷର ଏକ ପ୍ରତୀକ ଭାବରେ ପ୍ରତୀୟମାନ ହୋଇଥାଏ। ଯେପରି ଏକ ଛୋଟ ଅଗ୍ନିସ୍ଫୁଲିଙ୍ଗ ସମ୍ପୂର୍ଣ୍ଣ ଜଙ୍ଗଲକୁ ଧ୍ୱଂସ କରିପାରେ, ସେହିପରି କେତେକ ଶବ୍ଦ ପୂର୍ବରୁ ରହିଥିବା ଭାବନାକୁ ନୂଆ ଗତି ଦେଇଥାଏ। ଏହି ଦୃଷ୍ଟିକୋଣରୁ ସାମ୍ପ୍ରତିକ ଘଟଣାରେ ଭାଷାର ସାମାଜିକ ପ୍ରଭାବକୁ ବୁଝିବା ଅତ୍ୟନ୍ତ ଜରୁରୀ। ମନୋବିଜ୍ଞାନରେ ଏହାକୁ 'ଲେବେଲିଂ ଇଫେକ୍ଟ' ବୋଲି କୁହାଯାଏ। ଯେତେବେଳେ କୌଣସି ବ୍ୟକ୍ତି କିମ୍ବା ଗୋଷ୍ଠୀ ସମୂହକୁ ଏକ ଅବମାନନାତ୍ମକ ଶବ୍ଦରେ ସମ୍ବୋଧନ କରାଯାଏ, ସେମାନେ କେବଳ ସେହି ଶବ୍ଦକୁ ଶୁଣନ୍ତି ନାହିଁ; ସେମାନେ ଅନୁଭବ କରନ୍ତି ଯେ ତାଙ୍କର ପରିଚୟ, ପରିଶ୍ରମ ଓ ସମ୍ମାନକୁ ମଧ୍ୟ ସେହି ଶବ୍ଦ ସହ ମପାଯାଉଛି। ବିଶେଷକରି ଆଜିର ଯୁବପିଢ଼ି ଆତ୍ମସମ୍ମାନ, ସ୍ୱାଭିମାନ ଓ ନିଜ ପରିଚୟ ପ୍ରତି ଅଧିକ ସଚେତନ। ସେଥିପାଇଁ ସେମାନେ ଶବ୍ଦର ପ୍ରଭାବକୁ କେବଳ ଭାଷାଗତ ଘଟଣା ଭାବେ ନୁହେଁ, ବରଂ ସମ୍ମାନ ଓ ମର୍ଯ୍ୟାଦାର ପ୍ରଶ୍ନ ଭାବରେ ଦେଖନ୍ତି।

ଗଣତନ୍ତ୍ରର ଚାରି ସ୍ତମ୍ଭ, ବିଧାନପାଳିକା, କାର୍ଯ୍ୟପାଳିକା, ନ୍ୟାୟପାଳିକା ଏବଂ ଗଣମାଧ୍ୟମ ପ୍ରତି ଜନସାଧାରଣଙ୍କ ଆସ୍ଥା ହିଁ ଗଣତନ୍ତ୍ରର ପ୍ରକୃତ ଶକ୍ତି। ସେଥିପାଇଁ ଏହି ସ୍ତମ୍ଭମାନଙ୍କ ସହ ଜଡ଼ିତ ବ୍ୟକ୍ତିଙ୍କ ପ୍ରତ୍ୟେକ ଶବ୍ଦ କେବଳ ବ୍ୟକ୍ତିଗତ ମତ ନୁହେଁ, ବରଂ ସଂସ୍ଥାର ମର୍ଯ୍ୟାଦା ଓ ଗଣତାନ୍ତ୍ରିକ ସଂସ୍କୃତିର ପ୍ରତିଫଳନ। ତେଣୁ ଯେତେ ଉଚ୍ଚ ପଦବୀ, ସେତେ ଅଧିକ ବାକ୍-ସଂଯମ ଆବଶ୍ୟକତା। ଶକ୍ତିର ପ୍ରକୃତ ପରିଚୟ କଠୋର ଭାଷାରେ ନୁହେଁ; ସଂଯମ ଭାଷାରେ ପ୍ରକାଶ ପାଏ। ସମ୍ମାନ ଦେଇ କୁହାଯାଇଥିବା କଥାର ପ୍ରଭାବ ଅପମାନ କରି କୁହାଯାଇଥିବା କଥାଠାରୁ ସବୁବେଳେ ଅଧିକ ସ୍ଥାୟୀ। ଆଜି ଆମ ସମାଜକୁ ଶବ୍ଦର ସଂସ୍କୃତି ପୁଣିଥରେ ଶିଖିବାକୁ ପଡ଼ିବ। ମତଭେଦ ଗଣତନ୍ତ୍ରର ସୌନ୍ଦର୍ଯ୍ୟ; କିନ୍ତୁ ଅବମାନନା ଗଣତନ୍ତ୍ରର ଶକ୍ତି ନୁହେଁ। ସମାଲୋଚନା ତୀବ୍ର ହୋଇପାରେ, କିନ୍ତୁ ଭାଷା ମର୍ଯ୍ୟାଦାଜନକ ହେବା ଉଚିତ୍। କାରଣ କହିଦେବା କଥା, ବୋହିଗଲା ପାଣି କେବେ ଫେରି ଆସେନାହିଁ। ପଦବୀର ଉଚ୍ଚତା ମଣିଷକୁ କେବଳ ଅଧିକାର ଦିଏ ନାହିଁ; ଅଧିକ ଦାୟିତ୍ୱ ମଧ୍ୟ ଦିଏ। ସେହି ଦାୟିତ୍ୱର ପ୍ରଥମ ପରୀକ୍ଷା ହେଉଛି ତାଙ୍କର ଭାଷା। ଶେଷରେ କବୀରଙ୍କ ସେହି ଅମର ବାଣୀ ପୁଣିଥରେ ମନେ ପଡ଼େ, - 'ଏସି ବାଣୀ ବୋଲିଏ, ମନକା ଆପା ଖୋଏ। ଔରୋଂକୋ ଶୀତଲ କରେ, ଆପହୁଁ ଶୀତଲ ହୋଏ।'

ଉଚ୍ଚାରିତ ଶବ୍ଦର ପ୍ରତିଧ୍ୱନି କେବେ କେବେ ଏକ ଯୁଗର ଚେତନାକୁ ବଦଳାଇ ଦିଏ, ଏକ ସମାଜର ମନୋଭାବକୁ ପରିବର୍ତ୍ତନ କରେ ଏବଂ ଇତିହାସର ପୃଷ୍ଠାରେ ନୂଆ ଅଧ୍ୟାୟ ଲେଖିଦିଏ। ଶବ୍ଦର ଏହି ଶକ୍ତିକୁ ବୁଝିବା ହିଁ ସଭ୍ୟତାର ପ୍ରଥମ ପାଠ।

ପଦ୍ମପୁର(କେନ୍ଦୁଝର)
ମୋ: ୯୪୩୭୦୨୨୬୬୯

# ପ୍ରକୃତିରୁ ବିଶ୍ୱସୁସ୍ଥତା ପର୍ଯ୍ୟନ୍ତ

**ଉର୍ମିଳା ଦାଶ**

ଏକବିଂଶ ଶତାବ୍ଦୀରେ ସମଗ୍ର ବିଶ୍ୱ ସ୍ୱାସ୍ଥ୍ୟର ଅର୍ଥକୁ ନୂତନ ଦୃଷ୍ଟିରେ ବୁଝିବାକୁ ଆରମ୍ଭ କରିଛି। କେବଳ ରୋଗ ହେଲେ ଔଷଧ ସେବନ କରିବା ନୁହେଁ, ବରଂ ରୋଗମୁକ୍ତ, ସନ୍ତୁଳିତ ଓ ସୁସ୍ଥ ଜୀବନ କିପରି ଗଢ଼ାଯିବ, ତାହା ଆଜିର ପ୍ରମୁଖ ଆଲୋଚ୍ୟ ବିଷୟ। କରୋନା ମହାମାରୀ ପରେ ରୋଗପ୍ରତିରୋଧକ ଶକ୍ତି, ମାନସିକ ସ୍ଥିରତା, ଶୁଦ୍ଧ ଆହାର, ଯୋଗ, ଧ୍ୟାନ, ପ୍ରାକୃତିକ ଚିକିତ୍ସା ଓ ସମନ୍ୱିତ ସ୍ୱାସ୍ଥ୍ୟବ୍ୟବସ୍ଥା ପ୍ରତି ବିଶ୍ୱବାସୀଙ୍କ ଆଗ୍ରହ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ଏହି ପରିପ୍ରେକ୍ଷୀରେ ଭାରତର ଆୟୁର୍ବେଦ ବିଶ୍ୱ ସ୍ୱାସ୍ଥ୍ୟ ଚିନ୍ତାଧାରାର ଏକ ନୂତନ ଦିଗନ୍ତ ଉନ୍ମୋଚନ କରିଛି।

ଆୟୁର୍ବେଦ କେବଳ ଏକ ଚିକିତ୍ସା ପଦ୍ଧତି ନୁହେଁ; ଏହା ଏକ ସମ୍ପୂର୍ଣ୍ଣ ଜୀବନଦର୍ଶନ। ଏହା ମଣିଷର ଶରୀର, ମନ ଓ ଆତ୍ମାକୁ ପ୍ରକୃତି ସହିତ ସମନ୍ୱିତ କରି ସୁସ୍ଥ ଜୀବନର ପଥ ଦେଖାଏ। ଭାରତୀୟ ଦର୍ଶନର 'ପିଣ୍ଡେ ଯାହା, ବ୍ରହ୍ମାଣ୍ଡେ ତାହା' ମହାବାକ୍ୟକୁ ଆୟୁର୍ବେଦ ସ୍ୱାସ୍ଥ୍ୟ ବିଜ୍ଞାନର ଭାଷାରେ ବ୍ୟାଖ୍ୟା କରିଛି। ପୃଥିବୀ, ଜଳ, ଅଗ୍ନି, ବାୟୁ ଓ ଆକାଶଏହି ପଞ୍ଚମହାଭୂତ ଯେପରି ସୃଷ୍ଟିର ମୂଳ ଆଧାର, ସେହିପରି ମାନବ ଶରୀର ମଧ୍ୟ ଏହି ପଞ୍ଚତତ୍ତ୍ୱର ସୁସନ୍ତୁଳିତ ସମନ୍ୱୟ। ଆୟୁର୍ବେଦର ମୂଳ ଆଧାର ହେଉଛି ସନ୍ତୁଳନ। ବାତ, ପିତ୍ତ ଓ କଫ - ଏହି ତ୍ରିଦୋଷର ସମତା ହିଁ ସୁସ୍ଥତାର ପରିଚାୟକ। ଏହି ସନ୍ତୁଳନରେ ବ୍ୟତିକ୍ରମ ଘଟିଲେ ରୋଗର ଉତ୍ପତ୍ତି ହୁଏ। ତେଣୁ ଆୟୁର୍ବେଦ କେବଳ ରୋଗର ଲକ୍ଷଣକୁ ଦମନ କରେନାହିଁ; ରୋଗର ମୂଳ କାରଣକୁ ଚିହ୍ନଟ କରି ତାହାର ସମାଧାନ ଦିଗରେ ଗୁରୁତ୍ୱ ଦିଏ। ଆହାର, ବିହାର, ଋତୁଚର୍ଯ୍ୟା, ଦିନଚର୍ଯ୍ୟା, ନିଦ୍ରା, ସଦାଚାର ଓ ପ୍ରକୃତି ସହ ମଣିଷର ସମ୍ପର୍କ ଆୟୁର୍ବେଦର ମୂଳ ଭିତ୍ତି।

ଆଧୁନିକ ଯୁଗରେ ବିଜ୍ଞାନ ଓ ପ୍ରଯୁକ୍ତି ମଣିଷକୁ ଅନେକ ସୁବିଧା ଦେଇଥିଲେ ମଧ୍ୟ ଜୀବନଶୈଳୀଜନିତ ରୋଗର ପ୍ରକୋପ ଚିନ୍ତାଜନକ ଭାବେ ବୃଦ୍ଧି ପାଉଛି। ମଧୁମେହ, ଉଚ୍ଚ ରକ୍ତଚାପ, ମୋଟାପଣ, ମାନସିକ ଚାପ, ନିଦ୍ରାହୀନତା ଓ ଅବସାଦ ଭଳି ସମସ୍ୟା ମଣିଷକୁ ଅସ୍ଥିର କରିଦେଇଛି। ଏପରି ସମୟରେ ଆୟୁର୍ବେଦ ଆମକୁ ସ୍ମରଣ କରାଏ ଯେ ମଣିଷ ପ୍ରକୃତିରୁ ଅଲଗା ନୁହେଁ; ସେ ପ୍ରକୃତିର ଏକ ଅଭିନ୍ନ ଅଂଶ। ମାଟି, ପାଣି, ସୂର୍ଯ୍ୟକିରଣ, ପବନ, ଋତୁ ଓ ଶୁଦ୍ଧ ଆହାର ସହିତ ସମନ୍ୱୟପୂର୍ଣ୍ଣ ଜୀବନ ହିଁ ଚିରସ୍ଥାୟୀ ସ୍ୱାସ୍ଥ୍ୟର ଭିତ୍ତି। ଯୋଗ, ପ୍ରାଣାୟାମ, ଧ୍ୟାନ ଓ ପ୍ରାକୃତିକ ଚିକିତ୍ସା ଯେତେବେଳେ ଆୟୁର୍ବେଦ ସହ ସମନ୍ୱିତ ହୁଏ, ସେତେବେଳେ ସମଗ୍ର ସ୍ୱାସ୍ଥ୍ୟର ଏକ ପୂର୍ଣ୍ଣାଙ୍ଗ ମଡେଲ ସୃଷ୍ଟି ହୁଏ। ଯୋଗ ଶରୀରକୁ ସୁଦୃଢ଼ କରେ, ପ୍ରାଣାୟାମ ଜୀବନଶକ୍ତିକୁ ସନ୍ତୁଳିତ କରେ, ଧ୍ୟାନ ମନକୁ ପ୍ରଶାନ୍ତ କରେ, ପ୍ରାକୃତିକ ଚିକିତ୍ସା ପଞ୍ଚତତ୍ତ୍ୱ ସହ ମଣିଷର ସମ୍ପର୍କକୁ ଦୃଢ଼ କରେ ଏବଂ ଆୟୁର୍ବେଦ ସୁସ୍ଥ ଜୀବନଶୈଳୀ ମାଧ୍ୟମରେ ଦୀର୍ଘକାଳୀନ ସ୍ୱାସ୍ଥ୍ୟର ପଥ ପ୍ରଦର୍ଶନ କରେ।

ଭାରତ ସରକାରଙ୍କ ନିତି ଆୟୋଗ ପ୍ରକାଶିତ 'ଆୟୁର୍ବେଦକୁ ବିଶ୍ୱସ୍ତରୀୟ କରିବା ପାଇଁ କୌଶଳଗତ କାର୍ଯ୍ୟଯୋଜନା' ରିପୋର୍ଟ ଆୟୁର୍ବେଦକୁ ପ୍ରମାଣଭିତ୍ତିକ, ଗୁଣମାନସମ୍ପନ୍ନ ଏବଂ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ପଦ୍ଧତିରେ ପରିଣତ କରିବାର ଦିଗନିର୍ଦ୍ଦେଶ ଦେଇଛି। ଏଥିରେ ଉପଲବ୍ଧତା, ଗ୍ରହଣଯୋଗ୍ୟତା ଓ ପ୍ରଚାରକୁ ମୁଖ୍ୟ ଆଧାର କରାଯାଇଛି। ବୈଶ୍ୱିକ ଆୟୁର୍ବେଦ ପଞ୍ଜୀକରଣ ବ୍ୟବସ୍ଥା, ଅନ୍ତର୍ଜାତୀୟ ମାନଦଣ୍ଡ, ଗବେଷଣା, ଗୁଣମାନ, ଚିକିତ୍ସକ ପ୍ରଶିକ୍ଷଣ, ବିଦେଶୀ ବଜାର ଓ ଚିକିତ୍ସା ପର୍ଯ୍ୟଟନ ଭଳି ବିଷୟଗୁଡ଼ିକ ଏହି ରୋଡମ୍ୟାପର ପ୍ରମୁଖ ଅଂଶ। ଓଡ଼ିଶା ପରି ପ୍ରାକୃତିକ ସମ୍ପଦରେ ସମୃଦ୍ଧ ରାଜ୍ୟରେ ଆୟୁର୍ବେଦର ସମ୍ଭାବନା ଅଧିକ ବ୍ୟାପକ। ଆଦିବାସୀ ଓ ଗ୍ରାମୀଣ ସମାଜର ପାରମ୍ପରିକ ଔଷଧୀୟ ଜ୍ଞାନ, ଔଷଧୀୟ ଉଦ୍ଭିଦ, ଜଙ୍ଗଲୀ ଶାଗ, ମାଣ୍ଡିଆ, ହଳଦୀ, ନିମ, ତୁଳସୀ, ହରିଡ଼ା, ବାହାଡ଼ା ଓ ଅଁଳା ପରି ସମ୍ପଦକୁ ବୈଜ୍ଞାନିକ ଭାବେ ସଂରକ୍ଷଣ ଓ ଲିପିବଦ୍ଧ କରାଗଲେ ଏହା ବିଶ୍ୱ ପାଇଁ ଏକ ମୂଲ୍ୟବାନ ସ୍ୱାସ୍ଥ୍ୟ ଐତିହ୍ୟରେ ପରିଣତ ହୋଇପାରିବ।

ଆୟୁର୍ବେଦରେ ଖାଦ୍ୟକୁ ପ୍ରଥମ ଔଷଧ ବୋଲି ବିବେଚନା କରାଯାଏ। ରୋଷେଇ ଘର ହିଁ ପ୍ରଥମ ଔଷଧାଳୟ। ସ୍ଥାନୀୟ ଧାନ୍ୟ, ଜୈବିକ କୃଷି, ଋତୁ ଅନୁଯାୟୀ ଆହାର ଓ ପ୍ରାକୃତିକ ଖାଦ୍ୟ ଅଭ୍ୟାସ ଆଗାମୀ ଦିନରେ ସୁସ୍ଥ ସମାଜ ଗଠନର ମୂଳ ଆଧାର ହୋଇପାରିବ। ତେବେ ବିଶ୍ୱକୁ ଆୟୁର୍ବେଦର ବାର୍ତ୍ତା ପହଞ୍ଚାଇବାକୁ ହେଲେ ଗୁଣମାନ, ପ୍ରମାଣଭିତ୍ତିକ ଗବେଷଣା, ଔଷଧର ଶୁଦ୍ଧତା, ଚିକିତ୍ସକଙ୍କ ଦକ୍ଷତା, ରୋଗୀ ସୁରକ୍ଷା ଓ ସ୍ୱଚ୍ଛ ବ୍ୟବସ୍ଥାକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ହେବ। ଜ୍ଞାନ ସହିତ ବିଶ୍ୱାସ ମଧ୍ୟ ଅର୍ଜନ କରିବାକୁ ପଡ଼ିବ। ଆୟୁର୍ବେଦର ମୂଳ ଗ୍ରନ୍ଥ ସଂସ୍କୃତରେ ରଚିତ। ତେଣୁ ସଂସ୍କୃତ ଜ୍ଞାନର ସଠିକ୍ ବ୍ୟାଖ୍ୟା ସହିତ ଓଡ଼ିଆ, ହିନ୍ଦୀ, ଇଂରାଜୀ ଓ ଅନ୍ୟାନ୍ୟ ଭାଷାରେ ସରଳ ଭାବେ ଏହାକୁ ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ଆବଶ୍ୟକ। ସେହିପରି କୃତ୍ରିମ ବୁଦ୍ଧିମତ୍ତା, ଡିଜିଟାଲ୍ ସ୍ୱାସ୍ଥ୍ୟ ସେବା, ଦୂରବର୍ତ୍ତୀ ପରାମର୍ଶ, ବହୁଭାଷୀ ଶିକ୍ଷା, ଗବେଷଣା ଓ ପ୍ରଯୁକ୍ତିର ସୁଚିନ୍ତିତ ବ୍ୟବହାର ଆୟୁର୍ବେଦକୁ ବିଶ୍ୱର କୋଣ ଅନୁକୋଣରେ ପହଞ୍ଚାଇପାରିବ।

ଆୟୁର୍ବେଦର ଶତାବ୍ଦୀ କେବଳ ଭାରତର ଗୌରବର ଶତାବ୍ଦୀ ନୁହେଁ; ଏହା ସମଗ୍ର ମାନବଜାତି ପାଇଁ ପ୍ରକୃତି ସହ ସମନ୍ୱୟପୂର୍ଣ୍ଣ, ସନ୍ତୁଳିତ ଓ ସୁସ୍ଥ ଜୀବନର ଶତାବ୍ଦୀ ହୋଇପାରେ। ଯେତେବେଳେ ଆୟୁର୍ବେଦ, ଯୋଗ, ଧ୍ୟାନ, ପ୍ରାକୃତିକ ଚିକିତ୍ସା, ଜୈବିକ କୃଷି, ଆଦିବାସୀ ଜ୍ଞାନ, ସଂସ୍କୃତର ପ୍ରାଚୀନ ପ୍ରଜ୍ଞା ଓ ଆଧୁନିକ ପ୍ରଯୁକ୍ତି ଏକ ସୂତ୍ରରେ ବାନ୍ଧି ହେବ, ସେତେବେଳେ ଭାରତ ବିଶ୍ୱକୁ କେବଳ ଚିକିତ୍ସା ନୁହେଁ, ବରଂ ଏକ ସୁସ୍ଥ, ସନ୍ତୁଳିତ ଓ ମାନବିକ ଜୀବନଦର୍ଶନ ଉପହାର ଦେଇପାରିବ। ସ୍ୱାସ୍ଥ୍ୟର ଭବିଷ୍ୟତ ପ୍ରକୃତି ସହିତ ସମନ୍ୱୟରେ ନିହିତ। ସେହି ସମନ୍ୱୟର ଅନ୍ୟନାମ ହେଉଛି ଆୟୁର୍ବେଦ।

ଗରଦପୁର(କେନ୍ଦ୍ରାପଡ଼ା),
ମୋ: ୯୬୭୮୩୯୯୭୧୧

# ଅଶୋକଙ୍କ ଅଭିଲେଖ ଓ ସ୍ୱତନ୍ତ୍ର କଳିଙ୍ଗ ଅଭିଲେଖ

**ଓଡ଼ିଶାର ବୌଦ୍ଧ ପରମ୍ପରା**

**ପ୍ରବୀର କୁମାର ପଟ୍ଟନାୟକ**

*ପୂର୍ବପ୍ରକାଶିତ ଉତ୍ତାରୁ...*

ଦ୍ୱିତୀୟ ଅନୁଶାସନଟି ପ୍ରଥମ କଳିଙ୍ଗ ଅନୁଶାସନର ପୂର୍ବାଂଶକୁ ଦୋହରାଇଥାଏ ଏବଂ 'ସମସ୍ତ ମଣିଷ ମୋର ସନ୍ତାନ' ବାକ୍ୟାଂଶଟି ମଧ୍ୟ ସେଥିରେ ଅନ୍ତର୍ଭୁକ୍ତ। ସମ୍ରାଟ ଅଶୋକ ତାଙ୍କର ଅଧିକାରୀମାନେ ତାଙ୍କର ସରଳ ତଥା ନ୍ୟାୟପୂର୍ଣ୍ଣ ପ୍ରଶାସନ ନୀତିକୁ ନିଶ୍ଚିତ ଭାବେ ଯେପରି କାର୍ଯ୍ୟକାରୀ କରିବେ ସେ ବିଷୟରେ ଏବଂ ଦୃଢ ରହିଥିଲେ। ଏଥିରେ ପ୍ରଥମ କଳିଙ୍ଗ ଅନୁଶାସନରେ ଉଲ୍ଲେଖ ଥିବା ଅଧିକାରୀଙ୍କ ବ୍ୟତୀତ ଅନ୍ୟ ଅଧିକାରୀମାନଙ୍କୁ ସମ୍ବୋଧିତ କରାଯାଇଛି। ଧଉଳି ସଂସ୍କରଣରେ ରାଜକୁମାର ତଥା ମହାମାତ୍ରମାନଙ୍କୁ କୁହାଯାଇଛି। ଏଥିରେ ରାଜକୁମାର ଯାହା ଦର୍ଶାଯାଇଛି ତାହା ନିଶ୍ଚିତ ଭାବେ ସମଗ୍ର କଳିଙ୍ଗ ଅଞ୍ଚଳରେ ରାଜ୍ୟପାଳଙ୍କୁ ବୁଝାଇବା ସହ ସମ୍ଭବତଃ ସେହି ପଦାଧିକାରୀ ନିଶ୍ଚିତଭାବେ ରାଜ ପରିବାରର ସଦସ୍ୟ ରହିଥିବେ। ସେହିଭଳି ଜଉଗଡ଼ ସଂସ୍କରଣରେ ମହାମାତ୍ରଙ୍କ ସହ ରାଜ ବାଚନିକଙ୍କୁ ପଦାଧିକାରୀ ଭାବେ ଦର୍ଶାଯାଇଛି। ଯେଉଁ ରାଜବାଚନିକ ପଦାଧିକାରୀ କୁହାଯାଇଛି ସେ ନିଶ୍ଚିତ ଭାବେ ସାଧାରଣ ସଂବାଦବହାକ ଅଥବା ନଗର ଘୋଷକଙ୍କ ଠାରୁ ଅଧିକ କ୍ଷମତା ଥିବା କେହି ଅଧିକାରୀ ହୋଇଥିବେ ଏବଂ ତାଙ୍କର ଦାୟିତ୍ୱ ମଧ୍ୟ ସେହିଭଳି ରାଜକୀୟ ଅଥବା ଶାସକୀୟ ଅଦେଶନାମାର ସର୍ବସାଧାରଣରେ ଘୋଷଣା କରାଇବା ରହିଥିବ।

ଏହି ଶିଳାଲେଖର ମୁଖ୍ୟ ବାର୍ତ୍ତାଟି ତ୍ରୟୋଦଶ ବୃହତ୍ ଶିଳାଲେଖରେ ମଧ୍ୟ ଅନ୍ତର୍ଭୁକ୍ତ। ମାତ୍ର କଳିଙ୍ଗରେ ତାହାର ପ୍ରକାଶନକୁ ଚାପି ଦିଆଯାଇଥିଲା। ଏହା ମୁଖ୍ୟତଃ ମୌର୍ଯ୍ୟ ସାମ୍ରାଜ୍ୟ ଏବଂ ସୀମାନ୍ତ ଅଞ୍ଚଳରେ ବସବାସ କରୁଥିବା ପରାଜିତ ହୋଇନଥିବା ଆଦିବାସୀ ଜନଜାତିଙ୍କ ସଂପର୍କକୁ ଦର୍ଶାଇଥାଏ। ଅଶୋକ ଚାହୁଁଥିଲେ ଏହି ଲୋକମାନେ ତାଙ୍କ ଉପରେ ଆସ୍ଥା ତଥା ଭରସା ସ୍ଥାପନ କରନ୍ତୁ ଏବଂ ତାଙ୍କ ଦୟା ଉପରେ ନିର୍ଭର କରନ୍ତୁ ଏବଂ ତାଙ୍କ ପ୍ରଜାମାନଙ୍କ ଭଳି ଏମାନେ ମଧ୍ୟ ଧର୍ମ ଅଥବା ନୀତି ଶିକ୍ଷା ଏବଂ ସଦାଚାରକୁ ଅନୁସରଣ କରନ୍ତୁ। ଅଶୋକ ସେମାନଙ୍କ ପାଇଁ କେବଳ ଖୁସି ଚାହାନ୍ତି ଓ ତାଙ୍କ ସହ ସଂପର୍କ ଓ ଭାବ ବିନିମୟରେ ସେମାନଙ୍କର କୌଣସି ଦୁଃଖ ସେ ଚାହାନ୍ତି ନାହିଁ। ଆଉ ସେମାନଙ୍କୁ କୌଣସି ଅପରାଧ କଲେ ଯେତେ ପର୍ଯ୍ୟନ୍ତ କ୍ଷମା କରାଯାଇ ପାରିବ। ସେ ଯେପରି ତାଙ୍କ ପ୍ରତି ଦୟାଶୀଳ ଓ କ୍ଷମାଶୀଳ ହେବେ। ଆଉ ମଧ୍ୟ ଶାସନ ତରଫରୁ ସେମାନଙ୍କୁ ଏହି ବିଶ୍ୱାସ ଦେବାକୁ ପଡ଼ିବ ଯେପରିକି ରାଜା ସେମାନଙ୍କ ପାଇଁ ପିତାଙ୍କ ସ୍ଥାନରେ ଅଛନ୍ତି ଏବଂ ରାଜା ତାଙ୍କ ନିଜ ପାଇଁ ଯେତିକି ଭାବନ୍ତି। ସେମାନଙ୍କ ପାଇଁ ସେହିଭଳି ଭାବିଥାନ୍ତି।

ଏହି ଅନୁଶାସନଟିର ଶେଷରେ କର୍ମଚାରୀମାନେ ଯେପରି ଏହାର ନିର୍ଦ୍ଦେଶଗୁଡିକୁ କାର୍ଯ୍ୟକାରୀ କରିନ୍ତି ତାହାକୁ ସୁନିଶ୍ଚିତ କରିବା ନିମନ୍ତେ ଏହାକୁ ସ୍ୱତନ୍ତ୍ର ଭାବରେ ଖୋଦେଇ କରାଯାଇଥିବା କଥା କୁହାଯାଇଛି। ଏହି ରାଜାଜ୍ଞାକୁ ମଧ୍ୟ ସର୍ବାଧିକ ଚାରିମାସ ବ୍ୟବଧାନରେ ଏବଂ ବିଭିନ୍ନ ଉପଯୁକ୍ତ ସମୟରେ ସର୍ବସାଧାରଣଙ୍କ ସାମନାରେ ନିୟମିତ ଭାବେ ଘୋଷଣା କରିବାକୁ ହେବ। ଦ୍ୱିତୀୟ କଳିଙ୍ଗ ଶିଳାଲେଖ ସାମ୍ରାଜ୍ୟର ଅନ୍ୟ କୌଣସି ଅଂଶ ବା ଅଞ୍ଚଳ ବିଷୟରେ କିଛି ଉଲ୍ଲେଖ କରେ ନାହିଁ। ତେଣୁ ଏହା ସମ୍ଭବତଃ କେବଳ କଳିଙ୍ଗରେ ପ୍ରଚାର କରିବା ନିମନ୍ତେ ସ୍ୱତନ୍ତ୍ର ଭାବେ ଲେଖାଯାଇ ଥିଲା। ଏହି ଲେଖାଟି ତ୍ରୟୋଦଶ ଶିଳାଲେଖରେ (ଯାହାକୁ ବାଦ ଦିଆଯାଇଥିଲା) ଥିବା ସୀମାନ୍ତ ଅଞ୍ଚଳରେ ଅବଶିଷ୍ଟ ଲୋକଙ୍କ ପାଇଁ ଥିବା ନିର୍ଦ୍ଦେଶକୁ ବଦଳାଇବା ପାଇଁ ଉଦ୍ଦିଷ୍ଟ ଥିଲା। ଏହା ଜଙ୍ଗଲ ପାହାଡ଼ ଅଞ୍ଚଳରେ ରହୁଥିବା ଆଦିବାସୀ ଲୋକଙ୍କ ପ୍ରତି ଅଶୋକଙ୍କ ଚିନ୍ତାକୁ ପ୍ରତିଫଳିତ କରେ। ଏହି ଲୋକମାନେ ନିଃସନ୍ଦେହରେ ନିୟମିତ ବ୍ୟବଧାନରେ ଅଧିକ ସ୍ଥାୟୀ ଜନବସତି ଉପରେ ଆକ୍ରମଣ କରୁଥିଲେ। ଅଶୋକ ସ୍ପଷ୍ଟ ଭାବରେ ଏହି ଆଦିବାସୀ ଲୋକମାନଙ୍କୁ ଆର୍ଯ୍ୟ ସଂସ୍କୃତିର ପରିସର ମଧ୍ୟକୁ ଆଣିବା ପାଇଁ ଆନ୍ତରିକ ପ୍ରୟାସ କରୁଥିବା ଜଣାଯାଉଛି। ମାତ୍ର ସେହି ଲୋକମାନଙ୍କ ବିରୁଦ୍ଧରେ କୌଣସି ଶାସ୍ତିମୂଳକ କାର୍ଯ୍ୟପନ୍ଥା ଗ୍ରହଣ କରିବା ନିମନ୍ତେ ଅଶୋକ ଇଚ୍ଛୁକ ନଥିଲେ। ତଥାପି ନିହାତି ଆବଶ୍ୟକ ହେଲେ ସେମାନଙ୍କ ବିରୋଧରେ ଶକ୍ତି ପ୍ରଦର୍ଶନ ନିମନ୍ତେ ତାଙ୍କର ଶାସକୀୟ କାର୍ଯ୍ୟଭାବେ ଦାୟିତ୍ୱ ଥିଲା ବୋଲି ସେ ମନେ କରୁଥିଲେ। ତ୍ରୟୋଦଶ ଶିଳାନୁଶାସନ ବଦଳରେ କଳିଙ୍ଗରେ ପ୍ରବର୍ତ୍ତିତ ଏହି ଅନୁଶାସନରେ ସେହି ଗୁପ୍ତ ଧମକ ସେତେ ପ୍ରବଳ ଭାବରେ ପ୍ରକାଶ ପାଇନାହିଁ। ଏହି ପରିବର୍ତ୍ତିଟି ବାସ୍ତବରେ ବେଶ ସ୍ପଷ୍ଟ ଯେପରି ସେମାନେ ପଶ୍ଚାତାପ କରିବେ ମାତ୍ର ସେମାନଙ୍କୁ ହତ୍ୟା କରାଯିବ ନାହିଁ। (କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ମିଳିଲା ଆଉ...

ବିବାଦର ସମାଧାନ ରାସ୍ତା ବାହାର କରିବେ ବୋଲି ଶ୍ରୀ ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ଅପରପକ୍ଷେ ଦୁଇରାଜ୍ୟ ମଧ୍ୟରେ କେଉଁ ଫର୍ମୂଲା ଆଧାରରେ ବିବାଦର ସମାଧାନ ପାଇଁ ଉଦ୍ୟମ ଜାରି ରହିଛି, ତାହାକୁ କାହିଁକି ଗୋପନ ରଖାଯାଉଛି ବୋଲି ବିଶେଷଜ୍ଞ ମହଲ ପ୍ରଶ୍ନ କରିଛନ୍ତି। ରାଜ୍ୟ ବିଜେପି ସରକାର ରାଜ୍ୟବାସୀ, ବିରୋଧୀ ଦଳ, ଜଳ ବିଶେଷଜ୍ଞମାନଙ୍କୁ ଆଦୌ ବିଶ୍ୱାସକୁ ନେଉନାହାନ୍ତି। ଆପୋଷ ସମାଧାନକୁ ସଭିଙ୍କର ସମର୍ଥନ ରହିଛି। ମାତ୍ର ସମସ୍ତଙ୍କ ମତାମତ ଭିତ୍ତିରେ ଯଦି ରାଜ୍ୟ ସରକାର ସମାଧାନ କ୍ଷେତ୍ରରେ ଆଗକୁ ବଢ଼ନ୍ତେ, ତାହେଲେ ଏହା ରାଜ୍ୟ ସ୍ୱାର୍ଥ ଦିଗରେ ଯାଆନ୍ତା। ସରକାର କିନ୍ତୁ ସେପରି ନକରି, ସଭିଙ୍କୁ ଅନ୍ଧାରରେ ରଖିବାକୁ ଚେଷ୍ଟା କରୁଛନ୍ତି ବୋଲି ବିଶେଷଜ୍ଞ ମହଲ କ୍ଷୋଭ ପ୍ରକାଶ କରିଛନ୍ତି। ଛତିଶଗଡ଼ ସିଡବ୍ଲ୍ୟୁସିର କଥାକୁ ଯେ ପୂର୍ଣ୍ଣମାତ୍ରାରେ ଗ୍ରହଣ କରିନେବ ତାହାର ମାନେ ନାହିଁ। ଯଦି ରାଜ୍ୟ ବିଜେପି ସରକାର ସତରେ ବିବାଦର ସମାଧାନ ଦିଗରେ ଆଗ୍ରହୀ, ତାହେଲେ ଏନେଇ କେନ୍ଦ୍ର ସରକାରଙ୍କର ହସ୍ତକ୍ଷେପ ଲୋଡ଼ନ୍ତୁ।ଚକେନ୍ଦ୍ର ଜଳଶକ୍ତି ମନ୍ତ୍ରୀଙ୍କ ଉପସ୍ଥିତିରେ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ବିବାଦର ସମାଧାନ ପାଇଁ ଆଲୋଚନା କରିବା ସ୍ୱାଗତଯୋଗ୍ୟ। ନିକଟରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ମଧ୍ୟସ୍ଥତାରେ ହରିୟାଣା ଏବଂ ରାଜସ୍ଥାନ ମଧ୍ୟରେ ଦୀର୍ଘ ୩୨ ବର୍ଷ ଧରି ଚାଲିଆସିଥିବା ଜମୁନା ଜଳ ବିବାଦର ଐତିହାସିକ ସମାଧାନ ହେଲା। ତାହେଲେ ଓଡ଼ିଶା କ୍ଷେତ୍ରରେ ସମାନ ଆଭିମୁଖ୍ୟ କାହିଁକି ଗ୍ରହଣ କରାଯିବ ନାହିଁ ବୋଲି ସେମାନେ ପ୍ରଶ୍ନ କରିଛନ୍ତି।

### ନୀରବିଗଲେ ପ୍ରଣବ...

ଓଡ଼ିଆ ଚଳଚ୍ଚିତ୍ର ସଙ୍ଗୀତରେ ତାଙ୍କ ଅବଦାନ ବିଶେଷ ଭାବେ ସ୍ମରଣୀୟ ବୋଲି ଓଡ଼ିଶା ସଙ୍ଗୀତ ଜଗତର ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି। କଟକ ଖାନ୍ ନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

ପ୍ରଣବ ପଟ୍ଟନାୟକଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ମୁଖ୍ୟମନ୍ତ୍ରୀ ଲେଖିଛନ୍ତି, "ନିଜର କାଳଜୟୀ କଣ୍ଠସ୍ୱରରେ ସମଗ୍ର ଓଡ଼ିଶାକୁ ବିମୋହିତ କରିଥିବା ମହାନ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କ ପରଲୋକ ବିଷୟରେ ଜାଣି ମୁଁ ଅତ୍ୟନ୍ତ ଦୁଃଖିତ। ଜୟଦେବ ପୁରସ୍କାର, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ଏବଂ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଭଳି ଅନେକ ସମ୍ମାନରେ ଭୂଷିତ ଏହି ଅତୁଳନୀୟ ସଙ୍ଗୀତ ସାଧକଙ୍କ ଦେହାନ୍ତ ଓଡ଼ିଆ କଳା ଓ ସଂସ୍କୃତି ଜଗତରେ ଏକ ଅପୂରଣୀୟ ଶୂନ୍ୟତା ସୃଷ୍ଟି କରିଛି। ତାଙ୍କର ସୁମଧୁର ସ୍ୱରର ମୂର୍ଚ୍ଛନା ଓ କାଳଜୟୀ ସଙ୍ଗୀତ ପ୍ରତ୍ୟେକ ଓଡ଼ିଆଙ୍କ ହୃଦୟରେ ଚିରକାଳ ଅମର ହୋଇ ରହିବ।" ଶୋକସନ୍ତପ୍ତ ପରିବାରବର୍ଗ ଓ ଅସଂଖ୍ୟ ପ୍ରଶଂସକଙ୍କୁ ଗଭୀର ସମବେଦନା ଜଣାଇବା ସହ ଦିବଂଗତ ଆତ୍ମାର ସଦ୍‌ଗତି ପାଇଁ ମୁଖ୍ୟମନ୍ତ୍ରୀ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

ସେହିପରି ପ୍ରଣବଙ୍କ ବିୟୋଗରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦୁଃଖ ପ୍ରକାଶ କରି ଲେଖିଛନ୍ତି, "ଓଡ଼ିଆ ସଙ୍ଗୀତ ଜଗତର ଅଭୁଲା ସ୍ୱର, ବର୍ଷୀୟାନ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ତାଙ୍କ ସୁମଧୁର ଗାୟନ ଶୈଳୀ ଅନେକ ଓଡ଼ିଆ ସଙ୍ଗୀତକୁ ଲୋକଙ୍କ ହୃଦୟରେ କାଳଜୟୀ କରିଛି। ସଙ୍ଗୀତ ଜଗତକୁ ସମୃଦ୍ଧ କରିବାରେ ତାଙ୍କ ଅବଦାନ ଚିର ସ୍ମରଣୀୟ ହୋଇ ରହିବ। ଏପରି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୋର ଗଭୀର ସମବେଦନା ଜଣାଇବା ସହ ଦିବଂଗତ ଅମର ଆତ୍ମାର ସଦ୍‌ଗତି କାମନା କରୁଛି'।

୧୯୩୮ ମସିହା ଜାନୁଆରୀ ମାସ ୨୦ ତାରିଖରେ ଜନ୍ମଗ୍ରହଣ କରିଥିଲେ। ପିଲାଟିଦିନରୁ ତାଙ୍କର ସଂଗୀତ ପ୍ରତି ରୁଚି ରହିଥିଲା। ପ୍ରଥମେ ସେ କଟକ ଆକାଶବାଣୀ କେନ୍ଦ୍ରର ସ୍ୱୀକୃତିପ୍ରାପ୍ତ କଣ୍ଠଶିଳ୍ପୀ ହେବାର ସୌଭାଗ୍ୟ ଲାଭ କରିଥିଲେ। ୧୯୫୮ ମସିହାରେ ମୁକ୍ତିଲାଭ କରିଥିବା ମା' ଚଳଚ୍ଚିତ୍ରରୁ ପ୍ରଛଦପଟ୍ଟ କଣ୍ଠଶିଳ୍ପୀ ଭାବେ କ୍ୟାରିୟର ଆରମ୍ଭ କରିଥିଲେ। ସେବେଠାରୁ ସେ ଆଉ ପଛକୁ ଫେରି ନ ଥିଲେ। ଦର୍ଶକଙ୍କୁ ଭେଟି ଦେଇଥିଲେ ଗୋଟିକ ପରେ ଗୋଟିଏ ମନଛୁଆଁ ସଙ୍ଗୀତ। ତାଙ୍କର ସୁଦୀର୍ଘ କ୍ୟାରିୟର ଭିତରେ ପ୍ରଣବ ପଟ୍ଟନାୟକ ୫୦ରୁ ଅଧିକ ଚଳଚ୍ଚିତ୍ରରେ କଣ୍ଠଦାନ କରିଥିଲେ। ସେ ବାଳକୃଷ୍ଣ ଦାସ, ଉପେନ୍ଦ୍ର କୁମାର, ଅକ୍ଷୟ ମହାନ୍ତି, ଶାନ୍ତନୁ ମହାପାତ୍ର, ପ୍ରଫୁଲ୍ଲ କର, ଭୁବନେଶ୍ୱର ମିଶ୍ର, ବାସୁଦେବ ରଥ ଏବଂ ସ୍ୱରୂପ ନାୟକଙ୍କ ଭଳି ଲୋକପ୍ରିୟ ସଂଗୀତ ନିର୍ଦ୍ଦେଶକଙ୍କ ସ୍ୱର ସଂଯୋଜନାରେ କଣ୍ଠଦାନ କରିବାର ସୁଯୋଗ ପାଇଥିଲେ। ସେହିପରି ଏକାଧିକବାର ଶ୍ରେଷ୍ଠ ପ୍ରଛଦପଟ୍ଟ ଗାୟକ ଭାବେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଲାଭ କରିଥିଲେ। ଏହାବ୍ୟତୀତ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ସର୍ବୋଚ୍ଚ ଚଳଚ୍ଚିତ୍ର ସମ୍ମାନ ଜୟଦେବ ପୁରସ୍କାରରେ ମଧ୍ୟ ସମ୍ମାନିତ ହୋଇଥିଲେ।

### ୨୫ ବେଳକୁ...

ପର୍ଯ୍ୟନ୍ତ ମିଳୁଥିବା ସମୟର ସୁଯୋଗ ନେଇ କିଆରୀର ଜଳ ନିଷ୍କାସନ ନାଳି ସଫା କରି ଜଳମଗ୍ନ ଧାନକିଆରୀରୁ ଅତିରିକ୍ତ ଜଳ ନିଷ୍କାସନ କରିବାର ଆବଶ୍ୟକ ରହିଛି। ଏଥିସହିତ ୨୪ ଅଗଷ୍ଟ ପର୍ଯ୍ୟନ୍ତ ହେବାକୁ ଥିବା ସାମୟିକ ବିଜୁଳି, ଘଡ଼ଘଡ଼ି ଓ ସ୍ଥାନୀୟ ବର୍ଷାରୁ ସାବଧାନ ରହିବାକୁ ମଧ୍ୟ ପ୍ରଫେସର ପଶୁପାଳକ ପରାମର୍ଶ ଦେଇଛନ୍ତି।

### କୋଟିପତି ତହସିଲଦାର...

ଠାବ କରିବା ସହ ସୁନ୍ଦରଗଡ଼ ଓ ରାଉରକେଲା ସହର ଉପକଣ୍ଠରେ ଥିବା ୬ଟି ମୂଲ୍ୟବାନ ପ୍ଲଟ୍ ରହିଥିବା ରେକର୍ଡକୁ ନେଇଥିଲା। ରାଉରକେଲା ଭିଜିଲାନ୍ସ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ହରେକୃଷ୍ଣ ମାଝୀ ସୂଚନା ଦେଇ କହିଛନ୍ତି ଯେ, ଗିରଫ ତହସିଲଦାର ମୂରଲୀଧରର ମୋଟ ସମ୍ପତ୍ତିର ମୂଲ୍ୟ ୨ କୋଟି ୬୦ ଲକ୍ଷ ୨୬ ହଜାର ଟଙ୍କା ଭିଜିଲାନ୍ସ ପକ୍ଷରୁ ଆକଳନ କରାଯାଇଛି। ସୁନ୍ଦରଗଡ କରମଡିହ ଠାରେ ଥିବା ଦୁଇ ମହଲା କୋଠାର ମୂଲ୍ୟ ୭୩ ଲକ୍ଷ ଟଙ୍କା ଆକଳନ କରାଯାଇଥିବା ବେଳେ ଠାବ ହୋଇଥିବା ୬ଟି ପ୍ଲଟର୍ ମୂଲ୍ୟ ୨୨ ଲକ୍ଷ ୯୦ ହଜାର ଟଙ୍କା ହେବ। ସେହିପରି ତାଙ୍କର ବ୍ୟାଙ୍କ, ପୋଷ୍ଟାଲ ଏବଂ ବୀମାରେ ମୋଟ ୭୫ ଲକ୍ଷ ଟଙ୍କା ଜମା ରହିଥିବା ଜଣାପଡିଛି। ତାଙ୍କ କାରର ମୂଲ୍ୟ ୯ ଲକ୍ଷ ଟଙ୍କା, ନଗଦ ୧୦ ଲକ୍ଷ ୮୩ ହଜାର ଟଙ୍କା, ବିଭିନ୍ନ ଘରକରଣା ସାମଗ୍ରୀ, ଜବତ ସୁନା ଅଳଙ୍କାର ମୂଲ୍ୟ ୫୫ ଲକ୍ଷ ଟଙ୍କା ଆକଳନ କରାଯାଇଥିବା ବେଳେ ଆସବାବପତ୍ର ମୂଲ୍ୟ ୧୩ ଲକ୍ଷ ୯୧ ହଜାର ଟଙ୍କା ହେବ ବୋଲି ଭିଜିଲାନ୍ସ ଏସ୍‌ପି ଶ୍ରୀ ମାଝୀ ସୂଚନା ଦେଇଛନ୍ତି। ତହସିଲଦାର ଉର୍ମାଲଙ୍କୁ ଗିରଫ ପରେ ଆଜି କୋର୍ଟ ଚାଲାଣ କରାଯିବା ସହ ଘଟଣାରେ ତଦନ୍ତ ଓ ଅନ୍ୟାନ୍ୟ ସମ୍ପତ୍ତିର ଯାଞ୍ଚ ପ୍ରକ୍ରିୟା ଜାରି ରହିଥିବା ସୂଚନା ମିଳିଛି।

### ସରକାରଙ୍କୁ ଖୋଲା...

ନ୍ୟାୟାଳୟର ୯ ଜଣିଆ ଖଣ୍ଡପୀଠ ଏହା ଉପରେ ବିଚାର କରି ଖଣି ଓ ଖଣିର ଜମି ଉପରେ ରାଜ୍ୟମାନଙ୍କର ଅଧିକାର ରହିଛି, ତେଣୁ ରାଜ୍ୟମାନେ ଖଣିଜ ପଦାର୍ଥ ଉପରେ ଲେଭି ଓ ଟ୍ୟାକ୍ସ ଲଗାଇ ପାରିବେ ବୋଲି ମତ ଦେଇଥିଲେ। ଏହାସହ ୧ ଏପ୍ରିଲ ୨୦୦୫ରୁ ଖଣି ମାଲିକମାନଙ୍କଠାରୁ ବକେୟା ଟ୍ୟାକ୍ସ ଆଦାୟ କରିପାରିବେ ବୋଲି ଉଚ୍ଚତମ ନ୍ୟାୟାଳୟ ରାୟ ଦେଇଥିଲେ। ସେହି ଅନୁସାରେ ଓଡ଼ିଶା ଦେଢ଼ ଲକ୍ଷ କୋଟି ଟଙ୍କା ବକେୟା ରାଜସ୍ୱ ପାଇବ ବୋଲି ଆକଳନ ହୋଇଥିଲା। ଏହାଛଡ଼ା ପ୍ରତିବର୍ଷ ଖଣି ରାଜସ୍ୱ ଅଧିକ ୧୨,୦୦୦ କୋଟି ଟଙ୍କା ଆଦାୟ ହୋଇପାରିବ ବୋଲି ଆକଳନ କରାଯାଇଥିଲା। କିନ୍ତୁ ଏମଏମଡିଆର ସଂଶୋଧନ ବିଲ୍ ଜରିଆରେ ଓଡ଼ିଶାର ନ୍ୟାଯ୍ୟ ପ୍ରାପ୍ୟକୁ କେନ୍ଦ୍ର ସରକାର ହଡ଼ପ କରିଦେଲେ। ଓଡ଼ିଶାରୁ ନିର୍ବାଚିତ ବିଜେପିର ୨୦ ଲୋକସଭା ସାଂସଦ ଓ ୫ ରାଜ୍ୟସଭା ସାଂସଦ ରାଜ୍ୟ ବିରୋଧୀ ବିଲକୁ ସମର୍ଥନ କଲେ। । ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଭିଡିଓ ବାର୍ତ୍ତାରେ ଏହି ବିଲ ଦ୍ୱାରା ଓଡିଶାର ପ୍ରଭୁତ କ୍ଷତି ହେବ ବୋଲି ଉଲ୍ଲେଖ କରିଛନ୍ତି। ମାତ୍ର ଏହା ବିଜେପି ପାଇଁ ହଜମ ହେଉନାହିଁ। କେବଳ ମିଥ୍ୟା ତଥ୍ୟ ଦେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଓ ରାଜ୍ୟ ଖଣିମନ୍ତ୍ରୀ ଓଡ଼ିଶାବାସୀଙ୍କୁ ଭୁଆଁ ବୁଲାଇବାକୁ ଚେଷ୍ଟା କରୁଛନ୍ତି ବୋଲି ସେ କହିଛନ୍ତି।

ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର କହିଛନ୍ତି ଯେ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟର ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ସର୍ବୋଚ୍ଚ ନ୍ୟାୟାଳୟରେ ଏକ ସତ୍ୟପାଠ ଦାଖଲ କରିଥିଲେ। ଯେଉଁଥିରେ ଖଣିରୁ ଲେଭି ଓ ଟିକସ ଆଦାୟ ଓଡ଼ିଶା ସ୍ୱାର୍ଥ ଦୃଷ୍ଟିରୁ ନିତ୍ୟାନ୍ତ ଜରୁରୀ ଓ ବକେୟା ଖଣି ରାଜସ୍ୱ ନ ମିଳିଲେ ଓଡ଼ିଶାର ବ୍ୟାପକ କ୍ଷତି ହେବ ବୋଲି କହିଥିଲେ । ମାତ୍ର ଏବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାଜ୍ୟର କ୍ଷତିହେବ ନାହିଁ ବୋଲି କହୁଛନ୍ତି । ଯଦି ଏହି ମନ୍ତବ୍ୟ ଠିକ୍, ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଡଭୋକେଟ ଜେନେରାଲଙ୍କ ଦେଇଥିବା ସତ୍ୟପାଠ ମିଥ୍ୟା ବୋଲି ବୁଝିବାକୁ ହେବ। ତେଣୁ ଉଚ୍ଚତମ ନ୍ୟାୟାଳୟରେ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ରଖିଥିବା ସତ୍ୟପାଠ ଠିକ୍ ନା ଧର୍ମେନ୍ଦ୍ର ପ୍ରଧାନ ଓ ଖଣିମନ୍ତ୍ରୀ ବିଭୂତି ଜେନା ଦେଇଥିବା ବିବୃତି ଠିକ୍, ବିଜେପି ତାହା ସ୍ପଷ୍ଟ କରିବା ଆବଶ୍ୟକ। ୨୪ ବର୍ଷ ଶାସନରେ ନବୀନ ସରକାର ୭୮,୦୦୦ କୋଟି ଟଙ୍କା ଋଣ ହୋଇଥିଲା ବେଳେ ବିଜେପିର ଦୁଇ ବର୍ଷ ଶାସନରେ ୧,୩୮,୦୦୦ କୋଟି ଟଙ୍କା ଋଣ ନେଇଛନ୍ତି। ତେଣୁ କିଏ କାହାକୁ ଭ୍ରମିତ କରୁଛି ତାହା ଏଥିରୁ ସ୍ପଷ୍ଟ। ଆଗାମୀ ଦିନରେ ବିଜେଡି ଏହାର ଦୃଢ଼ ପ୍ରତିବାଦ କରିବ ବୋଲି ସେ କହିଛନ୍ତି ।

---

**ଶପଥପତ୍ର**

ଆମ୍ଭେ ସନ୍ଦୀପ କୁମାର ଦାସ, ପିତା- ଶିଶିର କୁମାର ଦାସ ବୟସ ପ୍ରାୟ ୩୨ ବର୍ଷ, ଗ୍ରାମ/ସାହି - ନୂଆଗାଁ, ପୋ - ବାଲିସାହି, ନରସିଂହପୁର, ଜି-କଟକ, ଏହା ଜଣାଉ ଅଛୁ ଯେ ମୋ ଘର ନିକଟରେ, ଖାତା ନଂ. ୧୮୮/୧୦, ପ୍ଲଟ୍ ନଂ. ୪୨, ସମ୍ବନ୍ଧୀୟ ମୁଳ ଆରଓଆର୍ ହଜିଯାଇଛି / ମିଳୁନାହିଁ । ଏହି ସମ୍ବନ୍ଧରେ ୨୯.୦୭.୨୦୨୬ ତାରିଖରେ କୁଡୁମ ଥାନାରେ ଅଭିଯୋଗ କରାଯାଇଅଛି । ଯଦି କେହି ଉକ୍ତ ଆରଓଆର/ପଟ୍ଟା ପାଇଥାଆନ୍ତି ଦୟାକରି ନିମ୍ନୋକ୍ତ ଫୋନ୍ ନମ୍ବରରେ ଯୋଗାଯୋଗ କରିବେ । ଆଡ଼ଭୋକେଟ ସୋମନାଥ ପଟ୍ଟନାୟକ - ୮୪୨୦୦୧୧୯୮୫

**AFFIDAVIT**

By virtue of an affidavit sworn before The Executive Magistrate, Nabarangpur, I Sala Rohan Kumar, S/o- Sala Sankar Rao resident of Ichhabatiguda, Nabarangpur, Dist.- Nabarangpur, Odisha, Pin- 764059 vide no. 1120 dtd.20/08/2026 state that, I have changed my name from **S ROHAN KUMAR** to **SALA ROHAN KUMAR**. Henceforth I shall be known as **SALA ROHAN KUMAR** for all future purposes.

**AFFIDAVIT**

By virtue of an affidavit sworn before The Executive Magistrate, Nabarangpur, I Sala Sankar Rao, S/o- Late Sala Basudeb Rao resident of Ichhabatiguda, Nabarangpur, Dist.- Nabarangpur, Odisha, Pin- 764059 vide no. 1121 dtd.20/08/2026 state that, I have changed my name from **S SANKAR RAO** to **SALA SANKAR RAO**. Henceforth I shall be known as **SALA SANKAR RAO** for all future purposes.

**AFFIDAVIT**

By virtue of an affidavit sworn before The Executive Magistrate, Nabarangpur, I Sri Sala Sankar Rao, S/o- Late Sala Basudeb Rao resident of Ichhabatiguda, Nabarangpur, Dist.- Nabarangpur, Odisha, Pin- 764059 vide no. 1122 dtd.20/08/2026 state that, I have changed my minor son's name from **S SAI SWASTIK** to **SALA SAI SWASTIK**. Henceforth he shall be known as **SALA SAI SWASTIK** for all future purposes.

Sd/- Sala Sankar Rao

**AFFIDAVIT**

I ROHIT PANDA S/O RAMESH CHANDRA PANDA, RESIDENT AT-PLOT NO- 115, BAPUJI NAGAR, PS- CAPITAL P.S., BHUBANESWAR- 751009, ODISHA DECLARE BY THIS AFFIDAVIT NO- 84, DT 18.08.2026. THAT NOW ON WARDS I SHALL BE KNOWN AS ROHIT PNDA FOR ALL FEATURES PURPOSES

**AFFIDAVIT**

I, Priyadarshini Mishra, aged about 40years, W/o- Bipin Bihari Panda, resident of At- Canal Road, Gate Bazar, Po- Sakhigopal, Ps- Satyabadi, Dist- Puri, Pin- 752014, State- Odisha declared by this affidavit No.14, dtd-20/08/2026 that now onwards I shall be known as **PRIYADARSANI MISHRA** for all future purposes.

**AFFIDAVIT**

By virtue of an affidavit sworn before executive magistrate, Bhubaneswar, CF.No- 80, dtd.22.7.26 , I Lopamudra Sahu D/o late Nursingh Charan Sahu, At. House no.273, P.o/p.s..saheed nagar, Bhubaneswar Dist. Khordha, Odisha,pin-751007 declare that,I have changed my minor daughter's name from OINAM PRAGATI (old name) to PRAGATI SAHU (new name). Henceforth she shall be known as **PRAGATI SAHU** for all purposes. Sd/Lopamudra Sahu.

---

34001/681/2627 — ID: ee.randbjyp@gmail.com

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, JAYAPUR (R&B) DIVISION, JAYAPUR**
**e-Procurement Notice**
**Bid Identification No. S.E (R&B)-15/2026-27/JYP(K)**

No. 4762 — Date 14.08.26

Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in.

1. Name of the Work : Building Work (Composite) as mentioned in DTCN.
2. No. of Works : 1 No.
3. Estimated Cost : **Rs. 43.2 lakhs**
4. Period of completion : 4 (Four) Month
5. Date & Time of Bidding : From 11.00 hours of **21.08.2026** Up-to 17.00 hours of **31.08.2026**
6. Last date & time for receipt of bids in portal : 17.00 hours of **31.08.2026.**
7. Bids received online shall be opened on : 11.00 hours of **01.09.2026.**
8. Name and address of the officer inviting Bid: : **Superintending Engineer, Jayapur (R&B) Division, Jayapur**

Further details can be seen from the www.tendersodisha.gov.in

Superintending Engineer
Jayapur (R&B) Division

OIPR-34001/34027/1/26-27/0016

---

**ADVERTISEMENT**

**PANCHAYAT SAMITI COLLEGE, GAISILAT**
At/Po.- Gaisilat, Dist.- Baragada, Odisha - 768037
(Affiliated to Sambalpur University)
Email: prlgaisilat@gmail.com

No. 956 /PSC — Dt. 21.08.2026

**ENGAGEMENT OF RETIRED READER/LECTURER AS GUEST FACULTY FOR THE SESSION 2026-27**

Applications are invited from **Retired Reader/ Lecturer** for temporary engagement as **Guest Faculty** for the Academic Session 2026-27 in the following subjects at Panchayat Samiti College, Gaisilat, Dist.- Baragada as per DHE Letter No.57198 Dt. 23.10.2025.

| Sl. No. | Name of the Post | Subject | No. of Posts |
|---|---|---|---|
| 1. | Guest Faculty | MATHEMATICS | 01 (One) |
| 2. | Guest Faculty | BOTANY | 01 (One) |
| 3. | Guest Faculty | GEOGRAPHY | 01 (One) |

ONLINE APPLICATION : Interested candidates are required to apply online through the HIMS portal at https://hims.odisha.gov.in/guest_faculty/home

APPLICATION PERIOD : From dt. **23.08.2026** to **30.08.2026**

DOCUMENT VERIFICATION & SCRUTINY : **02.09.2026**

★ Note : Candidates are advised to visit the HIMS portal regularly for detailed information, eligibility criteria and other updates.

Sd/-
**PRINCIPAL**
Panchayat Samiti College, Gaisilat

---

**IDBI BANK**

କ୍ଷେତ୍ରୀୟ କାର୍ଯ୍ୟାଳୟ: ୧ମ ମହଲା, ଆଇଡିବିଆଇ ହାଉସ୍, ଜନପଥ, ୟୁନିଟ୍-୯, ଭୁବନେଶ୍ୱର-୭୫୧୦୨୨, CIN: L65190MH2004GOI148838

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ ଅଫ୍ ଫାଇନାନସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ନୋଟିସ। ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫେର୍ସମେଣ୍ଟ) ରୁଲ୍ସର ରୁଲ୍ ୬(୨), ରୁଲ୍ ୮(୬) ଏବଂ ରୁଲ୍ ୯(୧) ପ୍ରାବଧାନ ସହିତ

ଏତଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷଭାବେ ଋଣଗ୍ରହୀତା, ବନ୍ଧକଦାତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦିଆଯାଉଛି କି ସୁରକ୍ଷିତ ଋଣଦାତା (ଆଇଡିବିଆଇ ବ୍ୟାଙ୍କ ଲିଃ.)ଙ୍କ ନିକଟରେ ନିମ୍ନଦର୍ଶିତ ସ୍ଥାବର ସମ୍ପତ୍ତିଗୁଡ଼ିକ ବନ୍ଧକ ରହିଛି। ନିମ୍ନରେ ଦର୍ଶିତ ପ୍ରତ୍ୟେକ ଋଣଗ୍ରହୀତାମାନଙ୍କ ଠାରୁ ବକେୟା ଋଣରାଶି ଆଦାୟ କରିବାପାଇଁ ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀମାନେ ଡିମାଣ୍ଡ ନୋଟିସ ଜାରି କରିଥିଲେ। ପୁନଶ୍ଚ ସରଫେଶୀ ଆକ୍ଟ, ୨୦୦୨ ଅନୁସାରେ କ୍ଷମତା ପ୍ରୟୋଗ କରି ସଂପୃକ୍ତ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଦର୍ଶିତ ସୁରକ୍ଷିତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। ଡିମାଣ୍ଡ ନୋଟିସ ଅନୁଯାୟୀ ଆଇଡିବିଆଇ ବ୍ୟାଙ୍କ ଲିଃ. ବକେୟା ରାଶି ସହିତ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ବ୍ୟାଙ୍କ ଦେୟ ବିଯୁକ୍ତ ଆଦାୟ ହୋଇଥିବା ରାଶି ଯଦି ଥାଏ ତାହା ଆଦାୟ କରିବାପାଇଁ ସୁରକ୍ଷିତ ସମ୍ପତ୍ତିକୁ ସର୍ବସାଧାରଣ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ଯାଉଛନ୍ତି। ସର୍ବସାଧାରଣ ବ୍ୟକ୍ତିଗତ ଭାବେ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ପ୍ରସ୍ତାବ ଦାଖଲ ପାଇଁ ଆମନ୍ତ୍ରଣ କରାଯାଉଛି।ଋଣଗ୍ରହୀତା(ମାନ)/ବନ୍ଧକଦାତା(ମାନ)/ ଗ୍ୟାରେଣ୍ଟିଦାତା(ମାନ)/ ସୁରକ୍ଷିତ ସମ୍ପତ୍ତି/ଦେୟ/ସଂରକ୍ଷିତ ମୂଲ୍ୟ / ଇ-ନିଲାମ ତାରିଖ ଏବଂ ସମୟ, ଅମାନତ ଜମା ରାଶି ଏବଂ ବିଡ୍ ବୃଦ୍ଧି ପରିମାଣର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

**ସୁରକ୍ଷିତ ସମ୍ପତ୍ତିଗୁଡିକର ପ୍ରସ୍ତାବିତ ବିକ୍ରୟ ନିମ୍ନମତେ:**

| କ୍ର. ନଂ. | ଋଣଗ୍ରହୀତା/ସହ-ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | କ) ଡ଼ିମାଣ୍ଡ ନୋଟିସ୍ ତାରିଖ, ଖ) ଦଖଲ ତାରିଖ, ଗ) ଦାବିକରାଯାଇଥିବା ରାଶି | ସ୍ଥାବର ସମ୍ପତ୍ତିଗୁଡିକର ସମ୍ପୂର୍ଣ୍ଣ ବିବରଣୀ / ଦଖଲର ପ୍ରକାର | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍‌ବୃଦ୍ଧି ରାଶି |
|---|---|---|---|---|
| ୧. | ଋଣଗ୍ରହୀତା/ସହ-ଋଣଗ୍ରହୀତା: ଶ୍ରୀ ଜନ୍ମେଜୟ ମହାକୁଡ ଏବଂ ଶ୍ରୀମତୀ ରେଖା ମହାକୁଳ, ଉଭୟଙ୍କ ଠିକଣା-୧: ସା/ପୋ: ଇଞ୍ଚୁଡି, ଭାୟା: ରସାଳପୁର, ସା: ଦେୱାନପାଟଣା, ସୁରେନ୍ଦ୍ର ନିବାସ, ମୌଜା: ସୁନହାଟ, ଥାନା: ବାଲେଶ୍ୱର, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୨୧, ଠିକଣା-୨: ପ୍ଲଟ୍ ନଂ.: ୫୩/୨୫୪୨/୫୩୭୧, ଖାତା ନଂ.: ୫୮୪/୧୭୯୬, ସା: ଦେୱାନପାଟଣା, ସୁରେନ୍ଦ୍ର ନିବାସ, ମୌଜା: ସୁନହାଟ, ଥାନା: ବାଲେଶ୍ୱର, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୨ | କ) ୧୦.୦୧.୨୦୨୪ ଖ) ୨୮.୦୩.୨୦୨୪ ଗ) ତା. ୧୦.୦୯.୨୦୨୩ ସୁଦ୍ଧା ଟ.୩୫,୪୯,୩୭୮/- ଏବଂ ସେବାବଦ ସୁଧ | ସମ୍ପତ୍ତିର ମାଲିକ ଏବଂ ବନ୍ଧକଦାତା: ରେଖା ମହାକୁଳଙ୍କ ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୩/୨୫୪୨/୫୩୭୧, ଖାତା ନଂ.: ୫୮୪/୧୭୯୬, ପରିମିତ କ୍ଷେତ୍ର: ୨୦୦୩.୭୬ ବର୍ଗଫୁଟ, ସା: ଦେୱାନପାଟଣା, ମୌଜା: ସୁନହାଟ, ଥାନା: ବାଲେଶ୍ୱର, ତହସିଲ: ବାଲେଶ୍ୱର, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟର ଅବଶିଷ୍ଟ ଅଂଶ, ପଶ୍ଚିମ: ପ୍ଲଟ ନଂ.: ୪୫, ଉତ୍ତର: ପ୍ଲଟ ନଂ.: ୪୮, ଦକ୍ଷିଣ: ରାସ୍ତା ସହିତ ସେଠାରେ ଥିବା ଉଭୟ ବର୍ତ୍ତମାନ ଏବଂ ଭବିଷ୍ୟତରେ ହେବାକୁ ଥିବା ସମସ୍ତ ଏବଂ ଏକକ ଷ୍ଟ୍ରକ୍‌ଚର / ସାଙ୍କେତିକ | ଟ.୪୫,୦୦,୦୦୦/- / ଟ.୪,୫୦,୦୦୦/- / ଟ.୧୦,୦୦୦/- |
| | ଇ-ନିଲାମର ତାରିଖ ଏବଂ ସମୟ: ତା. ୨୪.୦୯.୨୦୨୬ରିଖ, ପୂର୍ବାହ୍ନ ୧୧.୦୦ଘଟିକା ରୁ ମଧ୍ୟାହ୍ନ ୧୨.୦୦ଘଟିକା ପର୍ଯ୍ୟନ୍ତ | | | |
| | ଅମାନତ ରାଶି ଜମାର ଅନ୍ତିମ ତାରିଖ : ୨୩.୦୯.୨୦୨୬ | | | |
| | ସମ୍ପତ୍ତି ତନଖି ତାରିଖ ଏବଂ ସମୟ : ପୂର୍ବରୁ ସୂଚନା ଦେଇ ତା.୨୨.୦୯.୨୦୨୬ରିଖ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ | | | |
| | ନୋଡାଲ ଅଫିସରଙ୍କ ନାମ ଏବଂ ଯୋଗାଯୋଗ ନଂ.: ଶ୍ରୀ ମନୋଜିତ ଦେ, ସହାୟକ ମହାପ୍ରବନ୍ଧକ (ମୋ: ୯୦୮୮୦୧୮୭୩୩), ଶ୍ରୀମତୀ ସୁଚିସ୍ମିତା ଦତ୍ତ, ପ୍ରବନ୍ଧକ (ମୋ: ୯୮୩୦୫୦୮୯୬୧), ଶ୍ରୀ ଦିବ୍ୟଯ୍ୟୋତି ପଣ୍ଡା, ସହାୟକ ପ୍ରବନ୍ଧକ (ମୋ: ୮୨୪୯୭୯୬୨୨୪) | | | |
| | RTGS/NEFT ମାଧ୍ୟମରେ ଅମାନତ ରାଶି ଜମା କରିବା ଅକାଉଣ୍ଟର ବିବରଣୀ ଏବଂ A/c No.: 32834915010026, IFSC Code:IBKL0000328 | | | |
| ୨. | ଋଣଗ୍ରହୀତା: ଏ ହମଦ ଫିସ୍, ସ୍ୱତ୍ୱାଧିକାରୀ: ରୋଜିଦା ଖାତୁନ (ବନ୍ଧକଦାତା) / ଗ୍ୟାରେଣ୍ଟିଦାତା: ଜୁଲଫିକର ଅଲ୍ଲୀ ସାକିବ, ଉଭୟଙ୍କ ଠିକଣା-୧: କାଜି ସାହି, ନଙ୍ଗା ମହଲ୍ଲା, ମସଜିଦ୍ ନିକଟ, ଭଦ୍ରକ ଟାଉନ୍, ଭଦ୍ରକ, ଓଡିଶା, ପିନ୍-୭୫୬୧୦୦, ଠିକଣା-୨: ଖାତା ନଂ.: ୩୨୪, ପ୍ଲଟ୍ ନଂ.: ୧୦୬୦, କ୍ୱାଜି ସାହି, ବାଲିଓରଡା, ପୁରୁଣାବଜାର, ନଙ୍ଗା ମହଲ୍ଲା, ଭଦ୍ରକ, ଓଡିଶା, ପିନ୍-୭୫୬୧୦୦ | କ) ୩୧.୧୨.୨୦୨୪ ଖ) ୦୪.୦୪.୨୦୨୫ ଗ) ତା. ୦୨.୧୧.୨୦୨୪ ସୁଦ୍ଧା ଟ.୧୨,୩୬,୨୪୨.୨୭ ଏବଂ ସେବାବଦ ସୁଧ | ସମ୍ପତ୍ତିର ମାଲିକ ଏବଂ ବନ୍ଧକଦାତା: ରୋଜିଦା ଖାତୁନଙ୍କ ବାସୋପଯୋଗୀ ଖାଲି ଜମି ଆଦି ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପରିମିତ କ୍ଷେତ୍ର: ଏକର ୦.୮୦ ଡିସିମିଲି, ପ୍ଲଟ୍ ନଂ.: ୧୦୬୨, ଖାତା ନଂ.: ୩୩୬/୩୬୭, ପ୍ଲଟ୍ ନଂ.: ୧୦୪୯ ଏବଂ ୧୦୬୩, ଖାତା ନଂ.: ୫୩୭/୧୬୫, ମୌଜା: ବାଲିଓରଡା, ଥାନା: ଭଦ୍ରକ ପୁରୁଣା ବଜାର, ଭଦ୍ରକ-୭୫୬୦୦୧, ରାଜ୍ୟ: ଓଡିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୧୦୬୧, ଉତ୍ତର: ପ୍ଲଟ୍ ନଂ.: ୧୦୪୯, ୧୦୬୨, ଦକ୍ଷିଣ: ୧୦୬୩, ୧୦୬୪ ସହିତ ସେଠାରେ ଥିବା ଉଭୟ ବର୍ତ୍ତମାନ ଏବଂ ଭବିଷ୍ୟତରେ ହେବାକୁ ଥିବା ସମସ୍ତ ଏବଂ ଏକକ ଷ୍ଟ୍ରକ୍‌ଚର / ଭୌତିକ | ଟ.୧୪,୦୦,୦୦୦/- / ଟ.୧,୪୦,୦୦୦/- / ଟ.୧୦,୦୦୦/- |
| | ଇ-ନିଲାମର ତାରିଖ ଏବଂ ସମୟ: ତା. ୦୮.୦୯.୨୦୨୬ରିଖ, ପୂର୍ବାହ୍ନ ୧୧.୦୦ଘଟିକା ରୁ ମଧ୍ୟାହ୍ନ ୧୨.୦୦ଘଟିକା ପର୍ଯ୍ୟନ୍ତ | | | |
| | ଅମାନତ ରାଶି ଜମାର ଅନ୍ତିମ ତାରିଖ : ୦୭.୦୯.୨୦୨୬ | | | |
| | ସମ୍ପତ୍ତି ତନଖି ତାରିଖ ଏବଂ ସମୟ : ପୂର୍ବରୁ ସୂଚନା ଦେଇ ତା.୦୫.୦୯.୨୦୨୬ରିଖ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ | | | |
| | ନୋଡାଲ ଅଫିସରଙ୍କ ନାମ ଏବଂ ଯୋଗାଯୋଗ ନଂ.: ଶ୍ରୀ ଲଳିତ କୁମାର ପାତ୍ର, ସହାୟକ ମହାପ୍ରବନ୍ଧକ (ମୋ: ୮୭୬୩୪୦୦୧୪୦), ଶ୍ରୀମତୀ ସୁଚିସ୍ମିତା ଦତ୍ତ, ପ୍ରବନ୍ଧକ (ମୋ: ୯୮୩୦୫୦୮୯୬୧), ଶ୍ରୀମତୀ ଶକୁନ୍ତଳା ଘୋଷ, ପ୍ରବନ୍ଧକ (ମୋ: ୯୮୩୦୦୨୨୦୫୫) | | | |
| | RTGS/NEFT ମାଧ୍ୟମରେ ଅମାନତ ରାଶି ଜମା କରିବା ଅକାଉଣ୍ଟର ବିବରଣୀ ଏବଂ A/c No.: 40234915010026, IFSC Code:IBKL0000402 | | | |

**ଇ-ନିଲାମ ବିକ୍ରୟର ସଂକ୍ଷିପ୍ତ ନିୟମ ଏବଂ ସର୍ତ୍ତାବଳୀ :** ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ରେ ଧାର୍ଯ୍ୟ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ବିକ୍ରୟ ଅନୁଷ୍ଠିତ ହେବ । ୧. ଆଇଡିବିଆଇ ବ୍ୟାଙ୍କ ଲିଃ ଅର୍ଥାତ ସୁରକ୍ଷିତ ଋଣଦାତାଙ୍କ ଅର୍ଥାତ୍ IDBI Bank Ltd. ପକ୍ଷରୁ "ଯେଉଁଠାରେ ଯେପରି ଅଛି, ଯାହା ଯେପରି ଅଛି, ସେଠାରେ ଯାହାଅଛି ଏବଂ ବିନା ଆଇନଗତ ସହାୟତା" ଭିତ୍ତିରେ ସୁରକ୍ଷିତ ସମ୍ପତ୍ତି ବିକ୍ରୟ କରାଯିବ। ୨) "ବିଡ୍ କାଗଜପତ୍ର" ଏବଂ ଏହି ବିଜ୍ଞାପନରେ ଦିଆଯାଇଥିବା ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ବିକ୍ରୟ ଅନୁଷ୍ଠିତ ହେବ। ବିଡ୍ କାଗଜପତ୍ର ଆମ୍ଭର ଯେ କୌଣସି କାର୍ଯ୍ୟାଳୟରୁ କିମ୍ବା ୱେବସାଇଟ୍: www.idbibank.in ରୁ ଡାଉନ୍‌ଲୋଡ୍ କରିପାରିବେ ଏବଂ https://baanknet.com ଏବଂ https://psballiance.com ରେ ଉପଲବ୍ଧ ହେବ। ୩) ବିକ୍ରୟ ଇ-ନିଲାମ ପ୍ଲାଟଫର୍ମ https:// baanknet.com ରେ ଇ-ନିଲାମ ସେବାପ୍ରଦାନକାରୀ: PSB Alliance Private Limited (BAANKNET Platform) ମାଧ୍ୟମରେ ଅନୁଷ୍ଠିତ ହେବ। ଯୋଗାଯୋଗ ମିସ୍ ସ୍ୱନୀ, ମୋ: +୯୧-୯୯୯୦୬୦୫୦୭୫, ଶ୍ରୀ ଧର୍ମେଶ ଅସର, ମୋ: +୯୧-୯୮୯୨୨୧୯୮୪୮ । ୪) କ୍ଷମତାପ୍ରାପ୍ତ ଅଧିକାରୀ ଯେ କୌଣସି କିମ୍ବା ସମସ୍ତ ବିଡ୍‌କୁ ଗ୍ରହଣ କିମ୍ବା ରଦ୍ଦ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି, ଯଦି ବିଡ୍ ଗ୍ରହଣ ଯୋଗ୍ୟ ନ ହେଲା ତେବେ କୌଣସି କାରଣ ନ ଦର୍ଶାଇ ଯେ କୌଣସି ସମୟରେ ନିଲାମକୁ ସ୍ଥଗିତ / ବାତିଲ କରିପାରନ୍ତି ଏବଂ ଏବିଷୟରେ ତାଙ୍କର ନିଷ୍ପତ୍ତି ଚୂଡ଼ାନ୍ତ ଅଟେ। ୫) ସଫଳ ନିଲାମଧାରୀ ବିକ୍ରୟ ଚୂଡ଼ାନ୍ତ ସମୟରେ ବିକ୍ରୟ ମୂଲ୍ୟର ୨୫% (ଅମାନତରାଶି ଅନ୍ତର୍ଭୁକ୍ତ କରି) ଅର୍ଥାତ ୨୪ ଘଣ୍ଟା ମଧ୍ୟରେ ଦାଖଲ କରିବାକୁ ପଡିବ କିନ୍ତୁ ତାର ପରବର୍ତ୍ତୀ କାର୍ଯ୍ୟ ଦିବସରେ ନୁହେଁ। ବିକ୍ରୟ ମୂଲ୍ୟର ଅବଶିଷ୍ଟ ରାଶି ବିକ୍ରୟ ଚୂଡ଼ାନ୍ତ ହେବାର ୧୫ଦିନ ମଧ୍ୟରେ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ସହମତି କ୍ରମେ ବର୍ଦ୍ଧିତ ସମୟସୀମା ମଧ୍ୟରେ ଦାଖଲ କରିବେ। ଧାର୍ଯ୍ୟ ସମୟସୀମା ମଧ୍ୟରେ ଅବଶିଷ୍ଟ ରାଶି ଦାଖଲ କରିବାରେ ବିଫଳ ହେଲେ ଦାଖଲ କରିଥିବା ରାଶି ବାଜ୍ୟାପ୍ତି କରାଯିବ। ୬) ନିଲାମ ରାଶି ୨୫% ସଙ୍ଗେ ସଙ୍ଗେ ଦାଖଲ କରିବାରେ କିମ୍ବା ଧାର୍ଯ୍ୟ ସମୟସୀମା ମଧ୍ୟରେ ଅବଶିଷ୍ଟ ୭୫% ନିଲାମରାଶି ଦାଖଲ କରିବାରେ ବିଫଳ ହୋଇଥିଲେ ଦାଖଲ କରିଥିବା ରାଶି ବାଜ୍ୟାପ୍ତି କରାଯାଇ ସୁରକ୍ଷିତ ସମ୍ପତ୍ତିକୁ ପୁନଃ ବିକ୍ରୟ କରାଯିବ। ୭) କ୍ରେତା ସମସ୍ତ ଆଇନଗତ ଦେୟ / ଆଟେଣ୍ଡାଣ୍ଟ ଦେୟ / ରେଜିଷ୍ଟ୍ରେସନ ଦେୟ, ଷ୍ଟାମ୍ପ ଡ୍ୟୁଟି, ଅତିରିକ୍ତ ଟିକସ ଇତ୍ୟାଦି ବହନ କରିବେ। ୮) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସଫଳ ନିଲାମଧାରୀଙ୍କୁ ବିକ୍ରୟ ଚୂଡ଼ାନ୍ତ ଚିଠି ଜାରି ପୂର୍ବରୁ ଯଦି ଋଣଗ୍ରହୀତା ବ୍ୟାଙ୍କକୁ ଚୁକ୍ତି ହାରରେ ବକେୟା ରାଶି ସହିତ ଅନ୍ୟାନ୍ୟ ଖର୍ଚ୍ଚ ପ୍ରଦାନ କରନ୍ତି ତେବେ ବିକ୍ରୟ ଚୂଡ଼ାନ୍ତ ହେବ ନାହିଁ। ଏପରି କ୍ଷେତ୍ରରେ ବ୍ୟାଙ୍କ ବିନା ସୁଧରେ ସମସ୍ତ ଅର୍ଥ ସଫଳ ନିଲାମଧାରୀଙ୍କୁ ଫେରସ୍ତ କରିଦେବ। ସବିଶେଷ ବିବରଣୀ ଏବଂ ସମ୍ପୂର୍ଣ୍ଣ ନିୟମ ଏବଂ ସର୍ତ୍ତାବଳୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.idbibank.in ଦେଖନ୍ତୁ ଏବଂ / କିମ୍ବା ଉପର ଦର୍ଶିତ ଶାଖା ଅଧିକାରୀ(ମାନ)ଙ୍କ ସହ ଯୋଗାଯୋଗ କରନ୍ତୁ।

ସ୍ଥାନ: ଭୁବନେଶ୍ୱର
ତାରିଖ : ୨୧.୦୮.୨୦୨୬

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ୍

---

ରେଜିଷ୍ଟ୍ରି ସଂ. ଡି.ଏଲ. ୩୩୦୦୪/୯୯ — Regd. No. D.L. 33004/99

**भारत का राजपत्र**
**The Gazette of India**

24001/418/2627

ସି.ଜି.-ଡି.ଏଲ.-ଅ.-2406206-273777
CG-DL-E-24062026-273777
ଅସାଧାରଣ
(EXTRAORDINARY)
ଭାଗ ୨ - ଖଣ୍ଡ ୩ - ଉପ-ଖଣ୍ଡ (ii)
PART II-Section 3-Sub-section (ii)
ପ୍ରାଧିକାରୀଙ୍କ ଦ୍ୱାରା ପ୍ରକାଶିତ
PUBLISHED BY AUTHORITY

**ସଡକ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ**
**ବିଜ୍ଞପ୍ତି**
**ନୂଆ ଦିଲ୍ଲୀ, 04.11.2025**

S.O.5004(E) - ଯେହେତୁ, ଭାରତ ସରକାରଙ୍କ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟର ବିଜ୍ଞପ୍ତି, ସଂଖ୍ୟା S.O. 5004(E), ତାରିଖ 4 ନଭେମ୍ବର, 2025, ଭାରତୀୟ ଗେଜେଟ୍, ଅସାଧାରଣ, ଭାଗ II, ଧାରା 3, ଉପ-ଧାରା (ii) ରେ ପ୍ରକାଶିତ, ଜାତୀୟ ରାଜପଥ ଆଇନ, 1956 (1956 ର 48) ର ଧାରା 3A ର ଉପ-ଧାରା (1) ଅନ୍ତର୍ଗତ ପ୍ରକାଶିତ, କେନ୍ଦ୍ର ସରକାର ଓଡ଼ିଶା ରାଜ୍ୟର କଳାହାଣ୍ଡି ଜିଲ୍ଲାର ଧର୍ମଗଡ଼ ଉପଖଣ୍ଡ ଅନ୍ତର୍ଗତ କାସିବାହଲ ଏବଂ ସରଧାପୁର ଗ୍ରାମଠାରେ NH-130C ର କିଲୋମିଟର 201.6 ରୁ କିଲୋମିଟର 208.3 ପର୍ଯ୍ୟନ୍ତ ଏକ ଟୋଲ୍ ପ୍ଲାଜା ନିର୍ମାଣ, ରକ୍ଷଣାବେକ୍ଷଣ, ପରିଚାଳନା ଏବଂ ପରିଚାଳନା ପାଇଁ ବିଜ୍ଞପ୍ତି ସହିତ ସଂଲଗ୍ନ ସୂଚୀରେ ନିର୍ଦ୍ଦିଷ୍ଟ ଜମି ଅଗ୍ରହଣ କରିବାକୁ ତାଙ୍କର ଉଦ୍ଦେଶ୍ୟ ଘୋଷଣା କରିଥିଲେ;
ଏବଂ ଯେହେତୁ ଉକ୍ତ ବିଜ୍ଞପ୍ତିର ସାରାଂଶ ଉକ୍ତ ଆଇନର ଧାରା 3A ର ଉପ-ଧାରା (3) ଅନୁଯାୟୀ ଇଂରାଜୀ ଖବର କାଗଜ "ଦି ଟାଇମସ୍ ଅଫ୍ ଇଣ୍ଡିଆ" ତା22.01.2026ରିଖ ଏବଂ ଓଡ଼ିଆ ଖବର କାଗଜ "ସକାଳ" ତା21.01.2026ରିଖରେ ପ୍ରକାଶିତ ହୋଇଥିଲା:
ଯେହେତୁ ଦକ୍ଷ କର୍ତ୍ତୃପକ୍ଷ ଧାରା 3-C ଅନୁଯାୟୀ ଦାଖଲ ହୋଇଥିବା ଆପତ୍ତି ଗ୍ରହଣ କରିଛନ୍ତି, ଯାହା ବିଚାର କରାଯାଇ ଉପଯୁକ୍ତ ଭାବରେ ସମାଧାନ କରାଯାଇଛି;
ଏବଂ ଯେହେତୁ, ଉକ୍ତ ଆଇନର ଧାରା 3D ର ଉପ-ଧାରା (1) ଅନୁଯାୟୀ ସକ୍ଷମ କର୍ତ୍ତୃପକ୍ଷ କେନ୍ଦ୍ର ସରକାରଙ୍କୁ ତାଙ୍କର ରିପୋର୍ଟ ପ୍ରଦାନ କରିଛନ୍ତି;
ତେଣୁ, ବର୍ତ୍ତମାନ, କେନ୍ଦ୍ର ସରକାର, ଦକ୍ଷ ଅଧିକାରୀଙ୍କ ଉପରୋକ୍ତ ରିପୋର୍ଟ ପ୍ରାପ୍ତ କରି ଏବଂ ଉକ୍ତ ଆଇନର ଧାରା 3D ର ଉପ-ଧାରା (1) ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷମତା ବ୍ୟବହାର କରି, ଏହାଦ୍ୱାରା ଘୋଷଣା କରୁଛନ୍ତି ଯେ ଉକ୍ତ ସୂଚୀରେ ନିର୍ଦ୍ଦିଷ୍ଟ ଜମି ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ଅଗ୍ରହଣ କରାଯିବା ଉଚିତ;
ଏବଂ ବର୍ତ୍ତମାନ, ଉକ୍ତ ଆଇନର ଧାରା 3D ର ଉପ-ଧାରା (2) ଅନୁଯାୟୀ, କେନ୍ଦ୍ର ସରକାର ଏହାଦ୍ୱାରା ଘୋଷଣା କରୁଛନ୍ତି ଯେ ସରକାରୀ ଗେଜେଟରେ ଏହି ବିଜ୍ଞପ୍ତି ପ୍ରକାଶନ ପରେ, ଉକ୍ତ ସୂଚୀରେ ନିର୍ଦ୍ଦିଷ୍ଟ ଜମିଗୁଡ଼ିକ ସମସ୍ତ ଭାରରୁ ମୁକ୍ତ ଭାବରେ କେନ୍ଦ୍ର ସରକାରଙ୍କ ଅଧୀନରେ ରହିବ।

**ଭୂମିସୂଚୀ**

ରାଜ୍ୟ: ଓଡ଼ିଶା — ଜିଲ୍ଲା: କଳାହାଣ୍ଡି

| କ୍ର.ନଂ. | ସର୍ଭେ/ପ୍ଲଟ ନଂ | ଜମିର ବିବରଣୀ | କିସମ | ରକବା (ହେକ୍ଟରରେ) | ଜମି ମାଲିକାନି / ଆଗ୍ରହୀ ବ୍ୟକ୍ତି |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ତହସିଲ: ଧର୍ମଗଡ଼ | | | | | |
| ଗ୍ରାମ: କାଶିବାହାଲ | | | | | |
| ୧ | 1818/3845 | ବେସରକାରୀ | ବେର୍ଣ୍ଣା ଅଣଜଳସେଚିତ | 0.0161878 | ସୌଦା ଜାଲ ପିତା - କୃଷ୍ଣ ଜାଲ |
| ୨ | 1818/4610 | ବେସରକାରୀ | ବେର୍ଣ୍ଣା ଅଣଜଳସେଚିତ | 0.0303521 | ବେଶ୍ରା ପରା ପୁଲେଇ, ପିତା- ସିନ୍ଧୁ ବେଶ୍ରା |
| ଗ୍ରାମ: ଶରଧାପୁର | | | | | |
| ୩ | 925 | ବେସରକାରୀ | ଘରବାରୀ | 0.0809389 | ଅଭିମନ୍ୟୁ ବିହାରି, ସତ୍ୟନାରାୟଣ ବିହାରି, ରବିନ୍ଦ୍ର ବିହାରି ପିତା- କୁରୁକ୍ଷେତ୍ର ବିହାରି ଅନୁପ ବିହାରି, ସ୍ୱାମୀ- କୁରୁକ୍ଷେତ୍ର ବିହାରି |
| | | | ମୋଟ | 0.1274788 | |

ଓଡିଶା ରାଜ୍ୟ କଳାହାଣ୍ଡି ଜିଲ୍ଲା, ଧର୍ମଗଡ ଉପଖଣ୍ଡ ଅନ୍ତର୍ଗତ ସରଧାପୁର ଏବଂ କାସିବାହଲ ଗ୍ରାମଠାରେ ଏନଏଚ ୧୩୦ସି ର କିମି ୨୦୧.୬ ରୁ କିମି ୨୦୮.୩ ପାଇଁ ଗଠନ ସହିତ କିମ୍ବା ବିନା ଭୂମି ଅଧିଗ୍ରହଣର ବିବରଣୀ।

ଜିଲ୍ଲା: କଳାହାଣ୍ଡି — ଫାଇଲ ନଂ.- F. No. RO/BBSR/11017/LA/97/2016/3D
https://egazette.gov.in — ଶେଖ୍ ଅମିନ ଖାନ, ନିର୍ଦ୍ଦେଶକ
ପ୍ରକାଶନ ତାରିଖ: 10/07/2026
https://egazette.gov.in
https://bhoomirashi.gov.in
ଟିପ୍ପଣୀ: ଏହି ବିଜ୍ଞପ୍ତିର ଭୌତିକ କପି CALA/PIU/PMU/RO/ED କାର୍ଯ୍ୟାଳୟରେ ମଧ ଉପଲବ୍ଧ ଏବଂ ଜମି ମାଲିକମାନେ ସେଠାରେ ମଧ୍ୟ ବିଜ୍ଞପ୍ତି ଦେଖିପାରିବେ

**MINISTRY OF ROAD TRANSPORT AND HIGHWAYS**
**Notification**
**New Delhi, 04.11.2025.**

S.O. 5004 (E). -Whereas by the notification of the Government of India in the Ministry of Road Transport and Highway, S.O. 5004(E) Dated:4 November 2025 published in Gazette of India, Extraordinary, Part II, Section 3, Sub-section (ii) issued under sub-section (1) of section 3A of the National Highway Act, 1956 (48 of 1956) (hereinafter referred to as the said Act), the Central Government declared its intention to acquire the land specified in the Schedule annexed to the said notification for building (widening/four-laning, etc.), maintenance, management and operation of NH130C in the stretch of land from Km. 201.6 to Km. 208.3 in the village(s) namely- Kasibahal, Saradhapur Taluk- Dharamgarh in the district of KALAHANDI in the state of ODISHA.

And whereas the substance of the said notification has been published in "The Times of India" dtd 22.01.2026 & "SAKALA" dtd 21.01.2026 under sub-section (3) of section 3A of the said Act;

And whereas the Competent Authority has received objections filed under Section 3-C, considered and settled the same appropriately And whereas, in pursuance of sub-section (1) of section 3D of the said Act, the Competent Authority has submitted its report to the Central Government;

Now, therefore, upon receipt of the said report of the Competent Authority and in exercise of the powers conferred by the sub-section (1) of section 3D of the said Act, the Central Government hereby declares that the land specified in the said Schedule should be acquired for the aforesaid purpose;

And further, in pursuance of sub-section (2) of section 3D of the said Act, the Central Government hereby declares that on publication of this notification in the Official Gazette, the land specified in the said Schedule shall vest absolutely in the Central Government, free from all encumbrances.

**LAND SCHEDULE**

State: ODISHA — District: KALAHANDI

| Sl. No. | Survey/Plot Number | Type of Land | Nature of Land | Area (in Hectares | Name of Land Owner/Interested Person |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Taluk: Dharamgarh | | | | | |
| Village: Kasibahal | | | | | |
| 1 | 1818/3845 | Private | Berna Anajalasechita | 0.0161878 | Souda Jal S/o.: Kushan Jal 1818/3845 |
| 2 | 1818/4610 | Private | Berna Anajalasechita | 0.0303521 | Beshra Para Pulai S/o.: Sindhu Beshra 1818/4610 |
| Village: Saradhapur | | | | | |
| 3 | 925 | Private | Gharabari | 0.0809389 | Abhimanyu Bihari, Satya Narayan Bihari, Rabindra Bihari,S/o.: Kurukshetra Bihari, Anup Bihari, W/o.: Kurukshetra Bihari, 925 |
| | | | Total | 0.1274788 | |

Brief Description of the land to be acquired with or without structures falling NH130C in the stretch of land from Km. 201.6 to Km. 208.3 in the village(s) namely- Kasibahal, Saradhapur Taluk-Dharamgarh in the district of KALAHANDI in the state of ODISHA

District: KALAHANDI — File Number: F. No. RO/BBSR/11017/LA/97/2016/3D
https://egazette.gov.in — Shaikh Amin khan, Director
Publication Date: 10/07/2026
https://egazette.gov.in
https://bhoomirashi.gov.in
Note: The physical copy of this notification is also available at the office of CALA/PIU/PMU/RO/ED and Landowners may also see the notification there.

OIPR-24001/24455/3/26-27/0001

---

34001/645/2627 — E-Mail I.D.-eepwdcuttack@gmail.com — Tel./ Fax No.(0671)-2304128

**OFFICE OF THE SUPERINTENDING ENGINEER**
**KATAKA (R&B) DIVISION NO.I: KATAKA**
**GOVERNMENT OF ODISHA "e" procurement Notice**
**e-procurement Notice for Building (E.I.) works**
**Bid Identification No. S.E. CTC(R&B) - 18 of 2026-27**

The Superintending Engineer, Kataka (R&B) Division No. I, Kataka on behalf of Governor of Odisha invites on Percentage rate basis bid in **Single Cover System** in ONLINE MODE from eligible contractor for building work (E.I) as mentioned below.

1. No. of the Work :- **06 (Six) Nos. of E.I Works**
2. Date & time of availability of bid document in the portal :- **From dt.24/08/2026 to 5PM of dt.07/09/2026**
3. Last date / time of receipt of bids in the portal :- **5PM of dt.07/09/2026**
4. Date & time of opening of bids :- **11 A.M of dt. 08/09/2026**
5. Name and address of the Officer Inviting Bid :- **Superintending Engineer, Kataka (R&B) Division No. I, Kataka**

Further details can be seen from the e-procurement portal **"https://tendersodisha.gov.in"**

Er. Md. Shahbaz
Superintending Engineer
Kataka (R&B) Division No.I

OIPR-34001/34012/1/26-27/0026

---

**Mob No:** 9937182746
**Email:** womencollegebargarh@gmail.com

**PARBATI GIRI WOMEN'S COLLEGE**
BARGARH- 768028|ODISHA|

Letter No. 612/PGWCB — Dt. 22.08.2026

**ADVERTISEMENT OF WALK IN INTERVIEW FOR ENGAGEMENT OF RETIRED/FRESHER GUEST FACULTIES**

Applications are invited by online through HIMS portal (www.hims.gov.in) from eligibal candidates from the dt. 22.08.2026 to 30.08.2026 for engagement of Retired/Fresher Guest faculties in the following subjects in the college for the Academic session 2026-27. A walk in interview has been scheduled on dt.01.09.2026. For details please visit the college website.

| Sl No | Name of the post | No of post |
|---|---|---|
| 01 | Odia | 01 |
| 02 | Hindi | 01 |

1. Qualification and eligibility criteria for Candidates(Retired)
   a. As per the Govt Guideline attached
2. Qualification and eligibility criteria for candidate(fresher)
   a. PG with 55%(Minimum)
   b. Preference will be given to M.Phil/Phd/NET/NET with JRF holder.

Principal,
Parbati Giri Women's College Bargarh

### ଖଡ଼ିଆଳ ବ୍ଲକ୍‌ରେ ଜନଶୁଣାଣି ଶିବିର

# ୭୪ ଆପତ୍ତି ଓ ଅଭିଯୋଗର ଶୁଣାଣି

**ଖଡ଼ିଆଳ, ୨୧।୮ (ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବହୁମୁଖୀ ମଣ୍ଡପଠାରେ ଓଡ଼ିଶା ସାମାଜିକ ସମୀକ୍ଷା, ଦାୟିତ୍ୱ ଓ ସ୍ୱଚ୍ଛତା ମିଶନ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ମୋଟ ୭୪ଟି ବିଭାଗୀୟ ଆପତ୍ତି ଓ ଅଭିଯୋଗର ଶୁଣାଣି କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ସୁପାରିଶ କରାଯାଇଛି । ଖଡ଼ିଆଳ ବ୍ଲକର ୨୬ଟି ପଞ୍ଚାୟତରେ ସାମାଜିକ ସମୀକ୍ଷକମାନେ ବିଭିନ୍ନ ସମୀକ୍ଷା ବିଷୟ ବସ୍ତୁକୁ ନେଇ କ୍ଷେତ୍ରସ୍ତରରେ ତଥ୍ୟ ସଂଗ୍ରହ ଓ ଅନୁଧାନ କରିଥିଲେ । ସଂଗୃହୀତ ତଥ୍ୟ ଓ ଅନୁଧାନରୁ ସାମ୍ନାକୁ ଆସିଥିବା ଆପତ୍ତି ଓ ଅଭିଯୋଗ ଗୁଡ଼ିକୁ ଜନଶୁଣାଣି ମଞ୍ଚରେ ଉପସ୍ଥାପନ କରାଯାଇ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଆହ୍ୱାନ କରାଯାଇଥିଲା । ବ୍ଲକସ୍ତରୀୟ ସମୀକ୍ଷା କମିଟି ସଦସ୍ୟ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧାରୁଆ, ଖଡ଼ିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଖଡ଼ିଆଳ ବିଡିଓ ମିଳନ କୁମାର ଝାଙ୍କର, ଜିଲ୍ଲା ପରିଷଦ ସଭ୍ୟ ମାଲ୍ୟବନ୍ତ ସୁନା, ସାମାଜିକ ସମୀକ୍ଷା କମିଟି ସଦସ୍ୟ ଅଜିତ ପଣ୍ଡା, ତପନ ଦାଶ ଓ ରୋହିତ ଦାସ ପ୍ରମୁଖ ଯୋଗ ଦେଇଥିଲେ । ଶିବିରରେ ଆସିଥିବା ୭୪ଟି ଆପତ୍ତି ଓ ଅଭିଯୋଗର ଶୁଣାଣି କରାଯାଇ ସମ୍ପୃକ୍ତ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ସୁପାରିଶ କରାଯାଇଥିଲା । ସମୀକ୍ଷା ସମୟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ନିଶ୍ଚିତତା ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏ) ଓ ସର୍ବଶିକ୍ଷା ଅଭିଯାନ ସମ୍ପର୍କିତ ବିଭିନ୍ନ ବିଷୟ ଉପରେ ମଧ୍ୟ ଆଲୋଚନା ହୋଇଥିଲା । ସଭାକୁ ମିଳନ ପତି ପରିଚାଳନା କରିଥିଲେ ।




### ସାମାନ୍ୟ ବର୍ଷାହେଲେ ଗଳୁଚି ପାଣି

# ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ସୁରକ୍ଷା ଦେଉଛି ଜରିପାଲ

**ଧର୍ମଗଡ଼, ୨୧।୮ (ସମିସ)**

କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ତହସିଲ ଅଧୀନସ୍ଥ ପର୍ଲା ରାଜସ୍ୱ ନିରୀକ୍ଷକ ଆର୍‌ଆଇ କାର୍ଯ୍ୟାଳୟ ଜରାଜୀର୍ଣ୍ଣ ଓ ବିପଦସଙ୍କୁଳ ଅବସ୍ଥାକୁ ନେଇ ଏବେ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । କାର୍ଯ୍ୟାଳୟର ସାମ୍ନା ଦୃଶ୍ୟକୁ ଦେଖିଲେ ଯେକୌଣସି ବ୍ୟକ୍ତିଙ୍କ ମନରେ ଓଡ଼ିଆ ପ୍ରବାଦ 'ନିଜ ରକ୍ଷଣେ ଅସମ୍ଭବ ସେ କାହୁଁ ପରକୁ ରଖିବ' ଆପେ ଆପେ ମନେ ପଡ଼ିଯାଉଛି । ଯେଉଁ କାର୍ଯ୍ୟାଳୟ ବିପର୍ଯ୍ୟୟ ବେଳେ ଲୋକଙ୍କୁ ମୁଣ୍ଡ ଗୁଞ୍ଜିବାକୁ ପଲିଥିନ ଯୋଗାଇଥାଏ, ସେହି କାର୍ଯ୍ୟାଳୟ ନିଜର ଭଙ୍ଗା ଦଦରା ଆଜବେଷ୍ଟସ ଛାତକୁ ସୁରକ୍ଷିତ ରଖିବା ଏବଂ ବର୍ଷା ପାଣିରୁ ବଞ୍ଚିବା ପାଇଁ ଆଜି ନିଜେ ଏକ ବଡ଼ ପଲିଥିନର ସାହାରା ନେଇଛି । କାର୍ଯ୍ୟାଳୟ ଉପରେ ପଲିଥିନ ଢଙ୍କାଯାଇଥିବା ଦୃଶ୍ୟ ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ମୁଖ୍ୟ ବିଷୟ ପାଲଟିଛି । ପର୍ଲା ରାଜସ୍ୱ ନିରୀକ୍ଷକଙ୍କ ଏହି କାର୍ଯ୍ୟାଳୟଟି ଦୀର୍ଘଦିନ ହେବ ଚରମ ଅବହେଳାର ଶିକାର ହୋଇ ପଡ଼ିରହିଛି । ରକ୍ଷଣାବେକ୍ଷଣ ଅଭାବରୁ କୋଠାର ଚାରିପାଖ କାନ୍ଥରେ ବଡ଼ ବଡ଼ ଫାଟ ସୃଷ୍ଟି ହେଲାଣି, ଯାହା କେତେବେଳେ ବି ଭୁଶୁଡ଼ି ପଡ଼ିପାରେ । ସାମାନ୍ୟ ବର୍ଷା ହେଲେ ଛାତରୁ ଲଗାତାର ପାଣି ଗଳୁଛି ଏବଂ କାର୍ଯ୍ୟାଳୟ ଭିତରେ ଆଣ୍ଠୁଏ ପାଣି ଜମି ରହୁଛି । ଏହି କାରଣରୁ କାର୍ଯ୍ୟାଳୟରେ ଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ସରକାରୀ ଦସ୍ତାବିଜ, ଜମିବାଡ଼ି ସମ୍ପର୍କିତ ନଥିପତ୍ର ଏବଂ କମ୍ପ୍ୟୁଟର ସାମଗ୍ରୀ ନଷ୍ଟ ହେବା ସ୍ଥିତିକୁ ଚାଲିଆସିଲାଣି । ଏଭଳି ଏକ ବିପଦପୂର୍ଣ୍ଣ ପରିବେଶ ମଧ୍ୟରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଭୟରେ କାମ କରୁଛନ୍ତି । କର୍ମଚାରୀମାନେ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ବିଶେଷ କରି ବର୍ଷା ଋତୁରେ ଏଠାରେ କାମ କରିବା ନରକ ସଦୃଶ ହୋଇଯାଏ । ମୁଣ୍ଡ ଉପରେ କାନ୍ଥ ବା ଛାତ ଭୁଶୁଡ଼ି ପଡ଼ିବା ଭୟଥିଲେ ମଧ୍ୟ ସରକାରୀ ଦାୟିତ୍ୱ ଥିବାରୁ ସେମାନେ ଜୀବନକୁ ବାଜି ଲଗାଇ ପ୍ରତିଦିନ କାମ କରିବାକୁ ବାଧ୍ୟ ହେଉଛନ୍ତି । କେବଳ ସେତିକି ନୁହେଁ, ବିଭିନ୍ନ ସରକାରୀ କାମ, ଜମି ପଟ୍ଟା, ଜାତିଗତ ପ୍ରମାଣପତ୍ର କିମ୍ବା ରାଜସ୍ୱ ସମ୍ବନ୍ଧୀୟ କାର୍ଯ୍ୟ ପାଇଁ ଆସୁଥିବା ସ୍ଥାନୀୟ ଜନସାଧାରଣ ମଧ୍ୟ ଏଠାରେ ଘଣ୍ଟାଘଣ୍ଟା ଧରି ଛିଡ଼ା ହେଉଛନ୍ତି । ଖବର ଅନୁଯାୟୀ, ପର୍ଲା ରାଜସ୍ୱ ନିରୀକ୍ଷକଙ୍କ ପାଇଁ ଏକ ନୂତନ ସରକାରୀ କାର୍ଯ୍ୟାଳୟ ଗୃହ ନିର୍ମାଣ ନିମନ୍ତେ ସରକାରଙ୍କ ତରଫରୁ ଅର୍ଥ ଏବଂ ଯୋଜନା ଅନୁମୋଦନ ହୋଇସାରିଛି । ମାତ୍ର ବଡ଼ ବିଡମ୍ବନାର ବିଷୟ ହେଉଛି, ନୂତନ କୋଠା ନିର୍ମାଣ ପାଇଁ ଏପର୍ଯ୍ୟନ୍ତ ଉପଯୁକ୍ତ ସରକାରୀ ଜମି ଚିହ୍ନଟ ହୋଇପାରି ନାହିଁ । ପ୍ରଶାସନିକ ଶିଥିଳତା ଯୋଗୁଁ ଜମି ଚିହ୍ନଟ ପ୍ରକ୍ରିୟା ଅଟକି ରହିଥିବା ସାଧାରଣରେ ଆଲୋଚନା ହେଉଛି । ଏହି ସମ୍ପୂର୍ଣ୍ଣ ସମସ୍ୟା ନେଇ ଧର୍ମଗଡ଼ ତହସିଲଦାର କୀର୍ତ୍ତି ଚନ୍ଦ୍ର ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ବେଳେ, ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି ଯେ ପ୍ରଶାସନ ତୁରନ୍ତ ଜମି ଚିହ୍ନଟ ପ୍ରକ୍ରିୟା ଶେଷ କରି ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରୁ, ଯାହାଫଳରେ କର୍ମଚାରୀ ଓ ଜନସାଧାରଣ ଏହି ବଡ଼ ବିପଦରୁ ରକ୍ଷା ପାଇପାରିବେ ।



## କଳାହାଣ୍ଡି ଜିଲ୍ଲା ହିନ୍ଦୁ ମହାସଂଘ ପଦାଧିକାରୀ ବୈଠକ

**କୋକସରା, ୨୧।୮ (ସମିସ) :** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ କୁସୁମଖୁଣ୍ଟି ସ୍ଥିତ ଶିବ ମନ୍ଦିର ପରିସରରେ ହିନ୍ଦୁ ମହାସଂଘ ପକ୍ଷରୁ ଏକ ଜିଲ୍ଲାସ୍ତରୀୟ ପଦାଧିକାରୀ ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲା ସଭାପତି ମହେଶ ଗୁପ୍ତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସଂଗଠନର ଅନେକ ବରିଷ୍ଠ କର୍ମକର୍ତ୍ତା ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ସୂର୍ଯ୍ୟବଂଶୀ ଜୟନ୍ତ ପାତ୍ର, ରାଷ୍ଟ୍ରୀୟ ପ୍ରବକ୍ତା ଡମ୍ବରୁଧର ମହାଳିକ ଏବଂ କେନ୍ଦ୍ରୀୟ ମାର୍ଗଦର୍ଶକ କାର୍ତ୍ତିକ ଦାସ ଉପସ୍ଥିତ ରହି ସଂଗଠନର ବିଗତ ଦିନର କାର୍ଯ୍ୟକଳାପର ସମୀକ୍ଷା କରିଥିଲେ । ଆଗାମୀ ଦିନରେ ପ୍ରତ୍ୟେକ ଗ୍ରାମରେ ସଂଗଠନକୁ ପହଞ୍ଚାଇ ସୁଦୃଢ଼ କରିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏତଦ୍ୱ୍ୟତୀତ ଗୋ ସୁରକ୍ଷା, ଭାରତକୁ ଅଖଣ୍ଡ ହିନ୍ଦୁ ରାଷ୍ଟ୍ରରେ ପରିଣତ କରିବା ଏବଂ ହିନ୍ଦୁ ମଠ-ମନ୍ଦିରଗୁଡ଼ିକର ସୁରକ୍ଷା ଓ ରକ୍ଷଣାବେକ୍ଷଣ ସମ୍ପର୍କରେ ବ୍ୟାପକ ଆଲୋଚନା ହୋଇଥିଲା । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସାଧାରଣ ସମ୍ପାଦକ କୋଦଣ୍ଡ ଦାସ, ଧରମ ରାଉତ ଜନ୍ମଜୟ ଦାସ, ବାବୁ ସାହୁ, ନବୀନ ଖର୍ସେଲ, କମ୍ପୁସିଂ ପୁଞ୍ଜି, ମକର ଭାଟି, ମୁକେଶ ସାହୁ ସତ୍ୟ ପଟେଲ ଓ ଅନ୍ୟାନ୍ୟ ଜିଲ୍ଲା କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## ବଡ଼ ଭାଇକୁ ହତ୍ୟା ପ୍ରସଙ୍ଗ; ଜେଲ୍ ଗଲା ସାନ

**ଭବାନୀପାଟଣା, ୨୧।୮ (ସମିସ):** ଭବାନୀପାଟଣା ସଦରଥାନା ବଳରାମପୁର ଗ୍ରାମରେ ଭାତ ଫୋପଡ଼ା କାରଣରୁ ଦୁଇଭାଇଙ୍କ ମଧ୍ୟରେ ଭୟଙ୍କର ଗଣ୍ଡଗୋଳ ଘଟିଥିଲା । ବଡ଼ ଭାଇ କୁଳମଣି ଶବର ହାତରେ ଖଣ୍ଡା ଏବଂ ସାନଭାଇ ଧର୍ମୁ ଶବର ଧରିଥିଲା ଧାରୁଆ ଟାଙ୍ଗିଆ । ଉଭୟଙ୍କ ଝଗଡ଼ା ଭିତରେ ସାନଭାଇ ବଡ଼ ଭାଇକୁ ହତ୍ୟା କରିଥିଲା । ଏହି ଘଟଣା ଗତ ଗୁରୁବାର ଅପରାହ୍ନରେ ଘଟିବାପରେ ସଦର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତକୁ ଗିରଫ କରିଥିଲା । ଏହି ଘଟଣାରେ ପୁଲିସ ଅଭିଯୁକ୍ତ ସାନ ଭାଇ ଧର୍ମୁକୁ ଆଜି କୋର୍ଟ ଚାଲାଣ କରିଛି । ତେବେ ଜାମିନ ନ ମିଳିବାରୁ ଅଭିଯୁକ୍ତକୁ ଜେଲ ଯିବାକୁ ପଡ଼ିଛି ।

## ବିଦ୍ୟାଳୟର ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସମ୍ବନ୍ଧରେ ବୈଠକ

**ଭବାନୀପାଟଣା, ୨୧।୮ (ସମିସ ):** ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନା ଆନୁକୂଲ୍ୟରେ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାର ସମସ୍ତ ସରକାରୀ ଓ ସରକାରୀ ସ୍ୱୀକୃତି ପ୍ରାପ୍ତ ବିଦ୍ୟାଳୟର ପ୍ରଥମ ଶ୍ରେଣୀଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା ଓ ମାଗଣା ଚଷମା ବଣ୍ଟନ ପାଇଁ ଆଲୋଚନା ହେଇଥିଲା । କଳାହାଣ୍ଡି ଜିଲ୍ଲାର ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ଅଧ୍ୟକ୍ଷତା କରିଥିବାବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସା, ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ସମସ୍ତ ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ଭାଗ ନେଇଥିଲେ ।

## ସିନାପାଲି ମହାବିଦ୍ୟାଳୟରେ ଷ୍ଟାର୍ଟଅପ୍ ଓଡ଼ିଶା କାର୍ଯ୍ୟକ୍ରମ

**ସିନାପାଲି, ୨୧।୮ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ଡିଗ୍ରୀ କଲେଜ ପରିସରରେ ଷ୍ଟାର୍ଟ ଅପ୍ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସିନାପାଲି ବିଡିଓ କାର୍ମି ଓରାମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବ ଗୋଷ୍ଠୀଙ୍କ ହାତରେ ନୂତନ ଉଦ୍ଭାବନ ସୁଯୋଗ ସୃଷ୍ଟି କରିବା ଦ୍ୱାରା ବିକଶିତ ଭାରତ ଗଠନ ସଂକଳ୍ପ ସାଧିତ ହେବ ବୋଲି ମତବ୍ୟକ୍ତ କରିଥିଲେ । ଯୁବବର୍ଗଙ୍କ କ୍ଷୁଦ୍ର, ମାଧ୍ୟମ, ଅଣୁ ଶିଳ୍ପରେ କର୍ମ ସଂସ୍ଥାନରେ ଆତ୍ମ ନିର୍ଭରଶୀଳ ହେବାରେ ଏହା ସହଯୋଗ କରିବା ବୋଲି ମତବ୍ୟକ୍ତ କରିଥିଲେ । ଜିଲ୍ଲା ଶିଳ୍ପ ମହାପ୍ରବନ୍ଧକ ସମୀର ମୁଦୁଲି, ବ୍ଲକ ଉପାଧ୍ୟକ୍ଷା ମୀନା ଘିଭେଲା, ଡିଗ୍ରୀ କଲେଜ ଅଧ୍ୟାପକ ରଜନୀକାନ୍ତ ମେହେର, ଅଧ୍ୟାପକ କ୍ଷେତ୍ରମୋହନ ଦୁରିଆ ପ୍ରମୁଖ ଯୋଗ ଦେଇଥିଲେ ।

### ଟୁରିଷ୍ଟ ବସ୍‌ରେ ଯାତ୍ରୀ ବୋହିବା ପଡ଼ିଲା ମହଙ୍ଗା

# ଦୁଇ ବସ୍ ଗଣିଲେ ୨୦ ହଜାର ଟଙ୍କା ଜରିମାନା

**କୋକସରା, ୨୧।୮ (ସମିସ):** ଟୁରିଷ୍ଟ ପରମିଟ୍ ଥାଇ ବେଆଇନ୍ ଭାବେ ଯାତ୍ରୀ ପରିବହନ କରୁଥିବା ବସ୍ ଗୁଡ଼ିକ ଉପରେ କଳାହାଣ୍ଡି ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । କୋକସରା ବ୍ଲକ ଦେଇ ଯାଇଥିବା ବିଜୁ ଏକ୍ସପ୍ରେସୱେ ଏବଂ ୨୬ ନମ୍ବର ଜାତୀୟ ରାଜପଥରେ ଯାଞ୍ଚ ସମୟରେ ଦୁଇଟି ଟୁରିଷ୍ଟ ବସ୍‌କୁ ୧୦ ହଜାର ଟଙ୍କା ଲେଖାଏଁ ମୋଟ ୨୦ ହଜାର ଟଙ୍କା ଜରିମାନା କରାଯାଇଛି । ସୂଚନାଯୋଗ୍ୟ ଯେ, ଅନେକ ଦିନ ହେଲା ଏହି ରୁଟ୍‌ରେ ୧୫ରୁ ଉର୍ଦ୍ଧ୍ୱ ଟୁରିଷ୍ଟ ବସ୍ ସାଧାରଣ ଯାତ୍ରୀବାହୀ ବସ୍ ଭଳି ଟିକେଟ୍ କାଟି ହାଇଦ୍ରାବାଦ, ବେଙ୍ଗାଲୁରୁ ଭଳି ରାଜ୍ୟ ବାହାର ସହରଗୁଡ଼ିକୁ ପ୍ରବାସୀ ଶ୍ରମିକ ଓ ଯାତ୍ରୀଙ୍କୁ ନେବା ଆଣିବା କରୁଥିଲେ । କେବଳ ସେତିକି ନୁହେଁ, କ୍ଷମତାଠାରୁ ଅଧିକ ଯାତ୍ରୀ ଭର୍ତ୍ତି କରିବା ସହ ଅନେକ ସମୟରେ ସେମାନଙ୍କୁ ଗନ୍ତବ୍ୟସ୍ଥଳରେ ନଛାଡ଼ି ଅଧା ବାଟରେ ଓହ୍ଲାଇ ଦେଉଥିବା ଅଭିଯୋଗ ହେଉଥିଲା । ଶୁକ୍ରବାର 'ସାନ୍ ଟୁର୍ ଆଣ୍ଡ ଟ୍ରାଭେଲ୍ସ'ର ଏକ 'ନ୍ୟୁଇଣ୍ଡିଆ' ବସ୍ ହାଇଦ୍ରାବାଦରୁ ପ୍ରବାସୀ ଶ୍ରମିକଙ୍କୁ ଆଣି ଗନ୍ତବ୍ୟ ସ୍ଥଳ ପରିବର୍ତ୍ତେ ଆମପାଣି ବସ୍ ଷ୍ଟପ୍ରେ ଓହ୍ଲାଇ ଦେଇଥିଲା । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା । ପରେ ଆମପାଣି ପୁଲିସ ହସ୍ତକ୍ଷେପ କରି ଶ୍ରମିକମାନଙ୍କୁ ନିଜ ନିଜ ଘରକୁ ଉକ୍ତ ବସ୍ ରେ ପଠାଇବାର ବ୍ୟବସ୍ଥା କରିଥିଲା । ଏହି ଘଟଣା ସମ୍ପର୍କରେ ଦୈନିକ 'ସକାଳ'ରେ ପ୍ରକାଶ ପାଇବା ପରେ କଳାହାଣ୍ଡି ଆଞ୍ଚଳିକ ପରିବହନ ବିଭାଗ ତୁରନ୍ତ ଆକ୍ସନ ମୋଡ୍‌କୁ ଆସିଥିଲା । ଆମପାଣି ରୁଟ୍‌ରେ ଏମଭିଆଇ ଅଧିକାରୀ ମିଥୁନ ପ୍ରଧାନଙ୍କ ନେତୃତ୍ୱରେ କନଷ୍ଟେବଳ ସବ୍ୟସାଚୀ ମିଶ୍ର ଓ ଦେବବ୍ରତ ସା କଡ଼ାଯାଞ୍ଚ କରି ଦୁଇଟି ବସ୍‌କୁ ଜରିମାନା କରିଥିଲେ । ପରିବହନ ବିଭାଗର ଏହି ଚେକିଂ ଖବର ପ୍ରଚାରିତ ହେବାପରେ ବେଆଇନ୍ ଭାବେ ଗଡୁଥିବା ଅନେକ ବସ୍ ରାସ୍ତାରେ ଅଟକି ଯାଇଥିବା ବେଳେ ସନ୍ଧ୍ୟାରେ ସେହି ବସ୍ ଗୁଡ଼ିକ ପୁଣିଥରେ ଗଡ଼ିଥିବା ଦେଖିବାକୁ ମିଳିଥିଲା ।

## ରମେଶ ଜେନାଙ୍କ ଦ୍ୱାଦଶ ଉପଲକ୍ଷେ ସ୍ମୃତିଚାରଣ



**କେସିଙ୍ଗା, ୨୧।୮ (ସମିସ):** କଳାହାଣ୍ଡିର ସାହିତ୍ୟ ଓ ସାଂସ୍କୃତିକ ପରିବେଶରେ ନିଜସ୍ୱ ପରିଚୟ ସୃଷ୍ଟି କରିଥିବା ସାରସ୍ୱତ ସ୍ରଷ୍ଟା, ସମାଜସେବୀ ତଥା କେସିଙ୍ଗା ଚେତାବନୀ ସାହିତ୍ୟ ସଂସଦ ର ଉପସଭାପତି ରମେଶ କୁମାର ଜେନାଙ୍କ ଦ୍ୱାଦଶ ଉପଲକ୍ଷେ ବେଣାୟତ ସମାଜ ପକ୍ଷରୁ ସମାଜ ସଭାପତି ଝଡିଆ ସ୍ୱାଇଁଙ୍କ ନେତୃତ୍ୱରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଭବାନୀପାଟଣାର ଧ୍ରୁବଚରଣ ପୋଲାଇ, ରଞ୍ଜନ ରାଉତ, ସୁଜିତ କୁମାର ସ୍ୱାଇଁ, ଶିବ ପ୍ରସାଦ ସ୍ୱାଇଁ, ରାକେଶ କୁମାର ରାଉତ, ରାହୁଲ ରାଉତ, ଏମ୍ ରାମପୁରର ପୀତବାସ ପ୍ରଧାନ, ଗୋପୀ ନାହାକ, ଶିବ ରାମ ନାହାକ, ଶୁଭମ୍ ନାହାକ, ଝୁନା ନାହାକ, କୁନା ନାହାକ କୋରାପୁଟର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଜୟପୁର ମଣ୍ଡଳର ରଜନୀ ପ୍ରଧାନ, କାଶୀନାଥ ମଲ୍ଲିକ, ଶିବରାମ ମଲ୍ଲିକ, ମହେଶ୍ୱର ସ୍ୱାଇଁ ସେମିଳିଗୁଡାର ଜଗନ୍ନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

### ନୂତନ ମିନି ଷ୍ଟାଡିୟମ ନିର୍ମାଣକୁ କ୍ରୀଡ଼ାପ୍ରେମୀଙ୍କ ଅପେକ୍ଷା

# ନିଜ ଅଞ୍ଚଳରେ ନିର୍ମାଣ ପାଇଁ ଦାବି

**କଲମପୁର, ୨୧।୮ (ସମିସ):** କ୍ରୀଡ଼ାର ଭିତ୍ତିଭୂମି ସଜାଡ଼ିବା ପାଇଁ ପ୍ରତି ବ୍ଲକରେ ଏକ ମିନି ଷ୍ଟାଡିୟମ ନିର୍ମାଣ ନିମନ୍ତେ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲ୍ଲାରେ ୧୩ଟି ନୂତନ ମିନି ଷ୍ଟାଡିୟମ ନିର୍ମାଣ ପାଇଁ ଉଦ୍ୟମ ହୋଇଛି । ସରକାର ଏଥିପାଇଁ ପ୍ରତି ତହସିଲକୁ ଜମି ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିବା ବେଳେ କଲମପୁର ତହସିଲ ପକ୍ଷରୁ ସ୍ଥାନ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି । କଲମପୁର ସଦର ମହକୁମାରେ ଖେଳକୁଦ କରିବା ସକାଶେ ଏକମାତ୍ର ନିର୍ଭରଯୋଗ୍ୟ ମିନି ଷ୍ଟାଡିୟମ ରହିଛି, ଯାହାକି ବିଭିନ୍ନ ପ୍ରକାରର ଖେଳ ପାଇଁ ପର୍ଯ୍ୟାପ୍ତ ହେଉ ନ ଥିବାରୁ ଅଞ୍ଚଳବାସୀ ଏଠାରେ ପୁଣି ଏକ ମିନି ଷ୍ଟାଡିୟମ ନିର୍ମାଣ ନିମନ୍ତେ ଦାବି କରୁଛନ୍ତି । ଏହି ବ୍ଲକ ଅଞ୍ଚଳର ପ୍ରାୟ ପଞ୍ଚାୟତ ମାନଙ୍କରେ ଖେଳ ପଡ଼ିଆ ରହିଛି, ଏହାର ଉନ୍ନତୀକରଣ ବ୍ୟବସ୍ଥା ହେଉ ନ ଥିବାରୁ କ୍ରୀଡ଼ାପ୍ରେମୀ ମାନେ ଅସଜଡା ପଡ଼ିଆରେ ଖେଳକୁଦ କରି ଆସୁଛନ୍ତି । କଲମପୁର ସମେତ ବିଜମରା, ବଡକୁଟ୍ରୁ ଓ ହାରାମାଲ ସ୍କୁଲ ଖେଳପଡ଼ିଆର ପାଚେରି ବ୍ୟବସ୍ଥା ହେଇଥିବା ବେଳେ ବାକିତକ ଖେଳ ପଡ଼ିଆ ମୁକୁଳା ରହିଛି । ଦେପୁରରେ ଖେଳ ପଡ଼ିଆ ନ ଥିବାରୁ ଲୋକେ ବଙ୍କାପଲା ହାତୀନଦୀ ପଠାରେ ଏକ ଖେଳପଡ଼ିଆ ପ୍ରସ୍ତୁତ କରି ଖେଳକୁଦ କରି ଆସୁଛନ୍ତି । ମିନଗୁର ପାଇଁ ମିନଗୁର ଠାରେ ଖେଳ ପଡ଼ିଆ ରହିଥିବା ବେଳେ କର୍ମେଲ ଡଙ୍ଗରିଗୁଡା ଠାରେ ମଧ୍ୟ ଏକ ଖେଳପଡ଼ିଆ ରହିଛି । ମଣ୍ଡଳ ପାଇଁ ମଣ୍ଡଳ ପାକ୍ସ ଓ ପଞ୍ଚାୟତ ନିକଟରେ ଗୋଟିଏ ଲେଖାଏଁ ଖେଳପଡ଼ିଆ ରହିଛି । କୋଟା ଗାଁ ପାଇଁ ମଧ୍ୟ ପର୍ଯ୍ୟାପ୍ତ ଜମି ରହିଛି ହେଲେ ସ୍ଥାୟୀ ଖେଳ ପଡ଼ିଆ ଭାବେ ବ୍ୟବହୃତ ହେଉନାହିଁ । ନୂଆଗାଁ ପାଇଁ ଖେଳ ପଡ଼ିଆ ନ ଥିବା ବେଳେ ପଣ୍ଡିଗାଁ ପାଇଁ ପୋଟେସ ଓ ବନ୍ଧକନା ପାଇଁ ପଞ୍ଚାୟତ ସମ୍ମୁଖରେ ଖେଳ ପଡ଼ିଆ ରହିଛି । ଏସବୁ ପଡ଼ିଆ ଆବାଡା ଖାବଡା ହୋଇଥିଲେ ମଧ୍ୟ ଖେଳାଳିମାନେ ଏହାରି ଉପରେ ନିର୍ଭର କରି ଆସୁଛନ୍ତି । ସରକାରଙ୍କ ନିୟମ ଅନୁସାରେ ନୂତନ ମିନି ଷ୍ଟାଡିୟମ ବ୍ଲକ ଠାରୁ ୫କିଲୋମିଟର ଭିତରେ ନିର୍ମାଣ କରିବାକୁ ନିର୍ଦ୍ଦେଶ ରହି ଥିବାରୁ ଅନ୍ୟତ୍ର ନିର୍ମାଣ କରିବା ସମ୍ଭାବନାକୁ ଅକଳରେ ପକାଇ ଦେଇଛି । ମିଳିଥିବା ସୂଚନା ଅନୁସାରେ କଲମପୁର ନୂତନ ମିନି ଷ୍ଟାଡିୟମ ନିର୍ମାଣ କର୍ମେଲ ଡଙ୍ଗରିଗୁଡା ଠାରେ ହେବାକୁ ଏକ ପ୍ରକାର ସ୍ଥିର ହୋଇଛି । ଯାହାକୁ ଅନ୍ୟ ପଞ୍ଚାୟତବାସୀମାନେ ଗ୍ରହଣ କରିବାକୁ ଅନିଚ୍ଛା ପ୍ରକାଶ କରି ପୁନର୍ବିଚାର ପାଇଁ ବିଡିଓଙ୍କୁ ଅନୁରୋଧ କରିଛନ୍ତି । ଏନେଇ କଲମପୁର ବିଡିଓ ଏବଂ ତହସିଲ ପକ୍ଷରୁ କୌଣସି ସୂଚନା ମିଳି ନ ଥିବା ବେଳେ ସମସ୍ତଙ୍କୁ ସୁହାଇଲା ଭଳି ସ୍ଥାନରେ ନୂତନ ମିନି ଷ୍ଟାଡିୟମ ନିର୍ମାଣ କଲେ ପରବର୍ତ୍ତୀ ସମୟରେ ବାଦବିବାଦ ରହିବ ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

# ତାଲୁକ ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ 'ସୁଭାସ' କାର୍ଯ୍ୟକ୍ରମ

**ଥୁଆମୂଳ ରାମପୁର, ୨୧।୮ (ସମିସ)**

ଥୁଆମୂଳ ରାମପୁର ତାଲୁକ ଆଇନ ସେବା କମିଟି ପକ୍ଷରୁ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଏଥିରେ ନ୍ୟାୟ ବ୍ୟବସ୍ଥା ସମ୍ପର୍କିତ ବିଭିନ୍ନ ଆଧୁନିକ ସୁବିଧା ଓ ଆଇନଗତ ବ୍ୟବସ୍ଥା ବିଷୟରେ ସଚେତନ କରାଯାଇଥିଲା । ସ୍ଥାନୀୟ ଏମ୍‌ଏମ୍‌ପିଏସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ 'ଶୁଭାସ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ତାଲୁକଆଇନ ସେବା ସମିତିର ଅଧ୍ୟକ୍ଷ ତଥା ଜେଏମ୍‌ଏଫ୍‌ସି ଡ. ତାରିଣୀ ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ସୁପ୍ରିମକୋର୍ଟର ଇଂରାଜୀ ଭାଷାର ରାୟକୁ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ମାଧ୍ୟମରେ ଆଞ୍ଚଳିକ ଭାଷାରେ ଅନୁବାଦ କରିବା ପାଇଁ 'ସୁଭାସ' ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା । ଏହି ସଚେତନତା କାର୍ଯ୍ୟକ୍ରମରେ ଆଇନ ସଚେତନତା ସହ ସମାଜରେ ରହିଥିବା ବିଭିନ୍ନ କୁପ୍ରଥା ବିରୋଧରେ ମଧ୍ୟ ଛାତ୍ରଛାତ୍ରୀ ଓ ସାଧାରଣ ଲୋକଙ୍କୁ ସଚେତନ କରାଯାଇଥିଲା । କାର୍ଯ୍ୟକ୍ରମରେ ଏମ୍‌ଏମ୍‌ପିଏସ୍. ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ସତ୍ୟନାରାୟଣ ମୁଣ୍ଡଛିନା, ସମାଜସେବୀ ମାଣିକ୍ୟ ଚନ୍ଦ୍ର ନାଏକ, ଯୁବ ଆଇନଜୀବୀ ମନୋରଞ୍ଜନ ନାଏକ, ଦିଲୀପ ନାଏକ ଏବଂ ଏପିପି ପ୍ରିୟଙ୍କା ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ । ବଭୃବାହାନ ବୁଦ୍ଧିଆ ମଞ୍ଚ ପରିଚାଳନା କରିଥିଲେ ।




# ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତିଙ୍କୁ ସମ୍ବର୍ଦ୍ଧନା



**କେସିଙ୍ଗା, ୨୧।୮ (ସମିସ):** ରାଜ୍ୟ ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ଚିନ୍ମୟ କୁମାର ସାହୁ ନବରଙ୍ଗପୁରରେ ହେବାକୁଥିବା ଛାତ୍ର ସମାବେଶରେ ଯୋଗ ଦେବାପାଇଁ ଗୁରୁବାର ନବରଙ୍ଗପୁର ଯାଉଥିବାବେଳେ କଳାହାଣ୍ଡି ଜିଲ୍ଲା କେସିଙ୍ଗା ବିଜେଡି ପକ୍ଷରୁ ବଲାଙ୍ଗିର ଛକରେ ବିଜେଡି କର୍ମୀମାନେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଶ୍ରୀ ସାହୁ କିଛି ସମୟ ଉପସ୍ଥିତ ବିଜେଡି କର୍ମୀଙ୍କ ସହିତ କଥାବାର୍ତ୍ତା କରି ନବରଙ୍ଗପୁର ଅଭିମୁଖେ ବାହାରି ଥିଲେ । କେସିଙ୍ଗାରେ ଅନ୍ୟମାନଙ୍କ ମଧ୍ୟରେ ଟାଉନ ସଭାପତି ନଳୀନ ପଟ୍ଟନାୟକ, କେସିଙ୍ଗା ନଗରପାଳ ନୃପରାଜ ଯାଦବ, ଜିଲ୍ଲା ସମ୍ପାଦକ ସିଲୁ ପରିଡ଼ା, ପୂର୍ବତନ ଟାଉନ ସଭାପତି ରମେଶ ପଟ୍ଟନାୟକ, ଦେବେନ୍ଦ୍ର ଭୁଜବଳ, ନେହେରୁ ସୁନାନୀ, କେସିଙ୍ଗା ବ୍ଲକ ଛାତ୍ର ସଭାପତି ଶୁଭେନ୍ଦୁ କୁମାର ସାହୁ, ଛାତ୍ର ନେତା ତଥା ଜିଲ୍ଲା ଛାତ୍ର ସଂଘ ର କାର୍ଯ୍ୟକାରୀ ସଭାପତି ଅନୁଭବ ପଟ୍ଟନାୟକ, ଦୀପକ କୁମାର, ରମାକାନ୍ତ ଜେନାଙ୍କ ସମେତ ଅନ୍ୟାନ୍ୟ ବିଜେଡି କାଉନସିଲର ଓ ଅନେକ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

# ଟ୍ରେନ୍‌ରୁ ଖସି ପଡ଼ି ଦାଦନ ଶ୍ରମିକଙ୍କ ମୃତ୍ୟୁ

**ଧର୍ମଗଡ଼, ୨୧।୮ (ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଅଧୀନ ଦଣ୍ଡପାଟ ଅଞ୍ଚଳର ଜଣେ ଦାଦନ ଶ୍ରମିକଙ୍କ ଆନ୍ଧ୍ରପ୍ରଦେଶ ସ୍ଥିତ ଗୁଣ୍ଡକଲ୍ ଠାରେ ଟ୍ରେନ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ମୃତ ଦାଦନ ଶ୍ରମିକ ଜଣକ ହେଲେ ଧଅଁରପୁର ପଞ୍ଚାୟତ ଭାଲୁଚୁଆଁ ଗ୍ରାମର ହରଦାସ ଯୁଏଡ ( ୪୦) । ସୂଚନା ଅନୁସାରେ ଗ୍ରାମର ଦୁଇ ଯୁବକଙ୍କ ସହ ସେ ଦାଦନ ଖଟିବା ପାଇଁ ଟ୍ରେନ୍‌ରେ ଗୋଆ ଅଭିମୁଖେ ବାହାରିଥିଲେ । ତେବେ ତା ୧୯/୦୮ ରିଖ ବୁଧବାର ଦିନ ସକାଳ ୯ଘଣ୍ଟା ସମୟରେ ଆନ୍ଧ୍ରପ୍ରଦେଶ - କର୍ଣ୍ଣାଟକ ବୋର୍ଡର ସ୍ଥିତ ଗୁଣ୍ଡକଲ୍ ରେଳଷ୍ଟେସନ ଠାରେ ତାଙ୍କ ଗୋଡ଼ ଖସିଯିବାରୁ ଦୁର୍ଘଟଣା ଘଟିଥିଲା । ଟ୍ରେନରେ କଟି ଘଟଣାସ୍ଥଳରେ ହିଁ ତାଙ୍କ ମୃତ୍ୟୁ ଘଟିଥିବାବେଳେ ଗୁଣ୍ଡକଲ୍ ରେଲୱାଇ ପୁଲିସ ଶବ ଜବତ କରି ତାଙ୍କ ସାଥୀଙ୍କ ସହଯୋଗରେ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ । ଖବରପାଇ ପରିବାର ଲୋକେ ଗ୍ରାମର କିଛି ଯୁବକଙ୍କ ସହାୟତାରେ ଗୁଣ୍ଡକଲ୍ ପହଞ୍ଚି ଶବ ବ୍ୟବଚ୍ଛେଦ ପରେ ଏକ ଆମ୍ବୁଲାନ୍ସ ଯୋଗେ ମୃତଦେହ ଧରି ଶୁକ୍ରବାର ଦିନ ଗାଁ ପହଞ୍ଚି ଥିଲେ । ମୃତଦେହ ଗାଁ ରେ ପହଞ୍ଚିଲା ପରେ କାନ୍ଦ ବୋବାଳରେ ଫାଟି ପଡ଼ିଥିଲା । ହରଦାସ ଜଣେ ଗରିବଶ୍ରେଣୀର ଲୋକ । ତୁରନ୍ତ ପ୍ରଶାସନ ପରିବାର ପ୍ରତି ଦୃଷ୍ଟିଦେଇ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି ।

# ଜୋନାଲସ୍ତରୀୟ ଖେଳ ପ୍ରତିଯୋଗିତା




**କର୍ଲାମୁଣ୍ଡା, ୨୧।୮ (ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ା ବାପୁଜୀ ମିନିଷ୍ଟାଡିୟମ ଠାରେ ଜୋନାଲ ସ୍ତରୀୟ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ରିଷିଡ଼ା ଜଗନ୍ନାଥ କୌଶଲ୍ୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପିଏମଶ୍ରୀ ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ ରିଷିଡା, ପିଏମଶ୍ରୀପୁରୁଷୋତ୍ତମ ସରକାରୀ ଉଚ୍ଚ ବିଦ୍ୟାଳୟ ଗଜବାହାଲ, ପୌରକେଲା ବି.ଆର୍ ଆମ୍ବେଦକର ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇ ଫୁଟବଲ, କବାଡି, ଖୋକୋ, ଭଲିବଲ, ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଖେଳ ଶିକ୍ଷକ ଲଳିତମୋହନ ଦାସ, ମେନେଜର ହରିଜନ, ରାକେଶ ନାଗ, ଦେବେନ୍ଦ୍ର ଭୋଇ, ସୁନୀଲ ବେହେରା ପରିଚାଳନା କରିଥିଲେ । ଜଗନ୍ନାଥ କୌଶଲ୍ୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଖେଳଶିକ୍ଷକ ଲଳିତ ଦାସଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ କୁମାର, ସମ୍ମାନିତ ଅତିଥି ଭାବେ ଜଗନ୍ନାଥ ଡିଗ୍ରୀ କଲେଜ ଖେଳ ଶିକ୍ଷକ ଲଳିତ ମୋହନ ସାହୁ ଯୋଗଦେଇ ଥିଲେ । ମଣ୍ଡଳ କ୍ରୀଡ଼ା ଶିକ୍ଷକ ବିଭୁଦେବ୍ର ନାଏକ, ନୀଳମଣି ବୁଦ୍ଧିଆ, ପିଣ୍ଟୁ ରଣା, ସୁଶାନ୍ତ ନାଗ ଏବଂ କୁସୁର୍ଲା କଲେଜର ଅଧ୍ୟାପକ ଅଧ୍ୟାପିକା ସମସ୍ତେ ସହଯୋଗ କରିଥିଲେ । ପ୍ରଧାନ ଶିକ୍ଷକ ଗରୁଡ଼ଧ୍ୱଜ ଗହୀର ଯୋଗଦେଇ ଥିବାବେଳେ କ୍ରୀଡା ଶିକ୍ଷକ ପ୍ରଶାନ୍ତ କୁମାର ସାହୁ, ପ୍ରିତମ ହବୋ, ସମେତ ସମସ୍ତ ଶିକ୍ଷକ ସହଯୋଗ କରିଥିଲେ ।

# ପୂରଣ ହେଉନି +୨, +୩ ସିଟ୍

ବଲାଙ୍ଗିର,୨୧।୮ (ସମିସ)

ଦଶମ ଶ୍ରେଣୀ ପରେ ଯୁକ୍ତ ୨ ଓ ଯୁକ୍ତ ୨ ପରେ ଯୁକ୍ତ ୩ରେ ନାମଲେଖାଇବାକୁ ନେଇ ସବୁବେଳେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ରହିଥାଏ। ୨୦୨୬-୨୭ ଶିକ୍ଷା ବର୍ଷ ପାଇଁ ନାମଲେଖା ସମାପ୍ତ ହୋଇଥିବା ବେଳେ ବଲାଙ୍ଗିର ଜିଲ୍ଲାରେ ଉଚ୍ଚଶିକ୍ଷାର ଏକ ଚିନ୍ତାଜନକ ସ୍ଥିତି ସାମ୍ନାକୁ ଆସିଛି। ପ୍ରତିବର୍ଷ ପ୍ରାୟ ୩ ହଜାରରୁ ଛାତ୍ରଛାତ୍ରୀଙ୍କ ପାଠପଠା ଦଶମ ଶ୍ରେଣୀରେ ହିଁ ଅଟକିଯାଉଛି। ଏହାଫଳରେ ଯୁକ୍ତ ଦୁଇରେ ପ୍ରାୟ ୫ ହଜାରରୁ ଅଧିକ ସିଟ୍ ଖାଲିରହୁଛି ସିନା ଆଡମିସନ କରିବା ପାଇଁ ଛାତ୍ରଛାତ୍ରୀ ହେଉନାହାନ୍ତି। ଏହା ଏକ ଚିନ୍ତା ଜନକ ବିଷୟ ରହିଛି। ଯୁକ୍ତ ୩ ରେ ମଧ ସମାନ ଅବସ୍ଥା ଦେଖିବାକୁ ମିଳିଛି। ଯୁକ୍ତ ଦୁଇ ପରେ ଅନେକ ଅନ୍ୟ ବିଷୟ ଓ କ୍ୟାରିଅରକୁ ଧ୍ୟାନରେ ରଖି ଅନ୍ୟତ୍ର ନାମ ଲେଖାଉଛନ୍ତି। ଏଣୁ ଯୁକ୍ତ ତିନି ସିଟ୍ ଖାଲିପଡୁଛି। ତଥାପି ଛତୁ ଫୁଟିଲା ଭଳି ଘରୋଇ କଲେଜକୁ ଅନୁମତି ଦିଆଯାଉଛି।

ରାଜ୍ୟରେ ଯୁକ୍ତ ଦୁଇ ନାମ ଲେଖା ସରିଛି। ପୂର୍ବବର୍ଷ ଭଳି ଚଳିତ ବର୍ଷ ମଧ ଜିଲ୍ଲାରେ ପ୍ରାୟ ୫ହଜାରରୁ ଅଧିକ ସିଟ୍ ଖାଲି ପଡିଛି। ସାମ୍ସ ପୋର୍ଟାଲରୁ ମିଳିଥିବା ତଥ୍ୟ ଅନୁସାରେ ବଲାଙ୍ଗିର ଜିଲ୍ଲାରେ ୧୨୨ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି। କଳାରେ ମଞ୍ଜୁର ୧୬୭୨୦ଟି ସିଟ୍ରୁ ୧୩୯୧୨ ଜଣ ଛାତ୍ରଛାତ୍ରୀ ଆଡମିସନ କରିଥିବା ବେଳେ ୨୮୦୮ ସିଟ୍ ଖାଲି ପଡିଛି। ସେହିପରି ବିଜ୍ଞାନରେ ମଞ୍ଜୁର ୫୦୪୮ ସିଟ୍ରୁ ୨୮୩୮ ଛାତ୍ରଛାତ୍ରୀ ନାମ ଲେଖାଇଥିବା ବେଳେ ୨୨୧୦ ସିଟ୍ ଏବେ ବି ଖାଲିପଡିଛି। ବାଣିଜ୍ୟରେ ମଞ୍ଜୁର ୧୭୬୮ ସିଟ୍ରୁ ୧୦୪୨ ଛାତ୍ରଛାତ୍ରୀ ନାମ ଲେଖାଇଥିବା ବେଳେ ୭୨୬ ସିଟ୍ ଖାଲି ପଡିଛି। ସେହିପରି ସଂସ୍କୃତରେ ଜିଲ୍ଲାରେ ମଞ୍ଜୁର ଥିବା ୬୪ଟି ସିଟ୍ରୁ ୫୮ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଥିବା ବେଳେ ୬ଟି ସିଟ୍ ଏବେ ବି ଖାଲି ପଡିଛି। ଅନ୍ୟପକ୍ଷରେ ଧନ୍ଦାମୂଳକ ବିଷୟରେ ମଞ୍ଜୁର ଥିବା ୩୮୪ ବିଷୟରୁ ୩୧୨ ଛାତ୍ରଛାତ୍ରୀ ନାମ ଲେଖାଇଥିବା ବେଳେ ୭୨ ସିଟ୍ ଖାଲି ପଡିଛି। ଜିଲ୍ଲାରେ ସମସ୍ତ ବିଷୟ ମିଶି ୨୩ ହଜାର ୯୮୪ ସିଟ୍ ରହିଥିବା ବେଳେ ଚଳିତ ବର୍ଷ ୧୮ ହଜାର ୧୬୨ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି। ୫୮୨୨ ସିଟ୍ ଖାଲି ପଡିଛି। ଚଳିତ ମାଟ୍ରିକ ପରୀକ୍ଷାରେ ଏ-୧ ରେ ୩୬, ଏ-୨ରେ ୩୮୧, ବି-୧ରେ ୧୫୭୦, ବି-୨ରେ ୩୪୭୯, ସିରେ ୫୬୨୨, ଡିରେ ୬୭୦୮, ଇରେ ୪୨୭୯ ଓ ଏଫ ଗ୍ରେଡରେ ୭୫୩ ଛାତ୍ରଛାତ୍ରୀ ପାସ୍ କରିଥିଲେ। ଜିଲ୍ଲାରେ ୨୧ ହଜାର ୯୪୨ ଛାତ୍ରଛାତ୍ରୀ ପାସ୍ କରିଥିବା ବେଳେ ଦଶମ ପରେ ଯୁକ୍ତ ଦୁଇରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା କେବଳ ୧୮ ହଜାର ୪୪୮। ତେବେ ବାକି ରହିଯାଇଥିବା ୩୭୮୦ ଜଣ ଛାତ୍ରଛାତ୍ରୀ ଗଲେ କୁଆଡେ ତାହା ପ୍ରଶ୍ନ। ଦଶମ ପରେ ଛାତ୍ରଛାତ୍ରୀଙ୍କ ପାଖରେ ଆଇଟିଆଇ କରିବାର ସୁଯୋଗ ରହିଛି। ଯଦି ଆଇଟିଆଇରେ ନାମ ଲେଖାଇ ଉପରେ ନଜର ପକାଯାଏ ତେବେ ପ୍ରାୟ ୩ ହଜାର ଛାତ୍ରଛାତ୍ରୀ ଦଶମରୁ ହିଁ ବସ୍ତାନୀରେ ଡୋରି ବାନ୍ଧି ଦେଇ ବାହାର ରାଜ୍ୟକୁ ଯାଇ ଦାଦନ ଶ୍ରମିକ ଭାବେ କାମ କରୁଥିବା ସ୍ପଷ୍ଟ ହୋଇଛି। ଜିଲ୍ଲାରେ ଥିବା ୧୨ଟି ସରକାରୀ ଓ ଘରୋଇ ଆଇଟିଆଇ ପ୍ରତିଷ୍ଠାନ ରହିଛି। ଏହି ଆଇଟିଆଇରେ ମଞ୍ଜୁର ଥିବା ୧୪୮୮ ସିଟରୁ ୧୦୯୭ ଜଣ ନାମ ଲେଖାଇଥିବା ବେଳେ ୩୯୧ ସିଟ୍ ଖାଲି ପଡିଛି। ଯଦି ଗୋଟିଏ ବର୍ଷରେ ଯେତେ ଛାତ୍ରଛାତ୍ରୀ ଦଶମରେ ପାସ୍ କରୁଛନ୍ତି ସେତେ ସଂଖ୍ୟକ ଛାତ୍ରଛାତ୍ରୀ ଯୁକ୍ତ ଦୁଇରେ ନାମ ଲେଖାଇବେ ତଥାପି ପ୍ରାୟ ହଜାରେ ସିଟ ଖାଲିପଡିବା କଥା। ଏହାର ଆଉ ଏକ ଦିଗ ଉପରେ ଯଦି ନଜର ପକାଇଲେ ଯୁକ୍ତ ଦୁଇ ବିଜ୍ଞାନ ପ୍ରତି ଛାତ୍ରଛାତ୍ରୀଙ୍କ ସେତେଟା ରୁଚି ରହୁନି। ଅନେକ ଛାତ୍ରଛାତ୍ରୀ କଳାରେ ସିଟ ନ ପାଇ ମଧ ନାମ ଲେଖାଇବାରୁ ବଞ୍ଚିତ ରହୁଛନ୍ତି। ଏହା ଗୋଟିଏ ବର୍ଷର ସ୍ଥିତି ନୁହଁ। ବର୍ଷ ବର୍ଷ ହେଲା ଏହିଭଳି ଭାବେ କଲେଜରେ ସିଟ୍ ଖାଲି ପଡଛି। ବହୁ ଛାତ୍ରଛାତ୍ରୀ ନାମଲେଖାରୁ ବଞ୍ଚିତ ରହୁଛନ୍ତି। ସେହିପରି ଯୁକ୍ତ ଦୁଇ ପରେ ଯୁକ୍ତ ତିନିରେ ନାମଲେଖା ନେଇ ବି ସମାନ ସ୍ଥିତି ଦେଖିବାକୁ ମିଳିଛି। ଜିଲ୍ଲାରେ ୩୮ଟି ଡିଗ୍ରୀ କଲେଜ ରହିଛି। କଳାରେ ମଞ୍ଜୁର ୭୬୮୮ ସିଟ୍ରୁ ୬୪୪୨ ଛାତ୍ରଛାତ୍ରୀ ନାମ ଲେଖାଇଥିବା ବେଳେ ୧୨୪୬ ସିଟ୍ ଖାଲିପଡିଛି। ପଦାର୍ଥ ବିଜ୍ଞାନ ବିଷୟରେ ମଞ୍ଜୁର ୧୨୧୬ ସିଟ୍ରୁ ୫୫୦ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଥିବା ବେଳେ ୬୬୬ ସିଟ୍ ଖାଲିପଡିଛି। ଭୌତିକ ବିଜ୍ଞାନରେ ମଞ୍ଜୁର ୮୮୮ ସିଟ୍ରୁ ୫୮୩ ସିଟ୍ରେ ଛାତ୍ରଛାତ୍ରୀ ନାମ ଲେଖାଇଥିବା ବେଳେ ୩୦୫ ସିଟ୍ ଖାଲି ପଡିଛି। ବାଣିଜ୍ୟରେ ମଞ୍ଜୁର ହୋଇଥିବା ୯୨୮ ସିଟ୍ରୁ ୪୯୧ ସିଟ୍ରେ ନାମ ଲେଖା ହୋଇଥିବା ବେଳେ ୪୩୭ ସିଟ୍ ଖାଲି ପଡିଛି। ସେହିପରି ୬୪ ସଂସ୍କୃତ ସିଟ୍ରୁ ୪୯ ଜଣ ନାମ ଲେଖାଇଥିବା ବେଳେ ୧୫ ସିଟ୍ ଖାଲି ପଡିଛି। ଏହିଭଳି ଭାବେ ଜିଲ୍ଲାରେ ମଞ୍ଜୁର ୧୦ ହଜାର ୮୮୪ ସିଟ୍ରୁ ୮୧୮୪ ସିଟରେ ଛାତ୍ରଛାତ୍ରୀ ନାମ ଲେଖାଇଥିବା ବେଳେ ୨୬୮୦ ସିଟ୍ ଖାଲି ପଡିଛି। ତେବେ ଉଭୟ ଯୁକ୍ତ ଦୁଇ ଓ ଯୁକ୍ତ ତିନିରେ ଖାଲି ପଡିଥିବା ସିଟ୍ ଏବେ କେମିତି ଭରାଯିବ ସେନେଇ ବିଭାଗୀୟ ଅଧିକାରୀଙ୍କ ଚିନ୍ତା ବଢିଛି। ପ୍ରତିବର୍ଷ ଏହିଭଳି ଭାବେ ହଜାର ହଜାର ସିଟ୍ ଖାଲିପଡୁଥିଛି। ଏହାର ସମାଧାନ କରାଯାଇନାହିଁ। ଏହା ଏକ ବଡ ପ୍ରଶ୍ନ ହୋଇଛି। କାହିଁକି ଏତେ ସିଟ ଖାଲିପଡୁଛି ସେନେଇ ମଧ ତର୍ଜମା କରାଯାଉନାହିଁ। ବର୍ଷକୁ ବର୍ଷ ଏହି ସମସ୍ୟା ଲାଗି ରହିଛି। ଏହାର ସମାଧାନ ରାସ୍ତା ବାହାର କରା ଯାଉନି।

## ଦାଦନ ଖଟିବାକୁ ଯାଇ ଯୁବକଙ୍କ ମୃତ୍ୟୁ

ଖପ୍ରାଖୋଲ,୨୧।୮ (ସମିସ): ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲର ବେଟଲୀ ବେହେରା (୨୮) ନାମକ ଜଣେ ଯୁବକ ବଙ୍ଗାଲୋରରେ ଦାଦନ ଖଟିବାକୁ ଯାଇ ପ୍ରାଣ ହରାଇଛନ୍ତି। ସଉକି ବେହେରାଙ୍କ ପୁଅ ବେଲଟଲୀ ବେଙ୍ଗଲୋରର ଏକ ଇଟାଭାଟିରେ କାମ କରିବାକୁ ଭାଇଭାଉଜ ସହ ଯାଇଥିଲେ। ସେଠାରେ ତାଙ୍କ ମୃତ୍ୟୁ ଘଟିଥିବା ଖବର ପାଇ ଘରେ ମାଁ, ବାପା ଏବଂ ପରିବାରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ବଙ୍ଗାଲୋ ତୁମକୁର ଜିଲ୍ଲାର ଚିକ୍କାକନଲିର ଏକ ଇଟାଭାଟିରେ ଦୀର୍ଘ ଦିନରୁ କାମ କରିଆସୁଥିଲେ। ଏହି କାମ କରୁଥିବା ସମୟରେ ତାଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କୁ ଭାଟି ମାଲିକ ଚିକିତ୍ସା କରାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିଲା। ତେବେ ସେ ଅବିବାହିତ ଥିଲେ।


## ତନ୍ତ୍ର ସାଧନା ପାଇଁ ସାଙ୍ଗକୁ ବଳି ଘଟଣାରେ ଅଭିଯୁକ୍ତ ଗିରଫ

ବଲାଙ୍ଗିର,୨୧।୮ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅଞ୍ଚଳର ବାଗଡ଼ା ଗାଁରେ ତନ୍ତ୍ର ସାଧନା ପାଇଁ ସାଙ୍ଗକୁ ବଳି ଘଟଣାରେ ଅଭିଯୁକ୍ତ ଗିରଫ ହୋଇଛି। ଅଭିଯୁକ୍ତ ହେଉଛି ଶତ୍ରୁଘ୍ନ ସାହୁ (୪୦)। ହତ୍ୟାରେ ବ୍ୟବହୃତ କଟାରୀକୁ ପୁଲିସ ଜବତ କରିଛି। ଘଟଣାର ସମ୍ପୂର୍ଣ୍ଣ କାରଣ ଏବଂ ହତ୍ୟାକାଣ୍ଡ ସହ ଜଡ଼ିତ ଅନ୍ୟାନ୍ୟ ପ୍ରସଙ୍ଗ ନେଇ ପୁଲିସର ତଦନ୍ତ ଜାରି ରହିଛି। ତୁଷୁରା ଥାନା ଅଧୀନ ତେବଡାମୁଣ୍ଡା ଗାଁର ସନ୍ତୋଷ ଖର୍ସେଲ ଗତ ୧୮ ତାରିଖ ସନ୍ଧ୍ୟା ପ୍ରାୟ ୫ଟା ସମୟରେ ଘରୁ ବାହାରିଥିଲେ। ତେବେ ସେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ସମୟରେ ସନ୍ତୋଷଙ୍କୁ ଦେଓଗାଁ ଥାନା ଅଧୀନ ବାଗଡ଼ା ଗାଁର ଶତ୍ରୁଘ୍ନ ସାହୁଙ୍କ ସହ ଦେଖାଯାଇଥିବା ଜଣାପଡ଼ିଥିଲା। ୨୦ ତାରିଖରେ ବାଗଡ଼ା ଗାଁର ପାଣି ଟାଙ୍କି ନିକଟସ୍ଥ ଏକ ପୋଖରୀରେ ଏକ ମୃତଦେହ ଭାସୁଥିବା ସୂଚନା ମିଳିଥିଲା। ଖବର ପାଇ ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ତାହା ସନ୍ତୋଷଙ୍କ ଶବ ବୋଲି ଜଣା ପଡିଥିଲା। ତେବେ ମୃତଦେହର ମୁଣ୍ଡ ନ ଥିବାରୁ ଏହା ଏକ ହତ୍ୟାକାଣ୍ଡ ଏବଂ ପ୍ରମାଣ ନଷ୍ଟ କରିବାର ଉଦ୍ୟମ ବୋଲି ପୁଲିସ ସନ୍ଦେହ କରିଥିଲା। ଏହାକୁ ଆଧାର କରି ଦେଓଗାଁ ଥାନାରେ ମାମଲା ରୁଜୁ ହୋଇଥିଲା। ତଦନ୍ତରୁ ପୁଲିସ ପ୍ରାଥମିକ ଭାବେ ଜାଣିବାକୁ ପାଇଛି ଯେ, ୧୮ ତାରିଖରେ ଅଭିଯୁକ୍ତ ଶତ୍ରୁଘ୍ନ ସନ୍ତୋଷଙ୍କୁ ଭେଟିବା ପରେ ତାଙ୍କୁ ନିଜ ଘରକୁ ନେଇଥିଲା। ସେହି ରାତିରେ ଏକ କଟାରୀ ସାହାଯ୍ୟରେ ସନ୍ତୋଷଙ୍କ ମୁଣ୍ଡ କାଟି ହତ୍ୟା କରିଥିଲା। ପରେ ମୁଣ୍ଡବିହୀନ ମୃତଦେହକୁ ନିକଟସ୍ଥ ପୋଖରୀରେ ଫିଙ୍ଗି ଦେଇଥିଲା। ଅନ୍ୟପଟେ କଟା ମୁଣ୍ଡକୁ ନିଜ ଘରର ଏକ ଗାତରେ ପୋତି ରଖିଥିଲା।

## ଚିଠିରେ ସୀମିତ ରହିଗଲା କ୍ଲିନିକ ସିଲ୍

ପାଟଣାଗଡ଼,୨୧।୮ (ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ବେଲପଡା ବ୍ଲକ୍ ଅଧୀନ ସିହିନୀରେ ଜଣେ ବ୍ୟକ୍ତି ଓ ତାଙ୍କ ପୁଅ ବେଆଇନ ଭାବେ କ୍ଲିନିକ ଖୋଲି ଲୋକଙ୍କ ଚିକିତ୍ସା କରୁଛନ୍ତି। ଏ ନେଇ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଛି। ଦୈନିକ "ସକାଳ'ରେ ଖବର ପ୍ରକାଶ ପରେ ୨ ଦିନ ଧରି ବେଲପଡା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢ଼ଉ ହୋଇଥିଲା। ଚଢ଼ଉ ସତ୍ତ୍ୱେ ନକଲି ଡାକ୍ତର ଜଣକ ବେଆଇନ ଚିକିତ୍ସା ଜାରି ରଖିଛନ୍ତି। ସାର୍ଟିଫିକେଟ ସବୁ ନକଲି ବୋଲି ଜଣା ପଡିଛି। ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଚିଠି କରାଯାଇଛି। ଖୁବ୍ ଶୀଘ୍ର ଏହା ସିଲ୍ ହେବ ବୋଲି ବେଲପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ରବୀନ୍ଦ୍ର ମେହେର କହିଥିଲେ। ଏ ପର୍ଯ୍ୟନ୍ତ କିନ୍ତୁ ଏହି ବେଆଇନ କ୍ଲିନିକକୁ ସିଲ୍ କରାଯାଇନାହିଁ। ଏହାଫଳରେ ଏହି ବେଆଇନ୍ କ୍ଲିନିକରେ ପୁଣି ବାପ-ପୁଅ ବେଆଇନ ଚିକିତ୍ସା ଜାରି ରଖିଛନ୍ତି। ଏନେଇ ବେଲପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ରବୀନ୍ଦ୍ର ମେହେରଙ୍କୁ ପଚାରିବାରୁ ବଲାଙ୍ଗିର ଏଡିଏମଓ ନାହାନ୍ତି। ଆସିଲେ କ୍ଲିନିକ ସିଲ କରାଯିବ ବୋଲି କହଛନ୍ତି।

## ଶ୍ରମିକ ବଦଳରେ ମେସିନ ନେଇଗଲା ୨୦ ଲକ୍ଷ



ତୁରେକେଲା,୨୧।୮ (ସମିସ): ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ୍ ଉପାନ୍ତ ଅଞ୍ଚଳ ବଡବାଙ୍କି ପଞ୍ଚାୟତରୁ ଏବେ ଗୋଟିଏ ପରେ ଗୋଟିଏ ଦୁର୍ନୀତି ସାମ୍ନାକୁ ଆସୁଛି। ସରକାରୀ ନିୟମକୁ ଉଲ୍ଲଂଘନ କରି ମନରେଗା ଯୋଜନାରେ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି। ଏଥିରେ ସରକାରୀ କର୍ମଚାରୀ ଏବଂ ଜନ ପ୍ରତିନିଧିଙ୍କ ସଂପୃକ୍ତି ରହିଥିବା ମଧ ଅଭିଯୋଗ ହେଉଛି।

ବଡବାଙ୍କି ପଞ୍ଚାୟତ ମୁରିବାହାଲ ଗାଁରେ ଥିବା ଶୁଆବାହାଲି ପୋଖରୀ ପୁନଃ ଉଦ୍ଧାର କାମ ପାଇଁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୨ଟି ପର୍ଯ୍ୟାୟରେ ଟଙ୍କା ଖର୍ଚ୍ଚ ହୋଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ ୧୦ ଲକ୍ଷ ଏବଂ ୨୦୨୫-୨୬ ଆର୍ଥିକ ବର୍ଷରେ ଆଉ ୧୦ ଲକ୍ଷ ବ୍ୟୟ କରାଯାଇଛି; କିନ୍ତୁ ଗାଁର ଲୋକମାନେ ଅଭିଯୋଗ ଆଣିଛନ୍ତି ଯେ ପୋଖରୀ କାମରେ କୌଣସି ଶ୍ରମିକ ଲାଗି ନ ଥିଲେ। ମେସିନ୍ ଲଗାଇ କାମ କରାଯାଇଥିଲା। ସେଠାରେ କେବଳ କିଛି ଲୋକଙ୍କୁ ନେଇ ଫଟୋ ଉଠାଇ ଶ୍ରମିକ କାମ କରୁଥିବା ଦର୍ଶା ଯାଇଛି। ମନରେଗା ନିୟମ ଅନୁସାରେ ଏହି କାମରେ ଶତପ୍ରତିଶତ ଶ୍ରମିକ ଲାଗିବା କଥା; କିନ୍ତୁ ମେସିନ୍ ଲଗାଇ ମଜୁରି ଟଙ୍କା ଲୁଟ୍ କରାଯାଇଛି ବୋଲି ସେମାନେ ଅଭିଯୋଗ ଆଣିଛନ୍ତି। ସରକାରୀ କଳ ଆଖିରେ ଧୂଳି ଦେଇ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି। ଆଜି ପର୍ଯ୍ୟନ୍ତ କିନ୍ତୁ ପୋଖରୀରେ ସେତେ ଟଙ୍କାର କାମ ହୋଇନାହିଁ। ପୋଖରୀ ସେଇ ପୁରୁଣା ଅବସ୍ଥାରେ ପଡିରହିଛି ବୋଲି ଗାଁ ଲୋକେ କହିଛନ୍ତି। ଅଭିଯୋଗ ପରେ ଯେଉଁ ସରକାରୀ ଅଧିକାରୀ ମାନେ ତଦାରଖ କରିବାକୁ ଆସୁଛନ୍ତି ସେମାନେ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ସହ ସଲାସୁତୁରା କରି ସେମାନଙ୍କ ସପକ୍ଷରେ ତଦନ୍ତ ରିପୋର୍ଟ ଦେଉଥିବା ଅଭିଯୋଗ ହେଉଛି। ଏହା ଫଳରେ କାର୍ଯ୍ୟାନୁଷ୍ଠାନ ଶୂନ ରହୁଛି ଏବଂ ଦୁର୍ନୀତି ଦିନକୁ ଦିନ ବଢିଚାଲିଛି। ଏନେଇ ବଡବାଙ୍କି ପଞ୍ଚାୟତ ଦାୟିତ୍ୱରେ ଥିବା ଏଡିଓ ଦୁଶାସନ ଚନ୍ଦନଙ୍କୁ ପଚାରିବାରୁ ତାଙ୍କ ପାଖେ ପାଖରେ ସେହିଭଳି କୌଣସି ଖବର ନାହିଁ। ପଚାରି ବୁଝିବେ ବୋଲି ସେ କହିଛନ୍ତି।

## ଘୁନସର କଲେଜରେ ନିଶା ମୁକ୍ତ ଅଭିଯାନ



ସଇଁତଲା,୨୧।୮ (ସମିସ): ସଇଁତଲା ବ୍ଲକ୍ ଘୁନସର କଲେଜ ପରିସରରେ ନିଶା ମୁକ୍ତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ସଇଁତଲା ଥାନା ଅଧିକାରୀ ଖଗପତି ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଏହି ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। କଲେଜର ଅଧ୍ୟକ୍ଷ ଶୁଭେନ୍ଦୁ ବିକାଶ କୁମ୍ଭାର, ମୋହନ ଚରଣ ବାଗ, ନିରାକାର ସାହୁ, ନାରାୟଣ ବୁଡ଼େକ, ଅମିତାଭ ପଟେଲ, ସୁକୁମାର ସାହୁ, ଶତ୍ରୁ ଘନ ଗହିର, ସରୋଜ ରଣା, ସାଧୁ ରଣା, ବିଷ୍ଣୁ ଭୋଇ, ନିରଞ୍ଜନ ରଣାଙ୍କ ଉପସ୍ଥିତିରେ ଛାତ୍ରଛାତ୍ରୀଙ୍କୁ ନିଶା ସେବନର କୁପ୍ରଭାବ ସମ୍ପର୍କରେ ସଚେତନ କରାଯାଇଥିଲା। ନିଶା ଯୁବପିଢ଼ିର ଭବିଷ୍ୟତକୁ ନଷ୍ଟ କରିବା ସହ ପରିବାର ଓ ସମାଜ ଉପରେ ମଧ ଖରାପ ପ୍ରଭାବ ପକାଇଥାଏ ବୋଲି ଛାତ୍ରଛାତ୍ରୀଙ୍କୁ ବୁଝାଯାଇଥିଲା। ସୁସ୍ଥ ଓ ସୁନ୍ଦର ଭବିଷ୍ୟତ ପାଇଁ ନିଶାଠାରୁ ସମ୍ପୂର୍ଣ୍ଣ ଦୂରେଇ ରହିବାକୁ ଆହ୍ୱାନ ଦିଆଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀମାନେ ନିଶା ସେବନ କରିବେ ନାହିଁ ଏବଂ ଅନ୍ୟମାନଙ୍କୁ ମଧ ନିଶାଠାରୁ ଦୂରେଇ ରଖିବା ପାଇଁ ଶପଥ ପାଠ କରିଥିଲେ।

## ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ବଲାଙ୍ଗିର ବିଭାଗ ବୈଠକ



ବଲାଙ୍ଗିର,୨୧।୮ (ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ବଲାଙ୍ଗିର ବିଭାଗର ଏକ ବୈଠକ ବଲାଙ୍ଗିର ପ୍ୟାଲେସ୍ ଲାଇନ୍ସ୍ଥିତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ବୈଠକରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଓଡ଼ିଶା ପଶ୍ଚିମ ପ୍ରାନ୍ତର ସଂଗଠନ ସମ୍ପାଦକ ନିକୁଞ୍ଜ ବିହାରୀ ପଣ୍ଡା ଉପସ୍ଥିତ ଥିଲେ। ବୈଠକରେ ଆଗାମୀ ସାଂଗଠନିକ କାର୍ଯ୍ୟକ୍ରମ ସଦସ୍ୟତା ଅଭିଯାନ, ମହାବିଦ୍ୟାଳୟ ଓ ନଗରର କାର୍ଯ୍ୟକାରିଣୀ ଘୋଷଣା, ଛାତ୍ରୀ ସମ୍ମିଳନୀ, ଜିଲ୍ଲା ଅଭ୍ୟାସ ବର୍ଗ ଓ ରାକ୍ଷୀ ଫର୍ ସୋଲଜର ବିଷୟରେ ଚର୍ଚ୍ଚା ହୋଇଥିଲା। ଏହି ବୈଠକରେ ଆଲୋକ ଗୁରାଣ୍ଡି, ମଞ୍ଜିତ କର୍ମୀ, ବିକାଶ ସାହୁ, ଆଲୋକ ଅରୁପାନନ୍ଦ ଯୋଶୀ, ପ୍ରତ୍ୟୁଷ ଦାନୀ, ସେବକ ସିଂ, ଅନିଶା କୁମ୍ଭାର, ଅଙ୍କିତା ଶତପଥୀ, ଝରଣା ବାଗ ଓ ବ୍ଲକ୍ ସଂଯୋଜକ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ସମସ୍ୟା ଭିତରେ ସରକାରୀ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ

ସଇଁତଲା,୨୧।୮ (ସମିସ): ସଇଁତଲା ବ୍ଲକ୍ର ସଇଁତଲା ପଞ୍ଚାୟତ ଅଧୀନ ତଥା ୨୬ ନମ୍ବର ଜାତୀୟ ରାଜପଥ



ଉପରେ ଥିବା ସରକାରୀ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ବିଭିନ୍ନ ସମସ୍ୟା ନେଇ ଗତି କରୁଛି। ୧୯୦୦ ମିସିହାରେ ସ୍ଥାପିତ ୧୨୫ ବର୍ଷ ଏହି ପୁରାତନ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ଏହି ବିଦ୍ୟାଳୟର ନୂତନ ଶ୍ରେଣୀ ଗୃହ ଏପର୍ଯ୍ୟନ୍ତ ନିର୍ମାଣ କରାଯାଇପାରୁନି। ବପଦପୂର୍ଣ୍ଣ ପୁରୁଣା ଘର ଭଙ୍ଗା ଯାଉନି। ଏହା କୌଣସି ସମୟରେ ଭୁଶୁଡ଼ି ପଡ଼ିବାର ଆଶଙ୍କା ରହିଛି। ଟିକିଏ ବର୍ଷା ହେଲେ ସ୍କୁଲ ହତାରେ ପାଣି ଲହଡି ଖେଳୁଛି। ସଇଁତଲା ମଣ୍ଡଳ ଶିକ୍ଷା ବିଭାଗ କାର୍ଯ୍ୟାଳୟରେ ଦୈନନ୍ଦିନ ତାଲିମ କାର୍ଯ୍ୟକ୍ରମ ଚାଲୁରହିଥିବା କାରଣରୁ ବିଦ୍ୟାଳୟର ଜଣେ ଦୁଇଜଣ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ତାଲିମ ନେବାକୁ ଯିବା ଲାଗି ପଡୁଛି। ଏଣୁ ବହୁ ସମୟରେ ବିଦ୍ୟାଳୟ ମାତ୍ର ଜଣେ ଦୁଇ ଜଣ ଶିକ୍ଷୟିତ୍ରୀଙ୍କୁ ନେଇ ସ୍କୁଲ ଚାଲୁଛି। ସେହିପରି ଏହି ବିଦ୍ୟାଳୟର ଛାତ୍ରଛାତ୍ରୀ ସର୍ବୋପରି ଶିକ୍ଷୟିତ୍ରୀମାନଙ୍କ ନିମନ୍ତେ ଶୌଚାଳୟ ମଧ ନାହିଁ। ଛାତ୍ରଛାତ୍ରୀଙ୍କ ଲାଗି ମଧ୍ୟାହ୍ନଭୋଜନ ରୋଷେଇ ନିମନ୍ତେ ମଧ ଘର ନାହିଁ। ଏହା ଫଳରେ ବର୍ଷାଦିନେ ପାଚକ ପାଚିକାମାନେ ମଧ୍ୟାହ୍ନ ଭୋଜନ ରୋଷେଇ କରିବା ନିମନ୍ତେ ଦୁର୍ଦ୍ଦଶାର ସମ୍ମୁଖିନ ହେଉଛନ୍ତି।

● କଣ୍ଟାବାଞ୍ଜିରେ ସମ୍ବିଧାନ ପ୍ରଣେତାଙ୍କୁ ଅସମ୍ମାନ ପ୍ରସଙ୍ଗ

## ଏନ୍ଏସି ଇଓଙ୍କୁ ଭେଟିଲେ ଆମ୍ବେଦକରବାଦୀ



କଣ୍ଟାବାଞ୍ଜି,୨୧।୮ (ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜିରେ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ୮୦ ତମ ସ୍ୱାଧୀନତା ଦିବସରେ ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଦକରଙ୍କୁ ଅସମ୍ମାନ କରାଯାଇଛି। ଏନଏସି ପକ୍ଷରୁ ବିଭିନ୍ନ ଜାଗାରେ ଲଗାଯାଇଥିବା ଶୁଭେଚ୍ଛା ହୋର୍ଡିଂରେ ବିଭିନ୍ନ ମହାପୁରୁଷଙ୍କ ଫଟୋ ଥିଲା; ହେଲେ ଆମ୍ବେଦକରଙ୍କୁ ଅଣଦେଖା କରାଯାଇଥିଲା। ଏହାକୁ ନେଇ କଣ୍ଟାବାଞ୍ଜିରେ ଅସନ୍ତୋଷ ଦେଖା ଦେଇଛି। ଶୁକ୍ରବାର କଣ୍ଟାବାଞ୍ଜି ଆମ୍ବେଦକର ଜୟନ୍ତୀ ମହୋତ୍ସବ କମିଟିର କର୍ମକର୍ତ୍ତା କଣ୍ଟାବାଞ୍ଜି ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ ପହଞ୍ଚି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଭେଟିଛନ୍ତି। ସଭାପତି ଅନିଲ୍ ବିଭାରଙ୍କ ନେତୃତ୍ୱରେ କମିଟି ସଦସ୍ୟମାନେ ଏକ ଦାବିପତ୍ର ଦେଇଛନ୍ତି। ଯଦି ଦାବିଗୁଡିକ ଉପରେ ପ୍ରଶାସନ ୧୫ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ଅନ୍ୟଥା କମିଟି ପକ୍ଷରୁ କଣ୍ଟାବାଞ୍ଜି ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ଘେରଉ କରାଯିବ ବୋଲି ଚେତାବନୀ ଦିଆଯାଇଛି। ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ, ବଲାଙ୍ଗୀର ଜିଲ୍ଲାପାଳ, ମୁଖ୍ୟ ଶାସନ ସଚିବ, ନଗରପାଳ, ପ୍ରକଳ୍ପ ନିର୍ଦ୍ଦେଶକ (ଡୁଡା), ଗୃହ ଓ ନଗର ଉନ୍ନୟନ ବିଭାଗକୁ ମଧ୍ୟଏ ନେଇ ଅବଗତ କରାଯାଇଛି। ଦାବିପତ୍ର ପ୍ରଦାନ କରିବା ସମୟରେ ଆମ୍ବେଦକର ଜୟନ୍ତୀ ମହୋତ୍ସବ କମିଟି ସମ୍ପାଦକ ରୋହନ ମହତ, ଉପ ସଭାପତି ତୁଳସୀ ରାମ ଜଗତ, ସଦସ୍ୟ ଅନିଲ୍ ମିପକା, ମୋହନ ସୁନା, ରେସବ ମାହାନନ୍ଦ, ଜିତେନ୍ଦ୍ର ସୁନା, ସୋଭରାଜ ସିଂ ମାଝି, ପ୍ରେମ ମହତ, ଅଜୟ ତାଣ୍ଡି, ଗୋକୁଳ ସୁତନାମୀ ପ୍ରମୁଖ ଉପସ୍ଥିତ ଥିଲେ।

## ବିନା ଅଗ୍ନି ନିରାପତ୍ତା ବ୍ୟବସ୍ଥାରେ ଚାଲିଛି କାଚ କାରଖାନା

କଣ୍ଟାବାଞ୍ଜି,୨୧।୮ (ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ତହସିଲ ଅଧୀନ ଧାମନଡ଼ଙ୍ଗା ଗ୍ରାମ ନିକଟ ୪୨ ନମ୍ବର ରାଜ୍ୟ ରାଜପଥ କଡ଼ରେ ଥିବା ଏକ ବଡ଼ କାଚ କାରଖାନାକୁ ନେଇ ଏବେ ବିବାଦ ଦେଖାଦେଇଛି। ଅନେକ କର୍ମଚାରୀ କାମ କରୁଥିବା ବେଳେ ଏଠାରେ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ନ ଥିବା ଅଭିଯୋଗ ହୋଇଛି। ଏହାଫଳରେ ଯେକୌଣସି ସମୟରେ ଏକ ବଡ଼ ଅଗ୍ନିକାଣ୍ଡ ଘଟି ଶହ ଶହ ଜୀବନ ବିପଦରେ ପଡିପାରେ ବୋଲି ସ୍ଥାନୀୟ ଲୋକେ ଆଶଙ୍କା କରୁଛନ୍ତି। ସେପଟେ କାରଖାନାରୁ ବାହାରୁଥିବା କାଚ ଗୁଣ୍ଡ ଓ ଧୂଆଁ ଯୋଗୁଁ ଧାମନଡ଼ଙ୍ଗା ଗାଁ ଲୋକଙ୍କ ସହ ରାସ୍ତାରେ ଯାତାୟତ କରୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି କାରଖାନା ପରିସରରେ ଭାରି ମେସିନ୍, ଗରମ ଭାଟି ଓ ଦହନଶୀଳ ସାମଗ୍ରୀ ରଖାଯାଇଛି; କିନ୍ତୁ ଅଗ୍ନି ନିରାପତ୍ତା ବିଭାଗର କୌଣସି ପ୍ରମାଣପତ୍ର ନାହିଁ। ଅଗ୍ନିଶମ ଯନ୍ତ୍ର, ଜରୁରୀ ବାହାର ଗେଟ୍, ଆଲାର୍ମ ସିଷ୍ଟମ ଭଳି କୌଣସି ସୁବିଧା ନାହିଁ। ଗ୍ରାମବାସୀଙ୍କ ଘରର ଛାତ, ପାଣି ଟାଙ୍କି, ଗଛପତ୍ର ସବୁ କାଚ ଗୁଣ୍ଡରେ ଭର୍ତ୍ତି ହୋଇଯାଉଛି। ଲୋକଙ୍କ ପାଖରେ ଶ୍ୱାସ, ଆଖି ଓ ଚର୍ମ ରୋଗ ଦେଖା ଦେଉଛି। ଲୋକେ ରାତିରେ ଶୋଇ ପାରୁ ନାହାନ୍ତି। କାରଖାନା ପାଖ ଚାଷ ଜମିକୁ ଚରିବାକୁ ଯାଇ ଗାଈବାଛୁରୀ ଅସୁସ୍ଥ ହେଉଛନ୍ତି ବୋଲି ଗାଁ ଲୋକେ ଅଭିଯୋଗ ଆଣିଛନ୍ତି। ଏନେଇ କଣ୍ଟାବାଞ୍ଜି ଅଗ୍ନିଶମ ଅଧିକାରୀ ଶକ୍ତି ପ୍ରସାଦ ନାୟକଙ୍କୁ ପଚାରିବାରୁ ଏ ପର୍ଯ୍ୟନ୍ତ କାରଖାନା ପକ୍ଷରୁ କୌଣସି ଅଗ୍ନି ନିରାପତ୍ତା ପ୍ରମାଣ ପତ୍ର ପାଇଁ ଆବେଦନ ଆସିନାହିଁ। ଯାଞ୍ଚ ପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଛନ୍ତି।

## ବିଶ୍ୱାତ୍ମା ବିଦ୍ୟା ମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

ବଲାଙ୍ଗିର,୨୧।୮ (ସମିସ): ବଲାଙ୍ଗିର ଖୁଜେନପାଲିସ୍ଥିତ ବିଶ୍ୱାତ୍ମ ବିଦ୍ୟା ମନ୍ଦିର (ଆନନ୍ଦ ନିକେତନ) ପରିସରରେ ବିଶ୍ୱାତ୍ମା ବିଦ୍ୟା ମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟା ମନ୍ଦିରର ପ୍ରତିଷ୍ଠାତା ପୂଜ୍ୟପାଦ ସ୍ୱାମୀ ଶ୍ରୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀଜୀ ମହାରାଜ ଉପସ୍ଥିତ ରହି ଛାତ୍ରଛାତ୍ରୀ ଓ ଉପସ୍ଥିତ ଅଧ୍ୟାପକ-ଅଧ୍ୟାପିକାମାନଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ। ବିଦ୍ୟା ମନ୍ଦିରର ସଭାପତି ପୂଜ୍ୟ ସ୍ୱାମୀ ସତ୍ୟବେଦାନନ୍ଦ ସରସ୍ୱତୀଜୀ, ପ୍ରାଚାର୍ଯ୍ୟ ଡ. ସୁଶାନ୍ତ ପ୍ରଧାନ, ପ୍ରଧାନ ଆଚାର୍ଯ୍ୟ ତରୁଣ ତ୍ରିପାଠୀ, ଆଡମିଶନ୍ ଇନ୍‌ଚାର୍ଜ ନଟରାଜ ଠାକୁରଙ୍କ ସମେତ ସମସ୍ତ ଅଧ୍ୟାପକ-ଅଧ୍ୟାପିକା, କାର୍ଯ୍ୟକର୍ତ୍ତା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଉଦ୍ୟୋଗ ବିଭାଗ କମିଶନରଙ୍କ ବଲାଙ୍ଗିର ଗସ୍ତ

ବଲାଙ୍ଗିର,୨୧।୮ (ସମିସ)



ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଓ ସରକାରୀ କାର୍ଯ୍ୟକ୍ରମର ସଫଳ ରୂପାୟନକୁ ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ସରକାରଙ୍କ ସାର୍ବଜନୀନ ଉଦ୍ୟୋଗ ବିଭାଗ (ପବ୍ଲିକ ଏଣ୍ଟରପ୍ରାଇସ ଡିପାର୍ଟମେଣ୍ଟ)ର କମିଶନର ତଥା ଶାସନ ସଚିବ ମହମ୍ମଦ ସାଦ୍ଦିକ୍ ଆଲମ୍ ଦୁଇ ଦିନିଆ ବଲାଙ୍ଗିର ଜିଲ୍ଲା ଗସ୍ତ କରିଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସଚିବ ଶ୍ରୀ ଆଲମ୍‌ଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା, ସେଗୁଡ଼ିକର ସଫଳତା, 'ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ' ଏବଂ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଜିଲ୍ଲାପାଳ ଗୌରୱ ଶିୱାଜି ଇସଲୱାର, ଅତିରିକ୍ତ ଜିଲ୍ଲାପାଳ ଡଃ ବିଜୟାନନ୍ଦ ସେଠୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତରଣୀ ସୁନା ପ୍ରମୁଖ ମଞ୍ଚାସୀନ ଥିବା ବେଳେ ଜିଲ୍ଲାସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଗସ୍ତର ପ୍ରଥମ ଦିନରେ ସଚିବ ଶ୍ରୀ ଆଲମ୍ ପୁଇଁନ୍ତଲା ବ୍ଲକର ବାଇଁରାସରସ୍ଥିତ ପିଡିଏସ୍ କେନ୍ଦ୍ର ପରିଦର୍ଶନ କରିଥିଲେ। "ମିଶନ୍ କପା ଉତ୍ପାଦନଶୀଳତା' ଅଧୀନରେ ବୁଢ଼ୀସିଣ୍ଡୋଲ୍ (ଜାମଗାଁ)ଠାରେ ୮:୨ ଅନୁପାତରେ କାନ୍ଦୁଲ ଓ ଜଡ଼ା ବୋର୍ଡର ଫସଲ ସହ କପା ଚାଷ କ୍ଷେତ୍ରର ନିରୀକ୍ଷଣ କରିଥିଲେ। ଏହାସହ ରଣ୍ଡା ଗ୍ରାମର ପିଜୁଳି ବଗିଚା, ସିରାବାହାଲଠାରେ ଡ୍ରିପ୍ ସିଞ୍ଚନ ଦ୍ୱାରା ଫୁଲ ଚାଷ ଏବଂ ଗଇଁତଲାଠାରେ ଅଗରବତୀ ତିଆରି କରୁଥିବା ମହିଳାମାନଙ୍କ ସହ ଆଲୋଚନା କରିଥିଲେ। ବୁବେଲଠାରେ କଲ୍ୟାଣ ମଣ୍ଡପ, ଆଟଗାଁଠାରେ ସ୍ୱାଧୀନତା ସଂଗ୍ରାମୀ ସହିଦ ଧରମ ସିଂ ମାଝୀ ମାନ୍ଧାତା ସ୍ମାରକୀ, ବଲାଙ୍ଗିର ପୌରାଞ୍ଚଳସ୍ଥ ପିଏମ୍ ଶ୍ରୀ ପୃଥ୍ୱିରାଜ ହାଇସ୍କୁଲ ଏବଂ ସରକାରୀ ଆୟୁର୍ବେଦିକ କଲେଜ ଅଡିଟୋରିୟମ୍ କାର୍ଯ୍ୟର ପରିଦର୍ଶନ ତଥା ସମୀକ୍ଷା କରିଥିଲେ। ଦ୍ୱିତୀୟ ଦିନ ପୂର୍ବାହ୍ନରେ ସେ ପୌରପାଳିକା ଅଧୀନ ସ୍ମାର୍ଟ ପାର୍କ ଏବଂ ସିୱେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ପରିଦର୍ଶନ କରି ନାଗରିକ ସୁବିଧା ସୁଯୋଗର ଅନୁଧ୍ୟାନ କରିଥିଲେ। ଏହାପରେ ଜିଲ୍ଲା ବନ ବିଭାଗ ପକ୍ଷରୁ ଆୟୋଜିତ ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସାଲେଭଟାଠାରେ ନିର୍ମାଣାଧୀନ ଆଗଲପୁର -ଲୋଇସିଂହା ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପର ଅଗ୍ରଗତି ଯାଞ୍ଚ କରଥିଲେ। ଭୀମ ଭୋଇ ମେଡିକାଲ କଲେଜ କ୍ୟାମ୍ପସରେ ଥିବା କ୍ୟାନ୍ସର ହସ୍ପିଟାଲ ଓ କୋଭିଡ୍ କେୟାର ୟୁନିଟ୍‌ରେ ସ୍ୱାସ୍ଥ୍ୟ ସେବାର ସମୀକ୍ଷା କରିଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତରଣୀ ସୁନା, ଉପଜିଲ୍ଲାପାଳ ଆଲୋକ ପଟେଲ, ଯୋଜନା ବିଭାଗ ଉପ-ନିର୍ଦ୍ଦେଶକ ଅଙ୍କିତ ମହାକୁର, ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଆଶୁତୋଷ ଜେନା, ପୁଇଁନ୍ତଲା ବିଡିଓ ଅମରେନ୍ଦ୍ର ସ୍ୱାଇଁ, ବଲାଙ୍ଗିର ବିଡିଓ ହୃଷୀକେଶ ଗଣ୍ଡ, ପୌର ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା, ସହକାରୀ ଜିଲ୍ଲାପାଳ ରାମ ନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପୁଅକୁ ବଞ୍ଚାଇବାକୁ ଯାଇ ପିତାଙ୍କ ମୃତ୍ୟୁ; ଦୁଃଖରେ ପାହାଡ଼ରୁ ଡେଇଁଲେ ମା'

ଛତ୍ରପତି ସମ୍ଭାଜୀନଗର, ୨୧।୮ (ଏଜେନ୍ସି): ମହାରାଷ୍ଟ୍ରର ଛତ୍ରପତି ସମ୍ଭାଜୀନଗରରୁ ଏକ ଅତ୍ୟନ୍ତ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ପାହାଡ଼ ଉପରୁ ପୁଅକୁ ଆତ୍ମହତ୍ୟା କରିବାରୁ ବଞ୍ଚାଇବାକୁ ଯାଇ ପିତା ନିଜ ଜୀବନ ହରାଇଥିବା ବେଳେ, ଏହା ସହିପାରି ନ ପାରି ମା' ମଧ୍ୟ ପାହାଡ଼ରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ଟିସଗାଓଁ ଅଞ୍ଚଳରେ ଥିବା ଖଡ଼ାଡିଆ ପାହାଡ଼ରେ ଏହି ଅଘଟଣ ଘଟିଛି। ୧୯ ବର୍ଷୀୟ ଯୁବକ କୁନାଲ ଚାନ୍ଦଗୁଡ଼ ଶୁକ୍ରବାର ସକାଳ ପ୍ରାୟ ୧୦ଟା ସମୟରେ ପାହାଡ଼ ଉପରକୁ ଚଢ଼ି ଆତ୍ମହତ୍ୟା କରିବାର ଧମକ ଦେଉଥିଲା। ସୂଚନା ମୁତାବକ, ଏକ ମୋବାଇଲ୍ ଫୋନ୍ କିଣିବାକୁ ନେଇ ପରିବାରରେ କଥା କଟାକଟି ହେବାରୁ ସେ ଅଭିମାନ କରି ଏପରି ଚରମ ନିଷ୍ପତ୍ତି

## ମୋବାଇଲ ଫୋନ୍ ହେଲା କାଳ

ନେଇଥିଲା। କୁନାଲକୁ ବୁଝାଇବା ପାଇଁ ପିତା ମୁରଲୀଧର (୪୮) ଏବଂ ମା' ସଙ୍ଗୀତା ଘଟଣାସ୍ଥଳରେ ପହଞ୍ଚିଥିଲେ। ଗ୍ରାମବାସୀ ଏବଂ ପୁଲିସ ମଧ୍ୟ ତାକୁ ବୁଝାଇବାକୁ ଚେଷ୍ଟା କରିଥିଲେ। ତାକୁ ନୂଆ ମୋବାଇଲ୍ ଦେବାର ପ୍ରତିଶ୍ରୁତି ମଧ୍ୟ ଦିଆଯାଇଥିଲା, କିନ୍ତୁ କୁନାଲ କାହାର କଥା ଶୁଣି ନଥିଲା। ସେଠାରେ ଉପସ୍ଥିତ ଅଗ୍ନିଶମ ବାହିନୀ ପାହାଡ଼ ତଳେ ଏକ ନେଟ୍ (ଜାଲ) ବିଛାଇଥିଲେ, କିନ୍ତୁ କୁନାଲ ପାହାଡ଼ର ଏପଟ ସେପଟ ହୋଇ ନିଜର ସ୍ଥାନ ବଦଳାଉଥିବାରୁ ତାକୁ ଉଦ୍ଧାର କରିବା ସମ୍ଭବ ହୋଇନଥିଲା। ଶେଷ ୧୫-୨୦ ମିନିଟ୍ ସମୟରେ, ପିତା କୁନାଲକୁ ଧରିବା ପାଇଁ ଅତି ନିକଟକୁ ଯାଇଥିଲେ। ସେହି ସମୟରେ କୁନାଲ ପାହାଡ଼ରୁ ଖସି ପଡ଼ିଥିଲା। ପୁଅକୁ ଧରିବାକୁ ଯାଇ ପିତା ମୁରଲୀଧର ମଧ୍ୟ ନିଜର ଭାରସାମ୍ୟ ହରାଇ ତା' ସହିତ ଗଭୀର ଖାଲକୁ ପଡ଼ିଯାଇଥିଲେ। ଉଭୟଙ୍କ ମୃତ୍ୟୁ ଘଟଣାସ୍ଥଳରେ ହୋଇଥିଲା। ନିଜ ଆଖି ଆଗରେ ସ୍ୱାମୀ ଓ ପୁଅଙ୍କୁ ହରାଇ ମା' ସଙ୍ଗୀତା ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ। ସେ ମଧ୍ୟ ପାହାଡ଼ରୁ ଡେଇଁ ପଡ଼ିଥିଲେ ଏବଂ ତାଙ୍କର ମଧ୍ୟ ମୃତ୍ୟୁ ହୋଇଛି। ଏହି ଘଟଣାର ଏକ ଭିଡିଓ ଏବେ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ପୁଲିସ ଏହି ମାମଲାର ତଦନ୍ତ କରୁଛି। ଗୋଟିଏ ପରିବାରର ତିନି ଜଣ ସଦସ୍ୟଙ୍କ ମୃତ୍ୟୁ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।



# ପେଲେଟ୍ ଗନ୍ ମାଡ଼ରେ ଆହତ ଛାତ୍ରଙ୍କ ପାଇଁ ରାହୁଲଙ୍କ ଧାରଣା

ନୂଆଦିଲ୍ଲୀ, ୨୧।୮ (ଏଜେନ୍ସି): ଛାତ୍ର ଆନ୍ଦୋଳନ ସମୟରେ ପେଲେଟ୍ ବନ୍ଧୁକ ବ୍ୟବହାରକୁ ନେଇ କେନ୍ଦ୍ର ସରକାରଙ୍କୁ ଘେରିଛନ୍ତି ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ। ଆହତ ଛାତ୍ର ସାହିଲ ଲୋଚବଙ୍କୁ ସାଥିରେ ନେଇ ରାହୁଲ ଗାନ୍ଧୀ ସଂସଦ ମାର୍ଗ ଥାନା ବାହାରେ ଧାରଣାରେ ବସିଛନ୍ତି। ପୁଲିସ ଏଫ୍ଆଇଆର୍ ପଞ୍ଜୀକରଣ କରିବାକୁ ମନା କରିବାରୁ ସେ ଏହି ଚରମ ନିଷ୍ପତ୍ତି ନେଇଛନ୍ତି। ଗତ

## ଏଫ୍ଆଇଆର୍ ଦାବିରେ ଅଡ଼ିବସିଲେ

ଜୁଲାଇ ୨୦ରେ ଯନ୍ତରମନ୍ତରରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରୁଥିବା ବେଳେ ସାହିଲ ଲୋଚବ ନାମକ ଜଣେ ଛାତ୍ରଙ୍କ ଉପରକୁ ପେଲେଟ୍ ଗନ୍ ମାଡ଼ କରାଯାଇଥିବା ଅଭିଯୋଗ ହୋଇଛି। ରାହୁଲ ଗାନ୍ଧୀଙ୍କ ଅଭିଯୋଗ ଅନୁଯାୟୀ, ସାହିଲଙ୍କ ଶରୀରରେ ପ୍ରାୟ ୨୦୦ଟି ଧାତବ ଗୁଳି (ପେଲେଟ୍) ଲାଗି ରହିଛି ଏବଂ ତାଙ୍କର ଗୋଟିଏ ଆଖିରେ ୩ଟି ପେଲେଟ୍ ଫସି ରହିବାରୁ ଦୃଷ୍ଟିଶକ୍ତି ହରାଇବାର ଆଶଙ୍କା ରହିଛି।



ଏହାର ପ୍ରମାଣ ସ୍ୱରୂପ ସେ ଏମ୍ସ୍ ଏବଂ ଲେଡ଼ି ହାର୍ଡିଞ୍ଜ ମେଡ଼ିକାଲ କଲେଜର ରିପୋର୍ଟ ମଧ୍ୟ ଦେଖାଇଛନ୍ତି। ଏହି ଘଟଣାକୁ ନେଇ ବିଜେପି ସାଂସଦ ରବିଶଙ୍କର ପ୍ରସାଦ ରାହୁଲ ଗାନ୍ଧୀଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ଏହା ଏକ ପ୍ରକାରର 'ଅରାଜକତା ରାଜନୀତି'। ବିଜେପି ମୁଖପାତ୍ରଙ୍କ କହିବା ଅନୁଯାୟୀ, ସୁପ୍ରିମକୋର୍ଟ ଏହି ମାମଲାର ତଦନ୍ତ ପାଇଁ ପୂର୍ବରୁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି ଏବଂ ପୁଲିସ ମଧ୍ୟ ଏହାର ତଦନ୍ତ କରୁଛି। ତେଣୁ ଏହି ପ୍ରତିବାଦ କେବଳ ଅନ୍ୟ ଏକ ବିବାଦରୁ ଧ୍ୟାନ ହଟାଇବା ପାଇଁ ଏକ କୌଶଳ ବୋଲି ସେ ଦର୍ଶାଇଛନ୍ତି। ଦିଲ୍ଲୀ ପୁଲିସ ଛାତ୍ରଙ୍କ ଉପରେ ପେଲେଟ୍ ବନ୍ଧୁକ ବ୍ୟବହାର କରିଥିବା କଥାକୁ ଅସ୍ୱୀକାର କରିଛି। ତେବେ ରାହୁଲ ଗାନ୍ଧୀ ଲଗାତାର ଭାବେ ଗୃହ ମନ୍ତ୍ରୀଙ୍କୁ ଚିଠି ଲେଖି ଏହି 'ବର୍ବରୋଚିତ ଆକ୍ରମଣ' ପାଇଁ ଜବାବ ମାଗିଛନ୍ତି। ପେଲେଟ୍ ବନ୍ଧୁକର ସଠିକ୍ ବ୍ୟବହାର ନିୟମ ଅନୁଯାୟୀ, ଏହାକୁ ଅତି କମରେ ୫୦୦ ଫୁଟ ଦୂରରୁ ଏବଂ କେବଳ ଅଣ୍ଟା ତଳକୁ ଲକ୍ଷ୍ୟ କରି ଫାୟାର କରିବା କଥା। କିନ୍ତୁ ସାହିଲଙ୍କ କ୍ଷେତ୍ରରେ ଯାହା ହୋଇଛି, ତାହାକୁ ନେଇ ଏବେ ଚର୍ଚ୍ଚା ସରଗରମ ହୋଇଛି। ଏହି ଆନ୍ଦୋଳନରେ ପ୍ରିୟଙ୍କା ଗାନ୍ଧୀ ମଧ୍ୟ ଯୋଗଦେଇଛନ୍ତି। ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ସେମାନେ ଧାରଣାରୁ ହଟିବେ ନାହିଁ ବୋଲି ସ୍ପଷ୍ଟ କରିଦେଇଛନ୍ତି।

## ଗାନ୍ଧୀଙ୍କ ଲିଖିତ ଦୈନିକ ଚିନ୍ତନ ୧୬.୨ କୋଟିରେ ନିଲାମ

ନୂଆଦିଲ୍ଲୀ, ୨୧।୮ (ଏଜେନ୍ସି): ମହାତ୍ମା ଗାନ୍ଧୀଙ୍କ ସତ୍ୟ, ଆତ୍ମସଂଯମ ଓ ଅହିଂସା ଉପରେ ଲିଖିତ ଦୈନିକ ଚିନ୍ତନର ସଂକଳନ ନିଲାମରେ ୧୬.୨୦ କୋଟି ଟଙ୍କାରେ ବିକ୍ରି ହୋଇଛି। ଏହା ନିଲାମରେ ବିକ୍ରି ହୋଇଥିବା କୌଣସି ଭାରତୀୟ ଐତିହାସିକ ଦଲିଲର ସର୍ବାଧିକ ମୂଲ୍ୟ ବୋଲି କୁହାଯାଉଛି। 'ଏ ଥଟ୍ ଫର୍ ଦ ଡେ' ନାମରେ ସଂକଳିତ ଏହି ଦଲିଲରେ ୨୩ ମାସ ମଧ୍ୟରେ ଗାନ୍ଧୀ ଲେଖିଥିବା ୬୮୮ଟି ତାରିଖଯୁକ୍ତ ଚିନ୍ତନ ରହିଛି। ଏଥିରେ ତାଙ୍କ ନୈତିକ ଚିନ୍ତାଧାରା ଓ ବ୍ୟକ୍ତିଗତ ମାର୍ଗଦର୍ଶନର ଝଲକ ମିଳେ। ଗାନ୍ଧୀଙ୍କ ଘନିଷ୍ଠ ସହଯୋଗୀ ଓ ଶିଷ୍ୟ ଆନନ୍ଦ ଟି ହିଙ୍ଗୋରାଣୀ ୧୯୩୦ରେ ତାଙ୍କୁ ପ୍ରଥମେ ଭେଟିଥିଲେ। ସେ ସାବରମତୀ ଆଶ୍ରମରେ ଗାନ୍ଧୀଙ୍କ ସହ କାମ କରିବା ସହ ଦାଣ୍ଡି ଯାତ୍ରା, ଅସହଯୋଗ ଓ ଭାରତ ଛାଡ଼ ଆନ୍ଦୋଳନରେ ଭାଗ ନେଇଥିଲେ। ପରବର୍ତ୍ତୀ ସମୟରେ ସେ ଗାନ୍ଧୀଙ୍କ ଲେଖାର ପ୍ରକାଶକ ଓ ସଂରକ୍ଷକ ହୋଇଥିଲେ। ଏହି ସଂକଳନ ସହ ଗାନ୍ଧୀଙ୍କ ଭଗବାନ ଓ ଭଗବଦ୍‌ଗୀତା ସମ୍ପର୍କିତ ତିନିଟି ହସ୍ତଲିଖିତ ଦଲିଲ ୧.୬୮ କୋଟି ଟଙ୍କାରେ ଏବଂ ତାଙ୍କ ଚରଖା ଓ ଦୁଇଟି ପତ୍ର ୧.୦୨ କୋଟି ଟଙ୍କାରେ ନିଲାମ ହୋଇଛି। ଗାନ୍ଧୀଙ୍କ ଚିନ୍ତନର ଏହି ଦୁର୍ଲଭ ସଂକଳନ ତାଙ୍କ ବ୍ୟକ୍ତିଗତ ଜୀବନ ଓ ଆଦର୍ଶର ଏକ ମୂଲ୍ୟବାନ ଐତିହାସିକ ଦଲିଲ ଭାବେ ଗୁରୁତ୍ୱ ବହନ କରୁଛି।

## ତ୍ରିକୋଣୀୟ ପ୍ରେମ: ଜାମିନରେ ଆସିଥିବା କୁଖ୍ୟାତ ଅପରାଧୀକୁ ହତ୍ୟା

ନାଗପୁର, ୨୧।୮ (ଏଜେନ୍ସି): ମହାରାଷ୍ଟ୍ରର ନାଗପୁର ସହରର ସୁନ୍ଦରବନ ଅଞ୍ଚଳରେ ଏକ ବର୍ବର କାଣ୍ଡ ଘଟିଛି। ଜଣେ ଯୁବତୀଙ୍କୁ ନେଇ ହୋଇଥିବା ପ୍ରେମ ବିବାଦକୁ କେନ୍ଦ୍ର କରି ମାତ୍ର ଦୁଇ ସପ୍ତାହ ପୂର୍ବେ ଜାମିନରେ ଆସିଥିବା ଜଣେ କୁଖ୍ୟାତ ଅପରାଧୀଙ୍କୁ ତାଙ୍କର ହିଁ ଜଣେ ପୂର୍ବତନ ସାଥୀ ଏବଂ ସହଯୋଗୀ ମିଶି ନିର୍ମମ ଭାବେ ଛୁରୀରେ ଆକ୍ରମଣ କରି ହତ୍ୟା କରିଛନ୍ତି। ପୁଲିସ ସୂତ୍ରରୁ ପ୍ରକାଶ ଯେ ମୃତକ ଗୌରବ ପଙ୍କଜ ରାଗଡ଼େଙ୍କ ବିରୋଧରେ ହତ୍ୟା, ହତ୍ୟା ଉଦ୍ୟମ ଏବଂ ଡକାୟତି ଭଳି ଏକାଧିକ ସଙ୍ଗୀନ ଅପରାଧ ମାମଲା ରହିଛି। ଗୌରବ ରାଉତ ଏବଂ ଅଭିଷେକ ବାସନିକ ନାମକ ଦୁଇ ଅଭିଯୁକ୍ତଙ୍କ ସହ ମୃତକଙ୍କର ପୂର୍ବରୁ ବନ୍ଧୁତା ଥିଲା। ତେବେ ଜଣେ ଯୁବତୀଙ୍କୁ ପ୍ରେମ କରିବାକୁ ନେଇ ସେମାନଙ୍କ ଭିତରେ ଶତ୍ରୁତା ସୃଷ୍ଟି ହୋଇଥିଲା। ଘଟଣା ଦିନ ଅଭିଯୁକ୍ତଙ୍କ ଘର ପାଖରେ ଗଣ୍ଡଗୋଳ ବେଳେ ଉଭୟଙ୍କ ମଧ୍ୟରେ ଭୟଙ୍କର ସଂଘର୍ଷ ହୋଇଥିଲା। ସେହି ସମୟରେ ଅଭିଯୁକ୍ତମାନେ ଗୌରବଙ୍କଠାରୁ ଛୁରୀ ଛଡାଇ ନେଇ ତାଙ୍କୁ ବାରମ୍ବାର ଆକ୍ରମଣ କରିଥିଲେ, ଯାହା ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ହତ୍ୟାକାଣ୍ଡ ପରେ ପୁଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଜଣେ ଅଭିଯୁକ୍ତକୁ ଘଟଣାସ୍ଥଳରୁ କାବୁ କରିବାରେ ସଫଳ ହୋଇଛି। ପୁଲିସ ପକ୍ଷରୁ ଅନ୍ୟ ଅଭିଯୁକ୍ତଙ୍କ ସମ୍ପୃକ୍ତି ନେଇ ଅଧିକ ତାଡିତ ତଦନ୍ତ ଜାରି ରହିଛି।

## ଆମେରିକାରେ ବିମାନ ଦୁର୍ଘଟଣା; ୮ ଜଣଙ୍କ ମୃତ୍ୟୁ

ଜୁନୋ (ଆଲାସ୍କା), ୨୧।୮ (ଏଜେନ୍ସି): ଆମେରିକାର ଆଲାସ୍କା ପ୍ରଦେଶରେ ଏକ ମର୍ମନ୍ତୁଦ ବିମାନ ଦୁର୍ଘଟଣା ଘଟିଛି। ଆଲାସ୍କାର କେପ୍ ନିଉଏନହମ୍‌ସ୍ଥିତ ଏକ ଦୂରବର୍ତ୍ତୀ ରାଡାର ସାଇଟ୍ ନିକଟରେ ଏକ ଚାର୍ଟର୍ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ବିମାନରେ ଥିବା ସମସ୍ତ ୮ ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ଦୁର୍ଘଟଣାଗ୍ରସ୍ତ ବିମାନଟି ଆଙ୍କରେଜରୁ ଉଡ଼ାଣ ଭରିଥିଲା। ଏଥିରେ ଦୁଇଜଣ ପାଇଲଟ ଏବଂ ଛଅଜଣ ଯାତ୍ରୀ ଥିଲେ। ଗୁରୁବାର ଅପରାହ୍ନରେ କେପ୍ ନିଉଏନହମ୍ ଲଙ୍ଗ୍ ରେଞ୍ଜ୍ ରାଡାର ସାଇଟ୍ ବିମାନବନ୍ଦରରେ ଅବତରଣ କରିବା ସମୟରେ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ବିମାନଟି ଏକ ବେସରକାରୀ ଚୁକ୍ତିଭିତ୍ତିକ ବିମାନ ଥିଲା। ଆଲାସ୍କା କମାଣ୍ଡର ଲେଫ୍ଟନାଣ୍ଟ ଜେନେରାଲ ରବର୍ଟ ଡେଭିସ୍ ଏହି ଘଟଣାକୁ ଏକ ଅପୂରଣୀୟ କ୍ଷତି ବୋଲି ବର୍ଣ୍ଣନା କରିଛନ୍ତି। ଘଟଣାସ୍ଥଳରେ ଉଦ୍ଧାରକାରୀ ଦଳ ପହଞ୍ଚି ମୃତଦେହଗୁଡ଼ିକୁ ଉଦ୍ଧାର କରିଥିଲେ। ଦୁର୍ଘଟଣାର କାରଣ ସମ୍ପର୍କରେ ଜାତୀୟ ପରିବହନ ସୁରକ୍ଷା ବୋର୍ଡ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି।

## ଚିନି ଦର ବୃଦ୍ଧିକୁ ନେଇ ବିହାର ମନ୍ତ୍ରୀଙ୍କ ଅଜବ ଯୁକ୍ତି: ମଧୁମେହ ଆଳ ଦେଖାଇ ସଫେଇ

ପାଟନା, ୨୧।୮ (ଏଜେନ୍ସି): ବିହାରରେ ଚିନି ଦର ବୃଦ୍ଧିକୁ ନେଇ ଏବେ ରାଜନୈତିକ ବୟାନବାଜି ଜୋର ଧରିଛି। ରାଜ୍ୟରେ ଚିନି ଦର କିଲୋଗ୍ରାମ ପିଛା ୪୮-୫୦ ଟଙ୍କାରୁ ବଢ଼ି ୬୫ ଟଙ୍କା ପାର କରିଥିବା ବେଳେ ଏହାକୁ ନେଇ ବିହାର ମନ୍ତ୍ରୀ ଶ୍ରବଣ କୁମାର ଏକ ଅଦ୍ଭୁତ ଏବଂ ବିଚିତ୍ର ଯୁକ୍ତି ବାଢ଼ିଛନ୍ତି। ମନ୍ତ୍ରୀ ଶ୍ରବଣ କୁମାର କହିଛନ୍ତି, 'ଏବେ ସମସ୍ତେ ମଧୁମେହ ବା ଡାଇବେଟିସ୍‌ରେ ପୀଡ଼ିତ, ତେଣୁ ଲୋକେ ଚିନି କମ୍ ଖାଉଛନ୍ତି। ଏହି ମୂଲ୍ୟ ବୃଦ୍ଧି ଲୋକଙ୍କ ଉପରେ କୌଣସି ପ୍ରଭାବ ପକାଇବ ନାହିଁ, ତେଣୁ ଚିନ୍ତା କରିବାର କୌଣସି ଆବଶ୍ୟକତା ନାହିଁ।' ଅନ୍ୟପକ୍ଷରେ, ଅନ୍ୟଜଣେ ମନ୍ତ୍ରୀ ବିଜୟ କୁମାର ସିହ୍ନା ମୂଲ୍ୟ ବୃଦ୍ଧିକୁ ସମର୍ଥନ କରି କହିଛନ୍ତି ଯେ, କୃଷକଙ୍କ ଉତ୍ପାଦର ଦାମ୍ ବଢ଼ିଲେ ସେ ବ୍ୟକ୍ତିଗତ ଭାବେ ଖୁସି ହୁଅନ୍ତି। ତେବେ ଏହି ଦର ବୃଦ୍ଧିର କାରଣ ଖୋଜାଯିବ ବୋଲି ସେ ପ୍ରକାଶ କରିଛନ୍ତି। ମନ୍ତ୍ରୀଙ୍କ ଏହି ଅଜବ ଯୁକ୍ତିକୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି ସ୍ୱାଧୀନ ସାଂସଦ ପପୁ ଯାଦବ। ଏହି ସରକାର ହିଁ ସବୁଠାରୁ ବଡ଼ ମଧୁମେହ। ମନ୍ତ୍ରୀଙ୍କଠାରୁ ଏଭଳି ଅପରିପକ୍ୱ ବୟାନ ବ୍ୟତୀତ ଆଉ କଣ ଆଶା କରାଯାଇପାରେ ବୋଲି ସେ କହିଛନ୍ତି।

### ସୋମାଲିଆ ଉପକୂଳରେ ଜାହାଜ ଅପହରଣ

# ୬ ଭାରତୀୟ ସମେତ ୧୦ ଜଣ କର୍ମଚାରୀ ବନ୍ଦୀ



ନୂଆଦିଲ୍ଲୀ, ୨୧।୮ (ଏଜେନ୍ସି): ସୋମାଲିଆ ଉପକୂଳରେ ଏକ ପଣ୍ୟବାହୀ ଜାହାଜକୁ ସାମୁଦ୍ରିକ ଦସ୍ୟୁମାନେ ଅପହରଣ କରିଥିବା ଖବର ମିଳିଛି। କାମେରୁନ ପତାକାଧାରୀ 'ଲୁଟୁଫ' ନାମକ ଏହି ଜାହାଜରେ ୧୦ ଜଣ କର୍ମଚାରୀ ଥିବା ବେଳେ ସେମାନଙ୍କ ମଧ୍ୟରେ ୬ ଜଣ ଭାରତୀୟ ନାବିକ ରହିଛନ୍ତି। ଏହି ଜାହାଜଟି ମୋଗାଦିଶୁରେ ଥିବା ଏକ ତୁର୍କୀ ସାମରିକ ତାଲିମ କେନ୍ଦ୍ର ପାଇଁ ଅସ୍ତ୍ରଶସ୍ତ୍ର ଓ ଯୋଗାଯୋଗ ଉପକରଣ ବହନ କରୁଥିଲା। ସୂଚନା ଅନୁଯାୟୀ, ଗତ ସୋମବାର ସୋମାଲିଆର ପୁଣ୍ଟଲ୍ୟାଣ୍ଡ ଉପକୂଳ ନିକଟରେ ୮ ଜଣ ଦସ୍ୟୁ ଜାହାଜଟିକୁ କବଜା କରିଥିଲେ। ପରେ ସେମାନେ ଜାହାଜକୁ ଗାରମାଲ ଅଞ୍ଚଳ ଆଡ଼କୁ ନେଇଯାଇଥିଲେ। ଜାହାଜରେ ୬ ଜଣ ଭାରତୀୟଙ୍କ ବ୍ୟତୀତ ଜଣେ ତୁର୍କୀ ନାଗରିକ, ଜଣେ ଜର୍ଜିଆ ଏବଂ ଦୁଇ ଜଣ ସର୍ବିୟାର ସୁରକ୍ଷାକର୍ମୀ ମଧ୍ୟ ରହିଛନ୍ତି। ଘଟଣା ପରେ ସେହି ଅଞ୍ଚଳରେ ତୁର୍କୀର ହେଲିକପ୍ଟର ଓ ଡ୍ରୋନ ପହଞ୍ଚି ନଜର ରଖିଥିଲା। ଏହି ସମୟରେ ଏକ ଏୟାର ଷ୍ଟ୍ରାଇକ୍ ମଧ୍ୟ ହୋଇଥିବା କଥା ଚର୍ଚ୍ଚା ହେଉଛି, ଯେଉଁଥିରେ କିଛି ଦସ୍ୟୁ ନିହତ ହୋଇଥିବା ସନ୍ଦେହ କରାଯାଉଛି। ତେବେ ଏହି ଆକ୍ରମଣ କିଏ କଲା ଏବଂ ଜାହାଜରେ ଥିବା କର୍ମଚାରୀମାନଙ୍କର ବର୍ତ୍ତମାନର ସ୍ଥିତି କଣ, ସେ ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିପାରିନାହିଁ। ଭାରତୀୟ ଓ ତୁର୍କୀ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏଯାବତ୍ କୌଣସି ଅଫିସିଆଲ୍ ବୟାନ ଜାରି କରାଯାଇନାହିଁ।

## କେନ୍ଦ୍ର ଦେଲାନି ଅନୁମତି; ତେଲଙ୍ଗାନା ମୁଖ୍ୟମନ୍ତ୍ରୀଙ୍କ ଆମେରିକା ଗସ୍ତ ବାତିଲ

ହାଇଦରାବାଦ୍, ୨୧।୮ (ଏଜେନ୍ସି): ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ଏ ରେବନ୍ତ ରେଡ୍ଡୀଙ୍କ ଆମେରିକା ଗସ୍ତ ବାତିଲ ହୋଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ତାଙ୍କ ଗସ୍ତକୁ ଅନୁମତି ମିଳିନଥିବାରୁ ସେ ଏହି ନିଷ୍ପତ୍ତି ନେଇଛନ୍ତି। ବର୍ତ୍ତମାନ ଲଣ୍ଡନ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ସେଠାରୁ ଆମେରିକା ଯିବା ପାଇଁ ଯୋଜନା କରିଥିଲେ, କିନ୍ତୁ କେନ୍ଦ୍ରର ମନା କାରଣରୁ ସେ ଅଗଷ୍ଟ ୨୩ରେ ସିଧା ହାଇଦ୍ରାବାଦ ଫେରିବେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି ଯେ, ରାଜ୍ୟ ସରକାରଙ୍କ 'ତେଲଙ୍ଗାନା ରାଇଜିଂ' ତଥା ଶିକ୍ଷା



କ୍ଷେତ୍ରରେ ବିକାଶ ପାଇଁ ଏହି ଗସ୍ତର ଯୋଜନା କରାଯାଇଥିଲା। କେବଳ ବ୍ରିଟେନ ଗସ୍ତ ପାଇଁ ଅନୁମତି ମିଳିଥିବା ବେଳେ ଆମେରିକା ପାଇଁ ରାଜନୈତିକ କାରଣ ଦର୍ଶାଇ ଅନୁମତି ଦିଆଯାଇନାହିଁ। ଏହି ସ୍ଥିତିରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସେ କେନ୍ଦ୍ରର ନିଷ୍ପତ୍ତିକୁ ସମ୍ମାନ ଜଣାଇ ନିଜର ଆମେରିକା ଗସ୍ତକୁ ବାତିଲ କରିଛନ୍ତି। ତେବେ ରାଜ୍ୟର ଅଧିକାରୀମାନେ ଆମେରିକା ଗସ୍ତ କରି ସେଠାରେ ନିର୍ଦ୍ଧାରିତ ବୁଝାମଣାପତ୍ର (ଏମଓୟୁ) ଏବଂ ଅଂଶୀଦାର ଚୁକ୍ତିଗୁଡ଼ିକୁ ସମ୍ପନ୍ନ କରିବେ। ସେ ଲଣ୍ଡନର ଅକ୍ସଫୋର୍ଡ, କେମ୍ବ୍ରିଜ ଏବଂ ଲଣ୍ଡନ ସ୍କୁଲ ଅଫ ଇକୋନୋମିକ୍ସ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନ ଗସ୍ତ କରିବାର ଯେଉଁ କାର୍ଯ୍ୟକ୍ରମ ରହିଛି, ତାହା ଅବ୍ୟାହତ ରହିବ। ହାଇଦରାବାଦକୁ ଏକ ବିଶ୍ୱସ୍ତରୀୟ ଶିକ୍ଷା ଏବଂ ଦକ୍ଷତା ହବ୍‌ରେ ପରିଣତ କରିବା ତାଙ୍କର ମୁଖ୍ୟ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ସେ କହିଛନ୍ତି, 'ରାଜନୀତିଠାରୁ ଊର୍ଦ୍ଧ୍ୱରେ ରହି ଯୁବପିଢ଼ିଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ବିଶ୍ୱର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନଗୁଡ଼ିକୁ ଭାରତ ଓ ତେଲେଙ୍ଗାନାକୁ ଆଣିବା ଆମର ଲକ୍ଷ୍ୟ।'

## ଉପସାଗରୀୟ ଦେଶରୁ ବହିଷ୍କୃତ ହେଲେ ୨୦ ହଜାରରୁ ଅଧିକ ପାକିସ୍ତାନୀ

ଲାହୋର, ୨୧।୮ (ଏଜେନ୍ସି): ଗତ ମାର୍ଚ୍ଚ ମାସରୁ ଜୁଲାଇ ମଧ୍ୟରେ ଉପସାଗରୀୟ ଦେଶଗୁଡ଼ିକରୁ ୨୦ ହଜାରରୁ ଅଧିକ ପାକିସ୍ତାନୀ ନାଗରିକଙ୍କୁ ବହିଷ୍କାର କରାଯାଇଛି। ପାକିସ୍ତାନର ଜାତୀୟ ସଂସଦରେ ଉପସ୍ଥାପିତ ସରକାରୀ ତଥ୍ୟରୁ ଏହି ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ସୁରକ୍ଷା ଜନିତ କାରଣ, ଭିସା ନିୟମ ଉଲ୍ଲଂଘନ ଏବଂ ନକଲି କାଗଜପତ୍ର ଭଳି ବିଭିନ୍ନ ଅଭିଯୋଗରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନାର୍କୋଟିକ୍ସ କଣ୍ଟ୍ରୋଲ ମନ୍ତ୍ରଣାଳୟ ଦ୍ୱାରା ଦିଆଯାଇଥିବା ତଥ୍ୟ ଅନୁଯାୟୀ, ବହିଷ୍କୃତଙ୍କ ମଧ୍ୟରେ ସର୍ବାଧିକ ୧୫, ୫୦୦ ଜଣ ସାଉଦି ଆରବରୁ ଫେରାଇ ଦିଆଯାଇଥିବା ବେଳେ ୟୁଏଇରୁ ୩, ୮୦୩, ଓମାନରୁ ୧, ୬୦୬, ବାହାରିନରୁ ୫୨୧, କତାରରୁ ୪୨୯ ଏବଂ କୁଏତରୁ ୯୭ ଜଣ ରହିଛନ୍ତି। ଏହି ବହିଷ୍କାରର ଅନ୍ୟତମ ପ୍ରମୁଖ କାରଣ ହେଉଛି ସୁରକ୍ଷା ସମ୍ବନ୍ଧୀୟ ଚିନ୍ତା। ଇରାନ ଏବଂ ଆମେରିକା ମଧ୍ୟରେ ଜାରି ସଂଘର୍ଷ ସମୟରେ ଇରାନର ଆକ୍ରମଣ ସମ୍ବନ୍ଧୀୟ ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ କରିଥିବା ଅଭିଯୋଗରେ ମଧ୍ୟ ଅନେକ ପାକିସ୍ତାନୀଙ୍କୁ ଗିରଫ କରାଯାଇ ବହିଷ୍କାର କରାଯାଇଛି। ଏଥିସହିତ ଭିସା ଅବଧି ସରିବା, ବେଆଇନ ପ୍ରବେଶ, ଭିକ୍ଷାବୃତ୍ତି ଏବଂ ନିଶାଦ୍ରବ୍ୟ କାରବାର ଭଳି ଅଭିଯୋଗରେ ମଧ୍ୟ ଅନେକଙ୍କୁ ଦେଶକୁ ଫେରାଇ ଦିଆଯାଇଛି। ସରକାରୀ ମନ୍ତ୍ରୀଙ୍କ କହିବାନୁସାରେ, ଏହି ତଥ୍ୟ କେବଳ ସେହି ବ୍ୟକ୍ତିମାନଙ୍କର ଯେଉଁମାନଙ୍କୁ ସେହି ଦେଶର କର୍ତ୍ତୃପକ୍ଷ ଅଟକ ରଖି ପାକିସ୍ତାନୀ ମିଶନର ଜରୁରୀକାଳୀନ ଭ୍ରମଣ ଦଲିଲ ମାଧ୍ୟମରେ ପଠାଇଛନ୍ତି। ସ୍ୱେଚ୍ଛାକୃତ ଭାବେ ଫେରିଥିବା କିମ୍ବା ବୈଧ ପାସପୋର୍ଟରେ ଆସିଥିବା ବ୍ୟକ୍ତିମାନେ ଏହି ଗଣନାରେ ଅନ୍ତର୍ଭୁକ୍ତ ନୁହଁନ୍ତି।

### ● କୋର୍ଟଙ୍କ ବଡ଼ ରାୟ

## ୨୦୧୭ ପୁଲିସ ଆକ୍ରମଣ ମାମଲାରୁ ୨୭ ଡେରା ସଚ୍ଚା ସୌଦା ଅନୁଗାମୀ ନିର୍ଦ୍ଦୋଷରେ ଖଲାସ

ଚଣ୍ଡୀଗଡ଼, ୨୧।୮ (ଏଜେନ୍ସି): ହରିଆଣାର କୈଥଲ ଜିଲ୍ଲା କୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ୨୦୧୭ ମସିହାରେ ପୁଲିସ ଦଳ ଉପରେ ଆକ୍ରମଣ, ଗୁଳିଚାଳନା ଏବଂ ସରକାରୀ ଗାଡ଼ି ଭଙ୍ଗାରୁଜା ମାମଲାରେ ଅଭିଯୁକ୍ତ ଥିବା ୨୭ ଜଣ ଡେରା ସଚ୍ଚା ସୌଦା ଅନୁଗାମୀଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସୂଚନାଯୋଗ୍ୟ, ୨୦୧୭ ଅଗଷ୍ଟ ୨୫ରେ କୋଟଡା ଗ୍ରାମରେ ଏକ ପୁଲିସ ଦଳ ଉପରେ ହୋଇଥିବା ଆକ୍ରମଣକୁ ନେଇ ଏହି ମାମଲା ରୁଜୁ ହୋଇଥିଲା। ଅଭିଯୋଗ ମୁତାବକ, ପ୍ରାୟ ୬୦ରୁ ୭୦ ଜଣ ଲୋକ ଅସ୍ତ୍ରଶସ୍ତ୍ର ଏବଂ ପେଟ୍ରୋଲ ବୋତଲ ଧରି ପୁଲିସ ଉପରେ ଆକ୍ରମଣ କରିଥିଲେ। ଏହି ଘଟଣାରେ ଅନେକ ପୁଲିସ କର୍ମଚାରୀ ଆହତ ହୋଇଥିଲେ ଏବଂ ପରବର୍ତ୍ତୀ ସମୟରେ ଉକ୍ତ ଗୋଷ୍ଠୀ ଏକ ବିଦ୍ୟୁତ କେନ୍ଦ୍ରରେ ନିଆଁ ଲଗାଇବା ସହ ଗ୍ରାମବାସୀଙ୍କ ସହ ସଂଘର୍ଷ କରିଥିଲେ। ଏହି ମାମଲାର ଶୁଣାଣି ସମୟରେ କୋର୍ଟ ୩୮ ଜଣ ସାକ୍ଷୀଙ୍କୁ ପରୀକ୍ଷା କରିଥିଲେ। ତେବେ ଉପସ୍ଥାପିତ ପ୍ରମାଣ ଏବଂ ସାକ୍ଷ୍ୟ ଅଭିଯୁକ୍ତମାନଙ୍କ ବିରୋଧରେ ଦୋଷ ସାବ୍ୟସ୍ତ କରିବା ପାଇଁ ଯଥେଷ୍ଟ ନୁହେଁ ବୋଲି ବିଚାରପତି କାଞ୍ଚନ ମାହି ତାଙ୍କ ରାୟରେ ଦର୍ଶାଇଛନ୍ତି। କୋର୍ଟ ସମସ୍ତ ୨୭ ଜଣଙ୍କୁ ଦୋଷମୁକ୍ତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ବିଚାର ପ୍ରକ୍ରିୟା ଚାଲିଥିବା ବେଳେ ଅନ୍ୟ ୩ ଜଣ ଅଭିଯୁକ୍ତଙ୍କ ମୃତ୍ୟୁ ଘଟିଥିଲା।

### ● ଲଦାଖ ହିଂସା ମାମଲା

## ୨୫ ଜଣଙ୍କ ବିରୋଧରେ ମାମଲା ପ୍ରତ୍ୟାହାର

ଶ୍ରୀନଗର, ୨୧।୮ (ଏଜେନ୍ସି): ଲଦାଖର ଲେହଠାରେ ଗତ ବର୍ଷ ସେପ୍ଟେମ୍ବର ୨୪ରେ ଘଟିଥିବା ହିଂସାକାଣ୍ଡ ପରେ ଗିରଫ ହୋଇଥିବା କିଛି ବ୍ୟକ୍ତିଙ୍କ ବିରୋଧରେ ରୁଜୁ ମାମଲାକୁ ପ୍ରତ୍ୟାହାର କରିବାକୁ ଲଦାଖ ପ୍ରଶାସନ ନିଷ୍ପତ୍ତି ନେଇଛି। ଏହି ନିଷ୍ପତ୍ତି ଫଳରେ ମୋଟ ୨୫ ଜଣଙ୍କ ବିରୋଧରେ ଥିବା ମାମଲା ପ୍ରତ୍ୟାହାର କରାଯିବ। କାରଗିଲ ଡେମୋକ୍ରାଟିକ୍ ଆଲାଇନ୍ସ (କେଡିଏ) ଏବଂ ଲେହ ଆପେକ୍ସ ବଡି (ଏଲଏବି)ର ପ୍ରତିନିଧିମାନେ କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଅଧିକାରୀଙ୍କୁ ଭେଟିବା ପରଦିନ ଏହି ଘୋଷଣା କରାଯାଇଛି। ଲଦାଖର ମୁଖ୍ୟ ସଚିବ ଆଶିଷ କୁନ୍ଦ୍ରା କହିଛନ୍ତି ଯେ, ଗତ ବର୍ଷ ପ୍ରାୟ ୮୭ ଜଣଙ୍କୁ ଗିରଫ କରାଯାଇଥିଲା, ସେଥିମଧ୍ୟରୁ ୯ ଜଣଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ ହୋଇଛି। ଅନ୍ୟମାନଙ୍କ ମଧ୍ୟରୁ ୨୫ ଜଣଙ୍କ ବିରୋଧରେ ମାମଲା ପ୍ରତ୍ୟାହାର କରିବାକୁ ଉପ-ରାଜ୍ୟପାଳଙ୍କ ସହ ଆଲୋଚନା ପରେ ନିଷ୍ପତ୍ତି ନିଆଯାଇଛି। ସୂଚନାଯୋଗ୍ୟ, ଗତ ବର୍ଷ ଲଦାଖକୁ ରାଜ୍ୟ ପାହ୍ୟା ଏବଂ ଷଷ୍ଠ ଅନୁସୂଚୀ ଅନ୍ତର୍ଭୁକ୍ତ କରିବା ଦାବିରେ ହୋଇଥିବା ବିକ୍ଷୋଭ ହିଂସାତ୍ମକ ରୂପ ନେଇଥିଲା, ଯେଉଁଥିରେ ପୁଲିସ ଗୁଳିଚାଳନା ଯୋଗୁଁ ୪ ଜଣଙ୍କ ମୃତ୍ୟୁ ହୋଇଥିଲା।

## ପେରୁରେ ୬.୭ ତୀବ୍ରତାର ଶକ୍ତିଶାଳୀ ଭୂକମ୍ପ

ଲିମା, ୨୧।୮ (ଏଜେନ୍ସି): ଦକ୍ଷିଣ ଆମେରିକୀୟ ଦେଶ ପେରୁରେ ଗୁରୁବାର ଏକ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି। ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୬.୭ ମାପ କରାଯାଇଛି। ସୌଭାଗ୍ୟବଶତଃ ଏହି ପ୍ରାକୃତିକ ବିପର୍ଯ୍ୟୟରେ କୌଣସି ଜୀବନହାନି କିମ୍ବା ବଡ଼ ଧରଣର ସମ୍ପତ୍ତି ନଷ୍ଟ ହୋଇଥିବା ନେଇ ଖବର ମିଳିନାହିଁ। ସ୍ଥାନୀୟ ସମୟ ଦିନ ୧ଟା ସମୟରେ ଏହି ଭୂକମ୍ପ ଘଟିଥିଲା। ଭୂକମ୍ପର କେନ୍ଦ୍ରସ୍ଥଳ ପେରୁର ଆୟାକୁଚୋ ଅଞ୍ଚଳର ପାରିନାକୋଚାସ୍ ପ୍ରଦେଶର ଉପାହୁଆଚୋଠାରୁ ୩୮ କିଲୋମିଟର ଉତ୍ତର-ପଶ୍ଚିମ ଦିଗରେ ଥିଲା। ଏହାର ଗଭୀରତା ଭୂପୃଷ୍ଠଠାରୁ ପ୍ରାୟ ୬୬.୭ କିଲୋମିଟର ତଳେ ଥିଲା ବୋଲି ଜଣାପଡ଼ିଛି। ଇକା ଏବଂ ଆରେକୁଇପା ଭଳି ଅଞ୍ଚଳରେ ମଧ୍ୟ କମ୍ପନ ଅନୁଭୂତ ହୋଇଥିଲା। ଭୂକମ୍ପ ଯୋଗୁଁ ଆଣ୍ଡିଜ ପର୍ବତମାଳା ଅଞ୍ଚଳରେ ପଥର ଖସିଥିବା ଦେଖିବାକୁ ମିଳିଥିଲା। ପେରୁ 'ପାସିଫିକ୍ ରିଙ୍ଗ୍ ଅଫ୍ ଫାୟାର୍'ରେ ଅବସ୍ଥିତ ଥିବାରୁ ଏଠାରେ ପ୍ରାୟତଃ ଭୂକମ୍ପ ହୋଇଥାଏ।

# ହର୍ମୁଜ୍‌ରେ ଭାରତୀୟ ନାବିକଙ୍କ ଉପରେ ଆକ୍ରମଣ

ନୂଆଦିଲ୍ଲୀ, ୨୧।୮ (ଏଜେନ୍ସି): ବିଶ୍ୱର ସାମୁଦ୍ରିକ ମାର୍ଗରେ କାର୍ଯ୍ୟରତ ଭାରତୀୟ ନାବିକମାନେ ଏବେ ବଡ଼ ଧରଣର ସୁରକ୍ଷା ସଙ୍କଟର ସମ୍ମୁଖୀନ ହୋଇଛନ୍ତି। ଇରାନ ଏବଂ ଆମେରିକା-ଇସ୍ରାଏଲ ମଧ୍ୟରେ ଚାଲିଥିବା ସଂଘର୍ଷ କାରଣରୁ ହର୍ମୁଜ ପ୍ରଣାଳୀ ଏକ ରଣକ୍ଷେତ୍ରରେ ପରିଣତ ହୋଇଛି। ଏହି ସଙ୍କଟମୟ ସ୍ଥିତିରେ ଏପ୍ରିଲ ମାସରେ ୨୧ ଜଣ ଭାରତୀୟ ନାବିକଙ୍କୁ ନେଇ ଯାଉଥିବା ଏକ କଣ୍ଟେନର ଜାହାଜ ଉପରେ ହୋଇଥିବା ଆକ୍ରମଣର ଏକ ଭୟଙ୍କର ଭିଡିଓ ଏବେ ସାମ୍ନାକୁ ଆସିଛି। ଫରୱାର୍ଡ ସିମେନ୍ସ୍ ୟୁନିଅନ୍ ଅଫ୍ ଇଣ୍ଡିଆ ପକ୍ଷରୁ ପ୍ରକାଶିତ ଏହି ଭିଡିଓରେ ଦେଖିବାକୁ ମିଳିଛି ଯେ, ପାନାମା ପତାକାଧାରୀ ଜାହାଜଟିକୁ ଇରାନର ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କୋର୍ସର ବୋଟ୍‌ଗୁଡ଼ିକ ଘେରିଯାଇଥିଲେ। ସେଠାରେ ଉତ୍ତେଜନା ଏତେ ବୃଦ୍ଧି ପାଇଥିଲା ଯେ ଆକ୍ରମଣକାରୀମାନେ ରକେଟ୍ ପ୍ରୋପେଲଡ୍ ଗ୍ରେନେଡ୍ ବ୍ୟବହାର କରିଥିଲେ।

## ସାମ୍ନାକୁ ଆସିଲା ଭୟଙ୍କର ଭିଡିଓ

ଜୀବନ ବଞ୍ଚାଇବା ପାଇଁ ଭାରତୀୟ ନାବିକମାନେ ଜାହାଜ ଭିତରେ ଲୁଚିବାକୁ ବାଧ୍ୟ ହୋଇଥିଲେ। ଭାଗ୍ୟବଶତଃ ଏହି ଘଟଣାରେ ସମସ୍ତ ୨୧ ଜଣ ଭାରତୀୟ ସୁରକ୍ଷିତ ଥିଲେ। ଗତ କିଛି ମାସ ମଧ୍ୟରେ ଏହି ଅଞ୍ଚଳରେ ହୋଇଥିବା ଆକ୍ରମଣରେ ଅନେକ ନାବିକଙ୍କ ମୃତ୍ୟୁ ହୋଇଥିବାରୁ ଭାରତ ସରକାର ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଡିରେକ୍ଟୋରେଟ୍ ଜେନେରାଲ୍ ଅଫ୍ ସିପିଂ ପକ୍ଷରୁ ସମସ୍ତ ଜାହାଜ ମାଲିକ ଓ ନିଯୁକ୍ତି ସଂସ୍ଥାଙ୍କୁ ଏକ କଡ଼ା ନିର୍ଦ୍ଦେଶ ଜାରି କରାଯାଇଛି। ସଂଘର୍ଷ ପ୍ରଭାବିତ ହର୍ମୁଜ ପ୍ରଣାଳୀ ଏବଂ ପାରାସ୍ୟ ଉପସାଗର ଦେଇ ଯାଉଥିବା ଜାହାଜରେ ଭାରତୀୟ ନାବିକଙ୍କୁ ନିୟୋଜିତ ନ କରିବାକୁ ପରାମର୍ଶ ଦିଆଯାଇଛି। ଏଥିସହିତ ଜାହାଜର କ୍ୟାପଟେନମାନଙ୍କୁ ସୁରକ୍ଷା ସମ୍ବନ୍ଧୀୟ ସତର୍କତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।





## ଆଜିର ରାଶିଫଳ

**ମେଷ:** ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ। ନୂଆ ଯାନ କିଣିବା ଯୋଗ ଅଛି। ଅଫିସ୍‌ରେ ସହକର୍ମୀଙ୍କୁ ସାହାଯ୍ୟ କରିବେ। ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବ୍ୟବସାୟକୁ ନେଇ ଚିନ୍ତାରେ ରହିବେ। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ପ୍ରିୟଜନଙ୍କ କଥାକୁ ବିଶ୍ୱାସ କରିବେ ନାହିଁ।

**ମିଥୁନ:** ବ୍ୟବହାରରେ ସଂଯମତା ରକ୍ଷା କରିବେ। ନାଚ, ଗୀତରେ ପ୍ରଶଂସା ମିଳିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ।

**କର୍କଟ:** ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ। ବ୍ୟସାୟରେ ଉନ୍ନତି ପାଇଁ ଆଧୁନିକ ଜ୍ଞାନ-କୌଶଳ ଉପଯୋଗ କରିବେ। ବାପାମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ।

**ସିଂହ:** ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ।

**କନ୍ୟା:** ବ୍ୟବସାୟରେ ଲାଭ ହେବ। ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ। ନୂଆ କାମ ଆରମ୍ଭ କରିବେ। ଛାତ୍ରଛାତ୍ରୀ କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହେବେ।

**ତୁଳା:** ଗୁରୁତ୍ୱପୂର୍ଣ୍ଣ ଖବର ପ୍ରାପ୍ତ ହେବ। ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ। ପାରିବାରିକ ସମସ୍ୟା ସମାଧାନ ହେବ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଭାଇଭଉଣୀଙ୍କଠାରୁ ଉପହାର ପାଇବେ। ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିବେ।

**ଧନୁ:** ଅଜଣା ଲୋକଙ୍କଠାରୁ ଦୂରେଇ ରହିବେ। ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ। ଭାବପ୍ରବଣ ହୋଇ ନିଷ୍ପତ୍ତି ନେବାରୁ ନିବୃତ୍ତ ରହିବେ। ଆଇନଜୀବୀଙ୍କୁ ସଫଳତା ମିଳିବ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ। ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ। ସନ୍ତାନ ସୁଖ ପ୍ରାପ୍ତ ହେବ। ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରିବେ। ବିରୋଧୀଙ୍କୁ ସାମ୍ନା କରିବେ। ଚିନ୍ତାଗ୍ରସ୍ତ ରହିବେ। ଜୀବନସାଥୀଙ୍କୁ ମନ କଥା କହିବେ।

**ମୀନ:** ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ। କଳା କ୍ଷେତ୍ରରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ହେବ।

## ଆଜିର ଇତିହାସ

- ୧୮୪୮ - ଆମେରିକା ନ୍ୟୁମେକ୍ସିକୋ ସହ ବୁଝାମଣା କଲା।
- ୧୯୧୦- ଜାପାନ କୋରିଆ ଉପରେ କବ୍‌ଜା କଲା।
- ୧୯୬୯ - ଆମେରିକାରେ ଆସିଥିବା ତୋଫାନ ଯୋଗୁଁ ୨୫୫ ଜଣଙ୍କ ମୃତ୍ୟୁ।
- ୧୯୭୯ - ରାଷ୍ଟ୍ରପତି ନୀଲମ୍ ସଞ୍ଜୀବ ରେଡ୍ଡୀ ଲୋକସଭା ଭଙ୍ଗ କଲେ।
- ୧୯୯୬- ମାଡ୍ରାସ ନାମ ବଦଳାଯାଇ ଚେନ୍ନାଇ ରଖାଗଲା।



# ସୈଫ୍‌ଙ୍କ ନାୟିକା ହେବେ କିଆରା

ବଲିଉଡ୍ ଅଭିନେତ୍ରୀ କିଆରା ଆଡଭାନୀ ଏବେ ତାଙ୍କର ଆଗାମୀ ଚଳଚ୍ଚିତ୍ର 'ଟକ୍ସିକ୍'କୁ ନେଇ ବେଶ୍ ଚର୍ଚ୍ଚାରେ ଅଛନ୍ତି। ଯଶ୍‌ଙ୍କ ସହ ତାଙ୍କର ଇଣ୍ଟିମେଣ୍ଟ ସିନ୍‌କୁ ନେଇ ସାମାଜିକ ଗଣମାଧ୍ୟମରେ ଜୋରଦାର ଚର୍ଚ୍ଚା ମଧ୍ୟ ହେଉଛି। ବର୍ତ୍ତମାନ ଏହି ଚଳଚ୍ଚିତ୍ର ପରେ କିଆରାଙ୍କ ହାତକୁ ଆଉ ଏକ ବଡ଼ ଫିଲ୍ମ ଆସିଛି। ଏଥିରେ କିଆରାଙ୍କ ବିପକ୍ଷରେ ସୈଫ୍ ଅଲ୍ଲୀ ଖାନ୍ ନଜର ଆସିବେ। ତେବେ ସୈଫ୍ ଏବଂ କିଆରା ପ୍ରଥମ ଥର ପାଇଁ ଏକାଠି ସ୍କ୍ରିନ୍ ସେୟାର୍ କରିବାକୁ ଯାଉଛନ୍ତି। ଏହା ଏକ ସୁପର୍ ନାଚୁ୍ୟରାଲ ଥ୍ରୀଲର୍ ଫିଲ୍ମ ହେବ ବୋଲି ଜଣାପଡ଼ିଛି। ଏଯାବତ୍ ଫିଲ୍ମର ନାମ ଦିଆଯାଇ ନାହିଁ। କନିକା ଢିଲୋନ ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ଫରହାନ ଅଖତର ଏବଂ ରିତେଶ ସିଧୱାନୀଙ୍କ କମ୍ପାନି ଏକ୍ସେଲ ଏଣ୍ଟରଟେନମେଣ୍ଟ ଏହାର ପ୍ରଯୋଜନା ଦାୟିତ୍ୱରେ ରହିଛି। କୁହାଯାଉଛି ଯେ, ନିର୍ମାତାମାନେ ଚଳିତବର୍ଷ ଶେଷ ସୁଦ୍ଧା ଏହାର ସୁଟିଂ ଆରମ୍ଭ କରିବାକୁ ପ୍ରସ୍ତୁତି ଚଳାଇଛନ୍ତି। ଏବେ ଏହାର କାହାଣୀ ଲେଖା ଚାଲିଛି। କିଆରାଙ୍କ କାମ କଥା କହିବାକୁ ଗଲେ, ସେ ଖୁବ୍‌ଶୀଘ୍ର 'ଟକ୍ସିକ୍'ରେ ନଜର ଆସିବେ। ଏହାବାଦ୍ ସେ 'ନୋ ଏଣ୍ଟ୍ରି ୨'ରେ ମଧ୍ୟ କାମ କରୁଛନ୍ତି। ସେହିଭଳି ସୈଫ୍‌ଙ୍କ କାମ କଥା କହିବାକୁ ଗଲେ ଖୁବ୍‌ଶୀଘ୍ର ସେ 'ହୈବାନ' ଫିଲ୍ମରେ ନଜର ଆସିବେ। ଏଥିରେ ଲିଡ୍ ରୋଲରେ ଅକ୍ଷୟ କୁମାର ନଜର ଆସିବେ। ଏହାବାଦ୍ ସେ 'ଦେବରା ପାର୍ଟ ୨'ରେ ମଧ୍ୟ ଦେଖାଯିବେ।

# ପୋଷାକ ସଫା କରିବାକୁ ୯୦ ଲକ୍ଷ



ବିଶ୍ୱରେ ଏମିତି କିଛି ଅଜବ ଚାକିରି ଅଛି, ଯାହା ବିଷୟରେ ଶୁଣିଲେ ବେଶ୍ ଆଶ୍ଚର୍ଯ୍ୟ ଲାଗିଥାଏ। ଏହି କାମଗୁଡ଼ିକ ଯେତିକି ବିଚିତ୍ର, ଏଥିପାଇଁ ମିଳୁଥିବା ଦରମା ମଧ୍ୟ ସେତିକି ଆଶ୍ଚର୍ଯ୍ୟଜନକ। ନିକଟରେ ସୋସିଆଲ ମିଡିଆରେ ଏମିତି ଏକ ଅଜବ ଚାକିରିର ବିଜ୍ଞାପନ ଭାଇରାଲ ହେବାରେ ଲାଗିଛି। ଲଣ୍ଡନରେ ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ତାଙ୍କର ଡିଜାଇନର୍ ପୋଷାକଗୁଡ଼ିକ ଧୋଇବା ଏବଂ ସେଗୁଡ଼ିକ ସାଇତି ରଖିବା ପାଇଁ ବାର୍ଷିକ ପ୍ରାୟ ୯୦ ଲକ୍ଷ ଟଙ୍କାର ଚାକିରି ଅଫର୍ ଦେଇଛନ୍ତି। ବ୍ରିଟେନର 'ଦ ଲେଡି' ପତ୍ରିକାରେ ଏହି ଚାକିରିର ବିଜ୍ଞାପନ ପ୍ରକାଶ ପାଇଛି। ବିଜ୍ଞାପନ ଅନୁଯାୟୀ, ମନୋନୀତ ବ୍ୟକ୍ତିଙ୍କୁ କେବଳ ପୋଷାକ ଧୋଇବା ନୁହେଁ, ବରଂ ଏକାଧିକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇବାକୁ ପଡ଼ିବ। ବ୍ୟବସାୟୀଙ୍କ ଦାମୀ ଡିଜାଇନର୍ ପୋଷାକଗୁଡ଼ିକୁ ଧୋଇବା ସହ ଯାତ୍ରା ସମୟରେ ତାକୁ ସୂଚାରୁରୂପେ ସଜାଡ଼ି ରଖିବାକୁ ହେବ। ମାଲିକଙ୍କ ପାଇଁ ଦାମୀ ବେଣ୍ଟଲେ କାର୍ ଚଲାଇବାକୁ ହେବ। ଏହାବାଦ୍ ଘରର ଛୋଟମୋଟ ଦୈନନ୍ଦିନ କାମ କରିବା ସହ ସ୍ନାକ୍ସ କିମ୍ବା କିଛି ସାଧାରଣ ଖାଦ୍ୟ ପ୍ରସ୍ତୁତ କରିବାକୁ ହେବ। ମାଲିକଙ୍କ ଦ୍ୱାରା ଆୟୋଜିତ ବିଭିନ୍ନ ପାର୍ଟିରେ ଅତିଥିମାନଙ୍କୁ ସେବା ଯୋଗାଇ ଦେବାକୁ ହେବ। ଏହି ସମସ୍ତ କାମ ଜଣେ ବ୍ୟକ୍ତିଙ୍କୁ ଏକାକୀ କରିବାକୁ ପଡ଼ିବ ନାହିଁ, ବରଂ ସେ ଆଉ ଜଣେ ସହଯୋଗୀଙ୍କ ସହ ମିଶି ଏହି ଦାୟିତ୍ୱଗୁଡ଼ିକ ବାଣ୍ଟିନେବେ। ମୋଟାମୋଟି କହିବାକୁ ଗଲେ, ଏହା କେବଳ ପର୍ସନାଲ ଆସିଷ୍ଟାଣ୍ଟର ଚାକିରି ନୁହେଁ, ବରଂ ଏଥିରେ ଡ୍ରାଇଭର, ହାଉସକିପର୍ ଏବଂ ୱାର୍ଡରୋବ୍ ମ୍ୟାନେଜରର ଭୂମିକା ମଧ୍ୟ ସାମିଲ ରହିଛି। ଏହି ବ୍ୟବସାୟୀ ଜଣକ ବର୍ଷ ସାରା ବିଭିନ୍ନ ଦେଶକୁ ବ୍ୟବସାୟିକ ଯାତ୍ରା କରୁଥିବାରୁ, ଲଣ୍ଡନରେ କେବଳ ୯୦ ଦିନ ହିଁ ରହନ୍ତି। ବାକି ସମୟ ସେ ବିଶ୍ୱ ଭ୍ରମଣରେ ଥାଆନ୍ତି, ତେଣୁ ଚୟନ ହେବାକୁ ଥିବା କର୍ମଚାରୀଙ୍କୁ ମଧ୍ୟ ତାଙ୍କ ସହ ବିଦେଶ ଯାତ୍ରା କରିବାକୁ ପ୍ରସ୍ତୁତ ରହିବାକୁ ହେବ। ଚାକିରି ପାଇଁ ଆବେଦନ କରୁଥିବା ବ୍ୟକ୍ତି ଜଣକ ଶାରୀରିକ ଭାବେ ଫିଟ୍ ଥିବା ଆବଶ୍ୟକ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ବ୍ୟବସାୟୀଙ୍କ ବ୍ୟକ୍ତିଗତ ଜୀବନ କିମ୍ବା ଘରର କୌଣସି ବି ତଥ୍ୟ ଯେପରି ବାହାରକୁ ନ ଯାଏ, ସେଥିପ୍ରତି କଡ଼ା ନଜର ରଖିବାକୁ ହେବ। ଏହି ଚାକିରିର ବିଜ୍ଞାପନ ବ୍ରିଟେନର ଏକ ପ୍ରସିଦ୍ଧ ନିଯୁକ୍ତି ସଂସ୍ଥା 'ବ୍ୟୁଚାମ୍ପ ପାର୍ଟନର୍ସ' ମାଧ୍ୟମରେ ପ୍ରକାଶ କରାଯାଇଛି। କୋଟିପତି ବ୍ୟବସାୟୀ ଜଣକ ନିଜର ପରିଚୟ ଗୋପନ ରଖିବା ପାଇଁ ଏହି ଏଜେନ୍ସିର ସହାୟତା ନେଇଛନ୍ତି। ଏହି ବିଜ୍ଞାପନକୁ ନେଇ ଲୋକେ ବେଶ୍ ମଜାଦାର ପ୍ରତିକ୍ରିୟା ଦେଇଛନ୍ତି।

# କ୍ଷୀରରେ ୪୫ ବର୍ଷ



ରାଜସ୍ଥାନ, ରାଜସମନ୍ଦ ଜିଲ୍ଲା ଅନ୍ତର୍ଗତ ତକଡ଼ିୟୋଁ କା ଗୁଡ଼ା ଗାଁର ୪୫ ବର୍ଷୀୟ ପୁନମ ସିଂହ ତାଙ୍କର ଅଜବ ଖାଦ୍ୟାଭ୍ୟାସ ପାଇଁ ଚର୍ଚ୍ଚାରେ ରହିଛନ୍ତି। ସେ ଆଜିକୁ ୪୫ ବର୍ଷ ହେବ ଖାଦ୍ୟ ବଦଳରେ କେବଳ କ୍ଷୀର ପିଇ ବଞ୍ଚିଛନ୍ତି। ଏହି ଅଭ୍ୟାସ ତାଙ୍କର ପିଲାଦିନରୁ ରହିଛି। ପୁନମ ସକାଳେ ଏବଂ ସନ୍ଧ୍ୟାରେ କେବଳ ଗ୍ଲାସେ କ୍ଷୀର ପିଉଥିବାବେଳେ ଖରାଦିନେ କେବେ କେବେ ଆଖୁ ରସ ପିଇଥାନ୍ତି। ଆଶ୍ଚର୍ଯ୍ୟର କଥା ଏହା ଯେ, ସେ କେବଳ କ୍ଷୀର ପିଇ ବି ସମ୍ପୂର୍ଣ୍ଣ ସୁସ୍ଥ ରହିଛନ୍ତି। ପୁନମ୍‌ଙ୍କ କହିବା କଥା, ୨୦୦୦ ମସିହାରେ ଥରେ ସେ ଅସୁସ୍ଥ ହୋଇ ଯାଇଥିଲେ। ଏହି ସମୟରେ ଡାକ୍ତର ତାଙ୍କୁ ଖାଦ୍ୟ ଖାଇବାକୁ ଖାଇଥିଲେ। ହେଲେ ସେ ଖାଦ୍ୟ ଗ୍ରହଣ କରିବାକୁ ମନା କରି ଦେଇଥିଲେ। ଏହି ଘଟଣାକୁ ଏଯାବତ୍ ୨୬ ବର୍ଷ ବିତି ଯାଇଥିଲେ ବି ସେ କେବେ ଅସୁସ୍ଥ ହୋଇ ନ ଥିବା କହିଛନ୍ତି। କେବଳ ସେତିକି ନୁହେଁ, ପୁନମ୍ ନିୟମିତ ବାଇକ୍ ଓ ଟ୍ରାକ୍ଟର ମଧ୍ୟ ଚଳାନ୍ତି। ସେ ବିବାହ ଭୋଜିଗୁଡ଼ିକରେ ଯୋଗ ଦେଉଥିବାବେଳେ ଲୋକେ ତାଙ୍କୁ ଖାଦ୍ୟ ଖାଇବା ପାଇଁ ବାଧ କଲେ ସେ ଅଧା କପ୍ ଚା' ପିଇଥାନ୍ତି। ଏନେଇ ଡାକ୍ତରଙ୍କ କହିବା କଥା, , କେବଳ କ୍ଷୀର ପିଇ ଏତେ ଦିନ ଧରି ଜୀବନ ଜିଇଁବା ଏକ ଅସାମାନ୍ୟ ସ୍ଥିତି। କ୍ଷୀରରେ ଆବଶ୍ୟକୀୟ ପୋଷକତତ୍ତ୍ୱ ଥିଲେ ବି ଏଥିରେ କିଛି ଜରୁରି ତତ୍ତ୍ୱର ଅଭାବ ଥାଏ। ଅନେକ ଥର ପୁନମ୍‌ଙ୍କୁ ତାଙ୍କ ପରିବାର ଲୋକେ ଖାଦ୍ୟ ଖୁଆଇବା ପାଇଁ ଚେଷ୍ଟା କରି ବିଫଳ ହୋଇଛନ୍ତି। ପୁନମ୍‌ଙ୍କ ପରିବାରର ଅନ୍ୟ ସଦସ୍ୟମାନେ ସାଧାରଣ ଖାଦ୍ୟ ଖାଉଥିବାବେଳେ ସେ କିନ୍ତୁ କେବଳ କ୍ଷୀର ପିଇ ବଞ୍ଚିଛନ୍ତି।

## ରାକ୍ଷୀ: ଅତୁଟ ବନ୍ଧନ



ଅନସୂୟା ପଣ୍ଡା

ଭାଇ ଭଉଣୀର ଅତୁଟ ବନ୍ଧନ
ସ୍ନେହ ଶ୍ରଦ୍ଧା କଥା ମନରେ ହରଷ ଭରୁଛି
ରାକ୍ଷୀ ପୂର୍ଣ୍ଣିମାର ଆଗମନେ
ବଜାର ଉଚ୍ଛୁଳି ପଡୁଛି।
ରାକ୍ଷୀ ଦୋକାନରେ ଗହଳ ଚହଳ ଲାଗିଛି
ନାନା ରଙ୍ଗ ରାକ୍ଷୀ ଆଖି ତ ଝଲସି ଯାଉଛି
ନାନୀ ମନ ଖୁସିରେ ଉଚ୍ଛୁଳି ପଡୁଛି
ଦୂର ବିଦେଶରୁ ଭାଇ ତା'ର ପରା ଆସୁଛି।
ଚକ୍‌ଲେଟ୍, କ୍ଲିପ୍, ଡ୍ରେସ୍, ଟିକିଲି
କେତେ ଉପହାର ଆଣିଛି
ପ୍ରଜାପତି ପରି କଅଁଳ ମନଟା
ଆନନ୍ଦରେ ଖେଳି ଯାଉଛି।
ସକାଳୁ ସକାଳୁ ନିନି ଉଠି ପଡ଼ି
ଗାଧୁଆ ପାଧୁଆ ସାରିଛି
ସିନ୍ଦୂର, ଚନ୍ଦନ, ମିଠା ପୁଣି ଦୀପ
ରାକ୍ଷୀଟିଏ ଥାଳିରେ ସଜେଇ ରଖିଛି।
ମଙ୍ଗଳ ମନାସି ଭାଇର
ବନ୍ଦାପନା କରି ହାତରେ ରାକ୍ଷୀ ବାନ୍ଧିଛି
ଉପହାର ପାଇଁ ଭାଇ ପଛେ ପଛେ ଧାଉଁଛି
ପିଲାଙ୍କର ଖୁସି ଦେଖି ମାଆ ମନ ପୁରିଛି।
ଯୁଗ ଯୁଗ ଧରି ଭାଇ ଭଉଣୀର
ଭଉଣୀ ଭାଇର ଏମିତି ବନ୍ଧନ ଥାଉ
ଦୁଃଖରେ ସୁଖରେ ଭାବ ଅଭାବରେ
ଦୁହେଁ ଦୁହିଁଙ୍କର ସାହାରା ହେଉ।
ଗୋମାତାର ପୂଜା ଘରେ ଘରେ
ଖେଚଡ଼ି ଖିରିରେ ହେଉଛି
ସିନ୍ଦୁର ମଥାରେ ଦେଇ
ଗାଈର ସିଂଘରେ ରାକ୍ଷୀଟିଏ ବନ୍ଧାଯାଇଛି।
ଗେଲେହି ନାନୀ
ଗଛରେ ବି ରାକ୍ଷୀ ବାନ୍ଧିଛି
ପଚାରିଲେ କହେ ଗଛ ଅଟେ ପରା
ଭାଇଠୁ ଅଧିକ ସ୍କୁଲରେ ପଢ଼ା ଯାଉଛି। ■

ଭୁବନେଶ୍ୱର

## ଆମ ଗରବ ରାକ୍ଷୀ ପରବ



ସୁଜିତ କୁମାର ମିଶ୍ର

ଆମ ଗରବ ରାକ୍ଷୀ ପରବ
ଭାଇ ଓ ଭଉଣୀର,
ଆସିଛି ସିଏ ବାଣ୍ଟିବା ପାଇଁ
ଶରଧା ନିରନ୍ତର।
ସକାଳୁ ଉଠି ଗେହ୍ଲି ଭଉଣୀ
ସଜାଡ଼େ ପୂଜାଥାଳୀ,
ବାନ୍ଧିବା ପାଇଁ ଭାଇ ହାତରେ
ରାକ୍ଷୀଟେ ହୃଦଖୋଲି।
ରେଶମୀ ସୂତା ନୁହଁଇ ସିଏ
ସୁରକ୍ଷା ଶ୍ରଦ୍ଧା ଡୋରି,
ମଧୁର ଭାବ ବରଷା ପରି
ସେଠୁ ପଡ଼ଇ ଝରି।
ସୁଖଦୁଃଖରେ ସାଥୀ ହେବାକୁ
ରାକ୍ଷୀ ଜଣାଇ ଦିଏ,
ଏପରି ଦିବ୍ୟ ସନ୍ତକ ସହ
ଅଛି କି ସରି କିଏ?
ପରଶି ଦିଏ ଆଦର ସିଏ
ପାଖକୁ ଡାକି ଡାକି,
ସବୁ ବିପଦ ଦୂରେଇ ଦେଇ
ରଖେ ସଭିଙ୍କୁ ସୁଖୀ।
ରାକ୍ଷୀ ବୁଝେନା ଏଇ ସଂସାରେ
କିଏ ଆପଣା ପର,
ହାତରେ ଥିଲେ ଭଉଣୀ ରାକ୍ଷୀ
ମନ ସରଗ ପୁର।
ସଭିଙ୍କ ହାତେ ପିନ୍ଧାଇ ରାକ୍ଷୀ
ଆସ ଜିଣିବା ମନ
ବଢ଼ିବ ତେବେ ଆମ ଭିତରେ
ରାକ୍ଷୀ ପରବ ମାନ। ■

ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର

## ପ୍ରହେଳିକା



- ଶ୍ରାବଣ ମାସର ପୁନେଇଁ ଦିନ
ପର୍ବଟିଏ ଆସେ ଅତି ମହାନ
ସ୍ନେହ ମମତାର ପବିତ୍ର ଡୋରୀ
ଭାଇ ହାତେ ବାନ୍ଧେ ଗେହ୍ଲି ଭଉଣୀ
ବନ୍ଦାପନା ନୀତି ହୁଏ
ଭାଇ ଦେଇଥାଏ ଭଉଣୀକୁ ଭେଟି
କୁହତ ତା' ନାମ କିଏ।
ଉତ୍ତର-ରାକ୍ଷୀ ପୁନେଇଁ
- ଭାଇ ଭଉଣୀଙ୍କ ସ୍ନେହ ମମତା
ଯୋଡ଼ିଥାଏ ସେହି ରେଶମ ଫିତା
ଶ୍ରାବଣ ପୁନେଇଁ ଶୁଭ ମୁହୂର୍ତ୍ତେ
ଭଉଣୀ ବାନ୍ଧଇ ଭାଇର ହାତେ
ଦେଖିବାକୁ ଅନୁପମ
ଭାଇ ଭଉଣୀର ବନ୍ଧନକୁ ଯୋଡ଼େ
କୁହତ ସେ ଫିତା ନାମ।
ଉତ୍ତର-ରାକ୍ଷୀ
- ଶ୍ରାବଣ ପୁନେଇଁ ଯେବେ ଆସଇ
ସଭିଏଁ ଦିଅନ୍ତି ତାକୁ ଗାଧୋଇ
ସନ୍ଧ୍ୟାକାଳେ ତା'ର ହୁଅଇ ପୂଜା
ପୁଷ୍ପ ଚନ୍ଦନରେ ହୁଏ ସେ ସଜା
ସଭିଏଁ ମାନନ୍ତି ତାହାକୁ ମାତା
ପରିବାର ରକ୍ଷା କରଇ ସଦା
ତା'କ୍ଷୀର ଅମୃତ ସମ
ତାକୁ ପୂଜା କଲେ କୋଟି ପୂଣ୍ୟ ମିଳେ
କୁହତ ସେ ପୂଜା ନାମ।
ଉତ୍ତର-ଗୋମାତା ପୂଜା

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର

## ସୁମନ



# ରାଗ ରୁଷା ଗଲା ଦୂରେଇ





ଡ. ରବିନାରାୟଣ ସାହୁ

ମୁନା ଆଉ ମାମୁନି ଦୁହେଁ ଭାଇ ଭଉଣୀ। ମୁନା ପ୍ରଥମ ଶ୍ରେଣୀରେ ପଢ଼େ ଆଉ ମାମୁନି ତୃତୀୟରେ। ଦୁହେଁ ଭାରି ଭଲ। ସାଙ୍ଗ ହୋଇ ଖେଳନ୍ତି, ବୁଲନ୍ତି, ପଢନ୍ତି। ସ୍କୁଲ୍ ବସ୍‌ରେ ବି ଦୁହେଁ ସାଥୀ ହୋଇ ସ୍କୁଲ୍ ଯାଆନ୍ତି। ସ୍କୁଲ୍‌ରେ ଖାଇବା ଛୁଟି ବେଳେ ସାଙ୍ଗ ହୋଇ ଦୁହେଁ ଖାଆନ୍ତି। ମୁନା ଖାଇ ନ ପାରିଲେ ମାମୁନି ତାକୁ ଖୋଇଦେଇ ମୁହଁ ହାତ ଧୋଇ ଦିଏ। ପକେଟ୍‌ରୁ ରୁମାଲ ବାହାର କରି ମୁହଁ ପୋଛି ଦିଏ, ଠିକ୍ ମାଆଟିଏ ପୁଅର ଯତ୍ନ ନେଲା ଭଳି। ଘରେ ବି ସାଙ୍ଗ ହୋଇ ଦୁହେଁ ଖେଳନ୍ତି, ଖାଆନ୍ତି, ପାଠ ପଢ଼ନ୍ତି। ସବୁ ଠିକ୍ ଠାକ୍ ଥିଲା ଭିତରେ ବେଳେବେଳେ ଦୁହେଁ ଝଗଡ଼ା ଲାଗି ଯାଆନ୍ତି। ଦୁଇ ଜଣଙ୍କ ଝଗଡ଼ା ଦେଖି ମାଆ ଦୌଡ଼ି ଆସନ୍ତି। ବଡ଼ ଭଉଣୀ ହୋଇ ସାନ ଭାଇ ସାଙ୍ଗରେ ଲାଗୁଛୁ କହି ଗାଳି କରନ୍ତି। ମାଆଙ୍କ ଗାଳି ଶୁଣି ମାମୁନି କାନ୍ଦି କାନ୍ଦି କହେ, "ତମେ ମତେ ସବୁବେଳେ ଗାଳି କରୁଛ। ମୁନାକୁ କେବେ କିଛି କହୁନ!" ଏତିକି କହି ସେ ଆହୁରି ଜୋର ଜୋର କରି କାନ୍ଦେ। ମାମୁନିର କାନ୍ଦ ଦେଖି 'ମୋର ସୁନା ଝିଅ' କହି ମାଆ କୋଳେଇ ନେଇ ଲଡୁଟିଏ ଖୋଇ ଦିଅନ୍ତି। ମାମୁନି ଚୁପ୍ ହୋଇଯାଏ। ଏଇମିତି ଭାଇ ଭଉଣୀଙ୍କ ରାଗ ରୁଷା ସବୁବେଳେ ଚାଲିଥାଏ। ଦିନେ ମୁନା ଓ ମାମୁନି ପାଇଁ ବାପା ଦୁଇଟା ଡ୍ରଇଂ ବହି ଆଣିଦେଲେ। ମାମୁନି ଖୁସି ହୋଇ ସୁନ୍ଦର ଚିତ୍ର ଦେଖି ରଙ୍ଗ ଭରିବା ଆରମ୍ଭ କରି ଦେଲା। ଏତିକି ବେଳେ ମୁନା ଦୌଡ଼ି ଆସି ମାମୁନିକୁ ତା' ସାଙ୍ଗରେ ଖେଳିବା ପାଇଁ କହିଲା। ରଙ୍ଗ ଭରିବାରେ ବ୍ୟସ୍ତ ଥିବାରୁ ମାମୁନି ଖେଳିବାକୁ ଯିବ ନାହିଁ ବୋଲି ରୋକ୍ ଠୋକ୍ ମନା କରିଦେଲା। ରାଗିଯାଇ ମୁନା, ମାମୁନି ପାଖରୁ ବହିଟିକୁ ଟାଣି ଆଣିବାରୁ ବହିଟି ଚିରିଗଲା। ଏହାଦେଖି ମାମୁନି ଜୋରରେ ରଡ଼ି କରି କାନ୍ଦିଲା। ମାମୁନିର କାନ୍ଦ ଶୁଣି ମାଆ ଦୌଡ଼ି ଆସିଲେ। ଦୁହିଁଙ୍କୁ ବୁଝେଇବା ଆରମ୍ଭ କରିଦେଲେ। ବାପାଙ୍କୁ କହି ଆଉ ଗୋଟିଏ ଭଲ ଡ୍ରଇଂ ବହି ଆଣି ଦେବାକୁ କହିବାରୁ ମାମୁନି ଚୁପ୍ ହେଲା। ତା' ପରଦିନ ଥାଏ ରାକ୍ଷୀ ପୂର୍ଣ୍ଣିମା। ସେଦିନ ସକାଳୁ ସକାଳୁ ଗାଧୋଇ ପଡ଼ି ନୂଆ ପୋଷାକ ପିନ୍ଧି ମୁନା ଠାକୁରଙ୍କ ପାଖରେ ମୁଣ୍ଡିଆ ମାରି ଜଳଖିଆ ଖାଇସାରି ବୁଲୁଥାଏ। ସକାଳ ଆଠଟାରୁ ଦଶଟା ହେଲା। ତା' ପରେ ଏଗାର। ହେଲେ ମାମୁନି ଦିଦି ରାକ୍ଷୀ ବାନ୍ଧି ଦେଉ ନ ଥାଏ। ମୁନା ଯାଇ କହିବାରୁ ମାଆ ମାମୁନିକୁ ଡାକି ଭାଇକୁ ରାକ୍ଷୀ ବାନ୍ଧିବା ପାଇଁ କହିଲେ। ମାମୁନି କହିଲା, "ନା, ମୁଁ ତାକୁ ଜମା ରାକ୍ଷୀ ବାନ୍ଧିବି ନାହିଁ। ମୋ ସହିତ ଲାଗିବ, ଝଗଡ଼ା କରିବ, ମୋ ବହି ଚିରିଦେବ ମୁଁ ତାକୁ ରାକ୍ଷୀ ବାନ୍ଧିଦେବି? ଜମା ନୁହେଁ।" ଏତିକି କହି ସେ ପଳେଇଲା। ରାକ୍ଷୀ ନ ବାନ୍ଧି ମୁନା ମନ ମାରି ବସି ପଡ଼ିଲା। ମୁନାର ଅବସ୍ଥା ଦେଖି ମାଆ ମୁନା କାନରେ କ'ଣ ଟିକେ କହିଦେଲେ। ସଙ୍ଗେ ସଙ୍ଗେ ମୁନା ଡେରି ନ କରି ହାତରେ ଫୁଲ, ଚନ୍ଦନ, ରାକ୍ଷୀ, ମିଠାଥିବା ଥାଳିଟିଏ ନେଇ ମାମୁନି ପାଖରେ ପହଞ୍ଚିଗଲା। କହିଲା, "ଦିଦି, ମୁଁ କାନ ଧରୁଛି, ମୋର ଭୁଲ୍ ହୋଇ ଯାଇଛି, ମୁଁ ଆଉ ଜମା ଝଗଡ଼ା କରିବି ନାହିଁ। ମତେ କ୍ଷମା କରିଦେ ଦିଦି, ଏଇ ରାକ୍ଷୀ ନେଇ ମୋ ହାତରେ ପିନ୍ଧେଇ ଦେ। ମୁଁ ପରା ତୋ ସାନ ଗେହ୍ଲା ଭାଇ। ତୁ କ'ଣ ମତେ କ୍ଷମା କରିବୁନି।" ମୁନାକୁ ବହୁତ ଭଲ ପାଉଥିବା ମାମୁନି, ମୁନାର କଅଁଳ କଥାରେ ସବୁ ରାଗ ରୁଷା ସେ ଯେମିତି ନିମିଷକ ଭିତରେ ଭୁଲିଗଲା। ସ୍ନେହରେ ପାଖକୁ ଆଉଜେଇ ନେଇ ଫୁଲ ଚନ୍ଦନ ଲଗେଇ ଦେଇ ତା' ହାତରେ ରାକ୍ଷୀ ବାନ୍ଧି ଦେଲା, ମିଠା ଦୁଇଟା ଖୋଇ ଦେଲା। ଡେରି ନ କରି ମୁନା ରାକ୍ଷୀ ବନ୍ଧା ଉପହାର ଭାବରେ ମାମୁନି ହାତର ସୁନ୍ଦର ଡ୍ରଇଂ ବହି ସହିତ ଦୁଇଟି ଗପ ଓ କବିତା ବହି ଧରେଇ ଦେଲା। ଏତେ ସୁନ୍ଦର ଉପାଦେୟ ବହି ସବୁ ଉପହାର ପାଇ ମାମୁନି ଖୁସି ହେଲା। ଭାଇ ଭଉଣୀଙ୍କ ରାଗ ଅଭିମାନ ସବୁ ଦୂରେଇ ଗଲା। ସାଙ୍ଗ ହୋଇ ଦୁହେଁ ବାପା, ମାଆ, ଜେଜେ, ଜେଜି ମାଆଙ୍କ ପାଦ ଛୁଇଁ ପ୍ରଣାମ କରି ଆଶୀର୍ବାଦ ନେଲେ। ■

ସ୍ମୃତି ନଗର, ବରଗଡ଼

ବି:ଦ୍ର- 'ସକାଳ'ର ସୁମନ୍ ପୃଷ୍ଠାରେ ଗଳ୍ପ, କବିତା ପ୍ରକାଶ କରିବାକୁ ଇଚ୍ଛୁକ ପାଠକ ପାଠିକାମାନେ sakalasishu@gmail.comକୁ ପଠାଇ ପାରିବେ। ଛାତ୍ରଛାତ୍ରୀମାନେ (ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ) ଡ୍ରଇଂ ପଠାଇବାକୁ ଚାହୁଁଥିଲେ ସେମାନଙ୍କର ଏକ ପାସ୍‌ପୋର୍ଟ ସାଇଜ୍ ଫଟୋ ସହ ଶ୍ରେଣୀ, ବିଦ୍ୟାଳୟ ଓ ସହରର ନାମ ଲେଖି ଏହି ମେଲ୍‌ରେ ପଠାଇ ପାରିବେ।

## ଛୋଟ ହାତର ଛୁଆ





ସାଇ ନମ୍ରତା ମହାପାତ୍ର
ପଞ୍ଚମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ନିମାପଡ଼ା, ପୁରୀ





ଅଦ୍ୱିତା ବିଶ୍ୱାଳ
ପଞ୍ଚମ ଶ୍ରେଣୀ
ଡି.ଏ.ଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ
ଭୁବନେଶ୍ୱର





ମାଇରା ମହାନ୍ତି
ପଞ୍ଚମ ଶ୍ରେଣୀ
ଡି.ଏ.ଭି ପବ୍ଲିକ୍ ସ୍କୁଲ
ୟୁନିଟ୍ ୮
ଭୁବନେଶ୍ୱର





ଶୁଭଶକ୍ତି ହାଁସଦା
ପଞ୍ଚମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ
ଅଦାପାଳ, ମୟୂରଭଞ୍ଜ

ଏଫ୍‌ଆଇଏଚ୍ ପୁରୁଷ ହକି ବିଶ୍ୱକପ୍

# ଭାରତ-ନେଦରଲ୍ୟାଣ୍ଡସ ମୁକାବିଲା ଆଜି

ଆମଷ୍ଟଲଭିନ୍,୨୧।୮ (ଏଜେନ୍ସି)



ଏଠାରେ ଚାଲିଥିବା ପୁରୁଷ ହକି ବିଶ୍ୱକପ୍‌ର ଦ୍ୱିତୀୟ ରାଉଣ୍ଡ ବା କ୍ରସ୍ ଓଭର ମୁକାବିଲା ଆସନ୍ତାକାଲିଠାରୁ ଆରମ୍ଭ ହେବ। ପୁଲ୍-ଇ'ରେ ସ୍ଥାନ ପାଇଥିବା ନେଦରଲ୍ୟାଣ୍ଡସ ସହ ଆସନ୍ତାକାଲି ଭାରତୀୟ ପୁରୁଷ ଦଳ ପ୍ରଥମ ଓ ୨୪ ତାରିଖରେ ଆର୍ଜେଣ୍ଟିନାକୁ ଭେଟିବ। ଇଂଲଣ୍ଡ ତୃତୀୟ ଦଳ ଭାବେ ସ୍ଥାନ ପାଇଥିଲେ ମଧ୍ୟ ଟୁର୍ଣ୍ଣାମେଣ୍ଟ ନିୟମ ଅନୁଯାୟୀ କ୍ରସ୍ ଓଭରରେ ଭାରତ ସହ ମୁକାବିଲା ହେବ ନାହିଁ। କିନ୍ତୁ ପୁଲ୍‌ରେ ବା ପ୍ରଥମ ରାଉଣ୍ଡରେ ଭାରତକୁ ହରାଇଥିବାରୁ ଇଂଲଣ୍ଡ ଓ ଆର୍ଜେଣ୍ଟିନାକୁ ହରାଇଥିବା ନେଦରଲ୍ୟାଣ୍ଡସ ୩ ପଏଣ୍ଟ ଲେଖାଏଁ ସହ ଖେଳିବେ। ଏଣୁ ଭାରତକୁ ସେମିଫାଇନାଲରେ ପ୍ରବେଶ କରିବାକୁ ହେଲେ କ୍ରସ୍ ଓଭରରେ ଉଭୟ ନେଦରଲ୍ୟାଣ୍ଡସ ଓ ଆର୍ଜେଣ୍ଟିନାକୁ ହରାଇବାକୁ ପଡ଼ିବ। ଫର୍ମ ଓ ପରିସ୍ଥିତିକୁ ଦେଖିଲେ ଭାରତ ଲାଗି ଏହା ସବୁଠାରୁ ବଡ଼ ଚ୍ୟାଲେଞ୍ଜ ବୋଲି ବିବେଚନା କରାଯାଉଛି।

ଏହି ଟୁର୍ଣ୍ଣାମେଣ୍ଟରେ ଭାରତର ସବୁଠାରୁ ବଡ଼ ଅସୁବିଧା ହେଉଛି, ଅଗଣୀତ୍ୱ ବଜାୟ ରଖି ନ ପାରିବା। ପୁଲ୍-ଡି'ରେ ଦଳ ପାକିସ୍ତାନ ବିପକ୍ଷରେ ୩-୦ ଏବଂ ୪-୧ରେ ଆଗୁଆ ଥିଲେ ମଧ୍ୟ ୨ଟି ଗୋଲ ବରଣ କରି ୫-୩ରେ ମ୍ୟାଚ୍ ଜିତିଥିଲା। ସେହିପରି ଇଂଲଣ୍ଡ ବିପକ୍ଷରେ ପ୍ରଥମାର୍ଦ୍ଧ ସୁଦ୍ଧା ଦଳ ୨-୧ରେ ଆଗୁଆ ରହିଥିଲା। କିନ୍ତୁ ଖେଳ ଶେଷରେ ଇଂଲଣ୍ଡ ୪-୨ ଗୋଲରେ ବିଜୟୀ ହୋଇଥିଲା। ଏହି ଅସୁବିଧାକୁ ଦଳ ଦୂର କରି ନ ପାରିଲେ ନେଦରଲ୍ୟାଣ୍ଡସ ଓ ଆର୍ଜେଣ୍ଟିନା ପରି ଶକ୍ତିଶାଳୀ ଦଳ ବିପକ୍ଷରେ ବିଜୟ ହାସଲ କରିବା କଷ୍ଟକର ହେବ।

ଅବଶ୍ୟ ନିକଟରେ ଖେଳାଯାଇଥିବା ପ୍ରୋ-ଲିଗ୍‌ରେ ନେଦରଲ୍ୟାଣ୍ଡସକୁ ଭାରତ ୩-୨ ଗୋଲରେ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ଗୋଲ ସ୍କୋର କରିଥିବା ଅଭିଷେକ, ଜୁଗରାଜ ସିଂହ ଓ ରାଜିନ୍ଦର ସିଂହ ଏବେ ମଧ୍ୟ ଦଳରେ ଖେଳୁଛନ୍ତି। ଅଧିନାୟକ ତଥା ଡ୍ରାଗ୍ ଫ୍ଲିକର ହରମନ୍‌ପ୍ରୀତ୍ ସିଂହ ୫ଟି ଗୋଲ ସ୍କୋର କରି ଭଲ ଫର୍ମରେ ଅଛନ୍ତି। କିନ୍ତୁ ଏମାନେ ଜବରଦସ୍ତ ଫର୍ମରେ ଥିବା ଘରୋଇ ଦଳ ବିପକ୍ଷରେ କେମିତି ପ୍ରଦର୍ଶନ କରିବେ ତାହାକୁ ନେଇ ଆଶଙ୍କା ରହିଛି। ଚଳିତ ବିଶ୍ୱକପ୍‌ରେ ନେଦରଲ୍ୟାଣ୍ଡସ ୫-୧ରେ ନ୍ୟୁଜିଲାଣ୍ଡକୁ, ୩-୧ରେ ଆର୍ଜେଣ୍ଟିନାକୁ ଓ ୪-୧ରେ ଜାପାନକୁ ପରାସ୍ତ କରିଛି। ଏଭଳି ଫର୍ମରେ ଥିବା ଦଳ ବିପକ୍ଷରେ ସାମାନ୍ୟତମ ତ୍ରୁଟି ମହଙ୍ଗା ପଡ଼ିପାରେ। ଭାରତ ଏବେ ଆକ୍ରମଣ ଅପେକ୍ଷା ରକ୍ଷଣାତ୍ମକ ଖେଳରେ ଅଧିକ ଗୁରୁତ୍ୱ ଦେଉଥିଲେ ମଧ୍ୟ ହାଇଲେଭଲ ହକିରେ କିପରି ଖେଳିବ ତାହା ଉପରେ ଦଳର ସଫଳତା ନିର୍ଭର କରୁଛି।

**ଚୀନ୍-ଅଷ୍ଟ୍ରେଲିଆ ମ୍ୟାଚ୍ ଡ୍ର**

ମହିଳା ବିଶ୍ୱକପ୍ କ୍ରସ୍ ଓଭରରେ ଚୀନ୍ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଇଥିବା ପୁଲ୍-ଇ'ର ମ୍ୟାଚ୍ ୧-୧ ଗୋଲରେ ଡ୍ର ରହିଛି। ଖେଳର ୩୯ତମ ମିନିଟ୍‌ରେ ଚୀନ୍ ପକ୍ଷରୁ ଝାଙ୍ଗ ପ୍ରଥମ ଗୋଲ ଦେଇଥିଲେ। ୪୮ତମ ମିନିଟ୍‌ରେ ପେନାଲ୍ଟି ଷ୍ଟ୍ରୋକ୍‌ରୁ ୱିଲସନ ଗୋଲଟି ଶୁଝାଇଦେଇଥିଲେ। ଏହା ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରିଛନ୍ତି। ଏହି ପୁଲ୍‌ରେ ନେଦରଲ୍ୟାଣ୍ଡସ ସେମିଫାଇନାଲ ଖେଳିବାରେ ହଟ୍ ଫେବରାଇଟ୍ ରହିଛି। ଭାରତ ଚତୁର୍ଥ ଦଳ ଭାବେ ଏହି ପୁଲ୍‌ରେ ସ୍ଥାନ ପାଇଛି।

**୨୦୨୫ରେ ବିପର୍ଯ୍ୟୟ ଘଟାଇଥିଲା ମହିଳା ଦଳ**

ମହିଳା ବିଭାଗରେ ଭାରତ ଚଳିତ ବିଶ୍ୱକପ୍‌ରେ ଉନ୍ନତ ଖେଳ ପ୍ରଦର୍ଶନ କରିଛି। ଜୋଏର୍ଡ ମାରିନଙ୍କ ତତ୍ତ୍ୱାବଧାନରେ ଖେଳୁଥିବା ଭାରତୀୟ ଦଳ ପ୍ରଥମ ପୁଲ୍ ମ୍ୟାଚ୍‌ରେ ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ ରୌପ୍ୟ ପଦକ ବିଜେତା ଚୀନ୍ ସହ ୨-୨ ଗୋଲରେ ଏବଂ ଇଂଲଣ୍ଡ ସହ ଗୋଲଶୂନ୍ୟ ମ୍ୟାଚ୍ ଡ୍ର ରଖିବା ପରେ ଦଳଠାରୁ ଅନେକ କିଛି ଆଶା କରାଯାଉଛି। ପୁରୁଷ ଦଳ ଭଳି ଘରୋଇ ନେଦରଲ୍ୟାଣ୍ଡସ ସହ କ୍ରସ୍ ଓଭରରେ ଭାରତ ପ୍ରଥମ ଲଢ଼େଇ ହେଉଛି। ମହିଳା ହକିରେ ନେଦରଲ୍ୟାଣ୍ଡସକୁ ହରାଇବା ଏତେଟା ସହଜ ନୁହେଁ। ତଥାପି ଏହି ଭାରତୀୟ ଦଳଠାରୁ ନିଶ୍ଚିତଭାବେ କିଛି ଚମତ୍କାରିତା ଆଶା କରାଯାଉଛି। ଉଭୟ ଦଳ ଶେଷଥର ଲାଗି ୨୦୨୫ରେ ଭେଟାଭେଟି ହୋଇଥିଲେ। ଏହି ସମୟରେ ଅଲିମ୍ପିକ୍ ତଥା ଡିଫେଣ୍ଡିଂ ଚାମ୍ପିଅନ ନେଦରଲ୍ୟାଣ୍ଡସକୁ ୨-୧ ଗୋଲରେ ହରାଇ ବିପର୍ଯ୍ୟୟ ଘଟାଇଥିଲା ଭାରତ। କ୍ରସ୍ ଓଭରରେ ଭାରତଠାରୁ ଏଭଳି ପ୍ରଦର୍ଶନ ଆଶା କରାଯାଉଛି। ନିଃସନ୍ଦେହରେ ଭାରତ ଏହି ଟୁର୍ଣ୍ଣାମେଣ୍ଟରେ ଉନ୍ନତ ପ୍ରଦର୍ଶନ କରିଛି। କିନ୍ତୁ ଏହି ପ୍ରଦର୍ଶନ ଯେ, ନେଦରଲ୍ୟାଣ୍ଡସ ଓ ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳୀ ଦଳକୁ ହରାଇବା ଲାଗି ଯଥେଷ୍ଟ ହେବ ତାହା ମ୍ୟାଚ୍ ପରେ ଜଣାପଡ଼ିବ।

■ କଲମ୍ବୋରେ ଦ୍ୱିତୀୟ ଟେଷ୍ଟ ରବିବାରରୁ

## ଭାରତର ଜୋର୍‌ଦାର୍ ଅଭ୍ୟାସ୍



କଲମ୍ବୋ,୨୧।୮ (ଏଜେନ୍ସି): ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଚାଲିଥିବା ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ତଥା ଶେଷ ମୁକାବିଲା ସ୍ଥାନୀୟ ସିଂହଳୀଜ୍ ସ୍ପୋର୍ଟ୍ସ କ୍ଲବ୍ ପରିସରରେ ରବିବାରଠାରୁ ଖେଳାଯିବ। ଗଲ୍‌ରେ ଖେଳାଯାଇଥିବା ପ୍ରଥମ ଟେଷ୍ଟକୁ ଜିତିଥିବା ଭାରତ କଲମ୍ବୋ ମୁକାବିଲା ଲାଗି ଆଜି ଜୋରଦାର ଅଭ୍ୟାସ କରିଛି। ଏଠାରେ ତାପମାତ୍ରା ୩୦ ଡିଗ୍ରୀରୁ ଅଧିକ ଥିବାରୁ ଖେଳାଳିଙ୍କୁ ଅଭ୍ୟାସ କରିବାରେ ଝାଳ ବୁହାଇବାକୁ ପଡ଼ିଥିଲା। ଦୁଇ ପ୍ରମୁଖ ଖେଳାଳି ଲୋକେଶ ରାହୁଲ ଓ କୁଲଦୀପ ଯାଦବ ଆଜି ଅଭ୍ୟାସ କରିବାକୁ ଆସି ନ ଥିଲେ। ସେମାନଙ୍କୁ ବିଶ୍ରାମ ଦିଆଯାଇଛି ବୋଲି ବୋଲିଂ କୋଚ୍ ସାଇରାଜ ବାହୁତୁଲେ ସୂଚନା ଦେଇଥିଲେ। ଅନ୍ୟପକ୍ଷରେ ହେଡ୍‌କୋଚ୍ ଗୌତମ ଗମ୍ଭୀର ଓ ଚିଫ୍ ସିଲେକ୍ଟର ଅଜିତ ଅଗରକରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନ୍ୟ ଖେଳାଳିମାନେ ଅଭ୍ୟାସ କରିଥିଲେ।

ପ୍ରଥମ ପର୍ଯ୍ୟାୟରେ ଯଶସ୍ୱୀ ଜୟସ୍ୱାଲ, ଦେବଦତ୍ତ ପାଡିକଲ, ଋଷଭ ପନ୍ତ୍ ଓ ଅଧିନାୟକ ଶୁବମନ ଗିଲ୍ ଅଭ୍ୟାସ କରିଥିଲେ। ଆଜି ଗିଲ୍ ବଡ଼ ବଡ଼ ସଟ୍ ଖେଳିଥିବାର ଦେଖାଯାଇଥିଲା। ରବୀନ୍ଦ୍ର ଜାଡେଜା, ଧ୍ରୁବ ଜୁରେଲ, ସର୍ଫରାଜ ଖାନ୍ ଓ ଅନ୍ୟମାନେ ପରେ ବ୍ୟାଟିଂ କରିଥିଲେ। ଆଜି କିନ୍ତୁ ଅଫ୍ ସ୍ପିନର ସାରାଂଶ ଜୈନ୍ ଦୀର୍ଘ ସମୟ ଧରି ବୋଲିଂ କରିଥିଲେ। ଅଭ୍ୟାସ ଆରମ୍ଭରୁ ଶେଷଯାଏ ବୋଲିଂ କୋଚ୍ ମୋର୍ଣ୍ଣେ ମୋର୍କେଲ ପଡ଼ିଆରେ ଏପଟ ସେପଟ ହୋଇ ଖେଳାଳିଙ୍କ ସହ ରହିଥିଲେ।

## ଶ୍ରୀଲଙ୍କା ଦଳରେ କାମିଲ, ସାହାନ ସାମିଲ

କଲମ୍ବୋ,୨୧।୮ (ଏଜେନ୍ସି): ଭାରତ ବିପକ୍ଷ ଦ୍ୱିତୀୟ ଟେଷ୍ଟ ଲାଗି ଶ୍ରୀଲଙ୍କା ଦଳରେ ଦୁଇ ଉଦୀୟମାନ ବ୍ୟାଟର କାମିଲ ମିଶରା ଓ ସାହାନ ଆରାଚିଚାଗେଙ୍କୁ ସାମିଲ କରାଯାଇଛି। ଦଳର ପ୍ରମୁଖ ବ୍ୟାଟରଙ୍କ ଅନୁପସ୍ଥିତିରେ ଉଭୟ ଏହି ଟେଷ୍ଟ ଖେଳିବେ ବୋଲି ଆଶା କରାଯାଉଛି। ଆଘାତ ଜନିତ କାରଣରୁ କୁଶାଲ ମେଣ୍ଡିସ୍ ଓ ପାଥୁମ ନିଶାଙ୍କା ବାଦ୍ ପଡ଼ିଛନ୍ତି। ପ୍ରଥମ ଟେଷ୍ଟରେ ଆହତ ହୋଇଥିବା ଦିନେଶ ଚାଣ୍ଡିମଲ ଓ ଫର୍ମରେ ନ ଥିବା ନିଶାନ ମଦୁସ୍କାଙ୍କୁ ବାଦ୍ ଦିଆଯାଇଛି। ପ୍ରଥମ ଟେଷ୍ଟରେ ୧୬୫ ରନ୍‌ରେ ହାରି ଶ୍ରୀଲଙ୍କା ୦-୧ରେ ପଛୁଆ ରହିଛି।

ଶ୍ରୀଲଙ୍କା ଦଳ: ଲାହିରୁ ଉଦରା, କାମିଲ ମିଶରା, ପାସିନ୍ଦୁ ସୁରିଆବାନ୍ଦରା, କାମିନ୍ଦୁ ମେଣ୍ଡିସ୍, ଧନଞ୍ଜୟ ଡି ସିଲ୍‌ଭା (ଅଧିନାୟକ), ସାହାନ ଆରାଚାଚିଗେ, ସୋନାଲ ଦିନୁଶା, ନିରୋସନ ଡିକ୍‌ୱେଲା (ୱିକେଟରକ୍ଷକ), କେଶରା ନୁୱାନ୍ଥା, ପ୍ରବାତ ଜୟସୁରିୟା, ମିଲନ ରତନାୟକେ, ଲାହିରୁ କୁମାରା, ଅସିଥା ଫର୍ଣ୍ଣାଣ୍ଡୋ, ବିଶ୍ୱ ଫର୍ଣ୍ଣାଣ୍ଡୋ।

## ପୁଣି ବାତିଲ ହେବ ବାଂଲାଦେଶ ଟୁର୍

ନୂଆଦିଲ୍ଲୀ,୨୧।୮ (ଏଜେନ୍ସି): ସେପ୍ଟେମ୍ବର ୧୩ରୁ ୧୭ ତାରିଖ ମଧ୍ୟରେ ଆଫଗାନିସ୍ତାନ ସହ ଏକ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳିବାକୁ ଭାରତ ସ୍ୱୀକୃତି ଦେବା ପରେ ବାଂଲାଦେଶ ଟୁର୍ ପୁଣିଥରେ ବାତିଲ ହୋଇଯାଇଥିବା ଜଣାଯାଇଛି। ଭାରତ କିମ୍ବା ବାଂଲା କ୍ରିକେଟ ବୋର୍ଡ ପକ୍ଷରୁ ଏହା ଘୋଷଣା କରାଯାଇ ନ ଥିଲେ ମଧ୍ୟ ସେପ୍ଟେମ୍ବରରେ ବାଂଲାଦେଶ ଟୁର୍ ଆଉ ସମ୍ଭବ ନୁହେଁ। ନୂଆଦିଲ୍ଲୀରେ ଭାରତ-ଆଫଗାନିସ୍ତାନ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ସେପ୍ଟେମ୍ବର ୧୩, ୧୫ ଓ ୧୭ରେ ଖେଳାଯିବ ବୋଲି ଘୋଷଣା ହୋଇଥିଲା। କିନ୍ତୁ ଆଫଗାନିସ୍ତାନ କ୍ରିକେଟ ବୋର୍ଡର ଅନୁରୋଧକ୍ରମେ ଏହା ପୁଣିଥରେ ପରିବର୍ତ୍ତନ ହେବ ବୋଲି ଆଶା କରାଯାଉଛି। ବିଶେଷ କରି ସେପ୍ଟେମ୍ବର ୧୪ରେ ଗଣେଶ ଚତୁର୍ଥୀ ଦିନ ଏକ ମ୍ୟାଚ୍ ଆୟୋଜନ କରିବାକୁ ଆଫଗାନିସ୍ତାନ ଅନୁରୋଧ କରିଛି।

## ପାକିସ୍ତାନ ଇନିଂସ ପରାଜୟ



ଲିଡ୍ସ,୨୧।୮ (ଏଜେନ୍ସି): ଜୋଶ ଟଙ୍ଗ, ଓଲି ରବିନସନ ଓ ଜୋଫ୍ରା ଆର୍ଚରଙ୍କ ଘାତକ ବୋଲିଂ ବଳରେ ଏଠାରେ ଶୁକ୍ରବାର ଶେଷ ହୋଇଥିବା ପ୍ରଥମ ଟେଷ୍ଟରେ ଇଂଲଣ୍ଡ ଏକ ଇନିଂସ ଓ ୧୦୩ ରନ୍‌ରେ ପାକିସ୍ତାନକୁ ପରାସ୍ତ କରିଛି। ଏହା ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଇଂଲଣ୍ଡ ୧-୦ରେ ଆଗୁଆ ରହିଛି। ସିରିଜ୍‌ର ଦ୍ୱିତୀୟ ଟେଷ୍ଟ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ୨୭ରୁ ଖେଳାଯିବ।

ଏହି ଟେଷ୍ଟର ପ୍ରଥମ ଇନିଂସରେ ପାକିସ୍ତାନର ୧୭୧ ରନ୍ ଜବାବରେ ଇଂଲଣ୍ଡ ୪୦୯ ରନ୍ କରି ୨୩୮ ରନ୍‌ରେ ଆଗୁଆ ରହିଥିଲା। ଦଳ ପକ୍ଷରୁ ହ୍ୟାରୀ ବ୍ରୁକ ସର୍ବାଧିକ ୯୧, ଜୋର୍ଡାନ କକ୍ସ ୭୩, ଜୋ ରୁଟ୍ ୬୬, ଡାନ ଲରେନ୍ସ ୫୧ ରନ୍ କରିଥିଲେ। ପାକିସ୍ତାନ ପକ୍ଷରୁ ବାମହାତୀ ସ୍ପିନର ଅଲି ଉସ୍‌ମାନ ସର୍ବାଧିକ ୫ଟି, ପେସର ଖୁରମ ଶାହଜାଦ ୩ଟି ୱିକେଟ ପାଇଥିଲେ। ପାକିସ୍ତାନ ଦ୍ୱିତୀୟ ଇନିଂସରେ ୩୭.୩ ଓଭର ଖେଳି ମାତ୍ର ୧୩୫ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ୪ଜଣ ଦୁଇ ଅଙ୍କରେ ପହଞ୍ଚିଥିଲାବେଳେ ମହମ୍ମଦ୍ ରିଜୱାନ ସର୍ବାଧିକ ୪୧ ଓ ସାନ ମାସୁଦ ୨୯ ରନ୍ କରିଥିଲେ। ଇଂଲଣ୍ଡ ପକ୍ଷରୁ ଆର୍ଚର, ଟଙ୍ଗ୍ ଓ ରବିନସନ ୩ଟି ଲେଖାଏଁ ୱିକେଟ ନେଇ ଇଂଲଣ୍ଡକୁ ବୃହତ୍ ବିଜୟ ଭେଟିଦେଇଥିଲେ।

## କଳିଙ୍ଗରେ ଲନ୍ ବଲ୍ କୋର୍ଟ ଲାଗି ଦାବି



ଭୁବନେଶ୍ୱର,୨୧।୮ (ସମିସ): ରାଜ୍ୟରେ ଆଉ ଏକ ନୂଆ ଖେଳ ଭାବେ ପ୍ରସାର ଲାଭ କରିଥିବା ଲନ୍ ବଲ୍‌ରେ ଏକ ସ୍ଥାୟୀ କୋର୍ଟ କଳିଙ୍ଗ ଷ୍ଟାଡିୟମ୍‌ରେ ନିର୍ମାଣ କରିବାକୁ ଓଡ଼ିଶା ରାଜ୍ୟ ବୋଲିଂ ସଂଘ ପକ୍ଷରୁ ଦାବି କରାଯାଇଛି। ଭୁବନେଶ୍ୱର ଓ ବଲାଙ୍ଗିରରେ ଲନ୍‌ବଲ୍ କୋର୍ଟ ନିର୍ମାଣ କରିବା ଲାଗି ସରକାର ପ୍ରତିଶ୍ରୁତି ଦେଇଥିଲେ। ବଲାଙ୍ଗିରରେ ଏହି କୋର୍ଟକୁ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଉଦ୍‌ଘାଟନ କରିଛନ୍ତି। କିନ୍ତୁ ଭୁବନେଶ୍ୱରରେ ଏ ସମ୍ପର୍କରେ କୌଣସି ନିଷ୍ପତ୍ତି ନିଆଯାଇନାହିଁ। ଏଣୁ ଭୁବନେଶ୍ୱରରେ ଏକ ଲନ୍ ବଲ କୋର୍ଟ ନିର୍ମାଣ କରିବାକୁ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ନିକଟରେ ସଂଘର ରାଜ୍ୟ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ଓ ଖୋର୍ଦ୍ଧା ଜିଲ୍ଲା ସମ୍ପାଦକ ସୁରେଶ ସ୍ୱାଇଁ ଦାବିପତ୍ର ଦେଇଛନ୍ତି।

■ ସିନ୍‌ସିନାଟି ଓପନ୍

## ପେଗୁଲା-ସ୍ୱିଆଟେକ ସେମି ଲଢ଼େଇ

ଓହିହୋ, ୨୧।୮ (ଏଜେନ୍ସି): ଦୁଇ ତାରକା ଖେଳାଳି ଜେସିକା ପେଗୁଲା ଓ ଇଗା ସ୍ୱିଆଟେକଙ୍କ ମଧ୍ୟରେ ଚଳିତ ସିନ୍‌ସିନାଟି ଓପନ୍‌ର ସେମିଫାଇନାଲ ଶନିବାର ଖେଳାଯିବ। ଶୁକ୍ରବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ଲଢ଼େଇରେ ୩ୟ ସିଡ୍ ଘରୋଇ ଆମେରିକାର ପେଗୁଲା ୬-୪, ୨-୬, ୭-୬ (୭/୪) ସେଟରେ ସାଥୀ ଖେଳାଳି ଆମଣ୍ଡା ଆନିସିମୋଭାଙ୍କୁ ହରାଇଥିଲେ। ସେହିଭଳି ୭ମ ସିଡ୍ ସ୍ୱିଆଟେକ ଓ କାଜାଖସ୍ତାନର ଏଲିନା ରିବାକିନାଙ୍କ ମଧ୍ୟରେ ଅନ୍ୟ ଏକ କ୍ୱାର୍ଟର ଖେଳାଯାଇଥିଲା। ତେବେ ପୋଲାଣ୍ଡ ତାରକା ସ୍ୱିଆଟେକ ଏହି ମ୍ୟାଚର ପ୍ରଥମ ସେଟରେ ୪-୧ରେ ଅଗ୍ରଣୀ ରହିଥିବାବେଳେ ରିବାକିନା ଗୋଇଠିରେ ଆଘାତ ଲାଗିଥିଲା। ଫଳରେ ସେ ରିଟାୟର୍ଡ ନେଇଥିଲେ।

ବ୍ୟାଡ୍‌ମିଣ୍ଟନ ବିଶ୍ୱ ଚାମ୍ପିଅନସିପ୍

## ପ୍ରଥମ ପଦକ ପକ୍କା କଲେ ତ୍ରିଶା-ଗାୟତ୍ରୀ



ନୂଆଦିଲ୍ଲୀ,୨୧।୮ (ଏଜେନ୍ସି): ଭାରତର ମହିଳା ଯୁଗଳ ଯୋଡି ତ୍ରିଶା ଜଲି ଓ ଗାୟତ୍ରୀ ଗୋପୀଚାନ୍ଦଙ୍କ ଯୋଡି ଏଠାରେ ଚାଲିଥିବା ବିଶ୍ୱ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍‌ରେ ପ୍ରଥମ ପଦକ ଜିତିବା ସ୍ପଷ୍ଟ କରିଛନ୍ତି। ଆଜି ଖେଳାଯାଇଥିବା ମହିଳା ଯୁଗଳ କ୍ୱାର୍ଟର ଫାଇନାଲରେ ତ୍ରିଶା ଓ ଗାୟତ୍ରୀଙ୍କ ଯୋଡି ୨-୧ ସେଟ୍‌ରେ ବିଶ୍ୱର ୪ ନମ୍ବର ମାନ୍ୟତାପ୍ରାପ୍ତ ଚୀନ୍ ଯୋଡି ୟି ଫାନ୍ ଜିଆ ଓ ଶୁ ଜିଆନ୍ ଝାଙ୍ଗଙ୍କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବ୍ୟାଡମିଣ୍ଟନ ବିଶ୍ୱଚାମ୍ପିଅସିପ୍‌ର ନିୟମ ଅନୁଯାୟୀ ସେମିଫାଇନାଲରେ ପ୍ରବେଶ କରିଥିବା ଯେ କୌଣସି ଖେଳାଳିଙ୍କୁ ପଦକ (ଅତିକମ୍‌ରେ କାଂସ୍ୟ) ମିଳିବ। ଏଣୁ ଭାରତୀୟ ଯୋଡି ତ୍ରିଶା-ଗାୟତ୍ରୀ ୧୫ ବର୍ଷ ପରେ ଭାରତ ଲାଗି ମହିଳା ଯୁଗଳ ବିଭାଗରେ ପଦକ ଜିତିବା ସ୍ପଷ୍ଟ କରିଛନ୍ତି। ୨୦୧୧ ବିଶ୍ୱଚାମ୍ପିଅନସିପ୍‌ରେ ଶେଷଥର ଲାଗି ଭାରତୀୟ ଯୋଡି ଏହି କାଟାଗୋରୀରେ ପଦକ ହାସଲ କରିଥିଲେ। ଏହି ବର୍ଷ ଜ୍ୱାଲା ଗୁଟ୍ଟା ଓ ଅଶ୍ୱିନ ପୋନ୍ନାପ୍ପାଙ୍କ ଯୋଡି ସେମିଫାଇନାଲରେ ପରାଜିତ ହେବା ସହ କାଂସ୍ୟ ପଦକ ହାସଲ କରିଥିଲେ।

ଭାରତର କିଂବଦନ୍ତୀ ବ୍ୟାଡମିଣ୍ଟନ ଖେଳାଳି ପୁଲେଲା ଗୋପୀଚାନ୍ଦଙ୍କ ଝିଅ ଗାୟତ୍ରୀ ଓ ତ୍ରିଶା ଜଲି ଯୁବ ଖେଳାଳି ହୋଇଥିଲେ ମଧ୍ୟ କ୍ୱାର୍ଟର ଫାଇନାଲରେ ଦୁଃସାହସିକ କ୍ରୀଡ଼ା ପ୍ରଦର୍ଶନ କରିଥିଲେ। ବିଶ୍ୱରେ ଏମାନଙ୍କ ମାନ୍ୟତର ୩୯ ଓ ପ୍ରଥମ ସେଟ୍‌ରେ ଆକ୍ରମଣ କରିବାକୁ ଯାଇ କିଛି ତ୍ରୁଟି କରିଥିଲେ ଓ ୧୬-୨୧ରେ ପ୍ରଥମ ସେଟ୍‌କୁ ପରାଜିତ ହୋଇଥିଲେ। ଦ୍ୱିତୀୟ ସେଟ୍‌ରେ କିନ୍ତୁ ଭାରତୀୟ ଯୋଡି ଆରମ୍ଭରୁ କୌଣସି ସୁଯୋଗ ଦେଇ ନ ଥିଲେ। ଅଭିଜ୍ଞ ଚୀନା ଯୋଡି କିନ୍ତୁ ଛାଡିବାର ନୁହଁନ୍ତି। ଦ୍ୱିତୀୟ ସେଟ୍ ୧୦-୧୦ ସମାନସ୍ତରରେ ଥିଲାବେଳେ ଚୀନ ଯୋଡିଙ୍କ ଏକ ତ୍ରୁଟିରୁ ଫାଇଦା ଉଠାଇ ଭାରତୀୟ ଯୋଡିଙ୍କ ସ୍କୋର ୧୧-୧୦ ହୋଇଥିଲା। ଏହା ପରେ କ୍ରମାଗତ ୫ ପଏଣ୍ଟ ହାସଲ କରିବା ସହ ୨୧-୧୬ରେ ଦ୍ୱିତୀୟ ସେଟ୍‌କୁ ଜିତିନେଇ ବରାବର ସ୍ଥିତିରେ ପହଞ୍ଚିଯାଇଥିଲେ। ଏହା ଫଳରେ ତୃତୀୟ ସେଟ୍‌ରେ ଯିଏ ବିଜୟୀ ହେବେ ସେମାନେ ସେମିଫାଇନାଲକୁ ଯିବେ। କଠିନ ପରିଶ୍ରମ ଓ ଶୃଙ୍ଖଳାର ସହ ଖେଳୁଥିବା ତ୍ରିଶା-ଗାୟତ୍ରୀଙ୍କ ଯୋଡି ତୃତୀୟ ସେଟ୍‌ରେ ମଧ୍ୟ ତାଙ୍କ ଚମକ ଦେଖାଇଥିଲେ। ଆରମ୍ଭରୁ ଭାରତୀୟ ଯୋଡି ୧୧-୫ରେ ଆଗୁଆ ହୋଇଯାଇଥିଲା। ଚୀନା ଯୋଡି ଯେତେ ଚେଷ୍ଟା କରିଥିଲେ ମଧ୍ୟ ଏଥିରୁ ମୁକୁଳି ପାରି ନ ଥିଲେ। ଭାରତୀୟ ଯୋଡି ଅଗ୍ରଣୀ ବଜାୟ ରଖିବା ସହ ତୃତୀୟ ତଥା ନିର୍ଣ୍ଣାୟକ ସେଟ୍‌କୁ ୨୧-୧୩ରେ ଜିତିବା ସହ ମ୍ୟାଚ୍‌କୁ କବ୍‌ଜା କରି ଇତିହାସ ସୃଷ୍ଟି କରିଥିଲେ। ଏମାନେ ସେମିଫାଇନାଲରେ ପ୍ରବେଶ କରିବା ସହ ଭାରତ ଏହି ଟୁର୍ଣ୍ଣାମେଣ୍ଟରେ ଖାଲି ହାତରେ ରହିବ ନାହିଁ ବୋଲି ସ୍ପଷ୍ଟ ହୋଇଥିଲା। ତ୍ରିଶା ଜଲି ଓ ଗାୟତ୍ରୀ ଗୋପୀଚାନ୍ଦଙ୍କୁ ୨୦୨୫ ବର୍ଷ ଲାଗି ଅର୍ଜୁନ ପୁରସ୍କାର ଦିଆଯିବାକୁ ମନୋନୀତ ହୋଇଛନ୍ତି।

ଜାତୀୟ ଜଳକ୍ରୀଡ଼ା

## ପଦକରେ କର୍ଣ୍ଣାଟକର ଅର୍ଦ୍ଧଶତକ

ଭୁବନେଶ୍ୱର, ୨୧।୮ (ସମିସ): କ୍ରମାଗତ ଚତୁର୍ଥ ଦିନ ଲାଗି କର୍ଣ୍ଣାଟକ ଓ ମହାରାଷ୍ଟ୍ରର ସନ୍ତରଣକାରୀମାନେ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୫୨ତମ ଜାତୀୟ ଜୁନିଅର ଜଳକ୍ରୀଡ଼ାରେ ସେମାନଙ୍କ ଦବ୍‌ଦବା ଜାରି ରଖିଛନ୍ତି। ଶୁକ୍ରବାର ଏଗାରଟି ଇଭେଣ୍ଟ ଅନୁଷ୍ଠିତ ହୋଇଥିବାବେଳେ ମହାରାଷ୍ଟ୍ର ୩ ଓ କର୍ଣ୍ଣାଟକ ୨ଟି ସ୍ୱର୍ଣ୍ଣ ପଦକ ଜିତିଛି। ଫଳରେ କର୍ଣ୍ଣାଟକର ପଦକ ସଂଖ୍ୟା ଅର୍ଦ୍ଧଶତକ ଛୁଇଁଛି। କର୍ଣ୍ଣାଟକ ସନ୍ତରଣକାରୀମାନେ ବର୍ତ୍ତମାନ ସୁଦ୍ଧା ୫୨ଟି ପଦକ ହାସଲ କରିସାରିଛନ୍ତି। ଯେଉଁଥିରେ ୨୪ ସ୍ୱର୍ଣ୍ଣ, ୨୦ ରୌପ୍ୟ ଓ ୮ କାଂସ୍ୟ ପଦକ ରହିଛି। ସେହିଭଳି ମହାରାଷ୍ଟ୍ର ୧୨ଟି ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ଓ ୧୬ଟି କାଂସ୍ୟ ସହ ମୋଟ୍ ୪୦ ପଦକ ଜିତିସାରିଛି। ଚାରୋଟି ସ୍ୱର୍ଣ୍ଣ ସହ ୨୨ ପଦକ ଜିତି ତାମିଲନାଡୁ ତାଲିକାର ତୃତୀୟ ସ୍ଥାନରେ ରହିଛି। ତେବେ ପ୍ରତିଯୋଗିତା ଆଉ ୨ ଦିନ ବାକି ରହିଥିବାବେଳେ ଆୟୋଜକ ଓଡ଼ିଶା ସନ୍ତରଣକାରୀମାନେ ପଦକ ଖାତା ଖୋଲି ନ ପାରିବା ନିରାଶ କରିଛି।

ଗ୍ରାଣ୍ଡସ୍ଲାମ ଇତିହାସରେ ରେକର୍ଡ ପୁରସ୍କାର

## ଏଥର ୟୁଏସ୍ ଓପନ୍‌ରେ ଦିଆଯିବ ୧୦୩୩ କୋଟି


ନ୍ୟୁୟର୍କ, ୨୧।୮ (ଏଜେନ୍ସି): ଚଳିତ ବର୍ଷର ଅନ୍ତିମ ତଥା ଚତୁର୍ଥ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୟୁଏସ୍ ଓପନ୍‌ର ୧୪୬ତମ ସଂସ୍କରଣ ରବିବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏହି ମେଗା ଇଭେଣ୍ଟରେ ଏଥର ରେକର୍ଡ ମୋଟ୍ ୧୦୮ ମିଲିୟନ ଡଲାର ପୁରସ୍କାର ରାଶି ପ୍ରଦାନ କରାଯିବ। ଯାହାକି ଭାରତୀୟ ମୁଦ୍ରାରେ ୧୦୩୩ କୋଟି ୫୦ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ଟେନିସ କ୍ରୀଡ଼ା ଇତିହାସରେ ଏତେ ବିଶାଳ ପରିମାଣର ପୁରସ୍କାର ରାଶି ପ୍ରଦାନ କରାଯିବାରେ ଏହା ରେକର୍ଡ ହୋଇଛି। ଗତ ୨୦୨୫ ମସିହାରେ ଅନୁଷ୍ଠିତ ସଂସ୍କରଣଠାରୁ ଏଥର ମୋଟ୍ ପୁରସ୍କାର ରାଶିରେ ୨୦ ପ୍ରତିଶ୍ରତ ବୃଦ୍ଧି କରାଯାଇଛି। ଗତବର୍ଷ ମୋଟ୍ ପୁରସ୍କାର ବାବଦକୁ ୯୦ ମିଲିୟନ ଡଲାର ପ୍ରଦାନ କରାଯାଇଥିଲା।

ଏଥର ୟୁଏସ୍ ଓପନ୍‌ରେ ପୁରୁଷ ଓ ମହିଳା ସିଙ୍ଗଲ୍ସ ଚାମ୍ପିଅନ ହେବାକୁ ଥିବା ଖେଳାଳିଙ୍କୁ ୫.୫ ମିଲିୟନ ଡଲାର (୫୨ କୋଟି ୬୨ ଲକ୍ଷ ଟଙ୍କା) ଲେଖାଏ ଅର୍ଥରାଶି ଘରକୁ ନେଇଯିବେ। ଯାହା ଗତବର୍ଷଠାରୁ ୧୦ ପ୍ରତିଶତ ଅଧିକ। ସେହିଭଳି ଫାଇନାଲରେ ପରାସ୍ତ ହୋଇଥିବା ଖେଳାଳିଙ୍କୁ ୨.୮ ମିଲିୟନ ଡଲାର ତଥା ୨୬.୭୯ କୋଟି ଟଙ୍କା ମିଳିବ। ସେମିଫାଇନାଲରେ ପରାସ୍ତ ହୋଇଥିବା ଖେଳାଳି ୧୩.୮୭ କୋଟି, କ୍ୱାର୍ଟରରୁ ବିଦାୟ ନେଇଥିବା ଖେଳାଳି ୭.୪୬ କୋଟି, ରାଉଣ୍ଡ-୧୬ ଅର୍ଥାତ୍ ପ୍ରି-କ୍ୱାର୍ଟରରେ ହାରିଥିବା ଖେଳାଳିଙ୍କୁ ୪.୫୯ କୋଟି ଟଙ୍କା ପ୍ରଦାନ କରାଯିବ ବୋଲି ଶୁକ୍ରବାର ଆୟୋଜକ ୟୁଏସ୍ ଟେନିସ୍ ସଂଘ ପକ୍ଷରୁ କୁହାଯାଇଛି। ସେହିଭଳି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ରାଉଣ୍ଡରେ ହାରିଥିବା ଖେଳାଳିଙ୍କୁ ଯଥାକ୍ରମେ ୧.୩୩, ୧.୮୧ ଓ ୨.୭୭ କୋଟି ଟଙ୍କା ପ୍ରଦାନ କରାଯିବ।

ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ସିଲଭର ମିଟ୍

## ଆଜି କଳିଙ୍ଗରେ ବିଶ୍ୱ କ୍ରୀଡ଼ାବିତ୍‌ଙ୍କ ମେଳି

ଭୁବନେଶ୍ୱର, ୨୧।୮ (ସମିସ)



ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଶନିବାର ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ସିଲଭର୍ ଲେଭଲ୍ ଦୌଡ଼କୁଦ ପ୍ରତିଯୋଗିତା ଅନୁଷ୍ଠିତ। ବିଶ୍ୱ ଦୌଡ଼କୁଦ ମହାସଂଘର ଏହି ଏକଦିବସୀୟ ପ୍ରତିଯୋଗିତାରେ ବିଶ୍ୱର ୨୭ଟି ଦେଶର ୧୮୭ଜଣ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବେ। ଫଳରେ କଳିଙ୍ଗରେ ବିଶ୍ୱ ଦୌଡ଼କୁଦ ଜଗତର କିଛି ଶ୍ରେଷ୍ଠ କ୍ରୀଡ଼ାବିତ୍‌ଙ୍କ ମେଳି ଶନିବାର ଓଡ଼ିଆ କ୍ରୀଡ଼ାପ୍ରେମୀ ଦେଖିବାକୁ ପାଇବେ। ଯେଉଁଥିରେ ଘରୋଇ ଭାରତର ୮୮ଜଣ ଆଥଲେଟ୍ ରହିଛନ୍ତି। ସେହିଭଳି ଆୟୋଜକ ଓଡ଼ିଶାର ୬ଜଣ କ୍ରୀଡ଼ାବିତ୍ ଘରୋଇ ମାଟିରେ ସେମାନଙ୍କ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରି ପୋଡିୟମ ଫିନିଶ କରିବାକୁ ଲକ୍ଷ୍ୟ ରଖିଛନ୍ତି। ସେମାନେ ହେଲେ ତାରକା ସ୍ପ୍ରିଣ୍ଟର ଅନିମେଶ କୁଜୁର (ପୁରୁଷ ୧୦୦ମିଟର), କିଶୋର କୁମାର ଜେନା (ଜାଭେଲିନ ଥ୍ରୋ), ବାପି ହାଁସଦା (ପୁରୁଷ ୪୦୦ ମିଟର), ସ୍ୱାଧୀନ କୁମାର ମାଝୀ (ହାଇଜମ୍ପ) ଏବଂ ମହିଳାରେ ଶ୍ରାବଣୀ ନନ୍ଦ (୧୦୦ମିଟର) ଓ ପ୍ରଜ୍ଞା ପ୍ରଶାନ୍ତି ସାହୁ (୧୦୦ମିଟର ହର୍ଡଲ୍ସ)। ଉଭୟ ପୁରୁଷ ଓ ମହିଳା ବିଭାଗରେ ୯ଟି ଲେଖାଏ ଇଭେଣ୍ଟରେ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେବ।

ଭାରତୀୟ ଆଥଲେଟ୍‌ଙ୍କ ମଧ୍ୟରେ ସ୍ପ୍ରିଣ୍ଟର ଗୁରିନ୍ଦରବୀର ସିଂହ, ହର୍ଡଲ୍ସ ତାରକା ଜ୍ୟୋତି ୟାରାଜୀ, ସଟ୍ ପୁଟ୍‌ରେ ତାଜିନ୍ଦରପାଲ୍ ସିଂହ ତୁର, ପୁରୁଷ ଲଙ୍ଗଜମ୍ପରେ ମୁରଲୀ ଶ୍ରୀଶଙ୍କରଙ୍କ ଉପରେ ନଜର ରହିବ। ନିକଟରେ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଶ୍ରୀଶଙ୍କର ରୌପ୍ୟ ପଦକ ବିଜୟୀ ହୋଇଥିଲେ। ତେଣୁ କଳିଙ୍ଗରେ ସେ ସ୍ୱର୍ଣ୍ଣିମ ସଫଳତା ଆଶାରେ ରହିଛନ୍ତି। ସେହିଭଳି ଗ୍ଲାସଗୋରେ ନିରାଶ କରିଥିବା ଗୁରିନ୍ଦରବୀର, ଅନିମେଶ, ତୁର ମଧ୍ୟ ଏଠାରେ ପୋଡିୟମ ଫିନିଶ କରି ଆଗାମୀ ଏସୀୟ କ୍ରୀଡ଼ା ପୂର୍ବରୁ ମନୋବଳ ବଢ଼ାଇବାକୁ ଲକ୍ଷ୍ୟ ରଖିଛନ୍ତି। ତେବେ ଏଠାରେ ଆକର୍ଷଣରେ ରହିବେ ବ୍ରାଜିଲର ଶଟ୍ ପୁଟ ଥ୍ରୋୟର ଚୁକୁଏବୁକା କୋର୍ନେଲ୍। ନିକଟରେ ସେ ଗ୍ଲାସଗୋରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଏହି ପ୍ରତିଯୋଗିତା ଲାଗି ପାଖାପାଖି ୭୨ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ପ୍ରଥମରୁ ୬ଷ୍ଠ ସ୍ଥାନ ମଧ୍ୟରେ ରହିଥିବା ଖେଳାଳିଙ୍କୁ ଯଥାକ୍ରମେ ୧୬୦୦, ୧୨୦୦, ୯୦୦, ୬୦୦, ୩୦୦ ଓ ୨୦୦ ଡଲାର ଅର୍ଥରାଶି ପ୍ରଦାନ କରାଯିବ। ସେହିଭଳି ଗୁରୁତ୍ୱପୂର୍ଣ୍ଣ ୱାର୍ଲ୍ଡ ପଏଣ୍ଟ ମଧ୍ୟ ମିଳିବ। ତେବେ ଏହି ମେଗା ଇଭେଣ୍ଟ କୌଣସି ଟେଲିଭିଜନ ଚ୍ୟାନେଲରେ ସିଧାପ୍ରସାରଣ ହେବନାହିଁ।

ଆରମ୍ଭ: ଅପରାହ୍ଣ ୪ଟା
ପ୍ରସାରଣ: ଆଥ୍ଲେଟିକ୍ସ ଫେଡେରେସନ ଅଫ୍ ଇଣ୍ଡିଆର ୟୁ-ଟ୍ୟୁବ୍ ଚ୍ୟାନେଲ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS